# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁଲାଇ ୩୦/୨୦୨୫ (୧୨ ପୃଷ୍ଠା) | Bhubaneswar, Wednesday, July 30/2025 | Page 12 | ₹ 7.00

୫୧ଶ ଭାଗ ୨୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 245 | ମୂଲ୍ୟ ₹୭/-





**-୧୦ ଡିଗ୍ରୀ ସେଲ୍‌ସିୟସରେ '୧୨୦ ବାହାଦୁର'ର ଶୁଟିଂ**

ଲଦାଖର ୧୪ ହଜାର ଫୁଟ ଉଚ୍ଚ ଏକ ସ୍ଥାନରେ -୧୦ ଡିଗ୍ରୀ ସେଲ୍‌ସିୟସରେ ଅଭିନେତା ଫର୍‌ହାନ ଅଖତରଙ୍କ '୧୨୦ ବାହାଦୁର' ଫିଲ୍ମର ଶୁଟିଂ ହୋଇଛି। ୦୨

୧୨ **ସ୍କିଭର ବ୍ରଣ୍ଟ ନମ୍ବର ୱାନ୍**

ଆଇସିସି ମହିଳା ଦିନିକିଆ କ୍ରିକେଟ ବ୍ୟାଟର ର୍‍ୟାଙ୍କିଙ୍ଗ ତାଲିକାରେ ନମ୍ବର ୱାନ୍ ସ୍ଥାନ ଅଧିକାର କରିଛନ୍ତି ଇଂଲଣ୍ଡର ନାଟ୍ ସ୍କିଭର ବ୍ରଣ୍ଟ।




# ଏସ୍‌ଆଇଆର୍: ଅଧିକ ବାଦ୍ ପଡ଼ିଲେ ହସ୍ତକ୍ଷେପ କରିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୯।୭

ବିହାର ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍)ରେ ବହୁସଂଖ୍ୟାରେ ଭୋଟର ବାଦ୍ ପଡ଼ିଲେ ଅଦାଲତ ହସ୍ତକ୍ଷେପ କରିବେ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ କହିଛନ୍ତି। ବିହାରରେ ନିର୍ବାଚନ କମିଶନ (ଇସି)ଙ୍କ ଏସ୍‌ଆଇଆର୍‌କୁ ଚ୍ୟାଲେଞ୍ଜ କରି ଦାଖଲ ଅନେକ ଆବେଦନର ବିଚାର ପାଇଁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ସମୟ ଧାର୍ଯ୍ୟ କରିବା ସହ ଅଗଷ୍ଟ ୧୨ ଓ ୧୩ରେ ଏହା ଉପରେ ଶୁଣାଣି କରାଯିବ ବୋଲି କହିଛନ୍ତି।

ଇସି ଅଗଷ୍ଟ ୧ରେ ଚିଠା ଭୋଟର ତାଲିକା ପ୍ରକାଶ କରିବାକୁ ଯାଉଥିବାବେଳେ ସେଥିରୁ ଅନେକ ଲୋକ ବାଦ୍ ପଡ଼ିଥିବା ପିଟିଶନରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ପ୍ରଶାନ୍ତ ଭୂଷଣ ପୁନର୍ବାର ଅଭିଯୋଗ କରିବା ସହ ସେମାନେ ଗୁରୁତ୍ୱପୂର୍ଣ୍ଣ ମତଦାନ ଅଧିକାର ହରାଇବେ ବୋଲି କହିଥିଲେ। ଏସ୍‌ଆଇଆର୍ ପ୍ରକ୍ରିୟା ବେଳେ ୬୫ ଲକ୍ଷ ଲୋକ ଫର୍ମ ଦାଖଲ କରି ନ ଥିବାରୁ ସେମାନେ ପ୍ରାଣ ହରାଇଛନ୍ତି କିମ୍ବା ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର ହୋଇଛନ୍ତି ବୋଲି ଇସି ଏକ ବିବୃତିରେ କହିଥିଲେ। ସେହି ଲୋକମାନେ ତାଲିକାରେ ନିଜକୁ ସାମିଲ କରିବା ପାଇଁ ପୁନର୍ବାର ଆବେଦନ କରିବାକୁ ପଡ଼ିବ ବୋଲି ଭୂଷଣ କହିଥିଲେ। ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ, ଇସି ସାମ୍ବିଧାନିକ କର୍ତ୍ତୃପକ୍ଷ ହୋଇଥିବାରୁ ଆଇନ ଅନୁଯାୟୀ କାର୍ଯ୍ୟ କରିବେ। ଯଦି କୌଣସି ତ୍ରୁଟି ଥାଏ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କଲେ ଆମେ ଶୁଣାଣି କରିବୁ। ଜଷ୍ଟିସ୍ ବାଗ୍‌ଚୀ ଭୂଷଣଙ୍କୁ କହିଥିଲେ, ୬୫ ଲକ୍ଷ ଭୋଟର ଚିଠା ତାଲିକାରେ ନ ଥିବା ଆପଣ ଆଶଙ୍କା କରୁଛନ୍ତି। ଇସିଆଇ ଭୋଟର ତାଲିକାରେ ସଂଶୋଧନ ଚାହୁଁଛନ୍ତି। ଆମେ ନ୍ୟାୟିକ କର୍ତ୍ତୃପକ୍ଷ ଭାବେ ଏହି ପ୍ରକ୍ରିୟାର ଅନୁଧ୍ୟାନ କରୁଛୁ। ଯଦି ବହୁସଂଖ୍ୟାରେ ଲୋକ ବାଦ୍ ପଡ଼ନ୍ତି, ତେବେ ତୁରନ୍ତ ହସ୍ତକ୍ଷେପ କରିବୁ। ସେମାନେ ମୃତ ଦର୍ଶାଉଥିବା ୧୫ ଜଣଙ୍କୁ ଆଣ ବୋଲି ଜଷ୍ଟିସ୍ ବାଗ୍‌ଚୀ କହିଛନ୍ତି।

ଆର୍‌ଜେଡି ଏମ୍‌ପି ମନୋଜ ଝା'ଙ୍କ ଓକିଲ ସିବଲ୍ କହିଥିଲେ, ୬୫ ଲକ୍ଷ ଲୋକ କିଏ, ତାହା ଇସିଙ୍କୁ ଜଣା। ଯଦି ଚିଠା ତାଲିକାରେ ସେମାନଙ୍କ ନାଁ ରହେ, ତେବେ କାହାର କିଛି ସମସ୍ୟା ନାହିଁ। ଏହାର ଜବାବରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ, ଯଦି ଚିଠା ତାଲିକା ସ୍ପଷ୍ଟ ରୂପରେ ନୀରବ ରୁହେ, ତେବେ ଏହାକୁ ଆମ ଦୃଷ୍ଟିକୁ ଆଣିବ। ଚିଠା ତାଲିକା ପ୍ରକାଶ ପରେ ଫର୍ମ ଦାଖଲ କରାଯାଇପାରିବ ବୋଲି ଇସିଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ କହିଥିଲେ। ଖଣ୍ଡପୀଠ ଆବେଦନକାରୀ ଏବଂ ଇସିଙ୍କୁ ଅଗଷ୍ଟ ୮ ସୁଦ୍ଧା ଜବାବ ଦାଖଲ କରିବାକୁ କହିବା ସହ ଉଭୟ ପକ୍ଷରୁ ନୋଡାଲ ଅଫିସର ନିଯୁକ୍ତ କରିଛନ୍ତି। ସୋମବାର ଅଦାଲତ ଚିଠା ତାଲିକା ପ୍ରକାଶନ ଉପରେ ରୋକ୍ ଲଗାଇବାକୁ ମନା କରିଦେଇଥିଲେ।

# କୁଳିଅଣାରେ ଡବଲ ମର୍ଡର

# ସ୍ତ୍ରୀ, ଶାଶୁଙ୍କୁ ମାଟିରେ ପୋତିଥିଲେ

**ବଢ଼ି ଚାଲିଛି ପାରିବାରିକ ହିଂସା। କ୍ରୋଧ ଆଗରେ ତୁଚ୍ଛ ହୋଇପଡ଼ୁଛି ସମ୍ପର୍କ। ମୟୂରଭଞ୍ଜ ଜିଲା କୁଳିଅଣା ଥାନା ନୂଆଗାଁରେ ଜଣେ ଫାର୍ମାସିଷ୍ଟ ତାଙ୍କ ସ୍ତ୍ରୀ ଏବଂ ଶାଶୁଙ୍କୁ ପଥରରେ ଛେଚି ହତ୍ୟା କରିବା ପରେ ଅପରାଧକୁ ଲୁଚାଇବାକୁ ଘର ପାଖ ଲେମ୍ବୁ ବଗିଚାରେ ମାଟି ଖୋଳି ପୋତି ଦେଇଥିଲେ। ଏପରି କି କେହି ଯେମିତି ସନ୍ଦେହ ନ କରିବେ, ସେଠାରେ କଦଳୀ ଗଛ ଲଗାଇ ଦେଇଥିଲେ। ହେଲେ ଘଟଣାର ୧୫ ଦିନ ପରେ ସତ ପଦାକୁ ଆସିଛି। ପୋଲିସ ମାଟିତଳୁ ୨ଟି ଗଳିତ ଶବ ଉଦ୍ଧାର କରିଥିବାବେଳେ ଅଭିଯୁକ୍ତ ସ୍ୱାମୀ ତଥା ଫାର୍ମାସିଷ୍ଟ ଦେବାଶିଷ ପାତ୍ରଙ୍କୁ ଅଟକ ରଖି ପଚରାଉଚରା କରୁଛି। ମୃତା ହେଉଛନ୍ତି ଦେବାଶିଷଙ୍କ ସ୍ତ୍ରୀ ସୋନାଲି ଦଳେଇ ଓ ଶାଶୁ ସୁମତି ଦଳେଇ।**

ବାରିପଦା/କୁଳିଅଣା, ୨୯।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ ଆଦିକନ୍ଦ ସାହୁ)



ପୋଲିସ ଗାତ ଖୋଳି ମୃତଦେହ ଜବତ କରୁଛି।

ଦେବାଶିଷ କୁଳିଅଣା ଡାକ୍ତରଖାନାରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରନ୍ତି। ବିବାହ ପରେ ଦେବାଶିଷ ଓ ସୋନାଲିଙ୍କ ମଧ୍ୟରେ ବିଭିନ୍ନ ସମୟରେ ପାଟିତୁଣ୍ଡ ଲାଗି ରହୁଥିଲା। ହତ୍ୟାକାଣ୍ଡର କିଛିଦିନ ପୂର୍ବରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେବାରୁ ସୋନାଲି ତାଙ୍କର ୧ବର୍ଷର ଶିଶୁପୁତ୍ରଙ୍କୁ ଧରି ବାପଘରକୁ ପଳାଇ ଯାଇଥିଲେ। କିଛି ଦିନ ପରେ ଦେବାଶିଷ ଫୋନ ଯୋଗେ ତାଙ୍କୁ ଆସିବା ପାଇଁ କହିଥିଲେ। ଗତ ୧୨ତାରିଖରେ ସୋନାଲିଙ୍କୁ ଏକ ଅଟୋ ଯୋଗେ ମା' ସୁମତି ଓ ଭାଇ ଆଣି ଶାଶୁଘରେ ଛାଡ଼ିଥିଲେ। ସେହିଦିନଠାରୁ ଝିଅ ଘରେ ସୁମତି ରହିଆସୁଥିଲେ। ଗତ ୧୫ ତାରିଖରେ କୌଣସି କାରଣକୁ ନେଇ ପୁଣି ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ

## ଲେମ୍ବୁ ବଗିଚାରେ ପୋତି ଲଗାଇଥିଲେ କଦଳୀଗଛ

ଉତ୍ତ୍ୟକ୍ତ ହୋଇ ଦେବାଶିଷ ସ୍ତ୍ରୀ ଓ ଶାଶୁଙ୍କୁ ଏକ ପଥରରେ ଛେଚି ହତ୍ୟା କରିଥିଲେ। ଏହା ଦେଖି ଦେବାଶିଷଙ୍କ ମା' ନାତିକୁ ଧରି ଭୟରେ ଘର ଛାଡ଼ି ବାପଘର ଶୁଳିଆପଦା ଥାନା ଅଞ୍ଚଳକୁ ପଳାଇ ଯାଇଥିଲେ। ପରେ ଦେବାଶିଷ ହତ୍ୟା ଘଟଣାକୁ ଲୁଚାଇବାକୁ ମୃତଦେହକୁ ପଲିଥିନ ଘୋଡ଼ାଇ ବାଡ଼ି ପଛପଟେ ଥିବା ଲେମ୍ବୁ ବଗିଚାରେ ଗାତ ଖୋଳି ସେଥିରେ ଲୁଣ ପକାଇ ପୋତି ଦେଇଥିଲେ। ଖୋଳା ହୋଇଥିବା ସ୍ଥାନରେ ଯେପରି କାହାର ସନ୍ଦେହ କିଛି ନ ହେବ, ସେଥିପାଇଁ ସେଠାରେ ☞ପୃଷ୍ଠା-୪

# ଖାର୍ଗେଙ୍କୁ କ୍ଷମା ମାଗିଲେ ନଡ୍ଡା

ନୂଆଦିଲ୍ଲୀ,୨୯।୭(ପି.ଟି./ଏଜେନ୍ସି)



ଜେ.ପି. ନଡ୍ଡା



ମଲ୍ଲିକାର୍ଜୁନ ଖାର୍ଗେ

ରାଜ୍ୟ ସଭାରେ ମଙ୍ଗଳବାର 'ଅପରେଶନ ସିନ୍ଦୂର' ଉପରେ ବିତର୍କ ବେଳେ ଗୃହର ନେତା ଜେ.ପି. ନଡ୍ଡା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି। ଏହାକୁ ନେଇ ଶାସକ ଓ ବିରୋଧୀ ପକ୍ଷଙ୍କ ମଧ୍ୟରେ ବାକ୍ୟ ବିନିମୟ ହେବା ପରେ ନଡ୍ଡା ଖାର୍ଗେଙ୍କୁ କ୍ଷମା ମାଗିଛନ୍ତି।

ସଂସଦ ମୌସୁମୀ ଅଧିବେଶନର ସପ୍ତମ ଦିନରେ ଅପରେଶନ ସିନ୍ଦୂର ଓ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଉପରେ ଆଲୋଚନା ବେଳେ କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ ଘଣ୍ଟାଏରୁ ଅଧିକ ସମୟ ଧରି ନିଜ ବକ୍ତବ୍ୟ ରଖିଥିଲେ। ସେହି ସମୟରେ ଖାର୍ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମ ନ ନେଇ ଏକ ଆପତ୍ତିଜନକ ଶବ୍ଦ ବ୍ୟବହାର କରିଥିଲେ। ଏହା ଉପରେ ନଡ୍ଡା ଟିପ୍ପଣୀ ଦେଇ କହିଥିଲେ, ପ୍ରଧାନମନ୍ତ୍ରୀ ମୋଦି ହେଉଛନ୍ତି ବିଶ୍ୱର ସବୁଠୁ ଲୋକପ୍ରିୟ ନେତା। ସେ ୧୧ ବର୍ଷ ଧରି ଦେଶର ସେବା କଲେଣି। ତାଙ୍କୁ ନେଇ କେବଳ ଭାଜପା ନୁହେଁ, ସାରା ଦେଶ ଗର୍ବିତ। ଖାର୍ଗେ ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କରେ କହିବାବେଳେ ତାଙ୍କ ପଦମର୍ଯ୍ୟାଦା ପ୍ରତି ଯତ୍ନବାନ ହେବା ଉଚିତ ଥିଲା। ଖାର୍ଗେ ନିଜ ମାନସିକ ସନ୍ତୁଳନ ହରାଇଦେଲେଣି। ସେ ଭାବପ୍ରବଣତାର ସ୍ରୋତରେ ଭାସିଯାଇ ଦେଇଥିବା ଏହି ମନ୍ତବ୍ୟକୁ ସଂସଦୀୟ ରେକର୍ଡରୁ ବାଦ୍ ଦିଆଯାଉ ବୋଲି ନଡ୍ଡା ଦାବି କରିଥିଲେ। ତେବେ ନଡ୍ଡାଙ୍କ 'ମେଣ୍ଟାଲ ଇମ୍ବାଲାନ୍ସ' ମନ୍ତବ୍ୟକୁ ନେଇ ଖାର୍ଗେ ଓ ବିରୋଧୀ ପକ୍ଷ ଆପତ୍ତି ଉଠାଇବା ସହ ପ୍ରବଳ ହଟ୍ଟଗୋଳ କରିଥିଲେ। ଏଥିସହ ନଡ୍ଡାଙ୍କଠାରୁ କ୍ଷମା ପ୍ରାର୍ଥନା ଦାବି କରିଥିଲେ। ଖାର୍ଗେ କହିଥିଲେ, ନଡ୍ଡା ହେଉଛନ୍ତି ଏନ୍‌ଡିଏ ସରକାରର ଜଣେ ମନ୍ତ୍ରୀ, ଯାହାଙ୍କୁ ସେ ସମ୍ମାନ କରନ୍ତି। କିନ୍ତୁ ନଡ୍ଡା ଏପରି ମନ୍ତବ୍ୟ ଦେବା ଲଜ୍ଜାଜନକ ବିଷୟ। ତେଣୁ ସେ କ୍ଷମା ମାଗନ୍ତୁ। ତାଙ୍କୁ ଏମିତି ଛଡ଼ାଯିବ ନାହିଁ। ଏହା ଶୁଣିବା ପରେ ନଡ୍ଡା ତତ୍‌କ୍ଷଣାତ ଆସନରୁ ଉଠି କହିଥିଲେ, ସେ ନିଜ ଶବ୍ଦକୁ ପ୍ରତ୍ୟାହାର କରିନେଇଛନ୍ତି। ତାଙ୍କ ଭାଷା ଆଘାତ ଦେଇଥିଲେ କ୍ଷମା କରାଯାଉ।


**ଆଜିର ସମ୍ପାଦକୀୟ**

**ଖସିଯାଉଛନ୍ତି ଯନ୍ତ୍ରୀ**


# ୨ ଦିନ ବଜ୍ରପାତ ସହ ବର୍ଷା ହେବ

ଭୁବନେଶ୍ୱର,୨୯।୭(ଅନୁରାଧା ମହାରଣା)

ରାଜ୍ୟରେ ମୌସୁମୀ ସକ୍ରିୟ ରହିଥିବାବେଳେ ମଙ୍ଗଳବାର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହୋଇଛି। ଆସନ୍ତା ୨ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବୁଧବାର କେନ୍ଦୁଝର, ମୟୂରଭଞ୍ଜ, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଓ କଟକ ଆଦି ଜିଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ହୋଇପାରେ। ଏହି ସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଆଦି ଜିଲାକୁ ବଜ୍ରପାତ ଭୟ ରହିଛି। ଅଗଷ୍ଟ ୫ ପର୍ଯ୍ୟନ୍ତ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ମଙ୍ଗଳବାର ଟିଟିଲାଗଡ଼ରେ ସର୍ବାଧିକ ୩୯.୦ ମିମି ବର୍ଷା ରେକର୍ଡ କରାଯାଇଛି।

# ନଦୀତଟରେ ହେବ ବ୍ୟାରିକେଡ୍

ଭୁବନେଶ୍ୱର,୨୯।୭ (ରବିନାରାୟଣ ଜେନା)





ବର୍ଷାଦିନେ ନଦୀତଟବର୍ତ୍ତୀ ଗାଁଗୁଡ଼ିକରେ କୁମ୍ଭୀର ଆତଙ୍କ ଖେଳିଯାଇଥାଏ। କେତେବେଳେ ବଉଳା ଲୁଚିଛପି ଆକ୍ରମଣ କରେ ତ ଆଉ କେତେବେଳେ ନିଜର ସହବାସ ପ୍ରକ୍ରିୟାରେ ବାଧା ସୃଷ୍ଟିକୁ ନେଇ ତଟବର୍ତ୍ତୀ ଅଞ୍ଚଳକୁ ପଶିଆସେ ଏବଂ ଜନଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ; ଯାହାଫଳରେ ସାଧାରଣ ଲୋକେ ଓ ଗୃହପାଳିତ ପ୍ରାଣୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୁଏ। ଏହାକୁ ଦୃଷ୍ଟିରେ ରଖି ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ନଦୀତଟରେ ଥିବା ସମ୍ବେଦନଶୀଳ ଅଞ୍ଚଳ ତଥା ବ୍ଲାକସ୍ପଟ୍ ଚିହ୍ନଟ କରିବାପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହୋଇଛି।

ମଙ୍ଗଳବାର ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି, ଏହି ସ୍ଥିତି ଏଡ଼ାଇବାକୁ ପଦକ୍ଷେପ ନିଆଯାଇଛି। ଏଥିଲାଗି ରାଜ୍ୟର କେଉଁସବୁ ନଦୀତଟରେ କେତେ ବ୍ଲାକସ୍ପଟ୍ ରହିଛି ତାହାର ରିପୋର୍ଟ ପିସିସିଏଫ୍ ବନ୍ୟପ୍ରାଣୀଙ୍କଠାରୁ ଲୋଡ଼ାଯାଇଛି। ମନ୍ତ୍ରୀ କହିଛନ୍ତି, ଚଳିତବର୍ଷ କେନ୍ଦ୍ରାପଡ଼ା ଜିଲାରେ ଏଭଳି ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଗୃହପାଳିତ ପଶୁଙ୍କ ପର୍ଯ୍ୟନ୍ତ ଓ ଘରୋଇ ପଶୁଙ୍କ ଜୀବନ ନଷ୍ଟ ହେବାକୁ ନେଇ ଡାଙ୍ଗୁଆ (ମଗରମାଛ) ଆକ୍ରମଣ ବିଷୟରେ ବହୁତ ଅଭିଯୋଗ ମିଳିଛି। ନଦୀ ପାର ହେଉଥିବା ବିପଦପୂର୍ଣ୍ଣ ଅଞ୍ଚଳଗୁଡ଼ିକ (ବ୍ଲାକ୍ ସ୍ପଟ) ସହିତ ସ୍ନାନ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି ସେଠାରେ ସତର୍କତା ସୂଚନା ଲଗାଇବା ଓ ସୁରକ୍ଷିତ ସ୍ନାନ ଘାଟ ତିଆରି କରିବାକୁ ପଡ଼ିବ। ଫଳରେ ନଦୀ ଉପରେ ନିତ୍ୟ ଜୀବିକା ନିର୍ବାହ କରୁଥିବା ଲୋକମାନଙ୍କ ଜୀବନ ରକ୍ଷା ହୋଇପାରିବ ଓ ମଣିଷ-ବଉଳା ଦ୍ୱନ୍ଦ୍ୱ ହ୍ରାସ ପାଇପାରିବ।

ପିସିସିଏଫ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଜିଲାରେ ବିଶେଷ କରି ଏହି ଧରଣର ଅଭିଯୋଗ ରହିଛି। ପୂର୍ବବର୍ଷ ୫ଟି ଘଟଣା ଘଟିଥିବାବେଳେ ଚଳିତବର୍ଷ ଏବେ ସୁଦ୍ଧା ଗୋଟିଏ ଅଘଟଣ ଘଟିଛି। ମହାନଦୀ ଅବବାହିକାଠାରୁ ଆରମ୍ଭ କରି ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବ୍ରାହ୍ମଣୀ, ବୈତରଣୀ ଯେତେବେଳେ କେନ୍ଦ୍ରାପଡ଼ା ଦେଇ ପ୍ରବାହିତ ହୋଇଥାନ୍ତି, ସେହି ସମୟରେ ଲୁଣା କୁମ୍ଭୀରମାନେ ଉପରକୁ ଉଠିଥାନ୍ତି। ବର୍ଷାଋତୁରେ ସେମାନଙ୍କ ମିଳନ ହୋଇଥାଏ, ସେଥିପାଇଁ ମଧ୍ୟ ମଗର, ଘଡ଼ିଆଳ ଓ ବଉଳା ଅଧିକାଂଶ ସମୟରେ ତଟବର୍ତ୍ତୀ ☞ପୃଷ୍ଠା-୪

# ଅଭୟାରଣ୍ୟ ବାହାରେ ଅର୍ଦ୍ଧାଧିକ ବାଘ ମୃତ୍ୟୁ

ନୂଆଦିଲ୍ଲୀ,୨୯।୭(ପି.ଟି.)



୨୦୨୧ରୁ ବର୍ତ୍ତମାନ ସୁଦ୍ଧା ଭାରତରେ ହୋଇଥିବା ସମୁଦାୟ ବାଘ ମୃତ୍ୟୁର ଅର୍ଦ୍ଧାଧିକ ବ୍ୟାଘ୍ର ଅଭୟାରଣ୍ୟ ବାହାରେ ଘଟିଥିବା ନେଇ ମଙ୍ଗଳବାର ଜାରି ହୋଇଥିବା ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ)ର ଏକ ରିପୋର୍ଟରୁ ଜଣାପଡ଼ିଛି। ବ୍ୟାଘ୍ର ଅଭୟାରଣ୍ୟ ବାହାରେ ମହାରାଷ୍ଟ୍ରରେ ସର୍ବାଧିକ ବାଘ ମୃତ୍ୟୁ ଘଟିଥିବାବେଳେ ଏହି ତାଲିକାରେ ମଧ୍ୟପ୍ରଦେଶ ଦ୍ୱିତୀୟ ସ୍ଥାନରେ ରହିଛି।

ରିପୋର୍ଟ ଅନୁଯାୟୀ, ୨୦୨୧ରୁ ବର୍ତ୍ତମାନ ସୁଦ୍ଧା ୬୬୭ଟି ବାଘର ମୃତ୍ୟୁ ଘଟିଛି। ସେଥିମଧ୍ୟରୁ ୩୪୧ଟି ବାଘର ମୃତ୍ୟୁ ଦେଶରେ ଥିବା ବିଭିନ୍ନ ବ୍ୟାଘ୍ର ଅଭୟାରଣ୍ୟ ବାହାରେ ହୋଇଛି। ଅର୍ଥାତ୍ ସମୁଦାୟ ବାଘ ମୃତ୍ୟୁର ପ୍ରାୟ ୫୧% ମାମଲା ବ୍ୟାଘ୍ର ସଂରକ୍ଷଣ ବାହାରେ ଘଟିଛି। ୨୦୨୧ରେ ୧୨୯ ବାଘର ମୃତ୍ୟୁ ଘଟିଥିବାବେଳେ ୨୦୨୨ରେ ୧୨୨, ୨୦୨୩ରେ ୧୮୨, ୨୦୨୪ରେ ୧୨୬ ଏବଂ ୨୦୨୫ର ବର୍ତ୍ତମାନ ସୁଦ୍ଧା ୧୦୮ ବାଘର ମୃତ୍ୟୁ ହୋଇଛି। ବ୍ୟାଘ୍ର ଅଭୟାରଣ୍ୟ ବାହାରେ ୨୦୨୧ରେ ୬୪, ☞ପୃଷ୍ଠା-୪

## ଶିମିଳିପାଳକୁ ଅଣ୍ଡିରା ବାଘ ଅଣାଯିବ

ଭୁବନେଶ୍ୱର,୨୯।୭ (ବନ୍ଦନା ସେଠୀ): ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟରେ ମହାବଳ ବାଘ ନାହାନ୍ତି। କେବଳ ଶିମିଳିପାଳ ବାଘ ଅଭୟାରଣ୍ୟ ଓଡ଼ିଶାରେ ମହାବଳଙ୍କ ସ୍ଥିତିକୁ ବଜାୟ ରଖିଛି। ଗୋଟିଏ ସମୟରେ ଏଠାରେ ହାତଗଣତି ବିରଳ କଳାବାଘ ରହିଥିବାବେଳେ ଏବେ ସେହି ସଂଖ୍ୟାରେ ବୃଦ୍ଧି ଘଟିଛି। ସେହିପରି ଯମୁନା ଓ ଜିନତ ଦୁଇ ବାଘୁଣୀଙ୍କୁ ଶିମିଳିପାଳକୁ ଅଣାଯାଇଥିଲା। ଏହି ସ୍ଥାନାନ୍ତର ଯୋଜନା ପ୍ରାୟ ୮୦% ସଫଳ ହୋଇଥିବାବେଳେ, ଆସନ୍ତା ବର୍ଷକୁ ଆହୁରି ବାଘ ଅଣାଯିବା ନେଇ ପିସିସିଏଫ୍ ପ୍ରେମ୍ କୁମାର ଝା ମଙ୍ଗଳବାର ସୂଚନା ଦେଇଛନ୍ତି। ପୂର୍ବରୁ ଶିମିଳିପାଳକୁ ୨ଟି ଅଣ୍ଡିରା ବାଘ ଏବଂ ଦୁଇଟି ବାଘୁଣୀ ଆଣିବା ନେଇ ଯୋଜନା ରହିଥିଲା। ଅଣ୍ଡିରା ବାଘ ତୁଳନାରେ ବାଘୁଣୀମାନେ ପରିବେଶ ସହିତ ଶୀଘ୍ର ଖାପ ଖୁଆଇ ପାରନ୍ତି। ତେଣୁ ଯମୁନା ଓ ଜିନତ ଦୁଇଟି ଯାକ ବାଘୁଣୀଙ୍କ ବ୍ୟବହାର, ପରିବେଶ ସହିତ ଖାପ ଖୁଆଇବା ଭଳି ଆଚରଣ ଆଦିକୁ ଅନୁଧ୍ୟାନ କରାଯାଉଛି। ଏହା ସଫଳ ହେବା ପରେ ଆଗାମୀ ବର୍ଷ ଶିମିଳିପାଳକୁ ଗୋଟିଏ ଅଣ୍ଡିରା ବାଘ ଅଣାଯିବାକୁ ଯୋଜନା କରାଯାଉଛି। ଏହି ବାଘ ବିଶେଷକରି ମହାରାଷ୍ଟ୍ର, ମଧ୍ୟପ୍ରଦେଶ କିମ୍ବା ଉତ୍ତରାଖଣ୍ଡରୁ ଅଣାଯିବାକୁ ଯୋଜନା କରାଯାଉଥିବା ପିସିସିଏଫ୍ କହିଛନ୍ତି। ସେହିପରି ସାତକୋଶିଆକୁ ବର୍ତ୍ତମାନ ସମୟରେ କୌଣସି ବାଘ ଆଣିବାକୁ ଯୋଜନା ନାହିଁ। ଦେବ୍ରିଗଡ଼ ବ୍ୟାଘ୍ର ପ୍ରକଳ୍ପକୁ ଆଗକୁ ବଢାଇବା ପାଇଁ ଯୋଜନା ରହିଥିବା ସେ ପ୍ରକାଶ କରିଛନ୍ତି।

# ଚଷମାରେ ହିଡେନ୍ କ୍ୟାମେରା, ଶ୍ରୀମନ୍ଦିରକୁ ପଶିଲେ ଯୁବକ

ପୁରୀ,୨୯।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସୁରକ୍ଷା ବଳୟ ଭେଦ କରି ମଙ୍ଗଳବାର ଜଣେ ଯୁବକ ଚଷମାରେ ହିଡେନ କ୍ୟାମେରା ନେଇ ଶ୍ରୀମନ୍ଦିର ଭିତରେ ପ୍ରବେଶ କରିଛନ୍ତି। ଅଭିନବ ଉପାୟରେ ଚଷମାରେ ଲେନ୍ସ ଲଗାଇ ଶ୍ରୀମନ୍ଦିର ଭିତରେ ଫଟୋ ଭିଡିଓ କଏଦ କରୁଥିବା ବେଳେ ସନ୍ଦେହ ହେବାରୁ ବେହେରଣ ଦ୍ୱାର ନିକଟରେ ପୋଲିସ ତାଙ୍କୁ ଧରିଥିଲା। ପଚରାଉଚରା ପରେ ଚଷମାରେ କ୍ୟାମେରା ଥିବା ଜଣାପଡ଼ିଥିଲା। ସେ ପୁରୀର ଅଭିଷେକ କର ବୋଲି ଜଣାପଡ଼ିଥିବାବେଳେ ତାଙ୍କଠାରୁ ଚଷମା ଜବତ କରିବା ସହ ଏକ ଅଣ୍ଡରଟେକିଂ ଲେଖି ପୋଲିସ ଛାଡ଼ିଦେଇଛି। ଏହି ଘଟଣା ପରେ ଶ୍ରୀମନ୍ଦିର ସୁରକ୍ଷା ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ଣରେ ଅଭିଷେକ ଶ୍ରୀମନ୍ଦିର ମଧ୍ୟକୁ ଯାଇଥିଲେ। ଶ୍ରୀମନ୍ଦିର ଦ୍ୱାର ନିକଟରେ ତାଙ୍କୁ ଚେକିଂ କରାଯାଇଥିଲେ ସୁଦ୍ଧା ପୋଲିସ ଚଷମାରେ କ୍ୟାମେରା ଥିବା ଜାଣିପାରି ନ ଥିଲା। ହେଲେ ଶ୍ରୀମନ୍ଦିର ଭିତରେ ନିୟୋଜିତ ଥିବା ପୋଲିସର ଅଭିଷେକଙ୍କ ଉପରେ ସନ୍ଦେହ ହୋଇଥିଲା। ଫଳରେ ତାଙ୍କୁ ବେହେରଣ ଦ୍ୱାର ନିକଟରେ ପୋଲିସ ଧରିବା ପରେ ଶ୍ରୀମନ୍ଦିର ସଶସ୍ତ୍ର ସୁରକ୍ଷା ବାହିନୀ ଅଭିଷେକଙ୍କୁ ସିଂହଦ୍ୱାର ଥାନା କଣ୍ଟ୍ରୋଲ ରୁମ୍ ଜିମା ଦେଇଥିଲେ। ଏନେଇ ଅତିରିକ୍ତ ଏସ୍‌ପି ସୁଶୀଲ ☞ପୃଷ୍ଠା-୪

**ମାଓବାଦୀ ହିଂସା ୮୧% କମିଛି**

ଦେଶରେ ୨୦୧୦ ତୁଳନାରେ ୨୦୨୪ରେ ମାଓବାଦୀ ହିଂସା ୮୧% ହ୍ରାସ ପାଇଛି। ଏହି ଅବଧି ମଧ୍ୟରେ ମାଓବାଦୀ ହିଂସାଜନିତ ମୃତ୍ୟୁ ସଂଖ୍ୟା ୮୫% କମିଥିବା ମଙ୍ଗଳବାର ଲୋକ ସଭାରେ ସ୍ୱରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ସୂଚନା ଦେଇଛନ୍ତି। ୨୦୧୩ରେ ଭାରତର ୧୨୬ଟି ଜିଲା ବାମପନ୍ଥୀ ଉଗ୍ରବାଦ ଦ୍ୱାରା ପ୍ରଭାବିତ ଥିବାବେଳେ ୨୦୨୫ ଏପ୍ରିଲରେ ଏହା ହ୍ରାସ ପାଇ ୧୮ ଜିଲାରେ ପହଞ୍ଚିଛି।

**ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ**

# ଭାରତକୁ କୌଣସି ଦେଶ ରୋକି ନ ଥିଲେ: ମୋଦି

## ଗୋଇନ୍ଦା, ସୁରକ୍ଷାଗତ ବିଫଳତାରୁ ହୋଇଥିଲା ପହଲଗାମ୍ ଆକ୍ରମଣ: ବିରୋଧୀ

**ନୂଆଦିଲ୍ଲୀ,୨୯।୭**

ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ଭାରତକୁ ବିଶ୍ୱର କୌଣସି ଦେଶ ରୋକିନଥିଲେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଲୋକ ସଭାରେ ଅପରେଶନ ସିନ୍ଦୂର ବିତର୍କରେ ଭାଗନେଇ କହିଛନ୍ତି। କିନ୍ତୁ ଦୁଃଖର କଥା, ସାରା ବିଶ୍ୱରୁ ଭାରତ ସମର୍ଥନ ପାଇଥିବାବେଳେ ଦେଶର ଯବାନମାନଙ୍କ ବୀରତ୍ୱ ପଛରେ କଂଗ୍ରେସ ଛିଡ଼ାହୋଇପାରିଲା ନାହିଁ। ଭାରତର ଆକ୍ରମଣରେ ପାକିସ୍ତାନର ଏୟାରବେସ୍‌ଗୁଡ଼ିକ ଏବେ ବି ଆଇସିୟୁରେ ଏବଂ ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡମାନେ ଏବେ ବି ରାତିରେ ଶୋଇପାରୁ ନାହାନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଜାତିସଂଘରେ ସବୁ ଦେଶ ଭାରତକୁ ସମର୍ଥନ କରିଥିବାବେଳେ କେବଳ ୩ଟି ଦେଶ ପାକିସ୍ତାନ ସପକ୍ଷରେ କହିଥିଲେ। କଂଗ୍ରେସ ନେତାମାନେ ରାଜନୈତିକ ଫାଇଦା ପାଇଁ ତାଙ୍କୁ ଟାର୍ଗେଟ କରୁଥିବାବେଳେ ସେମାନଙ୍କ ତୁଚ୍ଛ ମନ୍ତବ୍ୟ ସାହସୀ ଯବାନମାନଙ୍କୁ ନିରୁତ୍ସାହିତ କରୁଛି ବୋଲି ମୋଦି କହିଛନ୍ତି।

ଭାରତ ନିର୍ମିତ ଡ୍ରୋନ୍ ଏବଂ ମିଶାଇଲ୍ ପାକିସ୍ତାନର ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ସାମର୍ଥ୍ୟକୁ ପଦାରେ ପକାଇ ଦେଇଥିଲା।


ନରେନ୍ଦ୍ର ମୋଦି


ପ୍ରିୟଙ୍କା ଗାନ୍ଧୀ ଭଦ୍ରା

ଅପରେଶନ ସିନ୍ଦୂର ବେଳେ ବିଶ୍ୱ ଆତ୍ମନିର୍ଭର ଭାରତର ଶକ୍ତି ଦେଖିଲା। ଏପ୍ରିଲ ୨୨ ପହଲଗାମ୍ ଆକ୍ରମଣର ପ୍ରତିଶୋଧ ଆମେ ୨୨ ମିନିଟ୍‌ରେ ନେଲୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ଗୋଇନ୍ଦା ଏବଂ ସୁରକ୍ଷା କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳତା ଯୋଗୁ ପହଲଗାମ୍ ଆକ୍ରମଣ ଘଟିଲା ବୋଲି ବିରୋଧୀ କହିଛନ୍ତି। ସରକାର ପ୍ରଶ୍ନକୁ ଏଡ଼ାଇଯିବା ସହ ସତ୍ୟ ଲୁଚାଉଥିବା ବିରୋଧୀ ଏମ୍‌ପିମାନେ ଅଭିଯୋଗ କରିଛନ୍ତି। ଭାରତର ବିଦେଶ ନୀତି ସମ୍ପୂର୍ଣ୍ଣ ବିଫଳ ହୋଇଛି। ପାକିସ୍ତାନକୁ ନିନ୍ଦା କରି ଜି୨୦ ଏବଂ ବ୍ରିକ୍ସ ସମେତ କୌଣସି ବୃହତ୍ ସଂଗଠନ ପ୍ରସ୍ତାବ ଗୃହୀତ କରାଇ ନାହାନ୍ତି।

ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଅପରେଶନ ସିନ୍ଦୂର ରାତିରେ ଅସ୍ତ୍ରବିରତି ପାଇଁ ନରେନ୍ଦ୍ର ମୋଦି ସରକାର ଚାହୁଁଥିଲେ ଏବଂ ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରୀ ଅପରେଶନ୍ସ (ଡିଜିଏମ୍‌ଓ)ଙ୍କୁ ଆଗକୁ ନ ବଢ଼ିବା ପାଇଁ କୁହାଯାଇଥିଲା। ଅପରେଶନ ସିନ୍ଦୂରର ଅଧଘଣ୍ଟା ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପାକିସ୍ତାନ ସରକାରଙ୍କୁ କ'ଣ ପାଇଁ କହିଲେ, ଆମେ ଅଣସାମରିକ ଟାର୍ଗେଟକୁ ଆକ୍ରମଣ କରିଛୁ ଏବଂ ଉତ୍ତେଜନା ବଢ଼ାଇବାକୁ ଚାହୁଁନାହୁଁ ବୋଲି ରାହୁଲ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏଭଳି କହି ଭାରତୀୟ ବାୟୁସେନାର ଆକ୍ରମଣ ସ୍ୱାଧୀନତାକୁ ରୋକି ଦିଆଯାଇଥିଲା। ଇଣ୍ଡୋନେସିଆରେ ଭାରତୀୟ ସେନା ଅଧିକାରୀ ଶିବକୁମାର କହିଥିଲେ, ଅପରେଶନ ସିନ୍ଦୂର ବେଳେ ପାକିସ୍ତାନର ସାମରିକ ପ୍ରତିଷ୍ଠାନ କିମ୍ବା ଏୟାର ଡିଫେନ୍ସ ସିଷ୍ଟମ ଉପରେ ଆକ୍ରମଣ ନ କରିବାକୁ କୁହାଯାଇଥିବାରୁ

### ପାଇଲଟଙ୍କ ହାତ ବାନ୍ଧିଦିଆଯାଇଥିଲା: ରାହୁଲ

### ଟ୍ରମ୍ପ୍ ଅସ୍ତ୍ରବିରତି ଘୋଷଣା କରିବା ଭାରତ ଇତିହାସରେ ପ୍ରଥମ : ପ୍ରିୟଙ୍କା

ଆମକୁ କେତେକ ଯୁଦ୍ଧବିମାନ ହରାଇବାକୁ ପଡ଼ିଥିଲା। ପାକିସ୍ତାନ ଭିତରେ ପଶିଲ ଓ ଆକ୍ରମଣ କଲ, ଅଥଚ ସେମାନଙ୍କ ଏୟାର ଡିଫେନ୍ସ ସିଷ୍ଟମ୍ ଉପରେ ଆକ୍ରମଣ ନ କରିବାକୁ କହି ପାଇଲଟ୍‌ଙ୍କ ହାତକୁ ପଛପଟୁ ବାନ୍ଧିଦେଲ ବୋଲି ରାହୁଲ ସରକାରଙ୍କୁ ସମାଲୋଚନା କରିଛନ୍ତି।

ଭାରତ-ପାକିସ୍ତାନ ସଂଘର୍ଷ ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅସ୍ତ୍ରବିରତି ଘୋଷଣା କରିବାକୁ ନେଇ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସିଧାସଳଖ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ଏହା ପ୍ରଧାନମନ୍ତ୍ରୀଙ୍କ ଦାୟିତ୍ୱହୀନତାର ପ୍ରତିଫଳନ। ଆମ ଦେଶର ଇତିହାସରେ ପ୍ରଥମ ଥର ପାଇଁ ଯୁଦ୍ଧ ବନ୍ଦ ହେଲା, କିନ୍ତୁ ଆମ ସରକାର ଘୋଷଣା ନ କରି ଆମେରିକା ରାଷ୍ଟ୍ରପତି ଘୋଷଣା କଲେ ବୋଲି ପ୍ରିୟଙ୍କା କହିଛନ୍ତି। ସରକାରଙ୍କୁ ସମାଲୋଚନା କରି ସେ କହିଛନ୍ତି, ନେତୃତ୍ୱ କେବଳ ଶ୍ରେୟ ନେବା ନୁହେଁ ବରଂ ଉତ୍ତରଦାୟିତ୍ୱ ନିଭାଇବା। ସରକାର ସବୁବେଳେ ପ୍ରଶ୍ନକୁ ଏଡ଼ାଇଯିବାକୁ ଚେଷ୍ଟା କରୁଛନ୍ତି। ଲୋକ ସଭାରେ ଜବାହରଲାଲ୍ ନେହେରୁ, ଇନ୍ଦିରା ଗାନ୍ଧୀ ଏବଂ ସୋନିଆ ଗାନ୍ଧୀ ଲୁହ ଗଡ଼ାଉଥିଲେ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହୁଛନ୍ତି, ତେବେ ପାକିସ୍ତାନ ବିରୋଧରେ ଯୁଦ୍ଧ କାହିଁକି ବନ୍ଦ ହେଲା ତାହା କହୁନାହାନ୍ତି ବୋଲି ପ୍ରିୟଙ୍କା କହିଛନ୍ତି।

ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଅପରେଶନ ସିନ୍ଦୂର ଆଲୋଚନାରେ ଭାଗ ନେଇ କହିଥିଲେ, ସୁରକ୍ଷାଗତ ତ୍ରୁଟି ପାଇଁ ପହଲଗାମ୍ ଆକ୍ରମଣ ଘଟିଲା। ଏହି ତ୍ରୁଟି ପାଇଁ ଅମିତ୍ ଶାହା ନିଜକୁ ଦାୟୀ କରନ୍ତୁ ଏବଂ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରାଯାଉ ବୋଲି ଖାର୍ଗେ ଦାବି କରିଛନ୍ତି। ଲୋକ ସଭାରେ ଶାହା କହିଥିଲେ, ପହଲଗାମ୍ ଆକ୍ରମଣରେ ସମ୍ପୃକ୍ତ ୩ ଆତଙ୍କବାଦୀ ସୁରକ୍ଷା ବଳର ମିଳିତ ଅଭିଯାନରେ ନିହତ ହୋଇଛନ୍ତି। ସେମାନେ ଲଶ୍କର-ଇ-ତୋଇବା ଆତଙ୍କବାଦୀ ଓ ପାକିସ୍ତାନୀ ବୋଲି ସ୍ପଷ୍ଟ ପ୍ରମାଣ ରହିଛି। ସେମାନଙ୍କଠାରୁ ୨ଟି ପାକିସ୍ତାନୀ ଭୋଟର ପରିଚୟପତ୍ର ଏବଂ ପାକିସ୍ତାନ ତିଆରି ଚକୋଲେଟ୍ ଜବତ ହୋଇଛି।

**ସଂକ୍ଷେପରେ**

## ବସ୍-ଟ୍ରକ୍ ଧକ୍କାରେ ୬ କାଉଡ଼ିଆ ମୃତ

**ଦେଓଘର, ୨୯।୭ (ପି.ଟି.)**

ଝାଡ଼ଖଣ୍ଡର ଦେଓଘର ଜିଲା ମୋହନପୁର ଥାନା ଜମୁନିଆ ଜଙ୍ଗଲ ନିକଟରେ ମଙ୍ଗଳବାର ଏକ ବସ୍ ଏବଂ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଘଟିବାରୁ ୬ ଜଣ କାଉଡ଼ିଆ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ୨୯ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଥିମଧ୍ୟରୁ ୮ ଗୁରୁତରଙ୍କୁ ଦେଓଘରସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ସୋମବାର ଦେଓଘରସ୍ଥିତ ବାବା ବୈଦ୍ୟନାଥ ମନ୍ଦିରରେ ଜଳାଭିଷେକ କରିବା ପରେ ଏକ ବସ୍ ଯୋଗେ ୩୫ ଜଣ କାଉଡ଼ିଆ ଡୁମକା ଅଭିମୁଖେ ଯାଉଥିଲେ। ମଙ୍ଗଳବାର ଭୋର୍ ସମୟରେ ଜମୁନିଆ ନିକଟରେ ଯାତ୍ରୀବାହୀ ବସ୍‌ଟି ଏକ ଏଲ୍‌ପିଜି ସିଲିଣ୍ଡର ବୋଝେଇ ଟ୍ରକ୍ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ୫ କାଉଡ଼ିଆଙ୍କ ମୃତ୍ୟୁ ହୋଇଥିବାବେଳେ ହସ୍ପିଟାଲରେ ଆଉ ଜଣଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ପରିବାରକୁ ୧ ଲକ୍ଷ ଟଙ୍କାର ସହାୟତା ରାଶି ଦେବା ପାଇଁ ଝାଡ଼ଖଣ୍ଡ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି।

## ଗୋଧ୍ରା ଦଙ୍ଗା ମାମଲା: ଦୋଷୀସାବ୍ୟସ୍ତର ୧୯ ବର୍ଷ ପରେ ୩ ଦୋଷମୁକ୍ତ

**ନୂଆଦିଲ୍ଲୀ,୨୯।୭**

୨୦୦୨ ଗୋଧ୍ରା ପରବର୍ତ୍ତୀ ଦଙ୍ଗା ମାମଲାରେ ସମ୍ପୃକ୍ତ ଅଭିଯୋଗରେ ଫାଷ୍ଟଟ୍ରାକ୍ କୋର୍ଟ ଦ୍ୱାରା ଦୋଷୀସାବ୍ୟସ୍ତ ହୋଇ ୫ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପାଇଥିବା ୩ ଜଣଙ୍କୁ ଗୁଜରାଟ ହାଇକୋର୍ଟ ଦୋଷମୁକ୍ତ କରିଛନ୍ତି। ସେମାନଙ୍କୁ ଦୋଷୀସାବ୍ୟସ୍ତ ବିଶ୍ୱସ୍ତ ତଥ୍ୟ ପ୍ରମାଣ ଆଧାରରେ କରାଯାଇ ନ ଥିବା ୧୯ ବର୍ଷ ପରେ ଉଚ୍ଚ ଅଦାଲତ କହିଛନ୍ତି। ସଚିନ ପଟେଲ, ଅଶୋକ ପଟେଲ ଏବଂ ଅଶୋକ ଗୁପ୍ତାଙ୍କୁ ୨୦୦୬ ମେ' ୨୯ରେ ଆନନ୍ଦସ୍ଥିତ ଫାଷ୍ଟଟ୍ରାକ୍ କୋର୍ଟ ଦୋଷୀସାବ୍ୟସ୍ତ କରିବା ସହ ଦଣ୍ଡବିଧାନ କରିଥିଲେ। ସେମାନେ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

## ଅପରେଶନ ସିନ୍ଦୂର ବେଳେ ଅନାଥ ହୋଇଥିବା ପୁଞ୍ଚ୍‌ର ୨୨ ପିଲାଙ୍କୁ ପୋଷ୍ୟ କରିବେ ରାହୁଲ

**ଶ୍ରୀନଗର,୨୯।୭**

ଅପରେଶନ ସିନ୍ଦୂର ବେଳେ ପାକିସ୍ତାନୀ ସେନାର ସେଲ୍ ମାଡ଼ରେ ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲାରେ ଅନାଥ ହୋଇଥିବା ୨୨ ଜଣ ପିଲାଙ୍କୁ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୋଷ୍ୟ ଭାବେ ଗ୍ରହଣ କରିବେ। ଏହି ପିଲାମାନେ ପାକିସ୍ତାନୀ ସେଲ୍ ମାଡ଼ରେ ସେମାନଙ୍କ ମାଆବାପାଙ୍କୁ ହରାଇଥିବା ଜମ୍ମୁ-କଶ୍ମୀର କଂଗ୍ରେସର ମୁଖ୍ୟ ମୁଖପାତ୍ର ରବୀନ୍ଦ୍ର ଶର୍ମା କହିଛନ୍ତି। ରାହୁଲ ଉକ୍ତ ପିଲାମାନଙ୍କ ସମସ୍ତ ଖର୍ଚ୍ଚ ବହନ କରିବେ। ମେ' ୭ରେ ଅପରେଶନ ସିନ୍ଦୂର ଆରମ୍ଭ ହୋଇଥିବାବେଳେ ପାକିସ୍ତାନୀ ସେନା ୪ ଦିନ ଧରି ଜୋର୍‌ଦାର ସେଲ୍ ମାଡ଼ କରିଥିଲା। ଏଥିରେ ସୀମାନ୍ତ ଜିଲା ପୁଞ୍ଚ୍ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ଏହି ଆକ୍ରମଣରେ ୧୩ ଜଣ ସାଧାରଣ ଲୋକ ପ୍ରାଣ ହରାଇବା ସହ ୭୫ ଜଣ ଆହତ ହୋଇଥିଲେ ଏବଂ ଶତାଧିକ ଘର ଧ୍ୱଂସ ହୋଇଥିଲା।

## ବୁଲା କୁକୁର ଆତଙ୍କ ଚିନ୍ତାଜନକ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୯।୭**

ଦିଲ୍ଲୀ ଏବଂ ଏହାର ଉପକଣ୍ଠ ଅଞ୍ଚଳରେ ବଢ଼ିଚାଲିଥିବା ବୁଲା କୁକୁର କାମୁଡ଼ା ଘଟଣାଗୁଡ଼ିକୁ ନେଇ ସୋମବାର ସର୍ବୋଚ୍ଚ ଅଦାଲତ ଚିନ୍ତା ପ୍ରକଟ କରିଛନ୍ତି। କୁକୁର କାମୁଡ଼ା ଯୋଗୁ ଜଳାତଙ୍କ ରୋଗରେ ପୀଡ଼ିତ ହୋଇ ଦିଲ୍ଲୀର ଜଣେ ୬ ବର୍ଷୀୟା ଶିଶୁକନ୍ୟାଙ୍କର ମୃତ୍ୟୁ ଘଟିଥିବା ଖବରକୁ ଗୁରୁତ୍ୱର ସହ ନେଇ ସୁପ୍ରିମକୋର୍ଟ ନିଜଆଡ଼ୁ ମାମଲା ରୁଜୁ କରିଛନ୍ତି। ଜଷ୍ଟିସ୍ ଜେ.ବି. ପାର୍ଦିୱାଲା ଏବଂ ଆର୍ ମହାଦେବନଙ୍କୁ ନେଇ ଖଣ୍ଡପୀଠ କହିଛନ୍ତି, ବଢ଼ି ଚାଲିଥିବା କୁକୁର କାମୁଡ଼ା ମାମଲା ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ଚିନ୍ତାଜନକ। ଗତ କିଛିଦିନ ମଧ୍ୟରେ ଦିଲ୍ଲୀ ଏବଂ ଆଖପାଖ ଅଞ୍ଚଳରୁ ଶତାଧିକ କୁକୁର କାମୁଡ଼ା ମାମଲା ସାମ୍ନାକୁ ଆସିଛି। ଫଳରେ ଛୋଟ ଛୋଟ ଶିଶୁମାନଙ୍କ ମଧ୍ୟରେ ରାବିଜ୍ ସଂକ୍ରମଣ ବୃଦ୍ଧି ପାଉଛି। ଫଳରେ ଶିଶୁମାନଙ୍କର ମୃତ୍ୟୁ ହେବାର ନଜିର ରହିଛି, ଯାହା ବିଚଳିତ କରୁଛି ବୋଲି ଜଷ୍ଟିସ୍ ପାର୍ଦିୱାଲା କହିଛନ୍ତି। ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ସମଗ୍ର ମାମଲାକୁ ସ୍ୱତଃ ଆବେଦନ ଭାବରେ ପଞ୍ଜୀକରଣ କରିବାକୁ ସୁପ୍ରିମକୋର୍ଟ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାବିଜ୍‌କୁ ନେଇ ପ୍ରକାଶ ପାଇଥିବା ରିପୋର୍ଟକୁ ପ୍ରଧାନ ବିଚାରପତିଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ କହିଛନ୍ତି। ତଥ୍ୟ ଅନୁଯାୟୀ ଗତବର୍ଷ ଭାରତରେ ୩୭ ଲକ୍ଷ କୁକୁର କାମୁଡ଼ା ମାମଲା ରିପୋର୍ଟ ହୋଇଥିଲା ଓ ଜଳାତଙ୍କରେ ପୀଡ଼ିତ ହୋଇ ୫୪ ଜଣଙ୍କ ମୃତ୍ୟୁ ଘଟିଥିଲା।

## ୨୧ ମାସର ଯୁଦ୍ଧରେ ୬୦ ହଜାର ପାଲେଷ୍ଟିନୀୟ ନିହତ ହେଲେଣି

**ଡେର୍ ଅଲ୍ ବଲାହ, ୨୯।୭**

ଇସ୍ରାଏଲ-ହମାସ୍ ଯୁଦ୍ଧ ୨୧ ମାସ ଧରି ଜାରି ରହିଥିବାବେଳେ ଏଥିରେ ୬୦ ହଜାରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଥିବା ନେଇ ମଙ୍ଗଳବାର ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ୨୦୨୩ ଅକ୍ଟୋବର ୭ରୁ ଯୁଦ୍ଧ ଆରମ୍ଭ ହେବା ପରଠାରୁ ୧ ଲକ୍ଷ ୪୫ ହଜାର ୮୭୦ ପାଲେଷ୍ଟିନୀୟ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଅର୍ଦ୍ଧାଧିକ ମହିଳା ଏବଂ ଶିଶୁ ରହିଛନ୍ତି। ଇସ୍ରାଏଲ ଆକ୍ରମଣରେ ଗାଜାର ଅଧିକାଂଶ ଅଞ୍ଚଳ ଧ୍ୱଂସ ହୋଇଛି ଏବଂ ସମ୍ପ୍ରତି ଜୀବନ ବିକଳରେ ଗାଜାରେ ପ୍ରାୟ ୯୦% ନାଗରିକ ବିସ୍ଥାପିତ ହୋଇ ରହୁଛନ୍ତି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି।


ହିମାଚଳପ୍ରଦେଶର ମଣ୍ଡି ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ଅଚାନକ ବନ୍ୟା ଆସି ଗାଡ଼ିଗୁଡ଼ିକ ପୋତି ହୋଇପଡ଼ିଛି।

## ଏଣିକି ଦିଲ୍ଲୀ ମହିଳା ରାତି ଶିଫ୍ଟରେ କାମ କରିପାରିବେ

**ନୂଆଦିଲ୍ଲୀ,୨୯।୭**

ଦିଲ୍ଲୀ ଶପ୍ସ ଆଣ୍ଡ ଏଷ୍ଟାବ୍ଲିଶମେଣ୍ଟସ୍ ଆକ୍ଟ ଅଧୀନରେ ଦୀର୍ଘଦିନ ହେଲା ଲାଗୁ ହୋଇଥିବା କଟକଣାକୁ ସରକାର କୋହଳ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ଏଣିକି ଦିଲ୍ଲୀ ମହିଳା ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରେ ଆଇନଗତ ଭାବେ ରାତି ଶିଫ୍ଟରେ କାମ କରିପାରିବେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଙ୍ଗଳବାର ଏହା ଘୋଷଣା କରିଛନ୍ତି। ସରକାରଙ୍କ ଏହି ନୀତି ଯୋଗୁ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଭାଗୀଦାରିତା ବଢ଼ିବା ସହ ୨୪ ଘଣ୍ଟିଆ ଅର୍ଥନୀତି ଭାବେ ସହରର ସମ୍ଭାବନାକୁ ବୃଦ୍ଧି କରିବ। ୧୯୫୪ର ଉପରୋକ୍ତ ଆଇନ ମହିଳାମାନଙ୍କୁ ଗ୍ରୀଷ୍ମଋତୁରେ ରାତି ୯ଟାରୁ ସକାଳ ୭ଟା ଏବଂ ଶୀତଦିନେ ରାତି ୮ରୁ ସକାଳ ୮ ମଧ୍ୟରେ ରାତ୍ରିକାଳୀନ କାର୍ଯ୍ୟ କରିବାରୁ ବାରଣ କରିଥାଏ। ସରକାର ଉକ୍ତ ଆଇନର ଧାରା ୧୪, ୧୫ ଏବଂ ୧୬ରେ ସଂଶୋଧନ ଆଣିବାକୁ ଯୋଜନା କରିଛନ୍ତି। ଏହି ସଂଶୋଧନ କାର୍ଯ୍ୟକାରୀ ହେଲେ ମହିଳାମାନେ ରାତିରେ କାମ କରିବାରେ କୌଣସି କଟକଣା ରହିବ ନାହିଁ। ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ୨୪ ଘଣ୍ଟା ଚାଲିବା ପାଇଁ ମହିଳାଙ୍କୁ ନିଯୁକ୍ତି ଦେବେ। ତେବେ କାର୍ଯ୍ୟସ୍ଥଳର ସୁରକ୍ଷାକୁ କଡ଼ାକଡ଼ି ଅନୁପାଳନ କରିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଇସ୍ରାଏଲ୍ ଯୁଦ୍ଧବିରତି ନ କଲେ ପାଲେଷ୍ଟାଇନକୁ ସ୍ୱୀକୃତି ଦେବ ବ୍ରିଟେନ

**ଲଣ୍ଡନ,୨୯।୭**

ଗାଜା ସହ ଯୁଦ୍ଧବିରତି ପାଇଁ ଇସ୍ରାଏଲ୍ ରାଜି ନ ହେଲେ ସେପ୍ଟେମ୍ବରରେ ପାଲେଷ୍ଟିନୀୟ ଦେଶକୁ ବ୍ରିଟେନ୍ ସ୍ୱୀକୃତି ଦେବ ବୋଲି ପ୍ରଧାନମନ୍ତ୍ରୀ କେଇର ଷ୍ଟାର୍ମର ମଙ୍ଗଳବାର କହିଛନ୍ତି। ଗାଜା ସ୍ଥିତି ସମ୍ପର୍କରେ ଆଲୋଚନା ପାଇଁ ଷ୍ଟାର୍ମର କ୍ୟାବିନେଟ ବୈଠକ ଡାକିଥିଲେ। ସେ ମନ୍ତ୍ରୀମାନଙ୍କୁ କହିଥିଲେ, ଯଦି ଇସ୍ରାଏଲ୍ ଯୁଦ୍ଧ ବନ୍ଦ ନ କରେ ତେବେ ଜାତିସଂଘ ସାଧାରଣ ସଭା ପୂର୍ବରୁ ବ୍ରିଟେନ୍ ପାଲେଷ୍ଟାଇନ୍‌କୁ ରାଷ୍ଟ୍ରର ସ୍ୱୀକୃତି ଦେବ। ସ୍ୱାଧୀନ ପାଲେଷ୍ଟିନୀୟ ରାଷ୍ଟ୍ରର ଅବସ୍ଥିତି ବିଚାରଧାରାକୁ ବ୍ରିଟେନ୍ ଦୀର୍ଘଦିନରୁ ସମର୍ଥନ କରିଆସୁଛି। ସେପ୍ଟେମ୍ବରରେ ଫ୍ରାନ୍ସ ପ୍ରଥମ ବୃହତ୍ ପାଶ୍ଚାତ୍ୟ ଶକ୍ତି ଭାବେ ପାଲେଷ୍ଟାଇନ୍‌କୁ ସ୍ୱୀକୃତି ଦେବ ବୋଲି ଏହାର ରାଷ୍ଟ୍ରପତି ଏମାନୁଏଲ୍ ମାକରଁ ଘୋଷଣା କରିବା ପରେ ଏବେ ଆନୁଷ୍ଠାନିକ ସ୍ୱୀକୃତି ପାଇଁ ଚାପ ବଢ଼ିଚାଲିଛି।

## ଧର୍ମସ୍ଥଳ ମାମଲାର ଏସ୍‌ଆଇଟି ତଦନ୍ତ ଆରମ୍ଭ

### କବରସ୍ଥଳରୁ ମୃତଦେହ ଖନନ

**ମାଙ୍ଗାଲୁରୁ,୨୯।୭**

ଧର୍ମସ୍ଥଳ ମାମଲା ସହ ସମ୍ପୃକ୍ତ ଦକ୍ଷିଣ କନ୍ନଡ ଜିଲାର ବେଲ୍‌ଥାଙ୍ଗାଡି ତାଲୁକ ଅନ୍ତର୍ଗତ ଧର୍ମସ୍ଥଳ ଗ୍ରାମରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) କବର ସ୍ଥଳ ଖୋଳି ମୃତଦେହ ଖୋଜିବା ଆରମ୍ଭ କରିଛି। ଅଭିଯୋଗକାରୀ ଚିହ୍ନଟ କରିଥିବା ପ୍ରଥମ ସ୍ଥାନ ସମେତ ନେତ୍ରାବତୀ ସ୍ନାନଘାଟରେ ଶ୍ରମିକମାନେ ପହଞ୍ଚି ଖୋଳୁଛନ୍ତି। ଏସ୍‌ଆଇଟି ଅଧିକାରୀମାନେ ଘଟଣାସ୍ଥଳକୁ ଅଭିଯୋଗକାରୀଙ୍କ ସମେତ ତଦନ୍ତକାରୀ ଅଫିସର ଥିବା ଏସ୍‌ପି ଜିତେନ୍ଦ୍ର କୁମାର ଦୟାମା, ପୁତ୍ତୁର ଆସିଷ୍ଟାଣ୍ଟ କମିଶନର ଷ୍ଟେଲା ଭର୍ଗିସ୍ ଏବଂ ବେଲଥାଙ୍ଗାଡି ତହସିଲଦାର ପୃଥ୍ୱୀ ସନିକମ୍‌ଙ୍କୁ ନେଇଥିଲେ। ଫୋରେନ୍‌ସିକ୍ ସାଇନ୍ସ ଲାବରେଟୋରି ଏବଂ ସିନ୍ ଅଫ୍ କ୍ରାଇମ୍ ଅଫିସର ଉପସ୍ଥିତ ରହିଥିବାବେଳେ ସମ୍ପୂର୍ଣ୍ଣ ଖନନ କାର୍ଯ୍ୟର ଭିଡିଓ କରାଯାଉଛି। ମୋଟ ୧୩ଟି ସ୍ଥାନ ଚିହ୍ନଟ ହୋଇଥିବା ବେଳେ ସବୁଗୁଡ଼ିକରେ ଖନନ କାର୍ଯ୍ୟ ଜାରି ରହିବ ବୋଲି ଏସ୍‌ଆଇଟିର ଜଣେ ଅଧିକାରୀ କହିଛନ୍ତି।

ଦକ୍ଷିଣ ଭାରତର ଏକ ମନ୍ଦିରରେ ୩ ଦଶନ୍ଧି ଧରି ବ୍ୟବସ୍ଥିତ ଢଙ୍ଗରେ ମହିଳାମାନଙ୍କୁ ବଳାତ୍କାର ଓ ହତ୍ୟା କରାଯିବା ପରେ ପୋତି ଦିଆଯାଉଥିବା ନେଇ ଜଣେ ସଫେଇ କର୍ମଚାରୀ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଥିଲା। ଅନେକ ଶହ ସ୍ୱଳ୍ପବୟସ୍କା, ଯୁବତୀ ଓ ମହିଳାଙ୍କୁ ପୋତିଦିଆଯାଇଥିବାବେଳେ ପୋଲିସ ତଦନ୍ତ ନ କରି ଅଣଦେଖା କରିଆସିଥିଲା। ସେ ବିଧିବଦ୍ଧ ଅଭିଯୋଗ କରିବା ପରେ କର୍ନାଟକ ସରକାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଥିଲେ। ସଫେଇ କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ, ମହିଳାଙ୍କ ବିବସ୍ତ୍ର ମୃତଦେହଗୁଡ଼ିକୁ ଲୁଚାଇବାକୁ ତାଙ୍କୁ କୁହାଯାଇଥିଲା।

## ଉଡ଼ାଣ ବେଳେ ବୋଇଂ ୭୮୭ ବିମାନ ଇଞ୍ଜିନ ଅଚଳ

**ୱାଶିଂଟନ, ୨୯।୭**

ଆମେରିକାର ୟୁନାଇଟେଡ୍ ଏୟାରଲାଇନ୍ସର ଏକ ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନର ଇଞ୍ଜିନରେ ତ୍ରୁଟି ଦେଖାଯାଇଥିବାରୁ ପାଇଲଟ ଉଡ଼ାଣ ମଝିରେ 'ମେଡେ'ର ଘୋଷଣା କରିଛନ୍ତି। ଗତ ୨୫ରେ ୟୁଏ ୧୦୮ ବିମାନକୁ ୱାଶିଂଟନସ୍ଥିତ ଡୁଲେସ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରୁ ଜର୍ମାନୀର ମ୍ୟୁନିକ୍ ଅଭିମୁଖେ ଯିବାର ଥିଲା। ତେବେ ଟେକ୍ ଅଫ୍ କରିବାର କିଛି ସମୟ ପରେ ବିମାନର ବାମ ଇଞ୍ଜିନ କାମ କରିବା ବନ୍ଦ କରିଦେଇଥିଲା। ଫଳରେ ପାଇଲଟ ଜଣକ ଏୟାର ଟ୍ରାଫିକ କଣ୍ଟ୍ରୋଲକୁ ଖବର ଦେବା ସହ 'ମେଡେ'ର ଘୋଷଣା କରିଥିଲେ। ପାଇଲଟଙ୍କ 'ମେଡେ' ଘୋଷଣା ସମୟରେ ବିମାନଟି ୫ ହଜାର ଫୁଟ ଉଚ୍ଚତାରେ ଥିଲା। ୨ ଘଣ୍ଟା ୩୮ ମିନିଟ୍ ପର୍ଯ୍ୟନ୍ତ ବିମାନଟି ଆକାଶ ମାର୍ଗରେ ରହିବା ପରେ ଡୁଲେସ ଏୟାରପୋର୍ଟରେ ସୁରକ୍ଷିତ ଲାଣ୍ଡିଂ କରିଥିଲା।


ଫର୍‌ହାନ ଅଖତର

## ମାଇନସ୍ ୧୦ ଡିଗ୍ରୀରେ '୧୨୦ ବାହାଦୁର'ର ଶୁଟିଂ

**ମୁମ୍ବାଇ:** ଅଭିନେତା ଫର୍‌ହାନ ଅଖତରଙ୍କ ଆଗାମୀ ଫିଲ୍ମ '୧୨୦ ବାହାଦୁର' ନଭେମ୍ବର ୨୧ରେ ରିଲିଜ୍ ହେବ। ଫିଲ୍ମରେ ଫର୍‌ହାନଙ୍କୁ ପରମବୀର ଚକ୍ରରେ ସମ୍ମାନିତ ମେଜର ସୈତାନ ସିଂ ଭାଟିଙ୍କ ଭୂମିକାରେ ଦେଖିବାକୁ ମିଳିବ। ବିଭିନ୍ନ ରିପୋର୍ଟ ଅନୁଯାୟୀ, ଫିଲ୍ମକୁ ବାସ୍ତବବାଦୀ କରିବା ପାଇଁ ନିର୍ମାତାଙ୍କ ପକ୍ଷରୁ ସମସ୍ତ ପ୍ରକାର ପ୍ରୟାସ କରାଯାଉଛି। ଫିଲ୍ମର ଏକ ବଡ଼ ଭାଗର ଶୁଟିଂ ଲଦାଖର ୧୪ ହଜାର ଫୁଟ ଉଚ୍ଚ ଏକ ସ୍ଥାନରେ ବିଯୁକ୍ତ ୧୦ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାରେ ଜାରି ରହିଛି। ଉକ୍ତ ସ୍ଥାନରେ ତାପମାତ୍ରା ଶୂନ ଡିଗ୍ରୀ ତଳେ ରହିବା ଏକ ସାଧାରଣ କଥା ହୋଇଥିବା ବେଳେ ସେଠାରେ ଅମ୍ଳଜାନର ଅଭାବ ରହିଥାଏ। ଅଧିକ ଉଚ୍ଚତାରେ ନିଜକୁ ଖାପ ଖୁଆଇବା ପାଇଁ ଫର୍‌ହାନ ପୂର୍ବରୁ ସ୍ୱତନ୍ତ୍ର ଟ୍ରେନିଂ ନେଇଥିଲେ। ରଜନୀଶ ଘାଇ ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି। ପ୍ରକାଶ ଯେ, ୧୯୬୨ ନଭେମ୍ବରରେ ଭାରତ-ଚାଇନା ଯୁଦ୍ଧର 'ବ୍ୟାଟଲ ଅଫ୍ ରେଜାଙ୍ଗ ଲା'ରେ ମେଜର ସୈତାନ ସିଂ ଭାଟିଙ୍କ ନେତୃତ୍ୱରେ ଭାରତୀୟ ସେନା ଅଧୀନ କୁମାଓନ୍ ରେଜିମେଣ୍ଟର ୧୨୦ ସୈନିକ ଚାଇନାର ପିପୁଲ ଲିବରେଶନ ଆର୍ମିର ୩ ହଜାରରୁ ଅଧିକ ସୈନିକଙ୍କ ସହ ଦୃଢ଼ ମୁକାବିଲା କରିଥିଲେ।

## ୟୁକ୍ରେନ୍‌ରେ ରୁଷିଆର ବୋମାମାଡ଼: ୨୨ ମୃତ

**କିଭ୍,୨୯।୭**

ରୁଷିଆ ଯୁଦ୍ଧ ବନ୍ଦ ନ କଲେ କଟକଣା ଲଗାଇବା ସହ ଟାରିଫ୍ ବଢ଼ାଇବେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଧମକଦେବା ସତ୍ତ୍ୱେ ମସ୍କୋ ୟୁକ୍ରେନ୍ ଉପରେ ଆକ୍ରମଣ ଜାରି ରଖିଛି। ସୋମବାର ରାତିରେ ୟୁକ୍ରେନ୍‌ର ଏକ ଜେଲ ଓ ମେଡିକାଲ ଉପରେ ରୁଷିଆ ଗ୍ଲାଇଡ୍ ବମ୍ ଓ ବାଲିଷ୍ଟିକ୍ ମିଶାଇଲ ମାଡ଼ କରିବାରୁ ୨୨ ଜଣଙ୍କ ମୃତ୍ୟୁ ଘଟିଛି। ୟୁକ୍ରେନ୍‌ର ଜାପୋରିଝିଆ ଅଞ୍ଚଳରେ ଥିବା ଜେଲ ଉପରେ ୪ଟି ଶକ୍ତିଶାଳୀ ଗ୍ଲାଇଡ୍ ବୋମାମାଡ଼ ହୋଇଥିବା ଏହାର



କର୍ତ୍ତୃପକ୍ଷ କହିଛନ୍ତି। ଏଥିରେ ଜେଲ୍‌ର ୧୬ ଅନ୍ତେବାସୀଙ୍କ ମୃତ୍ୟୁ ଘଟିବା ସହ ୯୦ ଜଣ ଆହତ ହୋଇଛନ୍ତି। ସେହିପରି କେନ୍ଦ୍ରୀୟ ୟୁକ୍ରେନ୍‌ର ଦ୍ନିପ୍ରୋ ଅଞ୍ଚଳରେ ରୁଷିଆ ମିଶାଇଲ୍ ମାଡ଼ କରିବାରୁ ଏକ ତିନିମହଲା ବିଲ୍ଡିଂ ଆଂଶିକ ଧ୍ୱଂସହେବା ସହ ଏହା ନିକଟରେ ଥିବା ମେଡିକାଲ୍ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ଜଣେ ଗର୍ଭବତୀ ମହିଳାଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ଉକ୍ତ ଅଞ୍ଚଳରେ ଅନ୍ୟ ୨ ଜଣ ପ୍ରାଣ ହରାଇଥିବା ଜଣାପଡ଼ିଛି। ରବିବାର ରାତିରେ ରୁଷିଆ ୟୁକ୍ରେନ୍‌ର ୭୩ଟି ସହର ଓ ଗ୍ରାମ ଉପରେ ଆକ୍ରମଣ କରିଥିବା ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଏଗୁଡ଼ିକ ଭୁଲ୍‌ବଶତଃ ହୋଇନାହିଁ, ଜାଣିଶୁଣି ଓ ସଚେତନରେ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଯୁଦ୍ଧ ବନ୍ଦ ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ସିଧାସଳଖ ଆଲୋଚନା ପାଇଁ ଜେଲେନ୍‌ସ୍କି ଆହ୍ୱାନ ଦେଇଛନ୍ତି।




# ଆକାଂକ୍ଷୀ ଜିଲାର ଆକାଂକ୍ଷା ପୂରଣ ହେବ

ଭୁବନେଶ୍ୱର,୨୯।୭ (ରବିନାରାୟଣ ଜେନା)

ସ୍ଥାନୀୟ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଆକାଂକ୍ଷୀ ଜିଲା ଏବଂ ବ୍ଲକ କାର୍ଯ୍ୟକ୍ରମ ଏକ ସଫଳ ମଡେଲ। ଏହାଦ୍ୱାରା ଆଗାମୀ ଦିନରେ ଆକାଂକ୍ଷୀ ଜିଲାଗୁଡ଼ିକର ଆକାଂକ୍ଷା ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମଙ୍ଗଳବାର ରାଜ୍ୟ କନ୍‌ଭେନ୍‌ଶନ କେନ୍ଦ୍ରଠାରେ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହରେ ମୁଖ୍ୟମନ୍ତ୍ରୀ ଆଜିଠାରୁ ଏକ ସପ୍ତାହବ୍ୟାପୀ ଆକାଂକ୍ଷା ହାଟ ଅଭିଯାନ ଆରମ୍ଭ ହେଲା ବୋଲି ଘୋଷଣା କରିଥିଲେ। ସେ କହିଥିଲେ, ଆକାଂକ୍ଷୀ ଜିଲା ଏବଂ ବ୍ଲକ କାର୍ଯ୍ୟକ୍ରମରେ ତୃଣମୂଳସ୍ତରରେ ଯୋଜନା କିପରି କାର୍ଯ୍ୟକାରୀ କରାଯାଇପାରିବ ତା'ଉପରେ ଗୁରୁତ୍ୱ ଦିଆଯାଉଛି। ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା, କୃଷି, ଜଳସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଦକ୍ଷତା ବିକାଶକୁ ଆଧାରକରି ସାମାଜିକ, ଅର୍ଥନୈତିକ ସୂଚକାଙ୍କ ମାଧ୍ୟମରେ ସମାବେଶୀ ବିକାଶର ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରାଯାଉଛି। ଜିଲା ପରେ ଏବେ ବ୍ଲକ୍‌କୁ ଏହି ଯୋଜନାର ସମ୍ପ୍ରସାରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୩ଟି 'ସି' ଯଥା କନଭରଜେନ୍ସ, କୋଲାବରେଶନ ଓ କମ୍ପିଟିଶନକୁ ଗୁରୁତ୍ୱ ଦିଆଯାଉଛି। ଯାହାଦ୍ୱାରା କି କେନ୍ଦ୍ର ଓ ରାଜ୍ୟ ଯୋଜନା ଗୁଡ଼ିକରେ ସମନ୍ୱୟ, ସହଯୋଗ ରହିବା ସହିତ ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କରେ ଜିଲାମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା କରାଯାଇ ବିକାଶକୁ ତ୍ୱରାନ୍ୱିତ କରାଯାଇପାରିବ। ଆକାଂକ୍ଷା ହାଟ ମାଧ୍ୟମରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, କାରିଗର, ବୁଣାକାର ଭାଇ ଓ ଭଉଣୀମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ହେବା ସହ ଉପଭୋକ୍ତାମାନଙ୍କୁ ସ୍ଥାନୀୟ ଉତ୍ପାଦଗୁଡ଼ିକ ସୁଲଭ ଏବଂ ଠିକ୍ ଦରରେ ମିଳିପାରିବ। ଆକାଂକ୍ଷା ହାଟ ଅନ୍ତର୍ଗତ ସ୍ଥାନୀୟ ଉତ୍ପାଦଗୁଡ଼ିକୁ ରାଜ୍ୟ ତଥା ରାଜ୍ୟ ବାହାରେ ମାର୍କେଟିଙ୍ଗ୍ ନିମନ୍ତେ ଡିଜିଟାଲ ଇ-ମାର୍କେଟିଂ କରାଯିବ। ଏହାଦ୍ୱାରା ଏହି ଉତ୍ପାଦଗୁଡିକର ବଜାର ସଂଯୋଗ ଏବଂ ଉପଭୋକ୍ତା ସଂଖ୍ୟା ଆହୁରି ବ୍ୟାପକ ହୋଇପାରିବ।

ମୁଖ୍ୟମନ୍ତ୍ରୀ କହିଥିଲେ, ଆମ ରାଜ୍ୟ ନିମନ୍ତେ ଗୌରବର ବିଷୟ, ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ସମସ୍ତ ଆକାଂକ୍ଷୀ ଜିଲାଗୁଡ଼ିକ କ୍ରମାଗତ ଭାବେ ବିଭିନ୍ନ କ୍ଷେତ୍ରରେ ଶୀର୍ଷ ସ୍ଥାନ ଅଧିକାର କରୁଛନ୍ତି। ରାଜ୍ୟର ୧୦ ଜିଲା ସାମୂହିକ ଭାବେ ୧୬୫ କୋଟି ଟଙ୍କା ପୁରସ୍କାର ପାଇବାରେ ସଫଳ ହୋଇଛନ୍ତି। ଏହି ଅବସରରେ ନୀତି ଆୟୋଗଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ମାଲକାନଗିରି ଓ ନବରଙ୍ଗପୁରକୁ ସ୍ୱର୍ଣ୍ଣ ପଦକ, କନ୍ଧମାଳ ଓ କୋରାପୁଟକୁ ରୌପ୍ୟ ଏବଂ ଢେଙ୍କାନାଳ, ଗଜପତି, କଳାହାଣ୍ଡି ଓ ନୂଆପଡ଼ାକୁ କାଂସ୍ୟ ପଦକ ପ୍ରଦାନ କରିଥିଲେ। ସେହିପରି ଆସ୍‌ପିରେଶନାଲ୍ ବ୍ଲକ୍ କାର୍ଯ୍ୟକ୍ରମରେ ଖୈରପୁଟ, ମାଥିଲି, ଚିତ୍ରକୋଣ୍ଡା ଓ ଡାବୁଗାଁ ବ୍ଲକ୍ ସ୍ୱର୍ଣ୍ଣପଦକ ହାସଲ କରିଥିବାବେଳେ ୭ଟି ବ୍ଲକ ରୌପ୍ୟ, ୩ଟି ବ୍ଲକ କାଂସ୍ୟ ପଦକ ଏବଂ ୧୧ଟି ବ୍ଲକ ତାମ୍ରପଦକ ପାଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।



ଆକାଂକ୍ଷା ହାଟ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

- ସରକାର ଆପଣାଇବେ ୩ 'ସି'
- ଆଜିଠାରୁ ସପ୍ତାହବ୍ୟାପୀ 'ଆକାଂକ୍ଷା ହାଟ ଅଭିଯାନ'

# ସୌରଭ ଗର୍ଗଙ୍କ କାର୍ଯ୍ୟକାଳ ୧ ବର୍ଷ ବୃଦ୍ଧି

ଭୁବନେଶ୍ୱର,୨୯।୭ (ରବିନାରାୟଣ ଜେନା)

ଭାରତ ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଓଡ଼ିଶା କ୍ୟାଡର ଅବସରପ୍ରାପ୍ତ ଆଇଏଏସ୍ ତଥା ପରିସଂଖ୍ୟାନ ମନ୍ତ୍ରଣାଳୟ ସଚିବ ସୌରଭ ଗର୍ଗଙ୍କ କାର୍ଯ୍ୟକାଳ ୧ ବର୍ଷ ଲାଗି ବୃଦ୍ଧି କରାଯାଇଛି। ଏନେଇ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ କ୍ୟାବିନେଟ୍ ନିଯୁକ୍ତି କମିଟି ସଚିବ ମନୀଷ ସକ୍ସେନା ଜାରି କରିଥିବା ବିଜ୍ଞପ୍ତି ଅନୁଯାୟୀ, ସୌରଭଙ୍କ କାର୍ଯ୍ୟକାଳ ୨୦୨୫ ଜୁଲାଇ ୩୧ରୁ ୧ ବର୍ଷ ଅର୍ଥାତ୍ ୨୦୨୬ ଜୁଲାଇ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

# ମାଓବାଦୀଙ୍କ ସହ ଗୁଳି ବିନିମୟ: ୨ ଯବାନ ଗୁରୁତର

ମାଲକାନଗିରି, ୨୯।୭ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ଅନ୍ତର୍ଗତ ସୁକ୍‌ମା ଓ ଦାନ୍ତେୱାଡା ଜଙ୍ଗଲରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ମଙ୍ଗଳବାର ସକାଳେ ଗୁଳି ବିନିମୟ ଘଟିଛି । ଏହି ସମୟରେ ଆଇଇଡି ବିସ୍ଫୋରଣରେ ୨ ଜଣ ଯବାନ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ସୁକ୍‌ମା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁଳି ବିନିମୟରେ କେତେଜଣ ମାଓବାଦୀ ନିହତ ହୋଇଥିବା ପୋଲିସ ସନ୍ଦେହ କରିଛି।

# ଏମ୍‌କେସିଜିରେ ବିଏମ୍‌ଏଲ୍‌ଟି, ବିଏମ୍‌ଆର୍‌ଟି ପାଠ୍ୟକ୍ରମ

ବ୍ରହ୍ମପୁର,୨୯।୭ (ସୁବାସ ଚନ୍ଦ୍ର ପାଢ଼ୀ)

ରାଜ୍ୟର ପ୍ରଥମ ସରକାରୀ ମେଡିକାଲ କଲେଜ ଭାବେ ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍ପିଟାଲରେ ବିଏମ୍‌ଏଲ୍‌ଟି (ବିଏସ୍‌ସି ଇନ ମେଡିକାଲ ଲାବରେଟୋରି ଟେକ୍ନୋଲୋଜି) ଏବଂ ବିଏମ୍‌ଆର୍‌ଟି (ବିଏସ୍‌ସି ଇନ୍ ମେଡିକାଲ ରେଡିଏସନ୍ ଟେକ୍ନୋଲୋଜି) ପାଠ୍ୟକ୍ରମ ଖୋଲିଛି। ଚଳିତବର୍ଷ ଏହି ୨ ନୂତନ ପାଠ୍ୟକ୍ରମରେ ନାମଲେଖା ପାଇଁ ଡିଏମ୍‌ଇଟି (ମେଡିକାଲ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ)ଙ୍କ ପକ୍ଷରୁ ଏମ୍‌କେସିଜି ମେଡିକାଲ କଲେଜକୁ ଅନୁମତି ପ୍ରଦାନ କରାଯାଇଛି। ଏହି ୨ ପାଠ୍ୟକ୍ରମ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ମଞ୍ଜୁରୀ ମିଳିଛି।

# 'ଡାଏଲ-୧୧୨'ରେ ନିଯୁକ୍ତ ହେବେ ୪୧୯୫ କର୍ମଚାରୀ

**ଗୃହ ବିଭାଗର ସଂକଳ୍ପପତ୍ର**

ଭୁବନେଶ୍ୱର,୨୯।୭(ରବିନାରାୟଣ ଜେନା)

ରାଜ୍ୟରେ ଜରୁରିକାଳୀନ ସେବାକୁ ସୁନିଶ୍ଚିତ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାଥମିକତା ଦେଉଛନ୍ତି। ଏହି କ୍ରମରେ ଜରୁରୀ ପ୍ରଶମନ ସହାୟତା ବ୍ୟବସ୍ଥା(ଡାଏଲ-୧୧୨) ଯୋଜନାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୫ ବର୍ଷ ପାଇଁ ସଂପ୍ରସାରଣ କରାଯାଇଛି। ଏଥିଲାଗି ସରକାରଙ୍କ ୨୨୬୦.୮୯ କୋଟି ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଥିବାବେଳେ ଗୃହ ବିଭାଗ ପକ୍ଷରୁ ଏହାର କାର୍ଯ୍ୟକାରିତା ନେଇ ମଙ୍ଗଳବାର ସଂକଳ୍ପ ଜାରି ହୋଇଛି।

ସଂକଳ୍ପରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଦର୍ଶାଇଛନ୍ତି ଯେ, ଏହି ଯୋଜନାକୁ ଆସନ୍ତା ୨୦୨୯-୩୦ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ସମଗ୍ର ରାଜ୍ୟରେ ଯୋଜନାର କାର୍ଯ୍ୟକାରିତା ଲାଗି କେତେକ ଅନାବଶ୍ୟକ ପଦ ଉଚ୍ଛେଦ କରାଯିବା ସହ ୪୧୯୫ କର୍ମଚାରୀଙ୍କୁ ବିଭିନ୍ନ ପଦରେ ନିଯୁକ୍ତ କରାଯିବ। ସମ୍ବଲପୁରରେ ବିକଳ୍ପ ଜରୁରିକାଳୀନ ସେବା ସଞ୍ଚାଳନ କେନ୍ଦ୍ର ପ୍ରତିଷ୍ଠା କରାଯିବ। ୬୪୫ ଜରୁରିକାଳୀନ ପ୍ରତିକ୍ରିୟା ଯାନ ନିୟୋଜନ କରାଯିବ, ଏହାକୁ ଜଣେ ଲେଖାଏ ଏଏସ୍‌ଆଇ ତଦାରଖ କରିବେ। ମହିଳା ସୁରକ୍ଷା ପଦକ୍ଷେପ ଅଧୀନରେ ଯାନବାହନ ଭଡ଼ା ପାଇଁ ଅନ୍ୟ ଯେକୌଣସି ସମାନ ଯୋଜନାକୁ ଇଆର୍‌ଏସ୍‌ଏସ୍ ସହ ମିଶ୍ରଣ କରାଯିବ, ଯାହାଦ୍ୱାରା ଦୋହରୀକରଣକୁ ଏଡ଼ାଯାଇପାରିବ। ଗୃହ ବିଭାଗ ଜରୁରିକାଳୀନ ପ୍ରତିକ୍ରିୟା ସମୟ ହ୍ରାସ କରିବା ଲାଗି ପ୍ରୟାସ ଜାରି ରଖିବ। ତେବେ ବର୍ଷକୁ ୨୨୬୦.୮୯ କୋଟି ଟଙ୍କା ଖର୍ଚ୍ଚ ହେବାକୁଥିବା ଏହି ଯୋଜନାରେ ୧୫୭୩.୯୯ କୋଟି ଟଙ୍କା ପ୍ରଶାସନିକ ବ୍ୟୟ ରହିଥିବାବେଳେ ୬୮୬.୯୦ କୋଟି କାର୍ଯ୍ୟକ୍ରମ ବାବଦକୁ ଖର୍ଚ୍ଚ କରାଯିବ ବୋଲି ସଂକଳ୍ପରେ ଦର୍ଶାଯାଇଛି।

ଅତିରିକ୍ତ ମୁଖ୍ୟ ସଚିବ ସଂକଳ୍ପରେ ଦର୍ଶାଇଛନ୍ତି, କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଅବଲମ୍ବନ ଲାଗି ତୃତୀୟପକ୍ଷ ସମୀକ୍ଷା କରାଯିବ ଏବଂ ପ୍ରଭାବ ମୂଲ୍ୟାୟନ କରାଯିବ। ଖୁବ୍‌ଶୀଘ୍ର ବିଭାଗ ପକ୍ଷରୁ ଏହାର କାର୍ଯ୍ୟାନ୍ୱୟନ ଲାଗି ଏସ୍‌ଓପି ଜାରି ହେବ। ପ୍ରତିମାସରେ ଏହାର କାର୍ଯ୍ୟକାରିତାର ସମୀକ୍ଷା ହେବ। ଏହି ଯୋଜନାରେ କେବଳ ମାନବ ସମ୍ବଳ(ପୋଲିସ) ବାବଦକୁ ୧୫୬୨.୬୫ କୋଟି ଟଙ୍କା ଖର୍ଚ୍ଚ ହେବାକୁ ରହିଥିବାବେଳେ ମାନବ ସମ୍ବଳ(ଅଗ୍ନିଶମ) ପାଇଁ ୧୧.୩୪ କୋଟି, ଯାନବାହନ ଭଡ଼ା ପାଇଁ ୫୬୧.୧୧ କୋଟି, କାର୍ଯ୍ୟାଳୟ ଖର୍ଚ୍ଚ ପାଇଁ ୬୨.୭୮ କୋଟି, ପୋଲିସ ଉପକରଣ ବାବଦକୁ ୨୭.୩୬ କୋଟି, ଅଗ୍ନିଶମ ଉପକରଣ ଲାଗି ୬.୧୦ କୋଟି ଏବଂ ସଂଯୋଗୀକରଣ ନିମନ୍ତେ ଅବଶିଷ୍ଟ ଅର୍ଥ ଖର୍ଚ୍ଚ କରାଯିବାକୁ ରହିଛି।

# ରଥଯାତ୍ରା ଦଳାଚକଟା: ଆଜି ସରୁଛି କଷ୍ଟ

ଭୁବନେଶ୍ୱର,୨୯।୭ (ରବିନାରାୟଣ ଜେନା)

ଚଳିତବର୍ଷ ରଥଯାତ୍ରା ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଭକ୍ତଙ୍କ ଦର୍ଶନ ବେଳେ ଦଳାଚକଟା ଘଟଣା ଯୋଗୁ ୩ ଜଣଙ୍କ ପ୍ରାଣହାନି ହେବା ସହ ୫୦ରୁ ଅଧିକ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଚଳିତମାସ ୩୦ ସୁଦ୍ଧା ଏହାର ତଦନ୍ତ ରିପୋର୍ଟ ସାର୍ବଜନୀନ ହେବ ବୋଲି କୁହାଯାଇଥିଲା। ଏଣୁ ଏହାର ତଦନ୍ତଭାର ଉନ୍ନୟନ ଆୟୁକ୍ତ ଅନୁ ଗର୍ଗଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଅପରାହ୍ନରେ ଲୋକସେବା ଭବନରେ ଉନ୍ନୟନ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଏକ ଚୂଡ଼ାନ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ସମ୍ପର୍କରେ ଅନୁ ମୁହଁ ଖୋଲି ନ ଥିଲେ ହେଁ ସୂତ୍ର ଅନୁଯାୟୀ, ତଦନ୍ତ କମିଟି ପକ୍ଷରୁ ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ ହୋଇସାରିଛି। ସରକାରଙ୍କୁ ଏ ସମ୍ପର୍କରେ ଅବଗତ କରାଯିବାକୁ ରହିଛି। ସରକାରଙ୍କ ପକ୍ଷରୁ ଏହା ବିଧିବଦ୍ଧ ଭାବେ ବୁଧବାର କୁହାଯିବ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ, ରଥଯାତ୍ରା ଦଳାଚକଟା ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷର ବାତାବରଣ ଦେଖାଦେବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ଜଗନ୍ନାଥପ୍ରେମୀଙ୍କୁ କ୍ଷମାପ୍ରାର୍ଥନା କରିଥିଲେ। ଏହାସହ ରଥଯାତ୍ରା ବିଶୃଙ୍ଖଳା ପାଇଁ ପୁରୀ ଜିଲାପାଳ ଓ ଏସ୍‌ପିଙ୍କୁ ବଦଳି କରାଯିବା ସହିତ ଡିସିପି ବିଷ୍ଣୁ ପତି ଓ କମାଣ୍ଡାଣ୍ଟ ଅଜୟ ପାଢ଼ୀଙ୍କୁ ଦାୟିତ୍ୱରେ ଅବହେଳା ଯୋଗୁ ନିଲମ୍ବନ କରାଯାଇଥିଲା। ଏହାବାଦ୍ ଆଉ କେତେଜଣ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଚଳିତମାସ ପହିଲାରେ ପୁରୀରେ ରଥଯାତ୍ରା ଶୃଙ୍ଖଳା ନେଇ ଏକ ସୁରକ୍ଷା ବୈଠକ କରି ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

# ୨୯ରୁ ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତି ସଂସଦୀୟ କମିଟିର ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, ୨୯।୭(ସୁନିତ୍ ମିଶ୍ର)

ଆସନ୍ତା ଅଗଷ୍ଟ ୨୯ ଓ ୩୦ ରେ ଭୁବନେଶ୍ୱରଠାରେ ପାର୍ଲାମେଣ୍ଟ/ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ। ଏହା ପୂର୍ବରୁ ମଙ୍ଗଳବାର ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପବାଚସ୍ପତି ଭାବନୀ ଶଙ୍କର ଭୋଇ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ସଚେତକ ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସମ୍ମିଳନୀର ପ୍ରସ୍ତୁତି ସମ୍ପର୍କରେ ମତ ରଖିଥିଲେ। ଏହି ସମ୍ମିଳନୀରେ ଲୋକ ସଭାର ବାଚସ୍ପତି ଓମ୍ ବିର୍ଲା, ରାଜ୍ୟ ସଭାର ଉପାଧ୍ୟକ୍ଷ ହରିବଂଶ, ସାଂସଦ ଓ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କମିଟି ଅଧ୍ୟକ୍ଷ ଓ ପ୍ରତିନିଧିମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ବାଚସ୍ପତି ଜାତୀୟ ସମ୍ମିଳନୀର ଆୟୋଜନ ପାଇଁ ସୁଯୋଗ ଦେଇଥିବାରୁ ଲୋକ ସଭା ବାଚସ୍ପତିଙ୍କୁ ଆନ୍ତରିକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱର ପ୍ରତିନିଧି ଯୋଗଦେବେ। 'ଅତିଥି ଦେବୋ ଭବଃ' ନୀତିକୁ ସବୁବେଳେ ପ୍ରାଥମିକତା ଦେଇଥାଏ। ଏଥିରେ ଯୋଗଦେବାକୁ ଥିବା ଅତିଥିମାନଙ୍କ ଚର୍ଚ୍ଚାରେ ଯେପରି କୌଣସି ତ୍ରୁଟି ନ ରୁହେ ତାହା ଉପରେ ବାଚସ୍ପତି ଗୁରୁତ୍ୱାରୋପ କରିଥିଲେ। ୨ଦିନିଆ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗଦେବାକୁ ଥିବାବେଳେ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ଯୋଗଦେବେ। ସମ୍ମିଳନୀ ପରେ ଅତିଥିମାନେ ପୁରୀ ଓ କୋଣାର୍କ ପରିଦର୍ଶନ କରିବେ। ପ୍ରସ୍ତୁତି ବୈଠକରେ କମିଶନରେଟ ପୋଲିସ, ସଂସଦୀୟ ବ୍ୟାପାର ବିଭାଗ, ଗୃହ ବିଭାଗ, ଅର୍ଥ ବିଭାଗ, ପର୍ଯ୍ୟଟନ ବିଭାଗ, ପୂର୍ତ୍ତ ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇଥିବା ବେଳେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସଂସଦ ପରିସରରେ ବିଜେଡି ସଦସ୍ୟଙ୍କ ଧାରଣା



ଭୁବନେଶ୍ୱର,୨୯।୭(ସୁନିତ୍ ମିଶ୍ର)

ଓଡ଼ିଶାରେ ନାରୀ ଓ ଶିଶୁ ନିର୍ଯାତନା ଦିନକୁ ଦିନ ବଢ଼ିଚାଲିଛି। ମହିଳା ଘରୁ ବାହାରିଲେ କର୍ମକ୍ଷେତ୍ରକୁ ସୁରକ୍ଷିତଭାବେ ଯାଇ ଘରକୁ ଫେରିବେ ବୋଲି ଭାଜପା ସରକାରରେ ଗ୍ୟାରେଣ୍ଟି ନାହିଁ। ନିକଟରେ ଘଟିଯାଇଥିବା ଘଟଣାଗୁଡ଼ିକୁ ଗମ୍ଭୀରତାର ସହ ନେଇ ବିଜେଡି ରାଜ୍ୟ ସଭା ସଦସ୍ୟମାନେ ମଙ୍ଗଳବାର ସଂସଦ ଭବନ ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ପ୍ଲା-କାର୍ଡ ଧରି ଓଡ଼ିଶାରେ ନାରୀ ଓ ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରତିବାଦ କରିଥିଲେ। ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁର ନ୍ୟାୟିକ ତଦନ୍ତ ଦାବିକରିବା ସହ ବଳଙ୍ଗା ଘଟଣାରେ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରିଥିଲେ। ରାଜ୍ୟରେ ନାରୀମାନଙ୍କୁ ସୁରକ୍ଷା ଓ ସ୍ୱାଭିମାନର ସହ ବଞ୍ଚିବା ପାଇଁ ଡବଲ ଇଞ୍ଜିନ ସରକାର ଯଥେଷ୍ଟ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ପ୍ରତିବାଦ କରୁଥିବା ବିଜେଡି ରାଜ୍ୟ ସଭା ସଦସ୍ୟମାନେ ମତ ଦେଇଥିଲେ। ଏହି ଧାରଣାରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ମାନସ ମଙ୍ଗରାଜ, ମୁଜିବୁଲ୍ଲା ଖାଁ (ମୁନା ଖାଁ), ସୁଲତା ଦେଓ, ନିରଞ୍ଜନ ବିଶି ଓ ସୁବାଶିଷ ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ।

# ୭ ବର୍ଷ ପରେ ପୂରଣ ହେଲା ସିଇଓ ପଦବୀ

**କେନ୍ଦୁଝରର ଡିଏମ୍‌ଏଫ୍ ଟ୍ରଷ୍ଟ ବୋର୍ଡ ପୁନର୍ଗଠିତ**

କେନ୍ଦୁଝର/ ହାଟଡିହୀ, ୨୯।୭ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଶୁଭକାନ୍ତ ନାୟକ)

କେନ୍ଦୁଝର ଡିଏମ୍‌ଏଫ୍ ଟ୍ରଷ୍ଟ ବୋର୍ଡର ପୁର୍ନଗଠନ କରିଛନ୍ତି ରାଜ୍ୟ ସରକାର। ଏଥିରେ ମୋଟ ୩୧ ଜଣ ସଦସ୍ୟ ରହିଥିବା ନେଇ ରାଜ୍ୟ ଯୋଜନା ଏବଂ ସଂଯୋଜନା(ପ୍ଲାନିଂ ଆଣ୍ଡ କନଭରଜେନ୍ସ) ବିଭାଗ ତରଫରୁ ନୋଟିଫିକେଶନ ନଂ. ୧୦୬୧୧/୨୪ ଜୁଲାଇ ୨୦୨୫ରେ ଦର୍ଶାଯାଇଛି। ଜିଲାପାଳ ଅଧ୍ୟକ୍ଷ ହୋଇଥିବା ବେଳେ ଏମ୍‌ପି ଅନନ୍ତ ନାୟକ, ରାଜ୍ୟସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ସୁଜିତ କୁମାର, ବିଧାୟକ ମୋହନ ଚରଣ ମାଝୀ, ବଦ୍ରି ନାରାୟଣ ପାତ୍ର, ଅଖିଳ ଚନ୍ଦ୍ର ନାଏକ, ଫକୀର ମୋହନ ନାଏକ, ଅଭିମନ୍ୟୁ ସେଠୀ ସନାତନ ମହାକୁଡ଼ ପ୍ରମୁଖଙ୍କ ନାମ ସଦସ୍ୟ ତାଲିକାରେ ରହିଛି। ଅପରପକ୍ଷେ ଦୀର୍ଘ ୭ ବର୍ଷ ପରେ କେନ୍ଦୁଝର ଡିଏମ୍‌ଏଫ୍‌ର ସିଇଓ ପଦବୀ ସରକାରଙ୍କ ତରଫରୁ ପୂରଣ କରାଯାଇଛି। ୨୦୧୮ରୁ ସିଇଓ ପଦବୀ ଫାଙ୍କା ପଡ଼ିଥିଲା। ପୂର୍ବରୁ ସିଇଓ ଭାବେ କେନ୍ଦୁଝର ଜିଲା ପରିଷଦର ସିଡିଓ ଦାୟିତ୍ୱ ତୁଲାଉଥିଲେ। କିନ୍ତୁ ଗତ ସୋମବାର ଆଇଏଏସ ଅଧିକାରୀ ଡ. ରୀନା ପ୍ରଧାନ ସିଇଓ ଭାବେ ଯୋଗଦାନ କରିଛନ୍ତି।

ସୂଚନାଯୋଗ୍ୟ, ଓଡିଏମ୍‌ଏଫ୍ ରୁଲ୍ସ ୨୦୧୫ର ରୁଲ ୪(୪) ଅନୁସାରେ ଗୋଟିଏ ଆର୍ଥିକ ବର୍ଷରେ ୨ ଥର ଟ୍ରଷ୍ଟ ବୋର୍ଡ ବୈଠକ ହେବା କଥା। କିନ୍ତୁ ଗତ ୨୦୨୨ ନଭେମ୍ବର ୧୯ ପରେ ଆଉ ଟ୍ରଷ୍ଟ ବୋର୍ଡ ବୈଠକ ଅନୁଷ୍ଠିତ ହୋଇ ନ ଥିଲା। ଟ୍ରଷ୍ଟ ବୋର୍ଡ ପୁନର୍ଗଠନ ମଧ୍ୟ କରାଯାଇ ନ ଥିଲା। ଏପରିକି ଡିଏମ୍‌ଏଫ୍‌ରେ ଆର୍ଥିକ ହେରଫେର, ଅନିୟମିତତା, ଅପବ୍ୟବହାର ନେଇ ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ମାମଲା ମଧ୍ୟ ଦାୟର ହୋଇଥିଲା। ପରେ ରାଜ୍ୟ ପ୍ଲାନିଂ ଆଣ୍ଡ କନଭରଜେନ୍ସ, ଷ୍ଟିଲ ଆଣ୍ଡ ମାଇନ୍ସ ବିଭାଗ ଟ୍ରଷ୍ଟ ବୋର୍ଡ ପୁନର୍ଗଠନ ପାଇଁ ଜିଲାପାଳଙ୍କୁ ଚିଠି ଜାରି କରିଥିଲେ। ମାମଲା ଅଦ୍ୟାବଧି ବିଚାରଧୀନ ରହିଛି।

# 'ପ୍ରଳୟ' କ୍ଷେପଣାସ୍ତ୍ରର ୨ ଥର ସଫଳ ପରୀକ୍ଷଣ

ବାଲେଶ୍ୱର,୨୯।୭ (ବାଞ୍ଛାନିଧି ଦେ)

ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ ହେଉଥିବା ସର୍ଟ ରେଞ୍ଜ୍ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ପ୍ରଳୟ'ର କ୍ରମାଗତ ଦୁଇ ଥର ପରୀକ୍ଷଣ ସଫଳ ହୋଇଛି। କ୍ଷେପଣାସ୍ତ୍ରର ସର୍ବୋଚ୍ଚ ଓ ସର୍ବନିମ୍ନ କ୍ଷମତା ପ୍ରମାଣିତ କରିବା ଲକ୍ଷ୍ୟରେ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଏହି ପରୀକ୍ଷଣ କରାଯାଇଛି। ଏହି ଅବସରରେ 'ପ୍ରଳୟ' କ୍ଷେପଣାସ୍ତ୍ର ପୂର୍ବ ନିର୍ଦ୍ଧାରିତ ଗତିପଥ ଅନୁସରଣ ପୂର୍ବକ ଲକ୍ଷ୍ୟସ୍ଥଳକୁ ଭେଦ କରିବା ସହିତ ପରୀକ୍ଷଣର ସମସ୍ତ ମାନଦଣ୍ଡ ପୂରଣ କରିଥିବା ପ୍ରତିରକ୍ଷା ବିଭାଗ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ଧାମରା ନିକଟ ଅବଦୁଲ କଲାମ ଦ୍ୱୀପସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରର ଲଞ୍ଚ୍ କମ୍ପ୍ଲେକ୍ସରୁ ଏକ ମୋବାଇଲ ଲଞ୍ଚର ମାଧ୍ୟମରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଏହି ନୂତନ କ୍ଷେପଣାସ୍ତ୍ର ପ୍ରଥମେ ସୋମବାର ସକାଳ ପ୍ରାୟ ୯ଟା ୩୫ ମିନିଟ୍‌ରେ ଉତ୍‌କ୍ଷେପଣ ହୋଇଥିଲା। ସେହିପରି ମଙ୍ଗଳବାର ସକାଳ ପ୍ରାୟ ୯ଟା ୩୦ମିନିଟ୍‌ରେ ଦ୍ୱିତୀୟ ଥର ପାଇଁ ଉତ୍‌କ୍ଷେପଣ କରାଯାଇଥିଲା। ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଆଇଟିଆର ପକ୍ଷରୁ ନିୟୋଜିତ ବିଭିନ୍ନ ଟ୍ରାକିଂ ସେନ୍ସର ଦ୍ୱାରା ପ୍ରାପ୍ତ ପରୀକ୍ଷଣ ତଥ୍ୟ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ଅବସ୍ଥିତ ଜାହାଜରେ ନିୟୋଜିତ ଉପକରଣର ତଥ୍ୟ ବିଶ୍ଳେଷଣରୁ ଏହା ପ୍ରମାଣିତ ହୋଇଥିବା କୁହାଯାଇଛି। ଏହି କ୍ଷେପଣାସ୍ତ୍ର କଠିନ ପ୍ରୋପେଲାଣ୍ଟ ରକେଟ୍ ମୋଟର ସହିତ ଚାଳିତ ଏବଂ ଏଥିରେ ଅନେକ ନୂତନ ଟେକ୍ନୋଲୋଜି ରହିଛି। ପ୍ରାୟ ୫ଶହରୁ ୧ହଜାର କି.ଗ୍ରା. ଯୁଦ୍ଧାସ୍ତ୍ର ଧାରଣ କରି ଏହା ୩୫୦-୫୦୦ କି.ମି. ପର୍ଯ୍ୟନ୍ତ ଟାର୍ଗେଟକୁ ଲକ୍ଷ୍ୟଭେଦ କରିପାରିବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ 'ପ୍ରଳୟ'ର ସଫଳ ପରୀକ୍ଷଣ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଡିଆରଡିଓ ଅଧ୍ୟକ୍ଷ ଡ. ସମୀର ଭି. କାମତ ବୈଜ୍ଞାନିକଙ୍କ ସମେତ ସଫଳ ପରୀକ୍ଷଣରେ ସଂଶ୍ଳିଷ୍ଟ ସମସ୍ତ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରଥମ ପର୍ଯ୍ୟାୟ ବ୍ୟବହାରିକ ପରୀକ୍ଷଣର ସଫଳତା ନିକଟ ଭବିଷ୍ୟତରେ 'ପ୍ରଳୟ' କ୍ଷେପଣାସ୍ତ୍ରକୁ ସେନାବାହିନୀରେ ସାମିଲ ପାଇଁ ପଥ ପ୍ରଶସ୍ତ କରିଛି ବୋଲି କହିଛନ୍ତି।






**ଜାତୀୟ ଯୁବ କଂଗ୍ରେସ ପଦାଧିକାରୀ ତାଲିକାରେ ସ୍ମୃତି ଓ ସମ୍ରାଟ**

ଭୁବନେଶ୍ୱର,୨୯।୭(ରବିନାରାୟଣ ଜେନା): ଅଖିଳ ଭାରତୀୟ ଯୁବ କଂଗ୍ରେସ କମିଟିରେ ଓଡ଼ିଶାରୁ ଦୁଇଜଣଙ୍କୁ ନିଯୁକ୍ତି ମିଳିଛି। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅନୁମୋଦନକ୍ରମେ ମଙ୍ଗଳବାର ପ୍ରକାଶ ପାଇଥିବା ୧୪ ଜଣିଆ ଜାତୀୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତାଲିକାରେ ସ୍ମୃତି ଲେଙ୍କା ରହିଥିବାବେଳେ ୭୨ଜଣିଆ ସମ୍ପାଦକ ତାଲିକାରେ ସମ୍ରାଟ ଜେନା ଅଛନ୍ତି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ପାଇଁ ଦକ୍ଷତା ବିକାଶ କର୍ମଶାଳା, ସ୍ଥାନ: ଲୋକସେବା ଭବନ ସମ୍ମେଳନ କକ୍ଷ(କନଭେନଶନ ସେଣ୍ଟର), ସମୟ: ପୂର୍ବାହ୍ନ ୧୦ଟା।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ପକ୍ଷରୁ ୨୦୮ ତମ ଆଲୋଚନାଚକ୍ର(ନାରୀ ନିର୍ଯାତନାର ଅନ୍ତ କେବେ), ସ୍ଥାନ: ଭାରତୀୟ ବିଦ୍ୟାଭବନ ସଭାଗୃହ, ସମୟ: ସନ୍ଧ୍ୟା ୬ଟା।

### କଟକ
- ତୁଳସୀ ସାହିତ୍ୟ ସଂସଦ ପକ୍ଷରୁ ସନ୍ଥ ତୁଳସୀ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଶ୍ରୀରାମ ଚରିତ ମାନସ ପାରାୟଣର ଦ୍ୱିତୀୟ ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ପାର୍ବତୀ–ଗୋବିନ୍ଦ ସାହିତ୍ୟ ସଂସଦ ଓ ବନାନୀ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ପଣ୍ଡିତ ନୀଳକଣ୍ଠ ରାଉତଙ୍କ ସ୍ମୃତି ସଭା, ସ୍ଥାନ: ମା' ଦୁର୍ଗା ମଣ୍ଡପ, ସେକ୍ଟର–୯, ସିଡିଏ, ସମୟ: ସନ୍ଧ୍ୟା ୬ଟା।
- ଶିକ୍ଷାବିତ୍ ପ୍ରଫେସର ଅନନ୍ତ ଚରଣ ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୬ଟା ୪୫।

### ବାଲେଶ୍ୱର
- ଜନ ଭାଗିଦାରୀ କର୍ମଶାଳା, ସ୍ଥାନ: ନୀଳକଣ୍ଠେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ, କୁରୁଡ଼ା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାର୍ଥୀଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଧାନ ଅନଲାଇନ ପଞ୍ଜୀକରଣରେ କଟକଣାକୁ ନେଇ ଚାଷୀଙ୍କ ଧାରଣା, ସ୍ଥାନ: ହରିପୁର ସେବା ସମିତି ସମ୍ମୁଖ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।

### ଭଦ୍ରକ
- ରାଜସ୍ୱ ବିଭାଗ ଅତିରିକ୍ତ ସଚିବଙ୍କ ଭଦ୍ରକ ଗସ୍ତ, ରାଜସ୍ୱ ସମୀକ୍ଷା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

### ମୟୂରଭଞ୍ଜ
- ସୀମାନ୍ତ ମହାବିଦ୍ୟାଳୟ ଯୁବ ରେଡକ୍ରସ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମହାବିଦ୍ୟାଳୟ ପରିସର, ଖାରପୋଖରିଆ, ସମୟ: ସକାଳ ୯ଟା ୩୦।
- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ନାରାୟଣ ସେବା ଟ୍ରଷ୍ଟ ଓ ସେଭ୍ ଆର୍ଥ ମିଶନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ,ସ୍ଥାନ:ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବଡ଼ଶୋଳ, ଶୁଳିଆପଦା, ସମୟ:ଅପରାହ୍ନ ୩ଟା।

### ବ୍ରହ୍ମପୁର
- ମାନବ ଚାଲାଣ ବିରୋଧ ଦିବସ, ସ୍ଥାନ: ସାମନ୍ତରାୟ ଏକାଡେମୀ, ସମୟ: ସକାଳ ୧୦ଟା।

### ଗଞ୍ଜାମ
- ଜନ ଶୁଣାଣି ଶିବିର, ସ୍ଥାନ: ଜଗନ୍ନାଥପ୍ରସାଦ ବ୍ଲକ ଲଣ୍ଡେଇହିଲ, ସମୟ: ସକାଳ ୧୦ ଟା।

### ଢେଙ୍କାନାଳ
- ଅମ୍ରିତକାଳ ସାଂସ୍କୃତିକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ:ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ : ସନ୍ଧ୍ୟା ୬ଟା।

### ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ପାଇକାରୀ ସମବାୟ ଭଣ୍ଡାରର ସାଧାରଣ ସଭା, ସ୍ଥାନ: ପୋର୍ଟ କ୍ଲବ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

### କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଖମାରପଡା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

### ନୟାଗଡ଼
- ମହିଳାଙ୍କ ପାଇଁ ରାଜ୍ୟ କମିଶନଙ୍କ କ୍ୟାମ୍ପ କୋର୍ଟ, ସ୍ଥାନ: ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ:ପୂର୍ବାହ୍ନ ୧୦ଟା।
- ସେବା ଉତ୍ସବ ଉଦ୍‌ଯାପିତ, ସ୍ଥାନ:ନୟାଗଡ଼ ଦୁର୍ଗା ମଣ୍ଡପ, ସମୟ: ଅପରାହ୍ନ ୩ଟା୩୦।

### ରାୟଗଡ଼ା
- ଆଶା କର୍ମୀ ସଂଘ ପକ୍ଷରୁ ସିଡିଏମ୍‌ଓଙ୍କୁ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ, ବାରିଖୋଲା, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ଜୈବିକ ପଦ୍ଧତିରେ ଚାଷ ପାଇଁ ତାଲିମ ଶିବିର, ସ୍ଥାନ: ସାରିକିମା, ଚନ୍ଦ୍ରପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ସିଆରପି ସିଏମ୍ ଆସୋସିଏଶନ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ,କୋଲନରା, ସମୟ: ପୂର୍ବାହ୍ନ ୧୧ଟା।

### କୋରାପୁଟ
- ସ୍ୱାଧିନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ପୌରସଭା ଗୃହ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ଆନିମିୟା ମୁକ୍ତ ଗ୍ରାମପଞ୍ଚାୟତ ପ୍ରଶିକ୍ଷର କାର୍ଯ୍ୟକ୍ରମ, ସ୍ଥାନ : ଜିଲା ପ୍ରଶିକ୍ଷଣ ଓ ସଂପଦ କେନ୍ଦ୍ର, ସମୟ : ପୂର୍ବାହ୍ନ ୧୦ଟା।
- ସ୍ୱାସ୍ଥ୍ୟ ସୁରକ୍ଷା ଆଲୋଚନା, ସ୍ଥାନ: ବୁର୍ଲା ସ୍ଥିତ ଶ୍ରୀକ୍ରିଷ୍ଣା ବିକାଶ ବିନାୟକ ହସ୍ପିଟାଲ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ଜବାନ ଏ ହିନ୍ଦ କ୍ଲବ ଆୟୋଜନରେ ଚଳଚ୍ଚିତ୍ର ଗାୟକ ମହମ୍ମଦ ରଫିଙ୍କୁ ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଦିନ୍ ସକାଶେ ସମ୍ବଲପୁରୀ ଏକତା ମଞ୍ଚର ଫେସନ ଶୋ ପ୍ରସ୍ତୁତି, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

### ବଲାଙ୍ଗୀର
- ଓଡିଶା ସୂଚନା ଅଧିକାର ଅଭିଯାନ ବଲାଙ୍ଗୀର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ୧୦ଟା ୩୦।
- ଅଭିଭାବକ ସମ୍ମିଳନୀ, ସ୍ଥାନ: ବୁର୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଲୋଇସିଂହା ବ୍ଲକ, ସମୟ: ଅପରାହ୍ନ ୨ଟା।

### ସୁନ୍ଦରଗଡ଼
- ଗ୍ରାମପଥ କବିତାର ସ୍ରଷ୍ଟା କବି ବିନୋଦ ଚନ୍ଦ୍ର ନାଏକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସମାରୋହ, ସ୍ଥାନ: ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର,ସମୟ: ଅପରାହ୍ନ ୫ଟା।

### କଳାହାଣ୍ଡି
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।

### ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ସୁବର୍ଣ୍ଣମେରୁ ଶୈବ ପୀଠରେ ଜଳଶାୟୀ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୭ଟା।
- ତରଭା ବ୍ଲକ ବାରିକପାଲି ମହାଦେବ ମନ୍ଦିରରେ ଜଳଶାୟୀ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୭ଟା ୩୦।
- ବୀରମହାରାଜପୁର ସାଂସ୍କୃତିକ ସଂସଦ ତରଫରୁ ନୂତନ ଜିଲାପାଳ ଓ ବୀରମହାରାଜପୁର ଉପଜିଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ବୀରମହାରାଜପୁର ମୈତ୍ରୀ ସଦନ, ସମୟ: ଅପରାହ୍ନ ୪ଟା।

### ନୂଆପଡ଼ା
- ମଦର ଟେରେସା ସେବା ସଂଗଠନ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ, ସମୟ: ସକାଳ ୮ଟା।
- ନାଗବାଚା ପାର୍ଟି ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଗାଁ, ସମୟ: ସକାଳ ୮ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଗ୍ରହସ୍ଥିତି ଅର୍ଥ, ବିଳାସବ୍ୟସନ, ସନ୍ତାନ ସୁଖ, ନୂତନମୈତ୍ରୀ ସୃଷ୍ଟିକରି ମୁହଁରେ ହସ ଫୁଟାଇବେ। ସାମାନ୍ୟ କଥାକୁ କେନ୍ଦ୍ରକରି ପାରିବାରିକ ସମସ୍ୟା ଦେଖାଦେବ। ଶନି ପ୍ରଭାବରୁ କାମ କରିବାକୁ ଇଚ୍ଛା ହେବନାହିଁ କିମ୍ବା ବିଭିନ୍ନ ଝମେଲା ମଧ୍ୟରେ ଅଶାନ୍ତ ରହିବେ। ପରିବହନ ଓ ବ୍ୟବସାୟରେ ସୁବିଧା ସୁଯୋଗ ପାଇପାରନ୍ତି।

**ବୃଷ**
ଚନ୍ଦ୍ରମଙ୍ଗଳ ଯୋଗରୁ ସ୍ନେହ, ଶ୍ରଦ୍ଧା, ସହାନୁଭୂତି ଓ ସୌହାର୍ଦ୍ଦ୍ୟ ମଧ୍ୟରେ ଆଜିର ପାରିବାରିକ କ୍ଷେତ୍ରଟି ସନ୍ତୋଷଜନକ ରହିବ। ଗୃହ, ଯାନବାହନ, ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ ସକାଶେ ମନ ବଳାଇବେ। ସଭାସମିତି, ସଂଗଠନ, ରାଜନୀତିରେ ଫଳପ୍ରଦ ଆଲୋଚନା କରିବେ। ଶିକ୍ଷା, ସନ୍ତାନ, ପରୀକ୍ଷା, ଆଲୋଚନାଦି ପାଇଁ ଦିନଟି ମନ୍ଦ ହେବନି।

**ମିଥୁନ**
ବନ୍ଧୁଙ୍କ ସାହାଯ୍ୟରେ ଚେଷ୍ଟା କରୁଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିବେ। ଅର୍ଥ ସମ୍ପର୍କୀୟ କଥାବାର୍ତ୍ତାରେ ଅଗ୍ରଗତି ଘଟିବ। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ କ୍ରୀଡ଼ା ପ୍ରଭୃତିରେ ମନୋରଞ୍ଜନ ପ୍ରୀତିପ୍ରଦ ହେବ। ରବିଙ୍କ ପ୍ରଭାବରୁ ସରକାରୀ ସ୍ତରରେ ଅଟକିଥିବା କାମ, ନିର୍ମାଣାଧୀନ କାମ ଓ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ପାଇପାରନ୍ତି।

**କର୍କଟ**
ଶନି ଦୃଷ୍ଟ ଚନ୍ଦ୍ର ଯୋଗୁ ଧନହାନି କିମ୍ବା ଅର୍ଥ ସମ୍ପର୍କକୁ କେନ୍ଦ୍ରକରି କଳହ ଲାଗିପାରେ। ପୂର୍ବରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲେ ମଧ୍ୟ ଶେଷ ସମୟରେ ଯାତ୍ରା ବାତିଲ୍ ହୋଇଯିବ। ନିକଟ ଅତୀତରେ ଘଟିଯାଇଥିବା ଘଟଣା ମାନସିକ ସ୍ତରରେ ଆଲୋଡ଼ନ ସୃଷ୍ଟିକରିପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ।

**ସିଂହ**
ରାଶିରେ କେତୁ ଯୋଗୁ ପରିସ୍ଥିତିର ଜଟିଳତା ମନକୁ ବିଷାଦିତ କରି ରଖିବ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା, ଯାତ୍ରାସକାଶେ କିମ୍ବା ବାଣିଜ୍ୟରେ ଅର୍ଥ ବିନିଯୋଗ ଦିଗରେ ଅର୍ଥସଙ୍କଟ ଦେଖାଦେବ। କୌଣସି ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ପଦସ୍ଥଙ୍କ ସହାୟତାରେ କର୍ମକ୍ଷେତ୍ରର ସମସ୍ୟା ସମାଧାନ ହୋଇଯିବ।

**କନ୍ୟା**
ପୂର୍ବ ନିଷ୍ପତ୍ତି ପ୍ରକାରେ ଯାହା ପାଇବା କଥା ତାହା ଅଟକି ରହିଯାଇପାରେ। ତୃତୀୟ ଅଷ୍ଟମାଧିପ ମଙ୍ଗଳ ଲାଭାଧିପତି ଯୁକ୍ତ ପରୋକ୍ଷ ଶତ୍ରୁତାର ପରିଣାମ ସ୍ୱରୂପ ମାନସିକ ସ୍ଥିତି ଭଲ ରହିବନାହିଁ। ଅଫିସରେ କୌଣସି ମନ୍ତବ୍ୟ ଦେଇ ବିବାଦୀୟ ହୋଇପାରନ୍ତି। ବ୍ୟବସାୟ, ପରିବହନ ତଥା ବିକ୍ରୟ ବାଣିଜ୍ୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ତୁଳା**
ଶୁକ୍ର ଷଷ୍ଠାଧିପତି ଯୁକ୍ତ ଯୋଗୁ ଆଜି ଯାହା କରନ୍ତୁନା କାହିଁକି କୌଣସି କାମ ସମ୍ପନ୍ନ କଷ୍ଟକର ହେବ। ପ୍ରତ୍ୟେକ ପ୍ରତିଦ୍ୱନ୍ଦ୍ୱିତାରେ ସଫଳ ହେବେ। ବନ୍ଧୁଙ୍କ ଜରିଆରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବାର ସୂଚନା ରହିଛି।

**ବିଛା**
ଆଜିର ଚନ୍ଦ୍ରଙ୍କ ସ୍ଥିତି ନୂତନ କର୍ମ, ଚିନ୍ତା, ଯୋଜନା ପାଇଁ ଅନୁକୂଳ ଖୋରାକି ଯୋଗାଇବ। ବନ୍ଧୁଙ୍କ ଉପରେ ଅଯଥା ରାଗ କିମ୍ବା ଅଭିମାନ କରି ଚୁପ୍ ରହିଲେ କ୍ଷତିରେ ପଡ଼ିବେ। ସବୁ ସମୟରେ ଅଯଥାଗୁଡ଼ିଏ କଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଅନ୍ୟମାନଙ୍କ କଥା ଓ କାମ ମନକୁ ନ ପାଇଲେ ମଧ୍ୟ କିଛି କରିପାରିବେ ନାହିଁ।

**ଧନୁ**
ରାହୁ ଦୃଷ୍ଟ ଗୁରୁଙ୍କ ଯୋଗୁ ସାଧାରଣ କଥାରେ ଉତ୍କ୍ଷିପ୍ତ ହୋଇ ସାଙ୍ଗ, ସାଥୀଙ୍କ ସହ ତର୍କ କରିବା ଠିକ୍ ହେବନାହିଁ। ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ଅସ୍ଥିରତା ଦୂର ହେବ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଭ୍ରାତୃ ସମ୍ପର୍କ କିମ୍ବା ଆର୍ଥିକ ଦିଗରୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।

**ମକର**
ଚନ୍ଦ୍ରଙ୍କ ଶନିଙ୍କ ଦୃଷ୍ଟିରୁ ଗମ୍ଭୀର ପରିବେଶକୁ ସରଳ, ସୁନ୍ଦର କରିବାରେ ଆପଣଙ୍କ କଥା କାମକୁ ଆସିବ। ଯାତ୍ରା ସମୟରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ ଅଦଳବଦଳ ହୋଇଯାଇପାରେ। ଆନୁଷ୍ଠାନିକ କାମରୁ ଖୁସି ରହିବେ ଏବଂ ପ୍ରଶଂସିତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**କୁମ୍ଭ**
ସକାଳୁ ବିବାଦୀୟ ଘଟଣା, ଅର୍ଥ ପ୍ରାପ୍ତିର ଦିଗ, ବିରୋଧ କରୁଥିବା ବନ୍ଧୁଙ୍କ ସମ୍ପର୍କରେ ଆଲୋଚନା କରିପାରନ୍ତି। କେତୁ ପ୍ରଭାବରୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ସମସ୍ୟାର ଆଶଙ୍କା ରହିଛି। ସମସ୍ୟା ବୃଦ୍ଧି କାରଣରୁ ପାରିବାରିକ ଭାବପ୍ରବଣତା ବିବ୍ରତ କରିବ। ବନ୍ଧୁଙ୍କ ମେଳରେ ଗାମ୍ଭୀର୍ଯ୍ୟ ରକ୍ଷା କରି ସମାଲୋଚିତ ହେବାକୁ ପଡ଼ିପାରେ।

**ମୀନ**
ଚନ୍ଦ୍ର କେନ୍ଦ୍ରସ୍ଥ ଶନି ଯୋଗୁ ଆଜି ମାପିଚୁପି କହିବା ଓ ପ୍ରସଙ୍ଗ ବହିର୍ଭୂତ କଥା ନ କହିବା ଭଲ ହେବ। ପରିବାରର ପରିସ୍ଥିତି ଏହିପରି ହେବ ଯେ–କହିଲେ ଅସୁବିଧା କିମ୍ବା ନ କହି ରହିପାରିବେ ନାହିଁ। ଦିନଟିରେ ଅର୍ଥ ଓ ସମ୍ମାନ ପାଇବାରେ ନିଜ ଲୋକଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ଆକସ୍ମିକ ଭାବରେ ବନ୍ଧୁଙ୍କ ସହ ଦୂରଯାତ୍ରାର ସୁଯୋଗ ପାଇବେ।

ଆଜି ଜୁଲାଇ ୩୦ ତାରିଖ, ଅନ୍ତର୍ଜାତୀୟ ବନ୍ଧୁତା ଦିବସ, ଶ୍ରାବଣ ଶୁକ୍ଳ ଷଷ୍ଠୀ ବୁଧବାର। ରାଶି/ନକ୍ଷତ୍ର–ହସ୍ତା/କନ୍ୟା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୫ମି. ଗତେ ଘ.୦୭.୦୮ମି. ମଧ୍ୟେ, ଘ.୧୦.୧୬ମି. ଗତେ ଘ.୧୧.୨୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୩ମି. ଗତେ ଘ.୦୧.୨୯ମି. ମଧ୍ୟେ ରାହୁ କାଳ।

## ବିଜେଡି, କଂଗ୍ରେସର ମହିଳା ବିରୋଧୀ ଆଭିମୁଖ୍ୟକୁ ଭାଜପାର ନିନ୍ଦା

ଭୁବନେଶ୍ୱର,୨୯।୭(ସୁନିତ୍ ମିଶ୍ର)

ମହିଳା ସୁରକ୍ଷାକୁ ଆଳକରି ଓଡ଼ିଶା ବନ୍ଦ, ଘେରାଓ, କ୍ୟାଣ୍ଡେଲ ଶୋଭାଯାତ୍ରା ଜରିଆରେ ବିଜେଡି ଓ କଂଗ୍ରେସ ଦଳ କୁମ୍ଭୀର କାନ୍ଦଣା କାନ୍ଦିବାର ଦୃଶ୍ୟ ଓଡ଼ିଶାବାସୀ ଦେଖୁଛନ୍ତି। ଅନ୍ୟପଟେ ମହିଳାଙ୍କୁ ବଳାତ୍କାର ଘଟଣାରେ ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଏବଂ ବିଏମ୍‌ସି କର୍ପୋରେଟର ତଥା ବିଜେଡି ନେତା ଅମରେଶ ଜେନାଙ୍କ କ୍ଷେତ୍ରରେ ଉଭୟ ଦଳର ମୁଖିଆଙ୍କ ତୁଣ୍ଡି ବନ୍ଦ। ବାସ୍ତବରେ ମହିଳା ସୁରକ୍ଷା ପ୍ରସଙ୍ଗରେ ଉଭୟ ଦଳର ଦୋମୁହାଁ ନୀତି ପଦାରେ ପଡ଼ିଛି। ଅତ୍ୟନ୍ତ ନିମ୍ନସ୍ତରକୁ ଯିବା ପାଇଁ ମଧ୍ୟ ଉଭୟ ଦଳ ପଛାଉ ନାହାନ୍ତି ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ଭୁବନେଶ୍ୱର ଭାଜପା ଜିଲା ତରଫରୁ ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିଜେଡି ମୁଖିଆ ନବୀନ ପଟ୍ଟନାୟକ ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହକରିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭୁବନେଶ୍ୱର ଜିଲା ସଭାପତି ନିରଞ୍ଜନ ମିଶ୍ର କହିଛନ୍ତି, ମହିଳା ନିର୍ଯାତନା ପ୍ରସଙ୍ଗରେ ବିଜେଡି ଓ କଂଗ୍ରେସ ଭିତରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଉଭୟ ଦଳର ଅସଲ ଚରିତ୍ର, ସ୍ୱଭାବ ଓ ମାନସିକତାକୁ ମନେପକାଇଦେବା ପାଇଁ ସମସ୍ତ ଜିଲାରେ ବ୍ୟାପକ ଓ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରତିବାଦ ସଭା ଅନୁଷ୍ଠିତ ହେବ।

## ଦୋଷୀଙ୍କୁ ଘଣ୍ଟ ଘୋଡ଼ାଇବାରେ ଭାଜପା ସିଦ୍ଧହସ୍ତ: କଂଗ୍ରେସ

ଭୁବନେଶ୍ୱର,୨୯।୭(ରବିନାରାୟଣ ଜେନା)

ରାଜ୍ୟରେ ମହିଳା ନିର୍ଯାତନା ପ୍ରସଙ୍ଗକୁ ନେଇ ସାରାବିଶ୍ୱ ଦୁଲୁକୁଛି, ହେଲେ ଭାଜପା କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ମଙ୍ଗଳବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ଭାଜପା ସରକାର ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଥିବାରୁ ରାଜ୍ୟରେ ନାରୀ ନିର୍ଯାତନା ବଢ଼ିଚାଲିଛି। ଗୋପାଳପୁର, ମାଲକାନଗିରି, ଜଗତ୍‌ସିଂହପୁର ବଳାତ୍କାର ରାଜ୍ୟକୁ ଲଜ୍ଜିତ କରିଛି। ସେହିପରି ବାଲେଶ୍ୱର ଏବିଭିପି ସଦସ୍ୟାଙ୍କ ଆତ୍ମାହୁତି, ବଳଙ୍ଗା ପୋଡ଼ି ଘଟଣାକୁ ନେଇ ଲୋକଙ୍କ ମନରେ ଅସନ୍ତୋଷର ବହ୍ନି ଏବେ ବି ଜଳୁଛି। କିନ୍ତୁ ଆଶ୍ଚର୍ଯ୍ୟର କଥା, ଭାଜପା ମହିଳା ମୋର୍ଚ୍ଚା ଏସବୁ ନିର୍ଯାତନା ଘଟଣାରେ ସରକାରକୁ ଦାୟୀ କରିବା ପରିବର୍ତ୍ତେ ରାଜରାସ୍ତାରେ କୁମ୍ଭୀର କାନ୍ଦଣା କାନ୍ଦୁଛି ଏବଂ ବିଭିନ୍ନ ଟୀକା ଟିପ୍ପଣୀ ଦେଉଛି। ଭାଜପା ମହିଳା ମୋର୍ଚ୍ଚାର ସଭାନେତ୍ରୀ ଐଶ୍ବର୍ଯ୍ୟା ବିଶ୍ୱାଳଙ୍କ ଟିପ୍ପଣୀ ଯେତିକି ଲଜ୍ଜାଜନକ ସେତିକି ହାସ୍ୟାସ୍ପଦ।

ସେ କହିଛନ୍ତି, କର୍ପୋରେଟର ଅମରେଶ ଜେନା ପ୍ରସଙ୍ଗରେ ଭାଜପା ସରକାରକୁ ଘେରିବା ଛାଡ଼ି କଂଗ୍ରେସକୁ ଓଲଟା ଭାଜପାନେତ୍ରୀ ପ୍ରଶ୍ନ କରୁଛନ୍ତି। ସେହିପରି କଂଗ୍ରେସ ମୁଖପାତ୍ର ମନୀଷା ଦାସ ପଟ୍ଟନାୟକ କହିଲେ, ଆମେ ଆଜି କିଛି ଚୁଡ଼ି ନେଇକି ଆସିଛୁ। କାରଣ ଚୁଡ଼ି ପିନ୍ଧିବା କେତେଯେ କଷ୍ଟ ସେମାନେ ହୃଦୟଙ୍ଗମ କରନ୍ତୁ। ମୁଖପାତ୍ର ଜୟଶ୍ରୀ ପାତ୍ର ତାଙ୍କ ବିବୃତିରେ କହିଲେ ଯେ, ଭାଜପା ସରକାରରେ ଅଛି ଏବଂ ତୁମେ ରାଜରାସ୍ତାରେ ଚିତ୍କାର କରୁଛ ଏହା ଆଶ୍ଚର୍ଯ୍ୟକର ନୁହେଁ କି? କେଉଁ ଅଭିଯୁକ୍ତଙ୍କୁ ଗିରଫ କରାଯିବ ଏବଂ କାହାକୁ ଅନୁକମ୍ପାମୂଳକ ସୁରକ୍ଷା ଦିଆଯିବ ତାହା ସରକାର ନିଜ ଆତ୍ମୀୟତାର ସହ ବିଚାର କରୁଛନ୍ତି। ଏହା ପ୍ରକୃତରେ ଲୋକଙ୍କ ସରକାର ନା କିଛି ଲୋକଙ୍କ ସରକାର ବୋଲି ସେ ପ୍ରଶ୍ନ କରିଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର ମଧୁସ୍ମିତା ଆଚାର୍ଯ୍ୟ ଉପସ୍ଥିତ ଥିଲେ।

## ଦୁର୍ବଳ ହୋଇପଡ଼ିଛି ଆଇନଶୃଙ୍ଖଳା: ତାରା

ଭୁବନେଶ୍ୱର,୨୯।୭(ରବିନାରାୟଣ ଜେନା)

ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଦୁର୍ବଳ ହୋଇପଡ଼ିଛି ବୋଲି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି। ମଙ୍ଗଳବାର ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟି ବୈଠକ ଅବସରରେ ତାରା କହିଛନ୍ତି ଯେ, ରାଜ୍ୟରେ ଦିନକୁ ଦିନ ବଢୁଥିବା ଅପରାଧ, ନାରୀ ଉତ୍ପୀଡ଼ନ, ନିର୍ଯାତନା ଓ ନାଗରିକଙ୍କ ସୁରକ୍ଷା ଉପରେ ଏହି ବୈଠକରେ ଆଲୋଚନା ହୋଇଛି। ଭାଜପା ଶାସନରେ ନା ଅଛି ନ୍ୟାୟ, ନା ଅଛି ଆଶ୍ୱାସନା। କେବଳ ଅଛି ଦୁର୍ନୀତି, ଅନ୍ୟାୟ ଓ ଆତଙ୍କ। ଏବେ ସମୟ ଆସିଛି ଅନ୍ୟାୟ ବିରୋଧରେ ଗର୍ଜନ କରୁଥିବା ଜନତାର ସ୍ୱରକୁ ଶକ୍ତି ଦେବାର ବୋଲି ତାରା କହିଛନ୍ତି।

## ୧ରୁ ୧୪ ପର୍ଯ୍ୟନ୍ତ ଛାତ୍ର, ଯୁବ ବିଜେଡିର ଆନ୍ଦୋଳନ

ଭୁବନେଶ୍ୱର,୨୯।୭(ସୁନିତ୍ ମିଶ୍ର)

- **ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଛାତ୍ରୀ ଓ ଅସୁରକ୍ଷିତ ପ୍ରସଙ୍ଗ**
- **ରାଜ୍ୟର ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଛାତ୍ରୀଛାତ୍ର ଦେବେ ସ୍ମାରକପତ୍ର**
- **ଲକ୍ଷାଧିକ ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀଙ୍କୁ ଲେଖିବେ ଖୋଲା ଚିଠି**

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ବିଶେଷକରି ଛାତ୍ରୀ ଓ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ସେହି ଅଭିଯୋଗରେ ବିଜେଡି ଆନ୍ଦୋଳନକରି ଆସୁଥିବାବେଳେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ତରଫରୁ ଅଗଷ୍ଟ ୧ରୁ ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ ଆରମ୍ଭ ହେବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ବ୍ୟୋମକେଶ ରାୟ ଓ ଦେବୀରଞ୍ଜନ ତ୍ରିପାଠୀ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହ ଅଗଷ୍ଟ ୧ରୁ ବିଜେଡିର ଛାତ୍ର ଓ ଯୁବ ସଂଗଠନ ତରଫରୁ ହେବାକୁ ଥିବା ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଛନ୍ତି। ବ୍ୟୋମକେଶ କହିଛନ୍ତି, ଗତ ୧୩ ମାସ ହେଲା ଭାଜପା ଶାସନରେ ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିବା ସହ ନାରୀ ନିର୍ଯାତନା ଅହେତୁକ ବୃଦ୍ଧିପାଇଛି। ରାଜ୍ୟରେ ଛାତ୍ରୀମାନେ ବେଳାଭୂମିଠାରୁ ଆରମ୍ଭକରି କଲେଜ କ୍ୟାମ୍ପସରେ ମଧ୍ୟ ଅସୁରକ୍ଷିତ। ବିଭିନ୍ନ ଛାତ୍ରୀନିବାସରେ ନାବାଳିକାମାନେ ଗର୍ଭବତୀ ହେଉଛନ୍ତି। ଛାତ୍ରୀ ଓ ନାରୀମାନେ ଅସୁରକ୍ଷିତ ହୋଇପଡ଼ିଥିଲା ବେଳେ ରାଜ୍ୟ ଭାଜପା ସରକାର ନିଘୋଡ଼ ନିଦରେ ଶୋଇଛନ୍ତି। ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣବଳାତ୍କାର, ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମଦାହ ଘଟଣା ଓ ବଳଙ୍ଗା ନାବାଳିକା ପୋଡ଼ି ଘଟଣା ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉଦାସୀନତାର ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ କଲେଜ ଷ୍ଟ୍ରାଇକ୍ କରିଥିଲା। ବିଜେଡି ପକ୍ଷରୁ ବାଲେଶ୍ୱର ବନ୍ଦ, ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମ ସହ ୩ ଆର୍‌ଡିସି ଅଫିସ ଘେରାଉ କରାଯାଇଥିଲା। ଏବେ ଦ୍ୱିତୀୟ ପର୍ଯ୍ୟାୟରେ ଅଗଷ୍ଟ ୧ରୁ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପ୍ରତିବାଦ ଛାତ୍ରୀଛାତ୍ରଙ୍କ ଦ୍ୱାରା କରାଯିବ। ଏଥିରେ ଛାତ୍ରୀଛାତ୍ରମାନେ ତାଙ୍କ ଅଞ୍ଚଳର ଥାନା ଓ ଏସ୍‌ପିଙ୍କୁ ଭେଟି ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଛାତ୍ରୀ ଓ ନାରୀ ସୁରକ୍ଷା ପ୍ରଦାନ ସମ୍ବନ୍ଧରେ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବେ। ସେହିପରି ଅଗଷ୍ଟ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଛାତ୍ରୀଛାତ୍ରମାନେ ରାଜ୍ୟ ଗୃହମନ୍ତ୍ରୀଙ୍କ ଦାୟିତ୍ୱ ତୁଲାଉଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ଖୋଲା ଚିଠି ପଠାଇବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଲକ୍ଷାଧିକ ଚିଠି ପଠାଯିବ ବୋଲି ସେ କହିଛନ୍ତି।

ଦେବୀରଞ୍ଜନ ତ୍ରିପାଠୀ କହିଛନ୍ତି, ନିକଟରେ ଘଟିଯାଇଥିବା ଘଟଣାଗୁଡ଼ିକୁ ନେଇ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଲଜ୍ଜା ଓ ନିନ୍ଦା ସାଉଁଟିଛି। ଆମେରିକା ରାଷ୍ଟ୍ରପତିଙ୍କ ଅଫିସ୍‌ରୁ ଜାରି କରାଯାଇଥିବା ଏକ ଟ୍ରାଭେଲ ଆଡ୍‌ଭାଇଜରିରେ ଓଡ଼ିଶା ସମେତ ଦେଶର ୬ଟି ରାଜ୍ୟକୁ ନ ଯିବା ପାଇଁ ଏହାର ନାଗରିକମାନଙ୍କୁ କୁହାଯାଇଛି। ବିଶେଷକରି ନାରୀ ଅସୁରକ୍ଷିତ ଓ ଉଗ୍ରବାଦ ବୃଦ୍ଧି ଦର୍ଶାଇ ଏହି ବାରଣ କରାଯାଇଥିବାରୁ ଓଡ଼ିଶା ପାଇଁ ଏହା ଲଜ୍ଜା ଓ ନିନ୍ଦା ଆଣିଥିଲା ବୋଲି ସେ କହିଛନ୍ତି।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତରେ ଧରି ଲୁଣ ଭୋଜନ ଯେ କରେ**
**ତାହାକୁ ଜାଣ ଏ ତ ମରିବ ନିକଟରେ।**

ହାତରେ ଲୁଣ ଧରି ଭୋଜନ କରିବାରେ ବାରଣ କରାଯାଇଥିବା ବେଳେ ଏପରି କରିବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇଥାଏ। ଏହା ମନୀଷୀଙ୍କ ଉପଦେଶ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ହେଲିଣି ତ ଏବେ ବୁଢ଼ୀ**
**ଆଉ କି ଆସିବ ବଳ ବୟସ ମୋ'**
**ପିନ୍ଧିବି ମୁଁ ସୁନା ଚୁଡ଼ି।**

ବୟସ ଅନୁସାରେ ମଣିଷର ଆଚାର, ବ୍ୟବହାର ତଥା ରୁଚିରେ ପରିବର୍ତ୍ତନ ଆସିଥାଏ। ସାଧାରଣତଃ ମହିଳାମାନେ ଗହଣାପ୍ରିୟ ହୋଇଥାନ୍ତି। ତେବେ ବୟସ ଅତିକ୍ରାନ୍ତ ହୋଇଗଲେ ସେମାନଙ୍କ ମନରୁ ଗହଣା ପିନ୍ଧିବାର ସଉକ ଆପେ ଆପେ ଛାଡ଼ିଯାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ସ୍ତ୍ରୀ, ଶାଶୁଙ୍କୁ...
ପ୍ରଥମ ପୃଷ୍ଠାରୁ...

କଦଳୀ ଗଛ ଲଗାଇ ଦେଇଥିଲେ। ତେବେ ଦେବାଶିଷଙ୍କ ଶ୍ୱଶୁର ଘର ଲୋକେ ସୁମତିଙ୍କ ଫେରିବାକୁ ନେଇ ବାରମ୍ବାର ଫୋନ କରୁଥିଲେ ମଧ୍ୟ ଦେବାଶିଷ କୌଣସି ଉତ୍ତର ଦେଉ ନ ଥିଲେ। ଏଥିରେ ସନ୍ଦେହ ହେବାରୁ ଶ୍ୱଶୁର ଘର ଲୋକେ ଆସି ପଚରାଉଚୁରା କରିବା ପରେ ସୋନାଲି ଏବଂ ସୁମତିଙ୍କ ନିଖୋଜ ସମ୍ପର୍କରେ ୨୫ତାରିଖରେ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ କିଛି ଦିନ ହେଲା ସୋନାଲିଙ୍କୁ ମଧ୍ୟ ସାହିପଡ଼ିଶା ଦେଖିବାକୁ ପାଇ ନ ଥିଲେ। ମୃତଦେହ ପୋତାଯାଇଥିବା ସ୍ଥାନରେ ସୋମବାର ବିଳମ୍ବିତ ରାତିରେ ହାତୀପଲ ଉପଦ୍ରବ କରି କଦଳୀ ଗଛ ଭାଙ୍ଗି ଦେଇଥିଲେ। ଉକ୍ତ ସ୍ଥାନରେ ମୃତଦେହ ପୋତାଯାଇଥିବା ସନ୍ଦେହ କରି ଗ୍ରାମବାସୀ ଦେବାଶିଷଙ୍କ ଶ୍ୱଶୁର ଘର ଲୋକଙ୍କୁ ଜଣାଇଥିଲେ। ଶ୍ୱଶୁର ଘର ଲୋକଙ୍କଠାରୁ ଖବରପାଇ ମଙ୍ଗଳବାର ପୋଲିସ ଦେବାଶିଷଙ୍କ ଘରେ ପହଞ୍ଚି ତଦନ୍ତ କରିବା ପରେ ଘଟଣାର ପର୍ଦ୍ଦାଫାଶ ହୋଇଥିଲା। କିଛିଦିନ ପୂର୍ବରୁ ଦେବାଶିଷ କେତେଜଣ ଲୋକଙ୍କୁ ଡାକି ଘର ବାଡ଼ିରେ ୬ଫୁଟର ଗାତ ଖୋଳିଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ତେଣୁ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ହୋଇଥିବା ଓ ଏଥିରେ ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଥିବା ପୋଲିସ ଅନୁମାନ କରି ତଦନ୍ତ ଜାରି ରଖିଛି। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିଥିବାବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଯାଇଛି। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୧୩୬/୨୦୨୫) ରୁଜୁ କରି ଦେବାଶିଷଙ୍କୁ ପଚରାଉଚରା କରୁଛି।

## ନଦୀତଟରେ ହେବ...

ଅଞ୍ଚଳକୁ ସୁରକ୍ଷିତ ମଣି ପଶିବାକୁ ଉଦ୍ୟମ କରନ୍ତି। ଅଦ୍ୟାବଧି ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗର ତଟବର୍ତ୍ତୀ ଅଞ୍ଚଳରେ ପ୍ରାୟ ୮୫ଟି ବ୍ଲାକସ୍ପଟ୍ ଅଞ୍ଚଳ ଚିହ୍ନଟ ହୋଇଛି। ଅନ୍ୟାନ୍ୟ ନଦୀତଟବର୍ତ୍ତୀ ଅଞ୍ଚଳ ଖୁବ୍‌ଶୀଘ୍ର ଚିହ୍ନଟ କରାଯିବ ବୋଲି ପିସିସିଏଫ୍ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

## ଚଷମାରେ ହିଡେନ୍...

କୁମାର ମିଶ୍ର କହିଛନ୍ତି, ଜଣେ ଯୁବକ ତାଙ୍କ ଚଷମାରେ ସ୍ପାଏ କ୍ୟାମେରା ନେଇ ଶ୍ରୀମନ୍ଦିରକୁ ଯାଇଥିବା ନେଇ ଖବର ମିଳିଥିଲା। ଏସ୍‌ପି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସିଂହଦ୍ୱାର ଥାନା ଅଧିକାରୀ ତଦନ୍ତ କରୁଛନ୍ତି। ତେବେ ଶ୍ରୀମନ୍ଦିର ସୁରକ୍ଷାରେ ବାରମ୍ବାର ତ୍ରୁଟି ଦେଖା ଦେଉଥିବା ନେଇ ଭକ୍ତ ଓ ସେବାୟତମାନେ ଅଭିଯୋଗ କରିଛନ୍ତି।

## ଅଭୟାରଣ୍ୟ ବାହାରେ...

୨୦୨୨ରେ ୫୨, ୨୦୨୩ରେ ୧୦୦, ୨୦୨୪ରେ ୬୫ ଏବଂ ୨୦୨୫ର ବର୍ତ୍ତମାନ ସୁଦ୍ଧା ୬୦ ବାଘର ମୃତ୍ୟୁ ଘଟିଛି। ବ୍ୟାଘ୍ର ଅଭୟାରଣ୍ୟ ବାହାରେ ମହାରାଷ୍ଟ୍ରରେ ସର୍ବାଧିକ ୧୧୧ ବାଘ ମୃତ୍ୟୁ ମାମଲା ସାମ୍ନାକୁ ଆସିଥିବାବେଳେ ୯୦ ବାଘ ମୃତ୍ୟୁ ସହ ମଧ୍ୟପ୍ରଦେଶ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। କେବଳ ଚଳିତ ବର୍ଷ ମହାରାଷ୍ଟ୍ରରେ ୨୦, ମଧ୍ୟପ୍ରଦେଶରେ ୧୩, କେରଳରେ ୮, କର୍ଣ୍ଣାଟକରେ ୭ ବାଘର ମୃତ୍ୟୁ ବ୍ୟାଘ୍ର ଅଭୟାରଣ୍ୟ ବାହାରେ ଘଟିଛି। ୨୦୧୨ରୁ ୨୦୨୪ ମଧ୍ୟରେ ଭାରତରେ ସମୁଦାୟ ୧,୫୧୯ ବାଘର ମୃତ୍ୟୁ ହୋଇଥିବା ଏହି ରିପୋର୍ଟ କହିଛି। ସେଥିମଧ୍ୟରୁ ବ୍ୟାଘ୍ର ଅଭୟାରଣ୍ୟ ବାହାରେ ୬୩୪ (ପ୍ରାୟ ୪୨%) ବାଘ ପ୍ରାଣ ହରାଇଛନ୍ତି। ରିପୋର୍ଟ ଅନୁଯାୟୀ, ସମ୍ପ୍ରତି ଭାରତରେ ଆନୁମାନିକ ୩,୬୮୨ ବାଘ ରହୁଥିବାବେଳେ ସେଥିମଧ୍ୟରୁ ବ୍ୟାଘ୍ର ଅଭୟାରଣ୍ୟ ବାହାରେ ପ୍ରାୟ ୩୦% ବାଘ ରହୁଛନ୍ତି। ୨୦୨୨ରେ କରାଯାଇଥିବା ବ୍ୟାଘ୍ର ଗଣନା ଅନୁଯାୟୀ, ମଧ୍ୟପ୍ରଦେଶରେ ସର୍ବାଧିକ ୭୮୫ ବାଘ ରହୁଥିବା ବେଳେ କର୍ଣ୍ଣାଟକରେ ୫୬୩, ଉତ୍ତରାଖଣ୍ଡରେ ୫୬୦, ମହାରାଷ୍ଟ୍ରରେ ୪୪୪, ତାମିଲନାଡୁରେ ୩୦୬, ଆସାମରେ ୨୨୯, କେରଳରେ ୨୧୩, ଉତ୍ତରପ୍ରଦେଶରେ ୨୦୫ ବାଘ ରହୁଛନ୍ତି। ଏନ୍‌ଟିସିଏର ଏହି ରିପୋର୍ଟକୁ ଜାରି କରିବା ସମୟରେ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି, ୨୦୧୪ରେ ସମୁଦାୟ ୪୬ ବ୍ୟାଘ୍ର ଅଭୟାରଣ୍ୟ ଭାରତରେ ଥିବାବେଳେ ଏବେ ଏହି ସଂଖ୍ୟା ବଢ଼ି ୫୮ରେ ପହଞ୍ଚିଛି। ଜାତୀୟ ପ୍ରାଣୀ ସୁରକ୍ଷା ପ୍ରତି ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

## କରଞ୍ଜିଆ କଲେଜ ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ବାରିପଦା,(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ନିର୍ଯାତନା ଘଟଣାକୁ ନେଇ ଚର୍ଚ୍ଚା ଥମି ନ ଥିବା ବେଳେ ମୟୂରଭଞ୍ଜ ଜିଲା କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ +୨ ବିଜ୍ଞାନ ବିଭାଗର ଜଣେ ଛାତ୍ରୀ ମାନସିକ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ ହୋଇଛି। ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଡେମନ୍ଷ୍ଟ୍ରେଟର ଉକ୍ତ ଛାତ୍ରୀଙ୍କୁ ମାନସିକ ନିର୍ଯାତନା ଦେଉଥିବା ନେଇ ଛାତ୍ରୀଙ୍କ ବାପା କଲେଜର ଅଧକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

# ଭୁବନେଶ୍ୱର ବିମାନବନ୍ଦରରୁ ୩୦କୋଟିର ମାରିଜୁଆନା ଜବତ

## ୩ ଚାଲାଣକାରୀ ଗିରଫ

ଭୁବନେଶ୍ୱର,୨୯।୭
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରୁ ମଙ୍ଗଳବାର ଭୁବନେଶ୍ୱର ଜୋନ୍ କଷ୍ଟମ୍ସ ପକ୍ଷରୁ ୩୦ କେଜିର ମାରିଜୁଆନା (ହାଇଡ୍ରୋପୋନିକ୍ ଉଇଡ୍) ଜବତ କରାଯାଇଛି। ଏହି ମାମଲାରେ ୩ଜଣ ଅଭିଯୁକ୍ତ ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଜବତ ମାରିଜୁଆନାର ଆନୁମାନିକ ମୂଲ୍ୟ ୩୦ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ଏନେଇ କଷ୍ଟମ୍ସ (ଜିଏସ୍ଟି, କେନ୍ଦ୍ରୀୟ ଉତ୍ପାଦ ଏବଂ ସୀମା ଶୁଳ୍କ) ଭୁବନେଶ୍ୱର ଜୋନ୍ ପକ୍ଷରୁ ଏନ୍ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି। ଅଭିଯୁକ୍ତଙ୍କ ଘର ଉତ୍ତରପ୍ରଦେଶରେ। ସେମାନେ ବ୍ୟାଙ୍ଗକକ୍‌ରୁ ଇଣ୍ଡିଗୋ ବିମାନ ୬ଇ-୧୦୬୬ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲେ। ସେମାନଙ୍କ ନିକଟରୁ ୬ଟି ଲଗେଜ୍ ବ୍ୟାଗ ମିଳିଥିଲା। ସନ୍ଦେହ ହେବାରୁ କଷ୍ଟମ୍ସ ଅଧିକାରୀମାନେ ଉକ୍ତ ବ୍ୟାଗଗୁଡ଼ିକୁ ଯାଞ୍ଚ କରିବାରୁ ଏହି କାରବାର ଧରାପଡ଼ିଥିଲା। ଅଭିଯୁକ୍ତମାନେ ଏହି ଚାଲାଣ ରାକେଟ୍‌ରେ ଦୀର୍ଘଦିନ ହେବ ସକ୍ରିୟ ଥିବା ଜଣାପଡ଼ିଛି। କୋର୍ଟ ଚାଲାଣ ପରେ ସେମାନଙ୍କୁ କଷ୍ଟମ୍ସ ପକ୍ଷରୁ ରିମାଣ୍ଡରେ ଆଣି ଜେରା କରାଯିବ ବୋଲି ସୂଚନା ମିଳିଛି। ପୂର୍ବରୁ ମଧ୍ୟ ଏକାଧିକ ଥର କଷ୍ଟମ୍ସ ଟିମ୍ ଭୁବନେଶ୍ୱର ବିମାନବନ୍ଦରରୁ ମାରିଜୁଆନା ଜବତ କରିଛି। ଗତ ଜାନୁଆରୀ ତୃତୀୟ ସପ୍ତାହରେ ଜଣେ ଆନ୍ତଃରାଜ୍ୟ ଚାଲାଣକାରୀଙ୍କ ଠାରୁ ପ୍ରାୟ ୪ କେଜି ମାରିଜୁଆନା ଜବତ କରାଯାଇଥିଲା।




## ଏରସମାରୁ ଏରିଆ ମ୍ୟାନେଜର ଗିରଫ

### ନିର୍ଯାତନା ସହି ନ ପାରି ଯୁବତୀଙ୍କ ଆତ୍ମହତ୍ୟା ଘଟଣା

ମଙ୍ଗୁଳି-ଜଗତପୁର,୨୯।୭
(ମାନସ ସାମଲ)

ନିର୍ଯାତନା ସହି ନ ପାରି ଯୁବତୀଙ୍କ ଆତ୍ମହତ୍ୟା ଘଟଣାରେ ଚୌଦ୍ୱାର ଥାନା ପୋଲିସ ମଙ୍ଗଳବାର ଫାଇନାନ୍ସ କମ୍ପାନୀ ଏରିଆ ମ୍ୟାନେଜରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏରିଆ ମ୍ୟାନେଜର ଜଣଙ୍କ ହେଲେ ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଧୀନ ତଳକୁସୁମ ଗ୍ରାମର ସ୍ମୃତିରଞ୍ଜନ ନାୟକ(୩୯)। ସୂଚନା ମୁତାବକ, କଟକ ଜିଲା ଚୌଦ୍ୱାର ଥାନା ଅଧୀନ ୭ନଂ ୱାର୍ଡ ମୁଣ୍ଡମାଳ ଗ୍ରାମ ମଠସାହିର ଖୁସି ପାତ୍ର (୨୧) କଟକ ଗୋପାଳପୁରସ୍ଥିତ ଫାଇନାନ୍ସ କମ୍ପାନୀରେ ପ୍ରାୟ ବର୍ଷେ ହେବ କାମ କରୁଥିଲେ। ଉକ୍ତ ସଂସ୍ଥାର ଏରିଆ ମ୍ୟାନେଜର ଉଦ୍ଦେଶ୍ୟମୂଳକ ଭାବେ ବାରମ୍ବାର ଖୁସିଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏହା ସହ୍ୟ ନ କରି ପାରି ଖୁସି ସୋମବାର ବିଳମ୍ବିତ ରାତିରେ ଚୌଦ୍ୱାରସ୍ଥିତ ଘରେ ଫ୍ୟାନରେ ଲୁଗା ସହାୟତାରେ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ପୂର୍ବରୁ ସେ ଏକ ସୁସାଇଡାଲ୍ ନୋଟ୍ ଲେଖିଥିଲେ। ଏଥିରେ ସେ ଏରିଆ ମ୍ୟାନେଜର ମୋ ମରିବା ପାଇଁ ଏକମାତ୍ର ଦାୟୀ ବୋଲି ଉଲ୍ଲେଖ କରିଥିଲେ। ଏ ନେଇ ସମ୍ପୃକ୍ତା ଯୁବତୀଙ୍କ ମାଉସୀ ପଦ୍ମା ବେହେରା ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ବିଏନ୍ଏସ୍ ଦଫା ୧୦୮(ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ଏକ ମାମଲା (ନଂ.୪୫୩/୨୦୨୫) ରୁଜୁ କରିଥିଲା। ଜୋନ ୧ ଏସିପି ଅରୁଣ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଚୌଦ୍ୱାର ପୋଲିସ ସହାୟତାରେ ଅଭିଯୁକ୍ତଙ୍କୁ ଏରସମା ଅଞ୍ଚଳରୁ ଗିରଫ କରିଛି।

## ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା, ଶିକ୍ଷକ ଅଟକ

ରାୟଗଡ଼ା,୨୯।୭
(ଆଶିଷ ରଞ୍ଜନ ପଣ୍ଡା)

ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ ଅମ୍ବାଦଲା ଗ୍ରାମର ଜଣେ ଶିକ୍ଷକ ବିଜୟ ମିଶ୍ରଙ୍କୁ ପୋଲିସ ଉଠାଇ ନେଇ ଅଟକ ରଖିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଗତ ଦିନରେ ହେବାକୁ ଥିବା ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେବା କାରଣରୁ ପରୀକ୍ଷା ବାତିଲ କରାଯାଇଥିଲା। ଏଥିରେ ବିଜୟଙ୍କ ହାତ ଥିବା ସନ୍ଦେହରେ ପୋଲିସ ତାଙ୍କୁ ଉଠାଇ ପଚରାଉଚରା କରୁଥିବା ଆଲୋଚନା ହେଉଛି। ଏହି ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି। ସୂଚନାଥାଉକି, ବିଜୟ ରାୟଗଡ଼ା ଜିଲା ଏକ୍ସ କ୍ୟାଡର ଶିକ୍ଷକ ସଂଘର ସଭାପତି ତଥା ଡଙ୍ଗରବୋରି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ। ମଙ୍ଗଳବାର ପୋଲିସ ସାହାଯ୍ୟରେ କ୍ରାଇମବ୍ରାଞ୍ଚ ବିଜୟଙ୍କୁ ନେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏ ସମ୍ପର୍କରେ ରାୟଗଡା ଏସ୍‌ପି ଏସ୍ ସ୍ୱାଥୀ କୁମାରଙ୍କୁ ପଚାରିବାରୁ ଏହା କ୍ରାଇମ୍ ବ୍ରାଞ୍ଚ ମାମଲା ହୋଇଥିବାରୁ କୌଣସି ସୂଚନା ଦିଆଯାଇପାରିବ ନାହିଁ ବୋଲି କହିଛନ୍ତି।

# ଭିଜିଲାନ୍ସ ଜାଲରେ କୋଟିପତି ସହକାରୀ ଯନ୍ତ୍ରୀ

ଭୁବନେଶ୍ୱର,୨୯।୭
(ସତ୍ୟଜିତ୍ ରାଉତ)

ପୂର୍ତ୍ତ ବିଭାଗ ଅଧୀନ ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ-୩ର ସହକାରୀ ଯନ୍ତ୍ରୀ (ଏଇ) ରାଜକିଶୋର ଜେନା ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ମଙ୍ଗଳବାର ରାଜକିଶୋରଙ୍କ ଭୁବନେଶ୍ୱର ଓ ନୟାଗଡ଼ର ୧୦ ସ୍ଥାନରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ତାଙ୍କର ଗୋଟିଏ ବହୁତଳ ପ୍ରାସାଦ, ୨ ଫ୍ଲାଟ୍, ୧୩ ପ୍ଲଟ୍ ସହ ନଗଦ ଟଙ୍କା ଆଦି ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ତାଙ୍କର ନୟାଗଡ଼ ଜିଲା ଜଗନ୍ନାଥପ୍ରସାଦସ୍ଥିତ ପୈତୃକ ଘର, ଭୁବନେଶ୍ୱର ପଟିଆ ଏବଂ ନୟାଗଡ଼ରେ ଥିବା ଶ୍ୱଶୁର ଘର, ଭୁବନେଶ୍ୱରସ୍ଥିତ ଅଫିସ ଚାମ୍ବର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ଚାଲିଥିବାବେଳେ ଏଥିରେ ଭିଜିଲାନ୍ସର ୭ ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ଜଣେ ଏସ୍ଆଇ, ୧୧ ଜଣ ଏଏସ୍ଆଇ ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ନିୟୋଜିତ ହୋଇଛନ୍ତି।


ରାଜକିଶୋର ଜେନା

**ଭୁବନେଶ୍ୱର, ନୟାଗଡ଼ର ୧୦ ସ୍ଥାନରେ ଚଢ଼ାଉ**

- ଗୋଟିଏ ବହୁତଳ କୋଠା, ୨ ଫ୍ଲାଟ୍, ୧୩ ବହୁମୂଲ୍ୟ ପ୍ଲଟ୍ ଠାବ
- ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମା ଡିପୋଜିଟ୍ ୭୫ ଲକ୍ଷ

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର ନୀଳାଦ୍ରି ବିହାରସ୍ଥିତ ସେକ୍ଟର-୫ରେ ରାଜକିଶୋରଙ୍କ ଏକ ୩ ମହଲା କୋଠା ଠାବ ହୋଇଛି। ଭୁବନେଶ୍ୱର କସ୍ମୋପଲିସ୍ ଆପାର୍ଟମେଣ୍ଟର ଅଷ୍ଟମ ମହଲାରେ ୧୮୦୦ ବର୍ଗଫୁଟରେ ଏକ ଫ୍ଲାଟ୍ ଓ ୧୬ତମ ମହଲାରେ ୬୫୦ ବର୍ଗଫୁଟରେ ଆଉ ଏକ ଫ୍ଲାଟ୍ ମଧ୍ୟ ତାଙ୍କର ରହିଛି। ଭୁବନେଶ୍ୱର ଉତ୍କଳ ଗାଲେରିଆ ମଲ୍ ଏବଂ ପାହାଲ ସିମ୍ଫୋନି ମଲ୍‌ରେ ଗୋଟିଏ ଲେଖାଏ ଏକ ଶପ୍ ରହିଛି।


ନୀଳାଦ୍ରି ବିହାରରେ ଥିବା ଘର

ଏହାବ୍ୟତୀତ ରାଜକିଶୋରଙ୍କ ୧୩ଟି ବହୁମୂଲ୍ୟ ପ୍ଲଟ୍ ରହିଛି। ଏହାମଧ୍ୟରୁ ଭୁବନେଶ୍ୱରରେ ୯ଟି, ନୟାଗଡ଼ରେ ୩ଟି ଓ ଖୋର୍ଦ୍ଧାରେ ଗୋଟିଏ ରହିଛି। ରାଜକିଶୋର ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମା ଡିପୋଜିଟ୍ ୭୫ ଲକ୍ଷ ରଖିଥିବା ଜଣାପଡ଼ିଛି। ତେବେ ଦୁଇ ପିଲାଙ୍କୁ କିଟ୍ ଓ କିମ୍ସରେ ପଢ଼ାଇବାକୁ ୬୭ ଲକ୍ଷ ଟଙ୍କା ସେ ଖର୍ଚ୍ଚ କରିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ରାଜକିଶୋରଙ୍କ ଘରୁ ୩୦ ଲକ୍ଷ ଟଙ୍କାର ନଗଦ ଟଙ୍କା ଓ ଘରୋଇ ସାମଗ୍ରୀ ଠାବ ହୋଇଛି। ପ୍ଲଟ୍, ଫ୍ଲାଟ୍ ଓ କୋଠାର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଙ୍ଗ୍ ପ୍ରୟାସ କରୁଛି।

### ଟୁଇନ୍ ସିଟିରେ ଚାକିରି ୧୭ ବର୍ଷ

ରାଜକିଶୋର ତାଙ୍କ ଚାକିରି କାଳର ପ୍ରାୟ ୧୮ ବର୍ଷରେ ମାତ୍ର ୪ ମାସ କେନ୍ଦୁଝରରେ ରହିଥିବାବେଳେ ବାକି ସମୟ ଟୁଇନ୍ ସିଟିରେ କାଟିଛନ୍ତି। ସେ ୨୦୦୭ ଅକ୍ଟୋବର ୩ରେ କନିଷ୍ଠ ଯନ୍ତ୍ରୀ (ଠିକା) ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ୨୦୧୩ ଅକ୍ଟୋବର ୨ରେ ଜେଇ ଭାବେ ନିୟମିତ ହୋଇ ଭୁବନେଶ୍ୱର ଗ୍ରାମ୍ୟ ନିର୍ମାଣ ବିଭାଜନର ନିର୍ବାହୀ ଯନ୍ତ୍ରୀ(ଇଇ)ଙ୍କ ଅଫିସରେ ଚାକିରି କରିଥିଲେ। ୨୦୧୪ ଅକ୍ଟୋବରରେ ରାଜକିଶୋର ଭୁବନେଶ୍ୱର ଆର୍ ଆଣ୍ଡ୍ ବି ଡିଭିଜନ୍ ମୁଖ୍ୟଯନ୍ତ୍ରୀଙ୍କ ଅଫିସରେ କାମ କରିଥିଲେ। ୨୦୧୪ରୁ ୨୦୧୮ ମଧ୍ୟରେ ସେ ଜେଇ ଭାବେ ଭୁବନେଶ୍ୱର, କଟକ ଓ କେନ୍ଦୁଝର ଆର୍ଆଣ୍ଡବି ଡିଭିଜନ୍‌ରେ କାମ କରିଥିଲେ। ୨୦୨୦ ନଭେମ୍ବର ୧୯ରେ ସେ ସହକାରୀ ଯନ୍ତ୍ରୀ (ଏଇ) ଭାବେ ପଦୋନ୍ନତି ପାଇ ଡିସେମ୍ବର ୧ରୁ ଭୁବନେଶ୍ୱର ଆର୍ଆଣ୍ଡବି ଡିଭିଜନ୍-୩କୁ ଆସିଥିଲେ।

# ଗିଫ୍ଟ କାର୍ଡ ଲୁଟ୍ ଘଟଣାରେ ୩ ଗିରଫ

ତାଳଚେର,୨୯।୭ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଅନନ୍ତ କୋଇଲା ଖଣି କାର୍ଯ୍ୟାଳୟରୁ ଛେଣ୍ଡିପଦାସ୍ଥିତ ଖଣି କର୍ମଚାରୀଙ୍କ ପାଇଁ ନିଆଯାଉଥିବା ପ୍ରାୟ ୧ କୋଟି ୮୦ ଲକ୍ଷ ଟଙ୍କାର ଗିଫ୍ଟ କାର୍ଡ ଗୋପାଳପ୍ରସାଦ ଥାନା ବଡ଼କାଠିଆ ଜଙ୍ଗଲଠାରେ ଗତ ୨୬ ତାରିଖରେ ଲୁଟ୍ ହୋଇଥିଲା। ଏହି ଘଟଣାରେ ଗୋପାଳପ୍ରସାଦ ଥାନା ଏବଂ ଅନୁଗୋଳ ସ୍ପେଶାଲ ସ୍କ୍ୱାଡ୍‌କୁ ସଫଳତା ମିଳିଛି। ପୋଲିସ ୩ ଜଣଙ୍କୁ ଗିରଫ କରିଥିବା ମଙ୍ଗଳବାର ଅପରାହ୍ନରେ ଅନୁଗୋଳ ଏସ୍‌ପି ରାହୁଲ ଜୈନ ତାଳଚେର ଥାନାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ଗତ ୨୬ ତାରିଖରେ ଭିପିଆର୍ ମାଇନିଂ ଇନ୍ଫ୍ରା ପ୍ରାଇଭେଟ ଲି.ର ଜେନେରାଲ ମ୍ୟାନେଜର ବିନୋଦ କୁମାର ୧ କୋଟି ୮୦ ଲକ୍ଷ ୬୦ ହଜାର ଟଙ୍କାର ଗିଫ୍ଟ କାର୍ଡ ୬ଟି କାର୍ଟୁନରେ ନେଇ କୁମୁଣ୍ଡା ଗ୍ରାମ ଦେଇ ଛେଣ୍ଡିପଦା ଯାଉଥିଲେ। ଅପରାହ୍ନରେ ୩ରୁ ୪ ଜଣ ଲୁଟେରା ଏକ ସ୍କର୍ପିଓରେ ଆସି ତାଙ୍କ ଗାଡ଼ିକୁ ଅଟକାଇ ସମସ୍ତ ଗିଫ୍ଟ କାର୍ଡ ଲୁଟିନେଇଥିଲେ। ଏ ନେଇ ବିନୋଦ କୁମାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୯୬/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗୋପାଳପ୍ରସାଦ ଥାନା ଏବଂ ଅନୁଗୋଳ ସ୍ପେଶାଲ ସ୍କ୍ୱାଡ୍‌ର ମିଳିତ ଟିମ୍ ପୁରୀ, ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭିପିଆର ମାଇନିଂ ଇନ୍ଫ୍ରା ପ୍ରାଇଭେଟ ଲି.ର ଜୁନିଅର ପ୍ରୋଜେକ୍ଟ ମ୍ୟାନେଜର ମହେନ୍ଦ୍ର କୁମାର ରାଉତ, ତାଙ୍କ ସହଯୋଗୀ ଚାଳଗଡ଼ର ମାମିନା ଦାସ ଏବଂ ବାବୁ ଓରଫ ସ୍ୱତନ୍ତ୍ର ଭୂଷଣ ସ୍ୱାଇଁ। ସେମାନଙ୍କଠାରୁ ଗିଫ୍ଟ କାର୍ଡ, ବୋଲେରୋ, ସୁନାରୁପା ଗହଣା, ୬ ଲକ୍ଷରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ଜବତ କରାଯାଇଛି। ଗିଫ୍ଟ କାର୍ଡ ଯାଉଥିବା ସମ୍ପର୍କରେ ଅଭିଯୁକ୍ତ ମହେନ୍ଦ୍ରଙ୍କୁ ପୂର୍ବରୁ ସୂଚନା ଥିଲା। ସେ ତାଙ୍କର ପୁରୁଣା ପରିଚିତ ଚାଳଗଡ଼ର ମାମିନାଙ୍କୁ ଏ ବିଷୟରେ ଜଣାଇବା ସହ ଡକାୟତି ପାଇଁ ଯୋଜନା କରିଥିଲେ। ମାମିନା ଦେଢ଼ ଲକ୍ଷ ଟଙ୍କା ଦେଇ ଡକାୟତଙ୍କୁ ଯୋଗାଡ଼ କରିଥିଲେ।


ଗିରଫ ୩ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

BUSINESS

# ଏମ୍ଏସ୍ଆଇଏଲ୍‌ର ଇନ୍ଧନ ଦକ୍ଷତା ରାଲି ଉଦ୍‌ଯାପିତ



ଭୁବନେଶ୍ୱରର ସ୍ୱସ୍ତି ପ୍ରିମିୟମଠାରେ ଆୟୋଜିତ ରାଲିକୁ କମ୍ପାନୀର ବରିଷ୍ଠ ଅଧିକାରୀମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଭୁବନେଶ୍ୱର,୨୯।୭(ଅଭୟ ଦାଶ)

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍ଏସ୍ଆଇଏଲ୍)ର ବହୁ ପ୍ରତୀକ୍ଷିତ ଇନ୍ଧନ ଦକ୍ଷତା ରାଲି ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏପରିକି ଓଡ଼ିଶା ବଜାରରେ ଏମ୍ଏସ୍ଆଇଏଲ୍‌ର ଏପିକ୍ ନ୍ୟୁ ସ୍ୱିଫ୍ଟ ସହ ଇନ୍ଧନ-ଦକ୍ଷତା ରାଲିର ସଫଳ ସମାପ୍ତି ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ଅତ୍ୟାଧୁନିକ ଜେଡ୍-ସିରିଜ୍ ଇଞ୍ଜିନର ଉନ୍ନତ ଇଞ୍ଜିନିୟରିଂ ଏବଂ ଅସାଧାରଣ ଇନ୍ଧନ-ଦକ୍ଷତା ସହ ଏପିକ୍ ନ୍ୟୁ ସ୍ୱିଫ୍ଟ ଲିଟର ପିଛା ୪୨.୬ କିଲୋମିଟର ପର୍ଯ୍ୟନ୍ତ ଏକ ଉତ୍କୃଷ୍ଟ ଇନ୍ଧନ-ଦକ୍ଷତା ରେକର୍ଡ ହାସଲ କରିଛି।

ଉଲ୍ଲେଖଯୋଗ୍ୟ, ଏମ୍ଏସ୍ଆଇଏଲ୍‌ର ବହୁପ୍ରତୀକ୍ଷିତ ଇନ୍ଧନ ଦକ୍ଷତା ରାଲି ନିକଟରେ ଭୁବନେଶ୍ୱରର ସ୍ୱସ୍ତି ପ୍ରିମିୟମଠାରେ ଆୟୋଜିତ ହୋଇଥିଲାବେଳେ କମ୍ପାନୀର ବରିଷ୍ଠ ଅଧିକାରୀମାନେ ପତାକା ଦେଖାଇ ଏହି ରାଲିକୁ ଆନୁଷ୍ଠାନିକ ଶୁଭାରମ୍ଭ କରାଇଥିଲେ। ଏପରିକି ଏଠାରୁ ୧୦୦ କିଲୋମିଟର ପର୍ଯ୍ୟନ୍ତ ଏହି ରାଲି କରାଯାଇଥିଲା। ବିଶେଷକରି ଏପିକ୍ ନ୍ୟୁ ସ୍ୱିଫ୍ଟ ପୁରୀର ମାଲିକମାନେ ଭୁବନେଶ୍ୱରରୁ ଏହି ରାଲିକୁ ବାହାର କରିଥିଲାବେଳେ ପୁରୀର ତୋଷାଳି ସାଣ୍ଡସ୍ ରିସର୍ଟରେ ରାଲି ସମାପ୍ତ ହୋଇଥିଲା। ଏହି ରାଲିରେ ମୋଟ ୩୫ ଏପିକ୍ ନ୍ୟୁ ସ୍ୱିଫ୍ଟର ମାଲିକମାନେ ଅଂଶଗ୍ରହଣ କରିଥିଲେ। ଯେଉଁଥିରେ ସର୍ବାଧିକ ଇନ୍ଧନ-ଦକ୍ଷତା ୪୨.୬ କି.ମି./ଲିଟର ରେକର୍ଡ କରାଯାଇଥିଲା। ରାଲି ସମୟରେ ସର୍ବାଧିକ ଇନ୍ଧନ-ଦକ୍ଷତା ହାସଲ କରିଥିବା ଶ୍ରେଷ୍ଠ ୫ଜଣ ଅଂଶଗ୍ରହଣକାରୀଙ୍କୁ ୫୦୦୦ ଟଙ୍କାର ଗିଫ୍ଟ କାର୍ଡ ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା।

ସୂଚନାଯୋଗ୍ୟ, ଭାରତୀୟ ବଜାରରେ ମାରୁତି ସୁଜୁକି ସ୍ୱିଫ୍ଟ ୨୦ ତମ ବାର୍ଷିକୀ ଉତ୍ସବ ପାଳନ କରୁଛି। ଏପରିକି କମ୍ପାନୀର ଏହି ମଡେଲ (ସ୍ୱିଫ୍ଟ) ୨୦ ବର୍ଷର ପରମ୍ପରା ମଧ୍ୟରେ ଅନେକ ଚେଞ୍ଜ ସହ ଆଇକନିକ୍ ସ୍ୱିଫ୍ଟରେ ଅନେକ ପରିବର୍ତ୍ତନ ହୋଇଛି। ସ୍ୱିଫ୍ଟ ଏକ ଗତିଶୀଳ, ନୂତନ ଯୁଗର ପ୍ୟାକେଜ୍ ସହ ସ୍ପୋର୍ଟି ପ୍ରଦର୍ଶନ ଏବଂ ଏକ ଆକର୍ଷଣୀୟ ଡିଜାଇନ ସହ ଭାରତୀୟ ଅଟୋମୋବାଇଲ୍ ପରିଦୃଶ୍ୟରେ ବିପ୍ଳବ ଆଣିଥିଲା। ବର୍ତ୍ତମାନ ଏହାର ୪ର୍ଥ ପିଢ଼ିର ଅବତାରରେ ଏପିକ ନ୍ୟୁ ସ୍ୱିଫ୍ଟ ବଜାରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହାର ଷ୍ଟାଇଲିଂରେ ଏକ ନୂତନତା ଆଣିଛି ଏବଂ ଏହା ନୂଆ ଜେଡ୍-ସିରିଜ୍ ଇଞ୍ଜିନ ଦ୍ୱାରା ପରିଚାଳିତ ହେଉଛି। ବିଶେଷକରି ଏହାକୁ ସ୍ଥାୟୀ ଗତିଶୀଳତାର ଏକ ନୂତନ ଯୁଗ ପାଇଁ ପ୍ରସ୍ତୁତ କରାଯାଇଛି।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୨୯।୭

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୪୪୭ (୪୪୬.୯୩) ପଏଣ୍ଟ ବୃଦ୍ଧି ଘଟି ୮୧,୩୩୮ (୮୧,୩୩୭.୯୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍‌ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୪୦ (୧୪୦.୨୦) ପଏଣ୍ଟ ବଢ଼ି ୨୪,୮୨୧ (୨୪,୮୨୧.୨୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ୍, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## କେଏମ୍ଏଫ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୨୯।୭

କୋଟାକ୍ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ୍ (କେଏମ୍ଏଏମ୍‌ସି/କୋଟାକ୍ ମ୍ୟୁଚୁଆଲ ଫଣ୍ଡ)ର ନୂତନ ଉତ୍ପାଦ ତଥା କୋଟକ ଆକ୍ଟିଭ ମୋମେଣ୍ଟମ ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହା ଏକ ଓପନ-ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ ହୋଇଥିଲାବେଳେ ଏହି ଫଣ୍ଡ ଆଭ୍ୟନ୍ତରୀଣ ନିଜସ୍ୱ ମଡେଲରେ ପ୍ରସ୍ତୁତ ହୋଇଛି, ଆୟ ଗତିଶୀଳତା ରହିଥିବା ଷ୍ଟକ୍‌ଗୁଡ଼ିକୁ ଚିହ୍ନଟକରି ସୁଯୋଗଗୁଡ଼ିକୁ ଉପଯୋଗ କରିବାକୁ ଲକ୍ଷ୍ୟ ରଖିଛି। ଏହି ସ୍କିମ୍ ସବ୍‌ସ୍କ୍ରିପସନ ନିମନ୍ତେ ୨୦୨୫ ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। କୋଟାକ୍ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ୍‌ର ଏମ୍‌ଡି ନିଲେଶ ଶାହ କହିଥିଲେ, ବଜାରଗୁଡ଼ିକ ସର୍ବଦା ଆୟ ଉପରେ ନଜର ରଖିଥାନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Marketing Staff for a Reputed Real Estate Company on the Basis of Monthly Salary of Rs.10,000/- per Month. Kindly Contact- At: SPPL, N1/200, IRC Village, Nayapalli, Bhubaneswar-15, Cell: 9937605789

WANTED
ଭୁବନେଶ୍ୱରରେ ଏକ ଘରୋଇ Car/School Bus ଚଲାଇବାପାଇଁ ଅଭିଜ୍ଞ, ଶିକ୍ଷିତ ଡ୍ରାଇଭର ଆବଶ୍ୟକ।
- ଯୋଗାଯୋଗ -
9861326975 / 9853538772

REQUIRED
Contract Specialist, Designers, Architect, Project Managers, DPM, Site Engineers, Surveyors, QS, QC for Civil (Roads, Bridges, Buildings, Pipelines, STP/WTP & OTH) Works and experienced Mechanical Staff, Accountants, HR, CA, Social Expert, Purchase & Stores @ Telangana & PAN India. Preference: Male.
CONTACT:
hr.hyd@keystoneinfra.com, 9393645644 | 7901031633

# ଅକ୍ଟୋବର ୩୦ରୁ ଅନ୍ତର୍ଜାତୀୟ ଶିଳ୍ପ ପ୍ରଦର୍ଶନୀ

ଭୁବନେଶ୍ୱର,୨୯।୭

ଚଳିତ ବର୍ଷ ଅକ୍ଟୋବର ୩୦ରୁ କୋଲକାତାଠାରେ ଏକ ୪ ଦିନିଆ ଖଣି, ଧାତୁ ଓ ସମ୍ବନ୍ଧିତ ଶିଳ୍ପର ଅନ୍ତର୍ଜାତୀୟ ପ୍ରଦର୍ଶନୀ ତଥା ସମ୍ମିଳନୀ ଆୟୋଜନ ହେବାକୁ ଯାଉଛି। ଏପରିକି ନିକଟରେ ଆର୍ଜେଣ୍ଟିନାଠାରେ ଅଧିଗ୍ରହଣ କରାଯାଇଥିବା ୫ଟି ଲିଥିୟମ ବ୍ଲକ୍‌ରୁ ବିରଳ ଖଣିଜ ପଦାର୍ଥ ବାହାର କରିବା ପାଇଁ ଭାରତର ପ୍ରୟାସ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯିବ। ଏହି ସମ୍ମିଳନୀର ଲକ୍ଷ୍ୟ ହେଉଛି ଭାରତକୁ ଖଣି ଓ ଉତ୍ପାଦନ ପାଇଁ ଆବଶ୍ୟକ ଶିଳ୍ପ ସାମଗ୍ରୀ ଉପରେ ଆଲୋଚନା କରାଯିବ। ବିଶେଷ କରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ର ଉପରେ ଆଲୋଚନା ସହ ଭାରତକୁ ଏକ ଗ୍ଲୋବାଲ ହବ୍‌ରେ ପରିଣତ କରିବା ଉପରେ ଗୁରୁତ୍ୱ ଦେବା। ଏହି ପ୍ରଦର୍ଶନୀ ଘରୋଇ ଉତ୍ପାଦନ କ୍ଷମତାକୁ ବୃଦ୍ଧି କରିବା ବ୍ୟତୀତ ଖଣି ଓ ଧାତୁ ଶିଳ୍ପର ବିକାଶକୁ ତ୍ୱରାନ୍ୱିତ କରାଇବା ସହ ନିବେଶ ଆକର୍ଷିତ କରିବା ପାଇଁ ଲକ୍ଷ୍ୟ ରଖିଛି। ପୂର୍ବରୁ ଏହି ପ୍ରସଙ୍ଗରେ କୋଲ୍ ଇଣ୍ଡିଆ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପିଏମ୍ ପ୍ରସାଦ ମଧ୍ୟ ବିସ୍ତୃତ ଭାବେ ଗୁରୁତ୍ୱାରୋପ କରିଛନ୍ତି। ଏହି ପ୍ରଦର୍ଶନୀରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ମଧ୍ୟ ଉପସ୍ଥିତ ରହିବେ।

ଅପରପକ୍ଷରେ ଜେଡବ୍ଲ୍ୟୁ ମାରିଅଟ, ଆଇଟିସି ସୋନାର (ଷ୍ଟିଲ୍ କନ୍‌ଫରେନ୍ସ ଓ ପ୍ରଦର୍ଶନୀ), ବିଶ୍ୱ ବାଙ୍ଗଲା ମେଳା ପ୍ରାଙ୍ଗଣ ଆଣ୍ଡ ସାଇନ୍ସ ସିଟି ଗ୍ରାଉଣ୍ଡରେ ୧.୧ ଲକ୍ଷ ବର୍ଗମିଟର ଅଞ୍ଚଳରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଷ୍ଠିତ କାର୍ଯ୍ୟକ୍ରମରେ ଏସିଆନ ମାଇନିଂ କଂଗ୍ରେସ (ଏଏମ୍‌ସି), ଇଣ୍ଟରନ୍ୟାଶନାଲ ମାଇନିଂ ଏଗ୍‌ଜିବିଶନ (ଆଇଏମ୍ଇ), ଇଣ୍ଟରନ୍ୟାଶନାଲ ଷ୍ଟିଲ ଆଣ୍ଡ ମେଟାଲର୍ଜି ଏଗ୍‌ଜିବିଶନ (ଆଇଏସ୍ଏମ୍ଇ) ଓ ଇଣ୍ଟରନ୍ୟାଶନାଲ ଷ୍ଟିଲ କନ୍‌ଫରେନ୍ସ (ଆଇଏସ୍‌ସି) ଆଦି ପ୍ରଦର୍ଶିତ ହେବାକୁ ଯାଉଛି। ଏହି ପ୍ରଦର୍ଶନୀ ଓ ସମ୍ମିଳନୀରେ ୬୦୦ରୁ ଅଧିକ ପ୍ରଦର୍ଶକ, ୧୦୦ ବକ୍ତା ଓ ୨୫ଟି ଦେଶର ପ୍ରତିନିଧି ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ଏହି ସମ୍ମିଳନୀରେ ଅଷ୍ଟ୍ରେଲିଆ, ରୁଷ ଫେଡେରେଶନ, ଜର୍ମାନୀ, ଚେକ୍ ରିପବ୍ଲିକ୍, ପୋଲାଣ୍ଡ, ଚାଇନା ଭଳି ଦେଶର କଣ୍ଟ୍ରି ପାଭିଲିଅନ ରହିବାର ସୂଚନା ମିଳିଛି। ସେହିପରି ଭାରତର ଖଣିଜ ପଦାର୍ଥ ସମୃଦ୍ଧ ରାଜ୍ୟ, ପିଏସ୍ୟୁ, କର୍ପୋରେଟ, ଏସ୍ଏମ୍ଇ, ଇନୋଭେଟର/ଷ୍ଟାର୍ଟଅପ୍ ଆଦି ଏଥିରେ ଅଂଶଗ୍ରହଣ କରିବେ।

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶ୍ୟାମସୁନ୍ଦର ପଟ୍ଟନାୟକ
ଦାଣ୍ଡିମାଳ ସାହି, ପୁରୀ
ବାପା, ଦେଖୁଁ ଦେଖୁଁ ୪ ବର୍ଷ ବିତିଗଲା।
ଆମକୁ ଛାଡି ସବୁ ମୋହମାୟା ତୁଟାଇ
କେଉଁ ଅଫେରା ରାଇଜକୁ ଚାଲିଗଲ ଖାଲି
ଫଟୋରେ ଶୋଭା ପାଉଛ। ତୁମ ଅମର
ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ
ଚରଣରେ ଆମର ପ୍ରାର୍ଥନା।
-:ଇତି:-
ତୁମର ଶୋକସନ୍ତପ୍ତ ପରିବାରବର୍ଗ
ଧ-୧୪୭୭

ଧରିତ୍ରୀ DHARITRI Oriya daily
ଧରିତ୍ରୀ 51 Years
WANTED

| POSITION | ELIGIBILITY | LOCATION |
| --- | --- | --- |
| ACCOUNTS EXECUTIVES | ▸ Candidates should have at least 3 years+ experience in the field of Accounts.<br>▸ Experience should include cash register maintenance, day to day accounting, MIS, Verification of Bills and Tally entry.<br>▸ Proficiency in MS Excel, MS Word & Tally is a must. | BHUBANESWAR |
| CIRCULATION EXECUTIVES | ▸ 2-3 years sales experience in print media.<br>▸ Oversee distribution to subscribers, retailers & customers.<br>▸ Willingness to travel & keep in touch with agents. Collection of outstanding dues. Own bike or transport will be preferred.<br>▸ Proficiency in MS-Office. | BHUBANESWAR, ANGUL & SAMBALPUR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

# ଖସିଯାଉଛନ୍ତି ଯନ୍ତ୍ରୀ

ଶିକ୍ଷାର ଆଦ୍ୟପୀଠ ସ୍କୁଲ । ପିଲାଙ୍କ ଶିକ୍ଷା, ଆଚରଣ ଓ ସମୟାନୁବର୍ତ୍ତିତାର ମୂଳଦୁଆ ଏହିଠାରୁ ପଡ଼ିଥାଏ। ମାତାପିତା ସେମାନଙ୍କ ପିଲାମାନଙ୍କୁ ପଠାଉଥିବା ସ୍କୁଲ ସବୁ ଦିଗରୁ ସୁରକ୍ଷିତ ଥିବା ଆଶା ରଖିଥାଆନ୍ତି । ହେଲେ ଅନେକ ସମୟରେ ସ୍କୁଲରେ ପିଲାଙ୍କୁ ଦଣ୍ଡ ଦିଆଯିବା, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦୁର୍ବ୍ୟବହାର ଦେଖିବାକୁ ମିଳୁଛି, ଯାହା ବହୁ ସମୟରେ ଅପ୍ରୀତିକର ସ୍ଥିତି ସୃଷ୍ଟି କରୁଛି। ଏସବୁଠାରୁ ବଳି ଯାଉଛି ଯେତେବେଳେ ସ୍ଥାନୀୟ ପ୍ରଶାସନ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ପିଲାମାନଙ୍କ ଜୀବନ ଯାଉଛି। ଉଦାହରଣ ଗୋଟାଇଲେ ଅନେକ ମିଳିବ। ଜୁଲାଇ ୨୫ ତାରିଖରେ ରାଜସ୍ଥାନ ଝାଲୱାର ଜିଲା ପିପ୍‌ଲୋଦି ଗାଁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ ଭୁଶୁଡ଼ି ୭ ଜଣ ଛାତ୍ରଙ୍କ ମୃତ୍ୟୁ ହେବା ସହ ୨୮ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହାର ୩ଦିନ ପରେ ଅର୍ଥାତ୍ ଜୁଲାଇ ୨୮ରେ ସେହି ରାଜ୍ୟର ଜୈସଲମେର ଜିଲାରେ ଏକ ସ୍କୁଲ ଗେଟ୍‌ରୁ ସ୍ଲାବ ଖସି ଜଣେ ଛାତ୍ରଙ୍କର ଜୀବନ ଯାଇଛି। ଏହା ବ୍ୟତୀତ ଜୁଲାଇ ୨୬ରେ ଉତ୍ତରପ୍ରଦେଶ ହାପୁର ଜିଲାର ଏକ ସରକାରୀ ପ୍ରାଥମିକ ସ୍କୁଲ ଛାତର କିଛି ଅଂଶ ଖସିପଡ଼ିବାରୁ ୪ ଜଣ ଛାତ୍ର ଆହତ ହୋଇଛନ୍ତି। ଅନ୍ୟ ରାଜ୍ୟର ଏହି ୩ଟି ଘଟଣା ସହ ଓଡ଼ିଶାରେ ଜୁଲାଇ ୨୮ରେ କନ୍ଧମାଳ ଜିଲା ବାଲିଗୁଡ଼ା ବ୍ଲକ୍‌ର ନାଡ଼ାପାଟାଙ୍ଗୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଘରର ଏକ ଅଂଶ ଭୁଶୁଡ଼ି ପଡ଼ିଥିଲା। ସ୍କୁଲର ୭୭ ଜଣ ପିଲା ସୌଭାଗ୍ୟବଶତଃ ରକ୍ଷା ପାଇଯାଇଛନ୍ତି। ତେବେ ଏହା ପୂର୍ବରୁ ଜୁନ୍‌ରେ କେନ୍ଦୁଝରର ଦେଓଗଡ଼ ପ୍ରାଥମିକ ବିଦ୍ୟାଳୟ ଛାତରୁ ଏକ ଅଂଶ ଖସିପଡ଼ି ଜଣେ ଛାତ୍ର ଆହତ ହୋଇଥିଲେ ଏବଂ ମାର୍ଚ୍ଚରେ ଗଞ୍ଜାମ ବେଗୁନିଆପଡ଼ା ବ୍ଲକର ହରିହର ମର୍ଦ୍ଦରାଜ ହାଇସ୍କୁଲର ଏକ ଶିଡ଼ି ଓ ଛାତ ଭୁଶୁଡ଼ିବା ଖବର ସାମ୍ନାକୁ ଆସିଥିଲା, ଯେଉଁଥିରେ କେହି ମୃତାହତ ହୋଇ ନ ଥିଲେ। ଏସବୁ ଘଟଣା ସୂଚିତ କରୁଛି ଯେ, ପିଲାଙ୍କ ସୁରକ୍ଷା ପ୍ରତି କାହାର ଦୃଷ୍ଟି ନାହିଁ। ଯେଉଁ ଛାତ ତଳେ ପିଲା ପଢୁଛନ୍ତି ତାହା ସୁରକ୍ଷିତ କି ନୁହେଁ, ତାହାର ନିୟମିତ ଯାଞ୍ଚ ପ୍ରାୟ ହୁଏ ନାହିଁ। କେଉଁ ଠିକାଦାର କେବେ ଏହାକୁ କରିଥିଲେ, ମାନ କେମିତି ଥିଲା ଓ ତାହା କେତେଦିନ ସୁରକ୍ଷିତ ଭାବେ ରହିପାରିବ, ସେସବୁର କୌଣସି ବିବରଣୀ ସ୍କୁଲ କାନ୍ଥରେ କିମ୍ବା କାଗଜପତ୍ରରେ ଉଲ୍ଲେଖ ନ ଥାଏ। ବେଶି ଗୁରୁତ୍ୱ ରଖେ ସେହି ସ୍କୁଲକୁ ଶିଳାନ୍ୟାସ ଓ ଉଦ୍‌ଘାଟନ ବେଳେ ପଥର ଉପରେ ମନ୍ତ୍ରୀ, ନେତା ଓ ପ୍ରଶାସନିକ ଅଧିକାରୀଙ୍କ ନାମ ଉଲ୍ଲେଖ କରିବା । କିନ୍ତୁ କୌଣସି ଜାଗାରେ କାର୍ଯ୍ୟ କରିଥିବା ଠିକାଦାରଙ୍କ ନାମ ଏବଂ ତାଙ୍କ ସମ୍ପର୍କରେ ତଥ୍ୟ ରଖାଯାଏ ନାହିଁ, ଯେଉଁଥିପାଇଁ ସେହି ବ୍ୟକ୍ତି ବିଶେଷ ନିରାପଦରେ ଖସି ଯାଇଥାନ୍ତି। ଠିକାଦାରଙ୍କ ସହ ସମ୍ପୃକ୍ତ ସରକାରୀ ବିଭାଗ ଯଥା ବ୍ଲକ, ପୂର୍ତ୍ତ ବିଭାଗର କେଉଁ କନିଷ୍ଠ ଯନ୍ତ୍ରୀ ଏବଂ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସେହି ପ୍ରକଳ୍ପକୁ ନିର୍ମାଣ କଲେ ସେମାନଙ୍କର ନାମ ଏବଂ ତଥ୍ୟ ଉଲ୍ଲେଖ କରାଯାଉ ନ ଥିବାରୁ ମୁଖ୍ୟ ଦୋଷୀମାନେ ସଦାସର୍ବଦା ସୁରୁଖୁରୁରେ ଖସିଯିବାର ଉଦାହରଣ ବାରମ୍ବାର ଦେଖିବାକୁ ମିଳୁଛି। ଠିକାଦାର ୱାର୍କଅର୍ଡର ପାଇବା ପରେ 'ର, ଠ' କାମ କରିଦେଇ ଚାଲିଯାଆନ୍ତି। ବ୍ଲକ ଏବଂ ପୂର୍ତ୍ତ ବିଭାଗ ତଦାରଖରେ ହେଉଥିବା ପ୍ରାୟତଃ ସବୁ କାମର ଗୁଣବତ୍ତା ଉପରେ ନଜର ରଖାଯାଏ ନାହିଁ। ଉଦାହରଣ ସ୍ୱରୂପ, ୧୦ କିମ୍ବା ୧୫ ବର୍ଷ ତଳେ ନିର୍ମିତ ସ୍କୁଲ କୋଠା ଛାତରୁ ପାଣି ଗଳିବା ସହ କାନ୍ଥରୁ ପ୍ଲାଷ୍ଟର ଖସିପଡୁଥିବା ଖବର ବହୁ ସମୟରେ ସାମ୍ନାକୁ ଆସୁଛି । ଏହା ନିଶ୍ଚିତକରି କୁହାଯାଇପାରେ ଯେ, ସମାନ ସମୟରେ ଆରମ୍ଭ ହୋଇଥିବା ବ୍ୟକ୍ତିଗତ କୋଠାଗୁଡ଼ିକରୁ ରଙ୍ଗ ଛାଡ଼ି ନ ଥାଏ। ଏଥିରୁ ବୁଝିବା କଷ୍ଟକର ନୁହେଁ ଯେ, ସର୍ବସାଧାରଣ କାମଗୁଡ଼ିକୁ ସର୍ବଦା ଅଣଦେଖା କରାଯାଇଆସୁଛି।

ଏଭଳି ସ୍ଥଳେ ମନେ ପକାଯାଇପାରେ ଯେ, ଏବେ ମଧ୍ୟ ଆମ ରାଜ୍ୟରେ ବହୁ ସ୍କୁଲ ଓ କଲେଜ ବ୍ରିଟିଶ ଅମଳରେ ନିର୍ମିତ ହୋଇଥିବା ସତ୍ତ୍ୱେ ବଡ଼ ଅଘଟଣ ଘଟିଥିବା ନଜରକୁ ଆସେ ନାହିଁ। କାରଣ ସେତେବେଳେ ତିଆରି କରାଯାଇଥିବା କୋଠା ବା ଭିତ୍ତିଭୂମିର ସମୟସୀମା ପ୍ରାୟତଃ ଉଲ୍ଲେଖ କରାଯାଉଥିଲା। ସେହି ଅନୁଯାୟୀ ଯାହାର ସ୍ଥାୟିତ୍ୱ ମିଆଦି ସରିଯିବାକୁ ବସୁଥିଲା ସେତେବେଳେ ସେଗୁଡ଼ିକୁ ଅସୁରକ୍ଷିତ ଭାବେ ଘୋଷଣା କରାଯାଉଥିଲା। ଗୋଟେ ଅନୁମାନ ଲଗାଇଲେ ପାଖାପାଖି ୧୦୦ ବର୍ଷ ଯାଏ କୋଠାଗୁଡ଼ାକ ସାମାନ୍ୟ ମରାମତି ଭିନ୍ନ ବଡ଼ କାମ ମାଗୁ ନ ଥିଲା। ହେଲେ ଏବେ ଗୋଟେ ଶତାବ୍ଦୀର ଚଉଠ ଯାଏ କୋଠା ତିଷ୍ଠିବ ବୋଲି ଜୋର ଦେଇ କହିହେଉ ନାହିଁ। ସ୍କୁଲ କଥାକୁ ଦେଖିଲେ ଯେତେବେଳେ ଛାତ ଭୁଶୁଡୁଛି କିମ୍ବା କାନ୍ଥ ଭାଙ୍ଗିପଡୁଛି ସେତେବେଳେ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବେଶି ସମୟ ଲାଗୁ ନାହିଁ। କିନ୍ତୁ ଅସଲ କାର୍ପେଟଦାର ଠିକାଦାର ହୁଅନ୍ତୁ କିମ୍ବା ବ୍ଲକର କନିଷ୍ଠ ଯନ୍ତ୍ରୀ ବା ସ୍ଥଳବିଶେଷରେ ଅନ୍ୟ ଅଧିକାରୀମାନେ ଆଢୁଆଳରେ ରହିଯାଉଛନ୍ତି।

> **ଠିକାଦାରଙ୍କ ସହ ସମ୍ପୃକ୍ତ ସରକାରୀ ବିଭାଗ ଯଥା ବ୍ଲକ, ପୂର୍ତ୍ତ ବିଭାଗର କେଉଁ କନିଷ୍ଠ ଯନ୍ତ୍ରୀ ଏବଂ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସେହି ପ୍ରକଳ୍ପକୁ ନିର୍ମାଣ କଲେ ସେମାନଙ୍କର ନାମ ଏବଂ ତଥ୍ୟ ଉଲ୍ଲେଖ କରାଯାଉ ନ ଥିବାରୁ ମୁଖ୍ୟ ଦୋଷୀମାନେ ସଦାସର୍ବଦା ସୁରୁଖୁରୁରେ ଖସିଯିବାର ଉଦାହରଣ ବାରମ୍ବାର ଦେଖିବାକୁ ମିଳୁଛି।**

# ସରକାରୀ କର୍ମଚାରୀ ବନାମ ନେତା, ଜନତା



ବିଭୂତି ଭୂଷଣ ବେହେରା

ରାଜ୍ୟର ଜନତା ସ୍ତମ୍ଭ। ସାଧାରଣ ଜନତା ହୁଅନ୍ତୁ କି ନେତା,ମନ୍ତ୍ରୀ କି ସରକାରୀ କର୍ମଚାରୀ, ସମସ୍ତେ ସମସ୍ତଙ୍କ ପରିପୂରକ। ଜନତାଙ୍କ ମତଦାନରେ ନେତା, ନେତାଙ୍କ ନିର୍ଦ୍ଦେଶରେ ଜନତାଙ୍କ ସ୍ୱାର୍ଥ ଓ ରାଜ୍ୟର ବିକାଶ ପାଇଁ ସରକାରଙ୍କ ଯୋଜନାକୁ ଜନତାଙ୍କ ପାଖରେ ପହଞ୍ଚାଇବା ସରକାରୀ କର୍ମଚାରୀଙ୍କ କାମ। କହିବାକୁ ଗଲେ ଜନତାଙ୍କ ପାଇଁ ନେତା,ମନ୍ତ୍ରୀ ଓ କର୍ମଚାରୀ,ଏକଥା ଆମେ କହୁନୁ ଆମ ବ୍ୟବସ୍ଥା କୁହେ। ୨୫ବର୍ଷ ତଳର ଘଟଣା,ସେତେବେଳେ ଆମ ଘରେ ଲ୍ୟାଣ୍ଡ ଫୋନ୍ ଥାଏ। ଘରର ଏବଂ ସାହି ପଡ଼ୋଶୀଙ୍କ ଆବଶ୍ୟକତା ଅନୁସାରେ କାମରେ ଲାଗେ। ଦିନକର କଥା, ମୋ ବୋଉଙ୍କ ଦେହ ଅଚାନକ ଖରାପ ହୋଇଯାଏ। ଘରେ ଆମେ ଭାଇ ଭଉଣୀ ୨ଜଣ,ତୁରନ୍ତ ଡାକ ବିଭାଗର ମୁଖ୍ୟ ଡାକଘରକୁ ଫୋନ୍ କଲି। ସେ ପାଖରୁ ହେଡ୍‌ପୋଷ୍ଟ ମାଷ୍ଟର ଫୋନ୍ ଉଠାଇ ବାବାଙ୍କ ନାମ ଧରି ଡାକନ୍ତି। କିଛି ସମୟ ପରେ ବାବା ଆସି ଫୋନ୍ ଉଠାଇ କୁହନ୍ତି, କାମରେ ବ୍ୟସ୍ତ ଅଛି। ମୁଁ କିଛି କହିବା ପୂର୍ବରୁ ଫୋନ୍‌ଟି ରଖିଦେଲେ। ଭଗବାନ୍‌ଙ୍କ ଇଚ୍ଛାରେ ବୋଉଙ୍କ ଦେହ ଭଲ ହୋଇଗଲା ସତ , କିନ୍ତୁ ଫୋନ୍ କଥା ପଚାରିବି ବୋଲି ମନରେ ଜିଜ୍ଞାସା ହେଲା,ଭୟରେ ପଚାରିଲି, ମୁଁ କିଛି କହିବା ପୂର୍ବରୁ ଫୋନ୍‌ଟି ରଖିଦେଲେ। ବାବାଙ୍କ ଉତ୍ତର ଥିଲା, ସରକାରୀ ଚାକିରି କରିଛୁ, ସରକାର ଆମକୁ ଠିକ୍ ସମୟରେ ଦରମା ଦେଉଛନ୍ତି। ଏହି ଦରମାରେ ତୁମମାନଙ୍କ ପାଠପଢ଼ା ଖର୍ଚ୍ଚ ସହ ମୁଣ୍ଡକୁ ଛାତ,ପେଟକୁ ଦାନା,ପିନ୍ଧିବାକୁ କନା ମିଳେ। ସେହି ସମୟରେ ମୁଁ ଜଣେ ଖାତାଧାରୀଙ୍କ କାର୍ଯ୍ୟ କରୁଥିଲି। ମୁଁ ଚିନ୍ତାକଲି ମୋର ପରିବାରଠାରୁ ଯେଉଁ ବ୍ୟକ୍ତିମାନଙ୍କ କାମ କଲେ ଆମ ଘରେ ଚୁଲି ଜଳେ, ତାଙ୍କ କାମ ପ୍ରଥମେ ହେବା ଦରକାର। ଏହା ଥିଲା ଜଣେ କେନ୍ଦ୍ର ସରକାରଙ୍କ କର୍ତ୍ତବ୍ୟନିଷ୍ଠା କାର୍ଯ୍ୟ।

ରାଜ୍ୟର ୧ ନମ୍ବର ସରକାରୀ ବିଶ୍ୱବିଦ୍ୟାଳୟରେ ଉନ୍ନତ ବୈଦ୍ୟୁତିକ ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗରେ ପିଜି ପାସ୍ ହୋଇ ମୁଁ ଉଚ୍ଚଶିକ୍ଷା ପାଇଁ ଗୁଜରାଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପିଏଚ୍.ଡି.ରେ ନାମ ଲେଖାଇଲି। ୟୁଜିସି ଗାଇଡ୍‌ଲାଇନ ଅନୁସାରେ, ଆଡ୍‌ମିସନ ସମୟରେ ଅରିଜିନାଲ ପ୍ରମାଣପତ୍ର ତଦନ୍ତ ଅଫିସରଙ୍କୁ ଦେଖାଇବାକୁ ହୁଏ, କିନ୍ତୁ ସମସ୍ତ ସାର୍ଟିଫିକେଟ ସହ ପିଜି ଫାଇନାଲ ସାର୍ଟିଫିକେଟର ଅଭାବ ଥିଲା। ତଦନ୍ତ ଅଫିସରଙ୍କୁ ଦରଖାସ୍ତ ଦେଇ ଅନୁରୋଧକରି ସମୟ ମାଗିଲି। ବିଶ୍ୱବିଦ୍ୟାଳୟକୁ ଆସି ପୂର୍ବରୁ ଆବେଦନ କରିଥିବା ଅଫିସକୁ ଯାଇ ପଚାରିଲି ୬ମାସରୁ ଅଧିକ ସମୟ ବିତିଗଲାଣି ମୋର ପିଜି ସାର୍ଟିଫିକେଟ ମିଳିନାହିଁ। ବାବୁ ଜଣଙ୍କ କହିଲେ, ଆପଣ ଲିଖିତ ଦରଖାସ୍ତ ସହ ଠିକଣା ଦେଇ ଚାଲିଯାଆନ୍ତୁ, ଆମେ ଠିକଣାରେ ପହଞ୍ଚାଇ ଦେବୁ। ଶାନ୍ତ ଓ ସରଳ ଭାବରେ ମୁଁ କହିଲି, ଆପଣ ମୋର ସାର୍ଟିଫିକେଟ ନ ଦେଲେ ମୋର ପିଏଚ୍.ଡି. ବାତିଲ ହୋଇଯିବ। ଏହା ଶୁଣି ମୋର ସାଙ୍ଗ ହିଂସା ଆଚରଣ କରିବା ପୂର୍ବରୁ ମୁଁ ତାକୁ ତାଗିଦ କଲି। ହିଂସା କରିବା ଆମ ସଂସ୍କୃତି ନୁହେଁ, ହିଂସା ମାଧ୍ୟମରେ ସମସ୍ୟାର ସମାଧାନ ହୁଏନାହିଁ। ଯାହା ବିଏମ୍‌ସିରେ ଘଟିଯାଇଛି। ଆପଣଙ୍କ ପୁଅ କି ଝିଅ ମୋ ସ୍ଥାନରେ ଥିଲେ ଆପଣ କ'ଣ ଏପରି କରିଥାନ୍ତେ, ଟିକେ ଚିନ୍ତା କରନ୍ତୁ। ନିବେଦନକରି ଦରଖାସ୍ତ ଦେଇଚାଲି ଆସିଲି। କିଛିଦିନର ବ୍ୟବଧାନ ପରେ ସାର୍ଟିଫିକେଟ ପାଇଲି ସତ, କିନ୍ତୁ ବର୍ଷେ ବିତିଯାଇଥିଲା। ପାଠକ ଅନୁମାନ କରୁଥିବେ, ରାଜ୍ୟ ସରକାରଙ୍କ ଜଣେ କର୍ତ୍ତବ୍ୟନିଷ୍ଠ ସରକାରୀ କର୍ମଚାରୀଙ୍କ କାର୍ଯ୍ୟ। ଇଣ୍ଟରନେଟ୍ ଯୁଗରେ ବି ସରକାରୀ ଦପ୍ତରରେ ଅବହେଳା।



ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ରାଜ୍ୟର ସ୍ୱତନ୍ତ୍ରତା ଓ ବିକାଶ ପାଇଁ ଅନେକ ମହାପୁରୁଷ ରାଜ୍ୟର ସ୍ୱାର୍ଥ ପାଇଁ ନିଜ ଜୀବନକୁ ବାଜି ଲଗାଇ ଆହୂତି ଦେଇଛନ୍ତି। ଇତିହାସ ପୃଷ୍ଠାକୁ ଓଲଟାଇଲେ ଲୋମ ଟାଙ୍କୁରିଉଠେ। କି ସ୍ୱାର୍ଥ ଥିଲା ଗୋପବନ୍ଧୁ ଦାସ, ରମା ଦେବୀ,ସାରଳା ଦେବୀ, କୁନ୍ତଳା କୁମାରୀ, ବୀର ସୁରେନ୍ଦ୍ର ସାଏ, ବକ୍ସି ଜଗବନ୍ଧୁ, ମଧୁବାବୁ, ବାଜି ରାଉତ, ଧର୍ମପଦ ଓ ଚକରା ବିଷୋୟୀଙ୍କ ପରି ଅନେକ ମହାପୁରୁଷଙ୍କର। ଏ ମାଟି ଓ ଜନତାଙ୍କ ସ୍ୱାର୍ଥ ପାଇଁ ଦୀପର ସଳତା ଜଳିଲା ପରି ନିଜ ଜୀବନକୁ ସମାଜ ପାଇଁ ଲମ୍ବା ସମୟ ଧରି ନିଃସ୍ୱାର୍ଥ ଓ କର୍ତ୍ତବ୍ୟନିଷ୍ଠ ଭାବରେ ପରିଶ୍ରମକରି ଓଡ଼ିଶାର ବିକାଶ ରଥକୁ ଆଗକୁ ବଢ଼ାଛନ୍ତି। ଗୋପବନ୍ଧୁ କହିଥିଲେ, 'ଭାରତ ସରସେ ଉତ୍କଳ କମଳ, ତା'ମଧ୍ୟେ କେଶର ପୁଣ୍ୟ ନୀଳାଚଳ'। ଗୋପବନ୍ଧୁ ଯାହା ଚିନ୍ତା କରୁଥିଲେ, ତାହା କରୁଥିଲେ, ଯାହା କହୁଥିଲେ ତାହା ଲେଖୁଥିଲେ ଏବଂ କାର୍ଯ୍ୟରେ ମଧ୍ୟ ପରିଣତ କରିବା ପାଇଁ ଆପ୍ରାଣ ଚେଷ୍ଟା କରୁଥିଲେ। ଏହି ପବିତ୍ର ମାଟିର ସ୍ୱରାଜ୍ୟ ପାଇଁ ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଥିଲେ। ପ୍ରଥମ ପୁତ୍ରର ଅକାଳ ବିୟୋଗ ଏବଂ ଓକିଲାତି ଆରମ୍ଭରୁ ଦ୍ୱିତୀୟ ପୁତ୍ର ବିୟୋଗ ଓ ସ୍ତ୍ରୀଙ୍କ ବିୟୋଗର ଖବର ପାଇଥିଲେ ମଧ୍ୟ ହୃଦୟରେ ଦୁଃଖକୁ ଚାପିଧରି ୧୯୦୭ ମସିହାରେ ବ୍ରାହ୍ମଣୀ ଓ ଖରସୁଆଁ ନଦୀର ବଢ଼ିରେ ବୁଲିବୁଲି ବିପନ୍ନ ଅଞ୍ଚଳରେ ସାହାଯ୍ୟକରି ଭୋକିଲା ପେଟକୁ ଆହାର ଓ ନର୍ବସ୍ତ୍ରକୁ ବସ୍ତ୍ର ଦେଉଥିଲେ। ଓଡ଼ିଶା ଥିଲା ତାଙ୍କ ପରିବାର, ଜନତାଙ୍କ ବିକାଶ ହିଁ ରାଜ୍ୟର ବିକାଶ।

କିନ୍ତୁ ଆଜିର ଯୁବପିଢ଼ି ମନରେ ଜନତାଙ୍କ ସେବାକରିବା ମନୋବୃତ୍ତି ରହୁନାହିଁ କି! ନା ଚାକଚକ୍ୟ ସହରୀ ଜୀବନ ଭିତରେ ରହି ଅଭାବକୁ ପୂରଣ କରିବାକୁ ଯାଇ ଅସାଧୁ ଉପାୟ ଅବଲମ୍ବନକରି ଲୁଟୁଛନ୍ତି ରାଜସ୍ୱ। ପ୍ରଶାସନିକ ଚାକିରିରେ ଯୋଗଦେଲା ପରେ ମାନୁନାହାନ୍ତି ଇନ୍ଦ୍ର କି ଚନ୍ଦ୍ର ! ପ୍ରଶାସନିକ ଅଫିସରଙ୍କ କାର୍ଯ୍ୟକୁ ନେଇ ରାସ୍ତାରେ ଅଳିଆ ପଡ଼ିଲା, ସାଧାରଣ ଜନତାଙ୍କ ପାଖକୁ ପାଣି ଆସିବାରେ ବିଳମ୍ବ ହେଲା, ରୋଗୀଙ୍କ ଆମ୍ବୁଲାନ୍ସ ଅଟକିଗଲା। ସାଧାରଣ ଜନତା ନାହିଁ ନ ଥିବା ହୀନସ୍ତା ହେଲେ। କେତେଜଣ ପ୍ରଶାସନିକ ଅଧିକାରୀଙ୍କ ମନମାନି ଯୋଗୁ ସରକାରଙ୍କ କଳ ଠପ୍, ବହୁ କୋଟି ଟଙ୍କାର ରାଜସ୍ୱ ହାନି ଘଟିଲା। ସମୟ ଅଛି ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀମାନେ ଜନତା ଓ ରାଜ୍ୟର ସ୍ୱାର୍ଥକୁ ନଜର ରଖି ଆଗାମୀ ପିଢ଼ି ପାଇଁ ଆଦର୍ଶର ମାର୍ଗ ଦେଖାନ୍ତୁ ଏବଂ ଜନତାଙ୍କ କାମ କରନ୍ତୁ। ଯଦି ଜନତାଙ୍କ କାମ କରିବା ପାଇଁ ଅସମର୍ଥ, ଚାକିରିରୁ ବିଦାୟ ନିଅନ୍ତୁ, ଜନତାଙ୍କ ସହ ହାତାହାତି ହେବା ଏକ ସୁସ୍ଥ ସମାଜ ପାଇଁ ଶୁଭଙ୍କର ନୁହେଁ। ଓଡ଼ିଶାରେ ଯୋଗ୍ୟତାର ଅଭାବ ନାହିଁ, ପ୍ରଶାସନିକ ସେବା ପାଇଁ ମୂଲ୍ୟାଙ୍କନ ହୋଇଥିବା ୧ ମାର୍କରୁ କମ୍ ରଖିଥିବା ପରୀକ୍ଷାର୍ଥୀଟି ବି ଅଫିସରଙ୍କଠାରୁ କିଛି କମ୍ ନୁହେଁ। ଜଣେ ବିଶିଷ୍ଟ ବ୍ୟକ୍ତି ଯାହା କରନ୍ତି ସାଧାରଣ ଲୋକ ତାହା ଅନୁସରଣ କରନ୍ତି। ସେ ତାଙ୍କର ନିଜ ଆଚରଣ ଦ୍ୱାରା ଯେଉଁ ପ୍ରକାର କାର୍ଯ୍ୟ କରିଯାଆନ୍ତି ସମଗ୍ର ପୃଥିବୀ ତାହା ଅନୁସରଣ କରେ। ଏବେ ସମାଜରେ ଚର୍ଚ୍ଚା ହେଉଛି ପ୍ରଶାସନିକ ଅଧିକାରୀ ମାନେ ସରକାରୀ କଳକୁ ଠପ୍ କରିବା ଯୁକ୍ତିଯୁକ୍ତ କି ? ସେଥିପାଇଁ ଦାୟୀ କିଏ ? ଦର୍ଘ ବର୍ଷ ଧରି ସରକାରୀ କଳକୁ ଅକ୍ତିଆର କରି ରଖିଥିବା ପ୍ରଶାସନିକ ବାବୁମାନେ ଏକ ଜନହିତାୟ ସରକାର ଆସିଲା ପରେ ସମନ୍ୱୟର ଅଭାବ ରହୁଛି କି, ନା ବିଗତ ସରକାରଙ୍କ ମଧୁଚନ୍ଦ୍ରିକାରେ ଚାଲିଥିବା ସରକାରୀ କଳକୁ ଏବେ ହାଇଜାକ୍ କରିବାକୁ ବାବୁମାନେ ଚେଷ୍ଟା କରୁଛନ୍ତି କି । ତାହା ଏବେ ପ୍ରଶ୍ନବାଚୀ। ଏଠି ବଳି ପଡୁଛି ସାଧାରଣ ଓ ନିରୀହ ଜନତା। ସମୟ ଥାଉ ଥାଉ ନେତା ଓ ସରକାରୀ କର୍ମଚାରୀ ସମନ୍ୱୟ ରକ୍ଷାକରି ଦେଶ ତଥା ରାଜ୍ୟର ବିକାଶ ଏବଂ ସାଧାରଣ ଜନତାଙ୍କ ହିତ ପାଇଁ କାର୍ଯ୍ୟ କରନ୍ତୁ।

**ଭାରତୀୟ ସଂସ୍କୃତି ପ୍ରଚାର ଓ ପ୍ରସାର ଏବଂ ଗଣମାଧ୍ୟମ ଗବେଷଣା ଛାତ୍ର, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୁନ୍ଦେଲା, ଗୁଜରାଟ**
**ମୋ: ୮୦୧୮୨୯୩୧୮୦**

# ସାମାଜିକ ଜୀବନରେ ଯୋଗୀଙ୍କ ସ୍ଥାନ



ଅଲେଖ ଚନ୍ଦ୍ର ମିଶ୍ର

ଯୋଗ ଜାଣନ୍ତୁ ବା ନ ଜାଣନ୍ତୁ, ସେମାନେ ଯୋଗୀ। ଯୋଗୀ ତାଙ୍କର ପରିଚୟ, ନାଥ ତାଙ୍କର ସମ୍ପ୍ରଦାୟ ଏବଂ ସମାଜରେ ତାଙ୍କର ସ୍ଥିତି ପରିମେୟ। ଅଣ୍ଟାରେ ଦୋସଡ଼ା, ଗ୍ରୀବାରେ ଗାମୁଛା, ମୁଣ୍ଡରେ ଠେକା, କପାଳରେ ତିଳକ, ମଥାରେ ସିନ୍ଦୂର, ଛାତିରେ ଘାଗଡ଼ାମାଳି, ବେକରେ ଚାବିବନ୍ଧା ଲମ୍ବା ପଇତା, କାନ୍ଧରେ ଲାଉଥାଳ ଓ ଝୁଲା, ଖାଲିପାଦ, ହାତରେ କେନ୍ଦରାର ମୂର୍ଚ୍ଛନା, ତାର ତାଳେ ତାଳେ ମୁଖରୁ ନିଃସୃତ ସୁଲଳିତ କଣ୍ଠସ୍ୱର, ''ଭଜୁ କି ନା ରାମ ନାମରେ ଗୋବିନ୍ଦ, ଭଜୁ କି ନା ରାମ ନାମ। ଭଜି ନ ପାରିଲେ କୁଳ ଚନ୍ଦ୍ରମାରେ ବାନ୍ଧିନେବ କାଳଯମ। ସେହି କାଳଯମ ବଡ଼ ନିଦାରୁଣ ନ ଜାଣଇ ଦୁଃଖ ସୁଖ, ବାଛି ନେବ କଞ୍ଚା ରଖିବ ପାଚିଲା ଦେବଟି ଦାରୁଣ ଦୁଃଖରେ କୁମର...।'' କାହିଁ କେଉଁ କାଳରୁ ଆମ ସମାଜରେ ଗଢ଼ିଆସିଅଛି 'ଟୀକା ଗୋବିନ୍ଦଚନ୍ଦ୍ର'ର ଏହି ବୈରାଗ୍ୟ ବ୍ୟଞ୍ଜକ କାଳଜୟୀ ଉପାଖ୍ୟାନ, ଯାହାର ଶ୍ରବଣରେ କଠୋରହୃଦୟ ନାସ୍ତିକଟିଏ ବି କ୍ଷଣକ ପାଇଁ ଆନମନା ହୋଇଯାଏ। କାହିଁ କେବେ ସନ୍ତାନସମ୍ଭବା ହେଉ ନ ଥିବା ସଂଗତିସମ୍ପନ୍ନ ଜନନୀଟିଏ (ମୁକୁତା ଦେଈ) କେମିତି ଏକ ଦୁର୍ବଳ ମୁହୂର୍ତ୍ତରେ ସନ୍ତାନଟିଏ ଜନ୍ମ ହେଲେ ତାକୁ ଯୋଗୀ କରିଦେବ ବୋଲି ମାନସିକ କରିଥିଲେ। ପୁଅଟିଏ ଜନ୍ମ ହୋଇ ହେତୁ ପାଇଲା ପରେ (ନାମ ଗୋବିନ୍ଦ) ସତ୍ୟ ପାଶରେ ଆବଦ୍ଧ ନିରୁପାୟ ମାଆ ବାତ୍ସଲ୍ୟ ମମତାର ଅତୁଟ ବନ୍ଧନକୁ ଜଳାଞ୍ଜଳି ଦେଇ ପ୍ରାଣାଧିକ ପ୍ରିୟ ଏକୋଇର ବଳାକୁ ସଂସାରତ୍ୟାଗୀ ହେବାକୁ ଅଶ୍ରୁଳ ନୟନରେ ବାଧ୍ୟ କଲେ। କିନ୍ତୁ ନିରୀହ କିଶୋରଟି ସେ ସବୁର ମର୍ମ କିଛି ବୁଝି ନ ପାରି ଅନିଚ୍ଛା ପ୍ରକାଶ କରିବାରୁ ତାକୁ ପ୍ରବର୍ତ୍ତାଇବା ପାଇଁ ହୃଦୟକୁ ପଥର କରିଦେଇ ପ୍ରତିଶ୍ରୁତ ଜନନୀ ସଂସାରର ଯେଉଁ ନିଷ୍ଠୁର ସତ୍ୟର ଅବତାରଣା କରିଥିଲେ, ତାହାହିଁ ହେଉଛି ଚିର ସମ୍ବେଦନଶୀଳ 'ଟୀକା ଗୋବିନ୍ଦଚନ୍ଦ୍ର'ର କଥାବସ୍ତୁ। କାହାଣୀଟି ଏତେ ପ୍ରଭାବଶାଳୀ ଯେ, ଏବେବି ଏହାର ସ୍ପର୍ଶ ଅନୁଭୂତ ହେଉଛି। କେହି କେହି ନିଃସନ୍ତାନ ଦମ୍ପତି ସନ୍ତାନ ଜନ୍ମ ହେଲେ ତାକୁ ଯୋଗୀ କରିଦେବା ପାଇଁ ମାନସିକ କରନ୍ତି ଏବଂ ସନ୍ତାନ ପ୍ରାପ୍ତି ପରେ ତାକୁ ଏକ ଯୋଗୀକୁ ବିକା–କିଣା କରି ନିଜର ମାନସିକ ପୂରଣ କରନ୍ତି। କେତେକ କ୍ଷେତ୍ରରେ ଯୋଗୀ କରିଦେବାକୁ ମାନସିକ ଥିଲେ ଜନ୍ମିତ ପିଲାଟିକୁ ଶିଶୁ ଅବସ୍ଥାରେ ଯୋଗୀ ବେଶ କରି ପାଞ୍ଚ ସାତ ଘର ବୁଲେଇ ଭିକ ମଗେଇ ଦେଇ ମାନସିକ ଉଜେଇଁ ଦିଅନ୍ତି। ଏହାଛଡ଼ା କିଛି ଲୋକ ସେମାନଙ୍କର ପିଲାଙ୍କ ନାମ ଯୋଗୀ, ଯୋଗେନ୍ଦ୍ର, ଯୋଗୀନାଥ, ଯୋଗୀ ପ୍ରସାଦ ଇତ୍ୟାଦି ରଖନ୍ତି। ଏହାର ମୁଖ୍ୟ କାରଣ ଧ୍ୟାନଯୋଗ ପାଇଁ ମହାଯୋଗୀ ନାମରେ ଅଭିହିତ ଦେବଦେବ ମହାଦେବଙ୍କ ନାମ ସହିତ ସାମଞ୍ଜସ୍ୟ ରଖିବା।

କେଉଁ ଆବହମାନ କାଳରୁ ପ୍ରଚଳିତ ଏହି ଲୋକକଥାକୁ ଆଧାର କରି ଗଢ଼ିଉଠିଛି ଯୋଗୀ ସଂସ୍କୃତି, ଯାହା ନାଥ ସମ୍ପ୍ରଦାୟ ଭାବରେ ଜଣାଶୁଣା। ଏହାର ଇତିହାସ ଏତେ ପ୍ରାଚୀନ ଯେ, ଓଡ଼ିଆ ଭାଷା ଓ ସାହିତ୍ୟରେ ଏହା ଏକ ଯୁଗର ବଳିଷ୍ଠ ପ୍ରତୀକ; ଯାହା ନାଥ ସାହିତ୍ୟ ନାମରେ ଏକ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିଛି। ପଲ୍ଲୀକବି ନନ୍ଦ କିଶୋର ବଳଙ୍କ 'ପଲ୍ଲୀଚିତ୍ର'ରେ ଯୋଗୀ ଚରିତ୍ର ଏକ ଲୋକପ୍ରିୟ ଆଖ୍ୟାୟିକା ଯାହାର ସୂଚନା ଏହିପରି, ''କୁଉଁ କୁଉଁ ବାଜଇଁ କେନ୍ଦରା, ନାଥ ଆସି ଭିକ୍ଷା ମାଗେ ପରା। ଗାଇ ରାମ ବନବାସ କୃଷ୍ଣ ମଥୁରା ପ୍ରବାସ ବେଳେବେଳେ ବଜାଇଣ ହରେ ଜନମନ ପୂର୍ଣ୍ଣଥାଳେ କରେ ନାଥ ସ୍ୱସ୍ଥାନେ ଗମନ।'' ସେହିପରି 'ଉତ୍କଳ କାହାଣୀ'ରେ ବର୍ଣ୍ଣିତ ସାଧବ ବୋହୂ ଲୀଳାବତି କଥା ଯୋଗୀ ସମ୍ପୃକ୍ତି ସମ୍ପନ୍ନ ଏକ ଲୋକପ୍ରିୟ କଥା। ଏପରିକି ଯୋଗୀମାନଙ୍କ ଉପରେ ଆଧାରିତ ଅନେକ ଲୋକକଥା ଲୋକଗୀତି ରହିଛି, ଯେଉଁଥିରେ ଭ୍ରମରବର ରଙ୍ଗବତୀ ପାଲା ଖୁବ୍ ଜଣାଶୁଣା। ଏହାଛଡ଼ା ଶିଶୁଙ୍କର ମନୋରଞ୍ଜନ ପାଇଁ ସୃଷ୍ଟ ଅନେକ କାହାଣୀରେ ଯୋଗୀମାନେ ହିଁ ନାୟକ। କେବେ ସେମାନଙ୍କୁ ପଦମନ୍ତ୍ରର ଅଧିକାରୀ ଭାବରେ ଚିତ୍ରଣ କରାଯାଇ କାହାଣୀଟିକୁ ରହସ୍ୟ ରୋମାଞ୍ଚଭରା କରାଯାଏ ତ କେବେ ସେମାନଙ୍କର ଯାଦୁକରି ପ୍ରଭାବ କାହାଣୀକୁ ଶିଶୁସୁଲଭ ଢଙ୍ଗରେ ଉତ୍କଣ୍ଠାମୟ କରିଦିଏ। ଯେପରି ଉଲ୍ଲିଖିତ ସାଧବ ବୋହୂ କଥା କିମ୍ବା ଘନ ବନାନୀରେ ବାଟ ଭୁଲି ତାନ୍ତ୍ରିକ ଯୋଗୀର ନିର୍ଜନ ଆଶ୍ରମରେ ପହଞ୍ଚିବା ରାଜ କୁମାର କଥା।



ସମାଜରେ ଯୋଗୀମାନଙ୍କର ସ୍ଥାନ ସ୍ୱତନ୍ତ୍ର ଏବଂ ଦୈନନ୍ଦିନ ଜୀବନରେ ସେମାନଙ୍କର ଉପସ୍ଥିତି ଅପରିହାର୍ଯ୍ୟ। ଆମର ଅନେକ ରୀତିନୀତି ଭରସା ଓ ବିଶ୍ୱାସ ଯୋଗୀମାନଙ୍କ ଉପରେ ପର୍ଯ୍ୟବସିତ। ଯୋଗୀକୁ ଭିକ ଦେବା ଏକ ଧାର୍ମିକ କର୍ତ୍ତବ୍ୟ। ତେଣୁ କୌଣସି ଦ୍ୱାରରୁ ଯୋଗୀଟିଏ ରିକ୍ତ ହସ୍ତରେ ଫେରେନା। ଯୋଗୀଙ୍କୁ ଥାଳଭର୍ତ୍ତି କରି ଭିକ୍ଷା କିମ୍ବା ଖାଇବାକୁ ଦେଲେ ମନସ୍କାମନା ପୂରଣ ହୁଏ, ଗ୍ରହଶାନ୍ତି ହୁଏ, ରିଷ୍ଟ ଖଣ୍ଡନ ହୁଏ, ଅଶୁଭ ଦୃଷ୍ଟି ପ୍ରତିହତ ହୁଏ, ରୋଗରୁ ମୁକ୍ତି ମିଳେ ଏବଂ କିଛି ଶାରୀରିକ ଅକ୍ଷମତା ଦୂର ହୋଇଯାଏ ବୋଲି ବିଶ୍ୱାସ କରାଯାଏ। ଯୋଗୀମାନେ ବିଭିନ୍ନ ସ୍ଥାନରେ ବୁଲୁଥିବାରୁ ଏବଂ ସେମାନଙ୍କ ପାଇଁ ପ୍ରାୟ ସବୁ ଦ୍ୱାର ଉନ୍ମୁକ୍ତ ଥିବାରୁ ଅନେକ ସମୟରେ ସେମାନଙ୍କ ମାଧ୍ୟମରେ ଅପହଞ୍ଚ ସ୍ଥାନର ଖବର ଜାଣିହୁଏ। ଲକ୍ଷ୍ମୀ ପୁରାଣର ବର୍ଣ୍ଣନା ଅନୁସାରେ ମା' ଲକ୍ଷ୍ମୀ ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ପୁନର୍ମିଳନ ପାଇଁ ଯୋଗୀଟିଏ (ସତ୍ୟାନନ୍ଦ) ହିଁ ଯୋଗସୂତ୍ରଧାରୀ ଥିଲା। ଆଗେ ବିବାହ ପାଇଁ ବର ଓ କନ୍ୟା ସନ୍ଧାନ କରିବାରେ ଯୋଗୀମାନେ ଏକ ଜଣାଶୁଣା ମାଧ୍ୟମ ଥିଲେ। ଯୋଗୀଙ୍କୁ ନେଇ ଅନେକ ବୋଲି ବାଣୀ ରହିଛି, ଯେପରି ଅସଙ୍ଗତିର ସଂକେତ ସରୂପ 'ଯୋଗୀ ଘରେ ଡିଙ୍କି', ପତିଗତ ପ୍ରାଣର ସୂଚନାତ୍ମକ ବଚନିକା, 'ତୁମେ(ପତି) ରାଜା ହେଲେ ମୁଁ ରାଜରାଣୀ, ତୁମେ ଯୋଗୀ ହେଲେ ମୁଁ ଯୋଗିଆଣୀ', 'ଜଗିଲେ ଯୋଗୀ', 'ଯେବେ ଦେଖିବୁ ଯୋଗୀ ତେବେ ନ ଯିବୁ...' ଇତ୍ୟାଦି। ଆମ ସମାଜ ଯୋଗୀମାନଙ୍କ ପ୍ରତି କେତେ ସହାନୁଭୂତିଶୀଳ ତା'ର ଏକ ଜଣାଶୁଣା ଉଦାହରଣ ହେଉଛି ସେମାନଙ୍କୁ ଗୀତ ଗାଇ ଭିକ ମାଗିବାକୁ ବାରଣ କରିବା। ଏବେ ବି ଅନେକ ଲୋକ ଅଛନ୍ତି, ଯେଉଁମାନେ ଯୋଗୀଟିଏ ଦେଖିଲେ ସେ କେନ୍ଦରା ବଜାଇବା ପୂର୍ବରୁ ସ୍ୱେଚ୍ଛାରେ ତାଙ୍କୁ କିଛି ଦାନ ଦେଇ ଗୀତ ଗାଇବାକୁ ମନାକରନ୍ତି। କାରଣ ବିଶ୍ୱାସ ରହିଛି ଯେ, ପରିଶ୍ରମ ବଦଳରେ ଭିକ୍ଷା ବା ଦାନ ଦେଲେ ତାହା ମୂଲ୍ୟହୀନ ହୋଇଯାଏ। ଅତଏବ ଯୋଗୀମାନେ ଲୋକଙ୍କ ହୃଦୟରେ ଧାର୍ମିକ ଚେତନା ଉଦ୍ରେକ କରିବାରେ ସହାୟକ ହୋଇ ଏକ ପବିତ୍ର କର୍ତ୍ତବ୍ୟ ସମ୍ପାଦନ କରନ୍ତି। ତେଣୁ ସେମାନେ ସମାଜର ଏକ ଅବିଚ୍ଛେଦ୍ୟ ଅଂଶ।

**ଶାସ୍ତ୍ରୀ ନଗର, ୟୁନିଟ୍–୪, ଭୁବନେଶ୍ୱର**
**ମୋ: ୯୪୩୮୬୭୩୮୯୮**

## ଏଇ ଭାରତରେ

ମହାରାଷ୍ଟ୍ରର ଛୋଟ ଗାଁଟିଏ ହେଲେ ବି ତାହା କେବଳ ସୌରଶକ୍ତି ଉପରେ ନିର୍ଭରଶୀଳ। ଏମିତି ଏକ ଗାଁର ନାମ ମାନ୍ୟାଚିୱାଡ଼ି। ମହାରାଷ୍ଟ୍ରର ଏହି ଗାଁର ଲୋକସଂଖ୍ୟା ୪୨୦। ଏଠାକାର ଏକ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ପ୍ରଚେଷ୍ଟାରେ ଗାଁକୁ ସୌରଶକ୍ତିର ଗାଁ କରାଯାଇପାରିଛି। ଏହି ଏସ୍‌ଏଚ୍‌ଜିର ସଦସ୍ୟମାନେ ଘରପିଛା ୪,୫୦୦ ଟଙ୍କା ଆଦାୟକରି ସେଥିରେ ସୋଲାର ପ୍ୟାନେଲ ଲଗାଇବା ସହ ସମସ୍ତଙ୍କ ଘରକୁ ସୋଲାର ଲ୍ୟାମ୍ପ ଯୋଗାଇ ଦେଇଛନ୍ତି। ଏହି କାର୍ଯ୍ୟରେ ପଞ୍ଚାୟତର ସହଯୋଗ ମଧ୍ୟ ରହିଛି। ଏଠାକୁ ବିଦ୍ୟୁତ୍ ସଂଯୋଗ ରହିଥିଲେ ବି ଦିନକୁ ୮ରୁ ୧୦ ଘଣ୍ଟା ବିଦ୍ୟୁତ୍ ରହୁ ନ ଥିବାରୁ ପିଲାମାନଙ୍କ ପଢ଼ିବାରେ ଅସୁବିଧା ହେଉଥିଲା। ଅଧିକ ସମୟ ଅନ୍ଧାର ରହିବା ଯୋଗୁ ମହିଳାମାନେ ଘର କାମ ମଧ୍ୟ କରି ପାରୁ ନ ଥିଲେ। ଫଳରେ ଗାଁର ଏସ୍‌ଏଚ୍‌ଜି ସଦସ୍ୟାମାନେ ସୌରଶକ୍ତି ଉତ୍ପାଦନ ଉପରେ ଗୁରୁତ୍ୱ ଦେଇଥିଲେ। ଏବେ ଦିନରାତି ସୌରବିଦ୍ୟୁତ୍ ମିଳିପାରୁଛି। ଏଥିରେ ଗାଁର ସ୍କୁଲ ଓ ରାସ୍ତାର ଆଲୋକୀକରଣ କରାଯାଇଛି। ଏପରିକି ଜଳଯୋଗାଣ ହୋଇପାରିଛି। ମାନ୍ୟାଚିୱାଡ଼ି ଗ୍ରାମବାସୀ ନିଜ ଜମି ଦାନକରି ରାସ୍ତା ଚଉଡ଼ା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୩୦ ଜୁଲାଇ ୧୯୭୬**

- ମହାନଦୀ ଜଳ ଦୂଷିତ କରିବା ଅଭିଯୋଗରେ ଚୌଦ୍ୱାରସ୍ଥିତ ଟିଟାଗଡ଼ କାଗଜକଳକୁ ୧୫ ଲକ୍ଷ ଟଙ୍କା ଜୋରିମାନା।
- ବାଙ୍ଗାଲୋରଠାରେ ଏକ ତୀର୍ଥଯାତ୍ରୀ ବସ୍ ରାଜ୍ୟ ପରିବହନ କର୍ପୋରେସନର ବସ୍ ସହିତ ଧକ୍କା ଖାଇବା ଫଳରେ ୧୧ ଜଣଙ୍କ ମୃତ୍ୟୁ।
- ଚେକୋସ୍ଲୋଭିଆର ଏକ ବିମାନ ବ୍ରଟିସ୍ଲାଭା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ନଦୀ ଗର୍ଭରେ ଖସିପଡ଼ିବା ଫଳରେ ଏଥିରେ ଥିବା ୭୫ ଯାତ୍ରୀ ଓ ବିମାନ କର୍ମଚାରୀଙ୍କ ମଧ୍ୟରୁ ଅନେକଙ୍କ ମୃତ୍ୟୁ।

## ଚିରନ୍ତନୀ

ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ !
ପକ୍ୱ ଧାନେ ପରଶି ମଧୁ
ଚୁମ୍ବନ ହେ ଚୁମ୍ବନ
ପଉଷ–ଶେଷେ ସନ୍ଧ୍ୟା ଘେନ
ବନ୍ଦନ !
–(ପଉଷ ସନ୍ଧ୍ୟା)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 3 | | 5 | | | 9 | 4 | | |
| | | | | | | 7 | 6 | |
| | | 8 | | 6 | 1 | | | 3 |
| | | | | | | | 1 | |
| | | | 3 | 9 | | 6 | | |
| | | 9 | | 5 | 6 | | | |
| | | 2 | | 8 | 5 | 3 | | |
| | | | 6 | | | | | |
| 7 | | | | | 2 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 8 | 5 | 7 | 9 | 4 | 6 | 2 |
| 5 | 2 | 6 | 4 | 3 | 1 | 9 | 8 | 7 |
| 4 | 9 | 7 | 8 | 6 | 2 | 3 | 5 | 1 |
| 6 | 5 | 9 | 2 | 8 | 4 | 1 | 7 | 3 |
| 7 | 4 | 1 | 3 | 9 | 6 | 5 | 2 | 8 |
| 3 | 8 | 2 | 1 | 5 | 7 | 6 | 4 | 9 |
| 8 | 1 | 5 | 6 | 2 | 3 | 7 | 9 | 4 |
| 9 | 6 | 4 | 7 | 1 | 8 | 2 | 3 | 5 |
| 2 | 7 | 3 | 9 | 4 | 5 | 8 | 1 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସବୁ ଘରକୁ ପାଣି ମିଳୁ

ମହାଶୟ,

ସବୁ ଘରକୁ ପାଇପ ପାଣି ଯୋଗାଇବାରେ ବହୁ ବିଳମ୍ବ ହେଉଛି। ଅନେକ ପଞ୍ଚାୟତରେ ଏହା ଅଧାପନ୍ତରିଆ ହୋଇ ପଡ଼ିଛି। ଲୋକେ ଏଯାବତ୍ ପାଇପ୍ ପାଣି ପାଇ ପାରିନାହାନ୍ତି। ଆଧାର ମୋବାଇଲ ନମ୍ବରରେ ଆବେଦନ ପଡ଼ିରହିଛି। ଦୀର୍ଘଦିନ ବିତିଯାଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇ ପାରିନାହିଁ। ପାନୀୟ ଜଳ ସମସ୍ୟା ତୁରନ୍ତ ସମାଧାନ ପ୍ରତି ସରକାର ଧ୍ୟାନ ଦିଅନ୍ତୁ। ପ୍ରତି ଘରକୁ ଚିହ୍ନଟ କରି ପାଣି ଟ୍ୟାପ ନ ଥିଲେ ପ୍ରତିକାର ବ୍ୟବସ୍ଥା ହେଉ। ଶୁଦ୍ଧ ପାଣି ସମସ୍ତଙ୍କୁ ଯୋଗାଇ ଦିଆଯାଉ।

**–ରମେଶ ଚନ୍ଦ୍ର ବେହେରା, ଆୟତପୁର କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଆଜି ୫ ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ**

ପୁରୀ,(ଅଜିତ୍ କୁମାର ମହାନ୍ତି): ଶ୍ରାବଣ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥି ବୁଧବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତ ନୀତି। ତେଣୁ ବୁଧବାର ଏହି ଗୁପ୍ତ ନୀତି ସମୟରେ ସନ୍ଧ୍ୟା ୬ଟାରୁ ରାତି ୧୧ଟା ୫ ଘଣ୍ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ମଙ୍ଗଳବାର ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରଥଯାତ୍ରା ପରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ପ୍ରଥମ ବନକଲାଗି ନୀତି ଅନୁଷ୍ଠିତ ହେବ।

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ଶଶିକାନ୍ତ



@ ବାବୁନି



@ ଛବି



@ ଜୟଦେବ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ଓଡ଼ିଶା ବୟନ ପରମ୍ପରାକୁ ମହିଳା ଆଗକୁ ନେଉଛନ୍ତି'

**ବୁଣାକାର ସେବା କେନ୍ଦ୍ର ସହ ମିଶନ ଶକ୍ତିର ବୁଝାମଣାପତ୍ର ସ୍ୱାକ୍ଷରିତ**

ଭୁବନେଶ୍ୱର,୨୯।୭(ସୁଚିସ୍ମିତା ସାହୁ)




ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟମାନେ।

ଓଡ଼ିଶାର ବୟନ ପରମ୍ପରାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଆଗକୁ ନେଉଛନ୍ତି। ଓଡ଼ିଆ ମାଆମାନେ ସମଗ୍ର ଦେଶ ଏବଂ ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମଙ୍ଗଳବାର ମିଶନ ଶକ୍ତି ଭବନ ଅଡିଟୋରିୟମରେ ମିଶନ ଶକ୍ତି ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ହସ୍ତତନ୍ତ ବିକାଶ ଆୟୋଗ ଅଧୀନରେ ଥିବା ବୁଣାକାର ସେବା କେନ୍ଦ୍ର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ଅବସରରେ ଉପସ୍ଥିତ ଥିବା ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି ଯେ, ବୁଣାକାର ମା' ଓ ଭଉଣୀଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ରାଜ୍ୟର ବୁଣାକାର ସ୍ୱୟଂ ସହାୟକ ଗୋଷ୍ଠୀକୁ ନୂତନ ଡିଜାଇନ, ତାଲିମ ଓ ଦକ୍ଷତା ବିକାଶ ସହ ଜାତୀୟ ଓ ଅନ୍ତର୍ଜାତୀୟ ବଜାର ଉପଲବ୍ଧ କରାଇବାରେ ସହାୟକ ହେବ। ଲକ୍ଷପତି ଦିଦି ସୃଷ୍ଟି କରିବା ପାଇଁ ଆମେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସକ୍ଷମ, ସୁସ୍ଥିର ଓ ସୁଖଦ ରୋଜଗାର ପନ୍ଥା ବାଛିବାକୁ ସୁଯୋଗ ଦେଉଛୁ ବୋଲି ସେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ବିଭାଗୀୟ ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶନୀ ପ୍ରମୁଖ ଉପସ୍ଥିତ ଥିଲେ। ବୁଣାକାର ସେବା ସଂଘ ଉପନିର୍ଦ୍ଦେଶକ ବିକାଶ କୁମାର କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ସହଭାଗିତାରେ ଓଡ଼ିଶା ବୟନ ସୃଜନଶୀଳତାକୁ ନୂଆ ରୂପ ଦେବା ସହ ଜାତୀୟ ବୟନ ଓ ହସ୍ତତନ୍ତ ମାନଚିତ୍ରକୁ ଆହୁରି ସଶକ୍ତ କରିବ। ବୁଣାକାର ସେବା କେନ୍ଦ୍ର ଗ୍ରାହକଙ୍କ ବିକଶିତ ରୁଚି ଅନୁସାରେ ପୋଷାକ ଓ ସାଜସଜ୍ଜା ସାମଗ୍ରୀ ପାଇଁ 'ମଲ୍ଟିପଲ କଲର ୱେ'ରେ ମୌଳିକ କାଗଜ ଡିଜାଇନ ବିକଶିତ କରିବ। ନମୁନା ଓ ପ୍ରୋଟୋଟାଇପ ବିକାଶକୁ ସମର୍ଥନ କରିବ। ଏସଏଚ୍‌ଜି ସଦସ୍ୟାମାନଙ୍କୁ ଡିଜାଇନରେ ସୌନ୍ଦର୍ଯ୍ୟ, ଫିନିସ ମାନଦଣ୍ଡ ଓ ଉଦ୍ୟୋଗ ପ୍ରସ୍ତୁତ ଉପରେ ପରାମର୍ଶ ଦିଆଯିବ। ଏହି ସହଭାଗିତା ମାଧ୍ୟମରେ ଅନ୍‌ଲାଇନ ଏବଂ ଅଫଲାଇନ ଦୃଶ୍ୟମାନତା ବୃଦ୍ଧି ପାଇଁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦର ପେସାଦାର ଫଟୋଗ୍ରାଫି ଓ ଡିଜିଟାଲ କାଟାଲଗ୍ ବିକାଶରେ ସହାୟତା ମଧ୍ୟ ଅନ୍ତର୍ଭୁକ୍ତ ରହିଛି।

## ପାଇଖାନା ଝ୍ୱାଇଲାଇଟ ଭାଙ୍ଗି ୨ ଅଟକ ଥାନାରୁ ଚମ୍ପଟ

ଗୋପ,୨୯।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ହାଜତରେ ଅଟକ ଥିବା ଦୁଇ ଅଭିଯୁକ୍ତ ମଙ୍ଗଳବାର ରାତିରେ ଚମ୍ପଟ ମାରିଛନ୍ତି। ଅଭିଯୁକ୍ତ ଦ୍ୱୟ ଥାନା କ୍ୟାମ୍ପସରେ ଥିବା ପାଇଖାନା ଝ୍ୱାଇଲାଇଟ ଭାଙ୍ଗି ଫେରାର ହୋଇଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ଘର ଭୁବନେଶ୍ୱର ରସୁଲଗଡ଼ ଅଞ୍ଚଳରେ ଏବଂ ଅନ୍ୟଜଣଙ୍କ ଘର ପୁରୀ ଜିଲା ଡାଳିଛକ ଥାନା ଅନ୍ତର୍ଗତ ତମ୍ପାର ଗାଁ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ଗୋପ ଥାନା ଅଞ୍ଚଳରେ ଏକ ଚୋରି ଅଭିଯୋଗ ନେଇ ଗୋପ ଥାନାଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀଙ୍କ ନିର୍ଦ୍ଦେଶରେ ଏଏସଆଇ ବୁଦ୍ଧରାୟ ମାଝୀ, ଦେବସ୍ମିତା ସିଂ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଥିବା ବେଳେ ମଙ୍ଗଳବାର ଭୋର ସମୟରେ ଏହି ଦୁଇ ଅଭିଯୁକ୍ତଙ୍କୁ ସନ୍ଦେହରେ ଆଣି ପଚରାଉଚରା କରୁଥିଲା। ମଙ୍ଗଳବାର ସନ୍ଧ୍ୟାରେ ପୋଲିସର ଅଣନଜରରେ ଏହି ଦୁଇ ଅଭିଯୁକ୍ତ ପାଇଖାନା ଝ୍ୱାଇଲାଇଟ ଭାଙ୍ଗି ପଳାଇ ଯାଇଥିଲେ। ଡିଏସପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି, ଦୁଇ ଅଭିଯୁକ୍ତ ଏକ ଚୋରି ମାମଲାରେ ଅଟକ ଥିଲେ। ଉଭୟଙ୍କୁ ପଚରାଉଚରା ହେଉଥିଲା। ମାତ୍ର ଭୟରେ ଦୁହେଁ ଖସି ପଳାଇଛନ୍ତି। ସେମାନଙ୍କୁ ଗିରଫ ପାଇଁ ଚଢ଼ଉ ଚାଲିଛି।

## ଦର୍ଶନ କରାଇଦେବା ନାଁରେ ଫେକ୍ ଆପ୍

ପୁରୀ,୨୯।୭(ଅଜିତ୍ କୁମାର ମହାନ୍ତି)

ଅନେକ ସମୟରେ ଶ୍ରୀମନ୍ଦିର ସମ୍ପର୍କିତ ଅନେକ ତଥ୍ୟ ଫେକ ଦେଖିବାକୁ ମିଳୁଛି। ଅସାଧୁ ବ୍ୟକ୍ତିମାନେ ଭକ୍ତଙ୍କ ଭାବାବେଗ ସହ ଖେଳୁଥିବା ଦେଖିବାକୁ ମିଳୁଛି। ଏଥର ଏକ ଘଟଣା ସାମ୍ନାକୁ ଆସିଛି। ହରି ଓମ୍ ନାମକ ଏକ ଅନଲାଇନ ଆପରେ ଶ୍ରୀମନ୍ଦିରରେ ବିନା ଧାଡ଼ିରେ ଦର୍ଶନ ସହିତ ପ୍ରସାଦ ପାଇଁ ୧ହଜାର ଟଙ୍କାରେ ବୁକିଂ ପାଇଁ ବିଜ୍ଞାପନ ଦିଆଯାଇଥିବା ନଜରକୁ ଆସିଛି। ଶ୍ରୀମନ୍ଦିର ପ୍ରଶାସନର ଅନ୍‌ଲାଇନ ବୁକିଂ ବ୍ୟବସ୍ଥା ନାହିଁ। କିଏ ଓ କାହିଁକି ଏହି ଆପକୁ ପରିଚାଳନା କରୁଛନ୍ତି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ଏହି ଘଟଣାର ତଦନ୍ତ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ହୋଇଛି। ଏନେଇ ଶ୍ରୀମନ୍ଦିର ପ୍ରଶାସନ ଅବଗତ ହେବା ପରେ ହରି ଓମ୍ ଆପ୍ ବିରୋଧରେ ସାଇବର ଥାନାରେ ଏତଲା ଦିଆଯାଇଛି। ଏନେଇ ସେବାୟତ ଗୌରହରି ପ୍ରଧାନ କହିଛନ୍ତି, ହରିଓମ୍ ନାମକ ଏକ ଆପ୍‌ରେ ଭକ୍ତମାନେ ବିନା ଲାଇନ୍‌ରେ ଯାଇ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ଓ ମହାପ୍ରସାଦ ପାଇପାରିବେ ବୋଲି ଦର୍ଶାଯାଇଛି ତାହା ମିଥ୍ୟା। ଭକ୍ତଙ୍କୁ ବିଭ୍ରାନ୍ତ କରିବା ପାଇଁ ଏପରି କରାଯାଇଛି। ତେଣୁ ଏଭଳି ଫେକ୍ ଆପ୍ ଠାରୁ ଭକ୍ତ ଦୂରେଇ ରୁହନ୍ତୁ ବୋଲି ସେ କହିଛନ୍ତି। ଅତିରିକ୍ତ ଏସପି ସୁଶୀଲ କୁମାର ମିଶ୍ର କହିଛନ୍ତି, ଆପ୍ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସିଂହଦ୍ୱାର ଥାନାରେ ଏକ ମାମଲା କରାଯାଇଛି। ସାଇବର ସେଲକୁ ସୂଚନା ଦିଆଯାଇଛି। ସାଇବର ଥାନା ପକ୍ଷରୁ ସମ୍ପୂର୍ଣ୍ଣ ତଥ୍ୟ ଆସିବା ପରେ କିଏ ଓ କାହିଁକି କରିଛି ସେ ନେଇ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଶ୍ରୀମନ୍ଦିର ଫଟୋ ଭାଇରାଲ୍ ଘଟଣା**

# ଏଏସ୍ଆଇକୁ ଚିଠି ଲେଖିଲେ ମୁଖ୍ୟ ପ୍ରଶାସକ

ପୁରୀ,୨୯।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଏଏସ୍ଆଇର ଏକ ଦାୟିତ୍ୱହୀନ କାର୍ଯ୍ୟ ସାମ୍ନାକୁ ଆସିଛି। ଶ୍ରୀମନ୍ଦିର ଭିତର ବେଢ଼ା ଫଟୋ ଏଏସ୍ଆଇ ପକ୍ଷରୁ ଏକ୍ସରେ ଅପଲୋଡ୍ କରାଯାଇ ହଟାଯାଇଥିଲା। ଏହାକୁ ବିଭିନ୍ନ ମହଲରେ ତୀବ୍ର ବିରୋଧ ଦେଖିବାକୁ ମିଳିଛି। ଏଏସ୍ଆଇ ଭଳି ସରକାରୀ ସଂସ୍ଥା କିଭଳି ସାମାଜିକ ଗଣମାଧ୍ୟମରେ ଶ୍ରୀମନ୍ଦିର ଭିତରବେଢ଼ା ଫଟୋ ଅପଲୋଡ୍ କଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଏଏସ୍ଆଇ ଅଧୀକ୍ଷକ ଡ. ଡି.ବି. ଗଡ଼ନାୟକ କହିଛନ୍ତି, ଏହି ଫଟୋଗୁଡ଼ିକ ଶ୍ରୀମନ୍ଦିର ମରାମତି ପୂର୍ବର ଫଟୋ। ମରାମତି ପରର ଫଟୋ ଛଡ଼ାଯାଇନାହିଁ। ସେହିପରି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଏହି ଘଟଣା ଜଣାପଡ଼ିବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା କର୍ତ୍ତୃପକ୍ଷଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ପତ୍ର ଲେଖିଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିରର ପବିତ୍ରତା ତଥା ଆଧ୍ୟାତ୍ମିକତା ବଜାୟ ରଖିବା ପ୍ରତ୍ୟେକ ଭକ୍ତ ଏବଂ ଶ୍ରୀମନ୍ଦିର ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଶ୍ରୀମନ୍ଦିର ସମ୍ପର୍କିତ ଚିତ୍ର ପ୍ରକାଶନ ସମୟରେ ଅଧିକ ସତର୍କ ହେବାକୁ ମୁଖ୍ୟ ପ୍ରଶାସକ ପାଢ଼ୀ ଏଏସ୍ଆଇକୁ ପରାମର୍ଶ ଦେଇଛନ୍ତି।

# ଓଡ଼ିଶା ଡାକ ପରିମଣ୍ଡଳ ପକ୍ଷରୁ ସ୍ୱତନ୍ତ୍ର ଲଫାପା ଉନ୍ମୋଚିତ




ଓଡ଼ିଶା ପରିମଣ୍ଡଳର ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ ନିର୍ମଳଜିତ ସିଂହ ଏବଂ ଅନ୍ୟ ଅତିଥି ସ୍ୱତନ୍ତ୍ର ଲଫାପାକୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨୯।୭(ସୁଚିସ୍ମିତା ସାହୁ)

ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଉପଲକ୍ଷେ ମଙ୍ଗଳବାର ଓଡ଼ିଶା ଡାକ ପରିମଣ୍ଡଳ ପକ୍ଷରୁ ଏକ ସ୍ୱତନ୍ତ୍ର ଲଫାପା ଉନ୍ମୋଚିତ ହୋଇଯାଇଛି। ଓଡ଼ିଶା ପରିମଣ୍ଡଳ ଅଧୀନ ସିପିଏମ୍‌ଜି କାର୍ଯ୍ୟାଳୟର ପିଆର୍‌ସି ହଲରେ ଉନ୍ମୋଚନ ସମାରୋହ ଆୟୋଜିତ ହୋଇଥିଲା। ଏହି ସ୍ୱତନ୍ତ୍ର ଲଫାପାକୁ ଓଡ଼ିଶା ପରିମଣ୍ଡଳର ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ ନିର୍ମଳଜିତ ସିଂହ ଉନ୍ମୋଚନ କରିଥିଲେ। ବାଘ ସଂରକ୍ଷଣ ଉପରେ ସେ ଗୁରୁତ୍ୱ ଦେବା ସହ କିପରି ସଂରକ୍ଷଣ କରିବେ ତାହା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସିପିଏମ୍‌ଜି କାର୍ଯ୍ୟାଳୟର ଡାକସେବା ନିର୍ଦ୍ଦେଶକ (ମୁଖ୍ୟାଳୟ) ଅମିତ କୁମାର ଝା ଏବଂ ଭୁବନେଶ୍ୱର ଡିଭିଜନର ଏସ୍‌ଏସ୍‌ପିଓ ତାରିଣୀ ଚରଣ ପାଢ଼ୀଙ୍କ ସମେତ ବରିଷ୍ଠ ଡାକ ଅଧିକାରୀ, କର୍ମଚାରୀ, ଡାକଟିକେଟ ସଂଗ୍ରହକାରୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ। ଡାକ ସହାୟକ ନିର୍ଦ୍ଦେଶକ (ଫିଲାଟେଲି) ମଧୁସ୍ମିତା ପାଢ଼ୀ ଧନ୍ୟବାଦ ଦେଇଥିଲେ। ଏହି ସ୍ୱତନ୍ତ୍ର ଲଫାପା ଭୁବନେଶ୍ୱର, କଟକ ଏବଂ ସମ୍ବଲପୁରର ଫିଲାଟେଲିକ ବ୍ୟୁରୋରେ ପ୍ରତି ଲଫାପା ପିଛା ୨୫ ଟଙ୍କା ମୂଲ୍ୟରେ ଡାକଟିକେଟ ସଂଗ୍ରହକାରୀ ତଥା ଜନସାଧାରଣଙ୍କ କ୍ରୟ ନିମନ୍ତେ ଉପଲବ୍ଧ ହେବ।

**Govt. of Jharkhand**
**OFFICE OF THE EXECUTIVE ENGINEER**
Field Survey Division, Advance Planning, Road Construction Department, Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail— eercdapfsdran-jhr@nic.in

शुद्धि पत्र

एतद द्वारा सूचित किया जाता है कि कार्यालय द्वारा निर्गत निविदा e-Tender Reference no. :- RCD/FSD/AP/RAN/07/25-26 Dated 24-07-2024 जिसका पी0 आर0 न0 358295(Road) 25–26 D है में, Tentative Length- 75 m (Approx) के स्थान पर Tentative Length- 30 m पढ़ा जाय।

PR 358437 Road (25-26)D
Executive Engineer
Field Survey Division,A.P
Road Construction Department,Ranchi .

**PANCHAYAT SAMITI OFFICE**
**TANGARPALI, DIST-SUNDARGARH**
TENDER CALL NOTICE 3804/28.07.2025
**NOTICE**

**No.i-247:**Sealed Quotation/ Tenders are invited from interested Service Providers, Reputed Travel Agencies/ Tour Operators or Private Individuals for Providing 1 (One) No. of A.C. Diesel driven TUV 300/ Bolero/ Sumo Gold/Ertiga Vehicle having seating capacity not more than 07 (Seven) including driver for official use in the office of the Block Development Officer, Tangarpali for Supervision of work under Rural Housing is available in District website www.sundargarh.odisha.gov.in. So interested Service Provider/ reputed Travel Agencies/ Tour Operators or Private Individuals may download the same from District website from 28.07.2025 to 08.08.2025 (2.00 PM).
1. Date and Time for download : From Dt.28.07.2025 to 08.08.2025 Tender Paper
2. Last Date of Receipt of Tender Paper : Dt.08.08.2025 (2.00 PM)
3. Date of Opening of Tender Paper : Dt. 08.08.2025 (03.00 P.M.)

Sd./- Block Development Officer
OIPR-19342/11/0007/2526 Tangarpali

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
**(Govt. of Jharkhand Undertaking)**
JUIDCO Bhawan, Kutchery Chowk, Ranchi-834001, Jharkhand.
Ph No.: +91-651-2225878; e-mail Id-; pdt.juidco@gmail.com
CIN: U45200JH2013SGC001752

NIT No: - JUIDCO/NIT/Rehla Bishrampur/UWSS/25/657
Date: 29/07/2025
Tender ID: -2025_UDD_102783_1 PR No.: 356332

Corrigendum- 2

All bidders are hereby announced that Corrigendum- 2 is released for tender having details as mentioned above for the project of **"Rehla & Bishrampur Urban Water Supply Scheme with 5 years of Operation and Maintenance"**. The bidders are advised to consider the same before submission of their bids against the tender.

Note: Corrigendum- 02 can be referred from the e-tender site of Govt. of Jharkhand i.e., (https://jharkhandtenders.gov.in)

Sd/-
PR 358524 Urban Development and Housing(25-26).D
Project Director (Technical)
JUIDCO Ltd., Ranchi

**Government of Odisha "e" Procurement Notice**
**Bid Identification No.Online-04-OF-2025-26**
E-Mail ID- rwd.padampur@yahoo.co.in, Ph.No.9437255440
No.O-483
1. Name of the Work : **Building Works (As per Annexure-'A')**
2. Amount put to Bid Excluding GST : As per Annexure - 'A'
3. Class of Contractor : "B" Class
4. Date & Time of availability of bid document in the portal : From Dt.30.07.2025 at 10.00 A.M.
5. Last date & Time for receipt of bids in the portal : Dt.08.08.2025 upto 05.00 PM
6. Last date of seeking clarification : Dt.07.08.2025 upto 5.00 P.M.
7. Date & Time of technical bid opening : Dt.11.08.2025 at 11.00 A.M.
8. Date & Time of technical bid opening : To be Intimated later on
9. Name and address of the Officer Inviting Bid : Executive Engineer, R.W. Division, Padampur At/Po-Padampur, Dist-Bargarh Pin-768036

(1) Other details can be seen from **DTCN** available in website www.tendersodisha.gov.in
(2) Corrigendum if any shall only be published in the above website.

Sd./- Executive Engineer
OIPR-25069/11/0032/2526 Rural Works Division, Padampur

**OFFICE OF THE DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC), MALKANGIRI DISTRICT**
Phone: 9438200051/9437201582, District Website: www.malkangiri.odisha.gov.in
**Tender No. 1850, 1851, 1852, 1853, 1854, 1855, 1856 & 1857**
**Dt.: 25.07.2025**

No. CAD-1322: District Manager, Odisha State Civil Supplies Corporation Ltd., Malkangiri invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the work | Selection and appointment of (i) Level-I Transport Contractor for transportation of foodgrains from FSD, FCI to RRCs (Tender No. 1857 Dt.25.07.2025), (ii) Level-II Transport Contractor for transportation of foodgrains from RRCs to Retail Centers (FPS) Tender No. 1850 to 1856 dated 25.07.2025 in the district of the State of Odisha |
| 2 | Availability of bid document in the portal | From 29.07.2025 |
| 3 | Last Date/time for receipt of bids in the portal | i. On 12.08.2025 at 05.00 P.M. for Level-I ii. On 12.08.2025 at 05.00 P.M. for Level-II Transport Contractor |
| 4 | Date/Time of opening of Technical Bid pertaining to Level-I & Level-II Transport Contractors | i. On 13.08.2025 at 11.00 A.M. for Level-I ii. On 13.08.2025 at 11.00 A.M. for Level-II Transport Contractor |
| 5 | Name and address of Officer Inviting Tender | District Manager, OSCSC Ltd., Malkangiri |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/Corrigendum/Cancellation/Re-tenders etc. if any shall be published only in above websites.

District Manager
OIPR-07035/11/0005/2526 OSCSC Limited, Malkangiri

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail: seec.bbsr2010@gmail.com
**Bid Identification No. S.E.E.C. (R&B) 10/2025-26**
No. 2786 Date: 24.07.2025

No. B-343: The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in: **https://tendersorissa.gov.in**. The details of bid documents will be available in the above website from Dt.04.08.2025 at 05.00 P.M. to Dt.18.08.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened Dt.19.08.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in.**
Addendum/Corrigendum, if required, will be available only in the website.

Sd./- Superintending Engineer
OIPR-34006/11/0043/2526 Electrical Circle (R&B), Odisha, BBSR

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.ST/OT/COACHING/DEPOT/KUR/482, ତା.22.07.2025ରିଖ
କାର୍ଯ୍ୟର ନାମ : "ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ECoRSA/ ଖୋର୍ଦ୍ଧା ରୋଡ୍ ଏବଂ କୋଚିଙ୍ଗ୍ ଡିପୋ/ଭୁବନେଶ୍ୱର ଠାରେ 100 ଶଯ୍ୟା ବିଶିଷ୍ଟ କ୍ରୀଡ଼ା ହଷ୍ଟେଲ ଏବଂ ପୁରୀ ଠାରେ ୟାର୍ଡ ମାଷ୍ଟର ପ୍ରକୋଷ୍ଠ ନିମନ୍ତେ ଦୂରସଂଚାର କାର୍ଯ୍ୟସମୂହ।"
ଟେଣ୍ଡର ମୂଲ୍ୟ(ଟଙ୍କାରେ): 48,54,014.40, EMD (ଟଙ୍କାରେ) : 97,100/-।
ବିଡ୍ ଆରମ୍ଭ ହେବା ତାରିଖ : ତା.30.07.2025 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.08.2025 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର),
PR-406/Q/25-26 ଖୋର୍ଦ୍ଧା ରୋଡ

**GOVERNMENT OF ODISHA** eerw_kpd@yahoo.com
**OFFICE OF THE SUPERINTENDING ENGINEER, RURAL WORKS DIVISION, KENDRAPARA**
No. O-481
INVITATION FOR BIDS
**"E" PROCUREMENT NOTICE No. RWD/KPD-02/2025-26 Dt.22.07.2025**
1. Name of Work : Road work in the District of Kendrapara for the year 2025-26
2. Total No. of Work : 01 Number of Road Work
3. Estimated Cost : Rs.65.53 lac approximately
4. Period of Completion : As specified in the Annexure
5. Class of Contractors : As specified in the Annexure
6. Cost of Tender Paper : Cost of tender paper is to be remitted ONLINE for Rs.10,000.00 per set.
7. Detail Projects : As per Annexure attached

**Other details as follows:-**

| Procurement officer | Place of Opening | Availability of Tender Online for Bidding | | Last date & time of seeking tender clarification | Date and Time of Opening of Tender | |
|---|---|---|---|---|---|---|
| | | From | To | | Technial Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Kendrapara | Office of the Superintending Engineer, Rural Works Division, Kendrapara | 29.07.2025 at 5.00 P.M. | 12.08.2025 upto 5.00 P.M. | Upto 5.00 P.M. on 11.08.2025 | 13.08.2025 at 11.00 A.M. | The date will be intimated to the technically qualified bidders later on |

Further details can be seen from the Govt. website **www.tendersorissa.gov.in** .
OIPR-25064/11/0019/2526 Sd./- Suraj Biswal, Superintending Engineer, Rural Works Division, Kendrapara

**GOVERNMENT OF JHARKHAND**
**OFFICE OF THE EXECUTIVE ENGINEER**
**R.C.D. , ROAD DIVISION, SAHIBGANJ**
**e- Procurement Notice**
e-Tender Reference no.- **RCD/SAHIBGANJ/697/2025-26**
**Dated : 29.07.2025**

| | | |
|---|---|---|
| 1 | Name of Work | **Curve Improvement work of Govindpur-Sahibganj Road (SH-18) from Km 280.750 to 283.00 (Jalebia Ghati Portion) under Road Division, Sahibganj for the year 2025-26** |
| 2 | Estimated Cost (Rs) | **Rs. 99,99,663.00** (Rupees Ninety Nine Lakh Ninety Nine Thousand Six Hundred Sixty Three) Only. |
| 3 | Time of Completion | 03 (Three) Months |
| 4 | Last date / Time for receipt of bids | 28.08.2025 upto 12.00 Noon |
| 5 | Date and Time of Opening of Tender | 29.08.2025 at 12.30 PM |
| 6 | Date of Publication of Tender on website | 07.08.2025 from 10.30 A.M. |
| 7 | Name & address of office Inviting tender | Executive Engineer, R.C.D. Road Division, Sahibganj |
| 8 | Contact no. of Procurement officer | 9110193240 |
| 9 | Helpline number of e- Procurement cell | 0651 - 2401010 |

Further details can be seen on website *http://jharkhandtenders.gov.in*

EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, SAHIBGANJ

PR 358505 (Road) 25-26 (D)

**ଅଗଷ୍ଟ ୧୬ରେ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଆନ୍ଦୋଳନ**

ଭୁବନେଶ୍ୱର, (ସୁଚିସ୍ମିତା ସାହୁ): ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ଆସନ୍ତା ଅଗଷ୍ଟ ୧୬ରେ କାର୍ଯ୍ୟବନ୍ଦ କରାଯିବା ସହ ମହାତ୍ମାଗାନ୍ଧୀ ମାର୍ଗସ୍ଥିତ ଧାରଣାସ୍ଥଳରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏ ନେଇ ସଂଘର ସଭାପତି ବିଶ୍ୱରଞ୍ଜନ ଦାସ ମଙ୍ଗଳବାର ଗୋଦାବରୀଶ ସାହିତ୍ୟ ସଂସଦ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ରାଜ୍ୟର ବିଭିନ୍ନ ବେସରକାରୀ ଅନୁଦାନପ୍ରାପ୍ତ ଏବଂ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରଙ୍କ ପାଇଁ ସରକାରୀ ଅନୁଦାନ ନେଇ ସରକାର ନିଷ୍ପତ୍ତି ନେବାକୁ ସଂଘ ଦାବି କରିଛି।

## ସଂକ୍ଷେପରେ

### ପୋଶ୍ ଆଇନ ଆଭ୍ୟନ୍ତରୀଣ ସମିତି ସଦସ୍ୟଙ୍କ ଆଭାସୀ ପ୍ରଶିକ୍ଷଣ

ଭୁବନେଶ୍ୱର,୨୯।୭(ସୁଚିସ୍ମିତା ସାହୁ)

ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠିର ସହଭାଗିତାରେ ମଙ୍ଗଳବାର କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡ଼ନ(ନିବାରଣ, ନିଷେଧ ଓ ପ୍ରତିକାର) ଆଇନ-୨୦୧୩ ସମ୍ବନ୍ଧରେ ଏକ ଆଭାସୀ ପ୍ରଶିକ୍ଷଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ସମସ୍ତ ବିଭାଗ ଓ କ୍ଷେତ୍ରର ଆଭ୍ୟନ୍ତରୀଣ ସମିତି(ଇଣ୍ଟରନାଲ କମିଟି) ସଦସ୍ୟମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠିର ପ୍ରକଳ୍ପ ପରିଚାଳନା ବିଶେଷଜ୍ଞ ଅନୁଜା ଗୁଲାଟି ମୁଖ୍ୟବକ୍ତା ଭାବେ ଯୋଗଦେଇ ପୋଶ୍ ଆଇନର ଆଇନଗତ ଢାଞ୍ଚା ସହ ଆଭ୍ୟନ୍ତରୀଣ ସମିତି (ଆଇସି) ସଦସ୍ୟଙ୍କ ଭୂମିକା ଓ କର୍ତ୍ତବ୍ୟ ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ଆଇସି ସଦସ୍ୟଙ୍କ ସନ୍ଦେହ ଦୂର କରିବା ସହ ସେମାନଙ୍କ ପ୍ରଶ୍ନର ଯଥୋଚିତ ଉତ୍ତର ଦେଇ ସୁରକ୍ଷିତ କର୍ମକ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ଯୌନ ଉତ୍ପୀଡ଼ନ ଆହ୍ୱାନଗୁଡ଼ିକୁ ଧୈର୍ଯ୍ୟର ସହ ସମାଧାନ କରିବାକୁ ସମସ୍ତଙ୍କୁ ସଚେତନ କରାଇଥିଲେ।

### ଜାତୀୟ ଶିକ୍ଷାନୀତି ଭାରତକୁ ଆଗେଇନେବ

ଭୁବନେଶ୍ୱର, ୨୯।୭(ବନ୍ଦନା ସେଠୀ)

ଶିକ୍ଷାକୁ କେବଳ ବହି କି ବିଦ୍ୟାଳୟରେ ସୀମିତ ନ ରଖି ବ୍ୟାପକ ଓ ବିସ୍ତୃତ କରିବା ପାଇଁ 'ଜାତୀୟ ଶିକ୍ଷାନୀତି-୨୦୨୦'ରେ ବ୍ୟବସ୍ଥା କରାଯାଇଛି। ଏହା ଶିକ୍ଷାକ୍ଷେତ୍ରରେ ଭାରତବର୍ଷକୁ ସମୃଦ୍ଧ ଓ ବିକଶିତ କରିବା ସହ ଅଗ୍ରସର କରାଇନେବ ବୋଲି ମତ ପ୍ରକାଶ ପାଇଛି। ମଙ୍ଗଳବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ 'ଜାତୀୟ ଶିକ୍ଷାନୀତି-୨୦୨୦' ପଞ୍ଚମ ବର୍ଷ ପୂର୍ତ୍ତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପ୍ରତିଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପ୍ରଫେସର ତଥା ଏନ୍‌ସିଇଆର୍‌ଟିର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତି, ଡିଏମ୍ ସ୍କୁଲ ପ୍ରଧାନଶିକ୍ଷକ ଅଖିଳେଶ୍ୱର ମିଶ୍ର ଯୋଗଦେଇଥିଲେ। ଏହି ଶିକ୍ଷାନୀତି କିଭଳି ବହୁଭାଷିକତା, ସ୍ଥାନୀୟତା ସହ ବିଭିନ୍ନ ଦିଗର ସଂଯୋଗ ସେତୁ ତାହା ଅତିଥିମାନେ ଦର୍ଶାଇଥିଲେ। ରିଆ ଦହଙ୍ଗା, ପ୍ରଭୁ ପ୍ରୀତମ, ଦୀପନ୍ୱିତା, କୁସିୟ ଖାନ ଏବଂ ଆକାଶ ପ୍ରମୁଖ ପ୍ରତିଷ୍ଠାନର ଛାତ୍ରୀଛାତ୍ର ବକ୍ତବ୍ୟ ପ୍ରଦାନ କରି 'ଜାତୀୟ ଶିକ୍ଷାନୀତି-୨୦୨୦'ର ଆଭିମୁଖ୍ୟ ଓ ଅବଦାନ ଉପରେ ଆଲୋକପାତ କରିଥିଲେ। ଡ. କଳିଙ୍ଗ କେତକୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ବିଭିନ୍ନ ବିଭାଗର ଅଧ୍ୟାପିକା ଅଧ୍ୟାପକ ଓ ନବୋଦୟ ବିଦ୍ୟାଳୟର ଶିକ୍ଷକ ପ୍ରତିନିଧିଗଣ ଯୋଗଦେଇଥିଲେ। ଡ. ମାର୍କଣ୍ଡେୟ ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରତିଷ୍ଠାନର ପାଠାଗାର ପରିସରରେ ଡ. ପୁଷ୍ପଲତା ନେଗିଙ୍କ ତତ୍ତ୍ୱାବଧାନରେ ପୁସ୍ତକ ପ୍ରଦର୍ଶନ କରାଯାଇଥିଲା।

# ଠକାମିରେ ପଡୁଛନ୍ତି ଡିଜିଟାଲ ପେମେଣ୍ଟ ଉପଭୋକ୍ତା

## ଏନ୍‌ପିସିଆଇ ପକ୍ଷରୁ 'ଷ୍ଟପ୍, ଥିଙ୍କ୍, ଆକ୍ଟ' ଅଭିଯାନ

ଭୁବନେଶ୍ୱର,୨୯।୭(ଅନୁରାଧା ମହାରଣା)

ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଭାରତରେ ଡିଜିଟାଲ୍ କାରବାରର ମୁଖ୍ୟ ମାଧ୍ୟମ ହୋଇଛି। ଡିଜିଟାଲ୍ କାରବାର ବଢ଼ିବା ସହିତ ଉପଭୋକ୍ତାମାନେ ଅନେକ ସମୟରେ ଠକାମିର ଶିକାର ହେଉଛନ୍ତି। ତେଣୁ ଭାରତର ଡିଜିଟାଲ୍ ପେମେଣ୍ଟ ବିପ୍ଲବକୁ ଆଗକୁ ବଢ଼ାଉଥିବା ସଂସ୍ଥା ନ୍ୟାଶନାଲ୍ ପେମେଣ୍ଟ କର୍ପୋରେଶନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ପକ୍ଷରୁ ଡିଜିଟାଲ୍ ପେମେଣ୍ଟ ଉପଭୋକ୍ତାଙ୍କ ସାଇବର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ସୁରକ୍ଷା ସୁଦୃଢ଼ କରିବା ପାଇଁ 'ଷ୍ଟପ୍, ଥିଙ୍କ୍, ଆକ୍ଟ' ଅଭିଯାନ ଆରମ୍ଭ କରାଯାଇଛି। ୨୦୨୪ରେ ସମୁଦାୟ ପେମେଣ୍ଟ ପରିମାଣର ୮୩% ରହିଛି। ୨୦୨୫ ଜୁନ୍‌ରେ ୟୁପିଆଇରେ ୧୮.୪୦ ବିଲିୟନ୍ କାରବାର ହୋଇଥିଲା, ଯାହା ପରିମାଣରେ ୩୨% ଏବଂ ମୂଲ୍ୟରେ ୨୦% ବୃଦ୍ଧିକୁ ଦର୍ଶାଉଛି। ଗତ ୫ ବର୍ଷରେ ୟୁପିଆଇର ବ୍ୟବହାର ୭୪% ସିଏଜିଆର୍ ବଢ଼ିଛି। ଏହା କାରବାର ପରିମାଣରେ ସର୍ବବୃହତ୍ ରିଟେଲ୍ ପେମେଣ୍ଟ ବ୍ୟବସ୍ଥାରେ ପରିଣତ କରିଛି। ଆରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ ୟୁପିଆଇରେ ୪୬୦ ନିୟୁତରୁ ଅଧିକ ଉପଭୋକ୍ତା ଯୋଡ଼ିହୋଇଛନ୍ତି। ଉପଭୋକ୍ତାଙ୍କୁ ଠକେଇରୁ ସୁରକ୍ଷା ଦେବା ପାଇଁ ଏନ୍‌ପିସିଆଇ ପକ୍ଷରୁ ଡିଭାଇସ୍ ବାଇଣ୍ଡିଂ ପରି ଉନ୍ନତ ପ୍ରୋଟୋକଲ୍ ଏବଂ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ବିଶେଷତା ଉପଭୋକ୍ତାଙ୍କ ଖାତାକୁ ଏକ ନିର୍ଦ୍ଦିଷ୍ଟ ମୋବାଇଲ୍ ଡିଭାଇସ୍ ସହିତ ଲିଙ୍କ୍ କରୁଛି, ଯାହାଦ୍ୱାରା ସଂଯୁକ୍ତ ଡିଭାଇସ୍ ବିନା କୌଣସି ତୃତୀୟ ପକ୍ଷ ଏହାକୁ ହାସଲ କରିପାରିବ ନାହିଁ। ଏହା ବ୍ୟତୀତ ୟୁପିଆଇରେ ଦୁଇ ପର୍ଯ୍ୟାୟ ପ୍ରାମାଣିକରଣ ରହିଛି, ଯେଉଁଥିରେ ଉପଭୋକ୍ତାଙ୍କୁ କାରବାର ଅନୁମୋଦନ କରିବା ପୂର୍ବରୁ ମୋବାଇଲ୍ ନମ୍ବର ଏବଂ ୟୁପିଆଇ ପିନ୍ ବ୍ୟବହାର କରି ପରିଚୟ ଯାଞ୍ଚ କରିବାକୁ ପଡୁଛି। 'ଷ୍ଟପ୍, ଥିଙ୍କ୍, ଆକ୍ଟ' ଅଭିଯାନରେ ଅପ୍ରତ୍ୟାଶିତ ଫୋନ୍, ମେସେଜ୍ କିମ୍ବା ଇମେଲ୍ ଆସିଲେ ତାହାର ଉତ୍ତର ଦେବା ପୂର୍ବରୁ ଷ୍ଟପ୍ ଅର୍ଥାତ୍ ଅଟକି ଯିବାକୁ ପରାମର୍ଶ ଦିଆଯାଇଛି। କମ୍ପାନୀର ଅଫିସିଆଲ୍ ୱେବ୍‌ସାଇଟ୍ କିମ୍ବା ଗ୍ରାହକ ସେବା ହେଲପଲାଇନ୍ ସହିତ ଯୋଗାଯୋଗ କରିବା ସନ୍ଦେହଜନକ ଅନୁରୋଧକୁ ଅଗ୍ରାହ୍ୟ କରିବା ପାଇଁ କୁହାଯାଇଛି। ଠକାମି ସନ୍ଦେହ ହେଲେ ଉପଭୋକ୍ତାମାନେ ତୁରନ୍ତ ଘଟଣା ବିଷୟରେ ଜଣାଇବା ଉଚିତ୍। ସନ୍ଦେହଜନକ ମାମଲା ଜାତୀୟ ସାଇବର ଅପରାଧ ହେଲପଲାଇନ୍ ୧୯୩୦ କିମ୍ବା ନ୍ୟାଶନାଲ୍ ସାଇବର୍ କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ୍ https://cybercrime.gov.in ରେ ରିପୋର୍ଟ କରାଯାଇପାରିବ। ସେହିପରି ବ୍ୟାଙ୍କକୁ ମଧ୍ୟ ରିପୋର୍ଟ କରିବା ଉଚିତ୍। ଏହାବ୍ୟତୀତ ମେସେଜ୍, ସ୍କ୍ରିନଶଟ୍ ଏବଂ ଅନ୍ୟାନ୍ୟ ପ୍ରମାଣ ସଂରକ୍ଷିତ ରଖିବା ଦ୍ୱାରା ଅଧିକାରୀମାନଙ୍କୁ କାର୍ଯ୍ୟ କରିବାରେ ସାହାଯ୍ୟ କରିଥାଏ। ସଚେତନ ଓ ସଜାଗ ରହି ଉପଭୋକ୍ତାମାନେ ଡିଜିଟାଲ୍ ପେମେଣ୍ଟ ସୁବିଧା ଉପଭୋଗ କରିବା ସହିତ ନିଜ ଟଙ୍କା ସୁରକ୍ଷିତ ରଖିପାରିବେ।

### ସଜାଗ ଓ ସତର୍କ ହେବା ଉଚିତ



ସୋସିଆଲ୍ ଇଞ୍ଜିନିୟରିଂ ମାଧ୍ୟମରେ ଠକମାନେ ଲୋଭ, ଭୟ ଏବଂ ଅଜ୍ଞତା ଭଳି ମାନବୀୟ ପ୍ରବୃତ୍ତିକୁ ବ୍ୟବହାର କରି ଉପଭୋକ୍ତାଙ୍କୁ ଠକିବାକୁ ଚେଷ୍ଟା କରନ୍ତି। ସେମାନେ ଉପଭୋକ୍ତାଙ୍କୁ ବିଶ୍ୱାସଯୋଗ୍ୟ ଦେଖାଯାଉଥିବା କାରବାର ଅନୁମୋଦନ କରିବାକୁ ପ୍ରଲୋଭିତ କରନ୍ତି। ତେଣୁ ଡିଜିଟାଲ୍ ପେମେଣ୍ଟକୁ ସୁରକ୍ଷିତ ଭାବେ ବ୍ୟବହାର କରିବା ଏବଂ ଠକାମିରୁ ଦୂରେଇ ରହିବା ଗୁରୁତ୍ୱପୂର୍ଣ୍ଣ। ଠକାମିର ପ୍ରାରମ୍ଭିକ ସଙ୍କେତ ଚିହ୍ନିବା ଦ୍ୱାରା ଉପଭୋକ୍ତା ଓ ତାଙ୍କ ପରିବାରକୁ ସୁରକ୍ଷିତ ରଖିବା ସମ୍ଭବ ହୋଇପାରିବ। ଏହା ଏକ ସୁରକ୍ଷିତ, ନଗଦ ବିହୀନ ଅର୍ଥନୀତି ଗଠନ କରିବ। ୟୁପିଆଇରେ ମଜଭୁତ ସୁରକ୍ଷା ବ୍ୟବସ୍ଥା ଥାଇ ମଧ୍ୟ ଠକମାନେ ସୋସିଆଲ୍ ଇଞ୍ଜିନିୟରିଂ କୌଶଳ ବ୍ୟବହାର କରିବାକୁ ଚେଷ୍ଟା କରନ୍ତି। ତେଣୁ ଉପଭୋକ୍ତାମାନେ ସଜାଗ ଓ ସତର୍କ ହେବା ଉଚିତ।

**- ବିଶ୍ୱନାଥ କୃଷ୍ଣମୂର୍ତ୍ତି, ଚିଫ୍ ରିସ୍କ ଅଫିସର, ଏନ୍‌ପିସିଆଇ**

# ବିଆଇଆଇଟିଏମ୍‌ରେ ପ୍ଲେସ୍‌ମେଣ୍ଟ ଓରିଏଣ୍ଟେଶନ ପ୍ରୋଗ୍ରାମ

ଭୁବନେଶ୍ୱର,୨୯।୭(ଅନୁରାଧା ମହାରଣା)

ବିଆଇଆଇଟିଏମ୍ ଭୁବନେଶ୍ୱର ପ୍ଲେସ୍‌ମେଣ୍ଟ ସେଲ୍ ପକ୍ଷରୁ ୨ଦିନିଆ ବିଆଇଆଇଟିଏମ୍ ପ୍ଲେସ୍‌ମେଣ୍ଟ ଓରିଏଣ୍ଟେଶନ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଆଇଆଇଟିଏମ୍‌ର ପ୍ରଫେସର ମିହିର ରଞ୍ଜନ ନାୟକ, ଏକାଡେମିକ ଡିନ ପ୍ରଫେସର ଚିନ୍ମୟ କୁମାର ଦାଶ, ପ୍ଲେସମେଣ୍ଟ ଓ ଟ୍ରେନିଂ ପ୍ରଫେସର ମୁଖ୍ୟ କେ. ଚନ୍ଦ୍ରଶେଖର ଉଦବୋଧନ ଦେଇଥିଲେ। ବିଆଇଆଇଟିଏମ୍ ଆଲୁମନାଇ ଆସୋସିଏଶନ ସଭାପତି ଅଙ୍କୁଶ କୁମାର ପାଣି ଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ପ୍ରଫେସର କେ. ଚନ୍ଦ୍ରଶେଖର, ଡ. ବରୁଣ ଅଗ୍ରୱାଲ ଏବଂ ଡ. ଅଞ୍ଜାନ ଦାଶ ଚୟନ ପ୍ରକ୍ରିୟା ଓ ଗ୍ରୁପ ଡିସ୍‌କଶନ ଉପରେ ଏକ ପ୍ରେଜେଣ୍ଟେସନ ଦେଇଥିଲେ। ପ୍ରଥମ ଦିନର ଦ୍ୱିତୀୟାର୍ଦ୍ଧରେ 'କ୍ୟାମ୍ପସ ଟୁ କର୍ପୋରେଟ୍' ସେଶନରେ ଜନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ଭାଇସ୍ ପ୍ରେସିଡେଣ୍ଟ ବିଶ୍ୱନାଥ ମହାପାତ୍ର, ଆରଏମ୍ ସନ୍ଦୀପ ରଥ ଏବଂ ତପନ କୁମାର ମହାନ୍ତି ବ୍ୟାଙ୍କିଙ୍ଗ କ୍ଷେତ୍ରରେ ରିସ୍କ ସଚେତନତା ଓ ଗ୍ରାହକ-କେନ୍ଦ୍ରୀୟତା ପରି ଶିଳ୍ପ-ନିର୍ଦ୍ଦିଷ୍ଟ ଅନ୍ତର୍ଦୃଷ୍ଟି ଏବଂ ସେଲ୍ସ କ୍ଷେତ୍ରରେ ନିଜର ଅଭିଜ୍ଞତା ବାଣ୍ଟିଥିଲେ। ଦ୍ୱିତୀୟ ଦିନ ଫ୍ୟାକଲ୍ଟି ସେସନରେ ପ୍ରଫେସର ରୂପମ୍ବିକା ପଟ୍ଟନାୟକ, ଡ. ଅଙ୍କିତା ଅଗ୍ରୱାଲ, ଏବଂ ପ୍ରଫେସର ସ୍ମରଣିକା ଦାଶ ଅଂଶଗ୍ରହଣ କରିଥିଲେ। ପରେ 'କ୍ୟାମ୍ପସ ଟୁ କପୋରେଟ୍' ସେସନରେ ରିଲାଏନ୍ସ ରିଟେଲ ଲିମିଟେଡ ଡେପୁଟି ମ୍ୟାନେଜର କ୍ଲଷ୍ଟର ଏଚ୍ଆର୍ ରିପ୍ସିନା ରଥ ଏବଂ ମାର୍କେଟିଂ କ୍ଲଷ୍ଟର ମ୍ୟାନେଜର ଶଶାଙ୍କ କୁମାର କ୍ଲଷ୍ଟର ଦକ୍ଷତା ବିକାଶ ଏବଂ ପ୍ଲେସମେଣ୍ଟ ପୂର୍ବ ତାଲିମର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ପେପ୍‌ସିକୋ ଏଚ୍ଆର୍ ବିଜନେସ ପାର୍ଟନର ସେସନରେ ସବ୍ୟସାଚୀ ଜେନା, ଏଚ୍ଆର୍ ଏକ୍‌ଜିକ୍ୟୁଟିଭ୍ ରୋଶନୀ ଖାଣ୍ଡାଇ ଏବଂ ଏରିଆ ସେଲ୍ସ ମ୍ୟାନେଜର ତୃପ୍ତିମୟୀ ଦାସ କର୍ପୋରେଟ ସଂସ୍କୃତି, ଯୋଗାଯୋଗ ଦକ୍ଷତା, ଦଳଗତ କାର୍ଯ୍ୟ, ଏଫ୍ଏମ୍‌ସିଜି କ୍ଷେତ୍ରରେ ବ୍ରାଣ୍ଡ ମ୍ୟାନେଜମେଣ୍ଟ ଓ ସେଲ୍ସ ସାଇକେଲ, ଏବଂ ପ୍ରଫେସନାଲ ବ୍ରାଣ୍ଡିଂ ଉପରେ ଆଲୋକପାତ କରିଥିଲେ। ଆସୋସିଏଟ୍ ପ୍ରଫେସର ଡ. ଅଞ୍ଜନ ଦାଶ ଓ ପ୍ଲେସ୍‌ମେଣ୍ଟ ଅଫିସର ବିପ୍ଲୁକ୍ତା ମହାରଣାଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା।

# ଚିକିତ୍ସା କ୍ଷେତ୍ରରେ ଅଙ୍କୁରା ହସ୍ପିଟାଲର ମାଇଲଷ୍ଟୋନ

ଭୁବନେଶ୍ୱର,୨୯।୭(ଅନୁରାଧା ମହାରଣା)



ଭୁବନେଶ୍ୱରର ଅଙ୍କୁରା ହସ୍ପିଟାଲ ଚିକିତ୍ସା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନ୍ ହାସଲ କରିଛି। ଏଥିରେ ଅତ୍ୟାଧୁନିକ ପ୍ରି-ନାଟାଲ ଡାଇଗ୍ନୋଷ୍ଟିକ୍ସ ବ୍ୟବହାର କରି ଗର୍ଭାବସ୍ଥାର ୧୬ ସପ୍ତାହରେ ଏକ ବିରଳ ଜେନେଟିକ ରୋଗ ଏଡୱାର୍ଡସ ସିଣ୍ଡ୍ରୋମ (ଟ୍ରାଇସୋମି ୧୮) ଚିହ୍ନଟ କରାଯାଇଛି। ଡାକ୍ତର ରମାମଞ୍ଜରୀ ନାୟକ (କନ୍‌ସଲଟାଣ୍ଟ ଫୋଟାଲ ମେଡିସିନ) ଜଣେ ୨୫ ବର୍ଷୀୟ ପ୍ରଥମ ଥର ମାଆଙ୍କ ନିୟମିତ ସ୍କାନ ସମୟରେ ଏହି ରୋଗ ଚିହ୍ନଟ କରିଥିଲେ। ସେ କହିଛନ୍ତି, ମାଇକ୍ରୋଗ୍ନାଥିଆ, କ୍ଲବଫୁଟ, ମୁଠାବନ୍ଦ ହାତ, ଏଭିଏସ୍‌ଡି ପରି ଲକ୍ଷଣ ପ୍ରକାଶ ପାଇଥିବାରୁ ଏହା କ୍ରୋମୋଜୋମାଲ ଅସ୍ୱାଭାବିକତାର ସନ୍ଦେହ ସୃଷ୍ଟି କରିଥିଲା। ଏଡୱାର୍ଡସ ସିଣ୍ଡ୍ରୋମ ଅତିରିକ୍ତ କ୍ରୋମୋଜୋମ ୧୮ର ଉପସ୍ଥିତି ଯୋଗୁ ହୁଏ, ଯାହା ପ୍ରାୟତଃ ଗମ୍ଭୀର ଶାରୀରିକ ଏବଂ ବିକାଶଗତ ସମସ୍ୟା ସୃଷ୍ଟି କରେ। ଅଧିକାଂଶ ଆକ୍ରାନ୍ତ ଗର୍ଭସ୍ଥ ଶିଶୁ ଜନ୍ମ ପର୍ଯ୍ୟନ୍ତ ବଞ୍ଚି ନ ଥାନ୍ତି ଏବଂ ଯେଉଁମାନେ ଜନ୍ମ ନିଅନ୍ତି, ସେମାନେ ସାଧାରଣତଃ ଏକ ମାସରୁ ଅଧିକ ବଞ୍ଚି ନ ଥାନ୍ତି। ବିସ୍ତୃତ ପରାମର୍ଶ ପରେ ଦମ୍ପତି ଆମ୍ନିଓସେଣ୍ଟେସିସ ପାଇଁ ନିଷ୍ପତ୍ତି ନେଇଥିଲେ। ଆମ୍ନିଓସେଣ୍ଟେସିସ୍ ଏକ ଡାଇଗ୍ନୋଷ୍ଟିକ ପରୀକ୍ଷା, ଯେଉଁଥିରେ ଆମ୍ନିଓଟିକ ତରଳ ବିଶ୍ଳେଷଣ କରାଯାଇଥାଏ। ଡାକ୍ତର ନାୟକ କହିଛନ୍ତି, ଗତ ୫ ବର୍ଷରେ ସେ ଏଡୱାର୍ଡସ ସିଣ୍ଡ୍ରୋମର ପ୍ରଥମ ମାମଲା ଦେଖିଛନ୍ତି ଏବଂ ମାତୃ ସ୍ୱାସ୍ଥ୍ୟ ଯତ୍ନରେ ପ୍ରାରମ୍ଭିକ ଏବଂ ଠିକ ଗର୍ଭସ୍ଥ ଶିଶୁ ସ୍କ୍ରିନିଂକୁ ଗୁରୁତ୍ୱାରୋପ କରିଛନ୍ତି।

# 'ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦିଆଯିବ'



ବିଏମ୍‌ସିର ନୂତନ କମିଶନର ଚଞ୍ଚଳ ରାଣାଙ୍କୁ ମେୟର ସୁଲୋଚନା ଦାସ ଏବଂ ଅନ୍ୟମାନେ ସ୍ୱାଗତ ଜଣାଉଛନ୍ତି।

ଭୁବନେଶ୍ୱର,୨୯।୭(ବନ୍ଦନା ସେଠୀ)

**ବିଏମ୍‌ସି କମିଶନର ଭାବେ ଦାୟିତ୍ୱ ନେଲେ ଚଞ୍ଚଳ ରାଣା**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ନୂତନ କମିଶନର ଭାବେ ଆଇଏଏସ୍ ଅଧିକାରୀ ଚଞ୍ଚଳ ରାଣା ମଙ୍ଗଳବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ନାଗରିକଙ୍କ ସେବା ଆମର ମୂଳ ଲକ୍ଷ୍ୟ। ଏହି କ୍ରମରେ ବିଚାରାଧୀନ କାର୍ଯ୍ୟ ଏବଂ ଅଭିଯୋଗ ସମାଧାନର ଅଗ୍ରଗତି ବିଷୟରେ ସେବା ପ୍ରଦାନକାରୀ ସଂସ୍ଥା, ନାଗରିକ ଫୋରମ, ଜନପ୍ରତିନିଧି, କର୍ପୋରେଟର ଏବଂ ପରିଚାଳନା ଅଧିକାରୀମାନଙ୍କ ସହଯୋଗରେ ମିଳିତ ପ୍ରୟାସ କରାଯିବ ବୋଲି କମିଶନର ରାଣା କହିଛନ୍ତି। ସେହିପରି ନାଗରିକଙ୍କ ଆକାଂକ୍ଷାକୁ ପୂରଣ କରିବା ଏବଂ ଏକ ସ୍ୱଚ୍ଛ ତଥା ସବୁଜ ରାଜଧାନୀ ସହ ବିଏମ୍‌ସି ସମସ୍ତ ବର୍ଗର ଲୋକଙ୍କ ସହ ମିଶି ସେମାନଙ୍କ କଲ୍ୟାଣ ସୁନିଶ୍ଚିତ କରିବ। ବିଭିନ୍ନ ଚ୍ୟାନେଲ ମାଧ୍ୟମରେ ଗ୍ରହଣ କରାଯାଉଥିବା ଅଭିଯୋଗଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା କରାଯିବ ଏବଂ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜନସାଧାରଣଙ୍କ କଲ୍ୟାଣ ଓ ବିକାଶ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀଙ୍କ ମୁଖ୍ୟ ଲକ୍ଷ୍ୟ ହେବା ଦରକାର। ଅପରପକ୍ଷେ ନାଗରିକମାନେ ସହଯୋଗ କରିବା ଆବଶ୍ୟକ ବୋଲି କମିଶନର କହିଛନ୍ତି। ବିଏମ୍‌ସିର ବିକାଶମୂଳକ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇ ସମସ୍ତେ ନବନିଯୁକ୍ତ କମିଶନରଙ୍କୁ ସ୍ୱାଗତ ଜଣାଇଥିଲେ। ପରେ କମିଶନର ଏକ ଭିଡିଓ କନ୍‌ଫରେନ୍ସରେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ସହ ଆଲୋନଚା କରିଥିଲେ। ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁରଙ୍କ ସମେତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା, ଅଧ୍ୟକ୍ଷ ଓ କର୍ପୋରେଟରମାନଙ୍କ ସୌଜନ୍ୟମୂଳକ ସାକ୍ଷାତ୍ ସହ ଆଲୋଚନା କରିଥିଲେ। ପରେ କମିଶନର ବିଭିନ୍ନ ଉପବିଭାଗୀୟ ଅଧିକାରୀ ଏବଂ ଇଞ୍ଜିନିୟରମାନଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

# ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା

ବାରଙ୍ଗ,୨୯।୭(ଲିଙ୍ଗରାଜ ରାଉତ)

ସାନମୁଣ୍ଡଳୀ ବିଦ୍ୟାଳୟର ଦୁଇଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କ ବଦଳି ନିର୍ଦ୍ଦେଶ ଜଣାପଡିବା ପରେ ମଙ୍ଗଳବାର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପିଲାମାନେ ଏହି ବଦଳି ଆଦେଶକୁ ବାତିଲ କରିବା ପାଇଁ ସ୍କୁଲ ସାମ୍ନାରେ ଧାରଣାରେ ବସିଥିଲେ। ଖବର ପାଇ ବାରଙ୍ଗ ପୋଲିସ ପହଞ୍ଚି ପିଲାମାନଙ୍କୁ ବୁଝାଶୁଝା କରିବା ପରେ ଶୋକାକୁଳ ପରିବେଶରେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସ୍କୁଲରୁ ବିଦାୟ ଦିଆଯାଇଛି।

ସାନମୁଣ୍ଡଳୀ ସ୍କୁଲର ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ମିଶ୍ରଙ୍କର ନରାଜ ଓ ଶିକ୍ଷକ ପ୍ରଣବ ବେହେରାଙ୍କର ଗୋଡିସାହି ସ୍କୁଲକୁ ବଦଳି ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହି ଖବର ପିଲାମାନେ ଜାଣିବା ପରେ ବିଦ୍ୟାଳୟ ଖୋଲୁଖୋଲୁ ଉଭୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଭେଟି ବିଦ୍ୟାଳୟରେ ରହିବା ପାଇଁ ଜିଦ୍ ଧରିଥିଲେ। କିନ୍ତୁ ସରକାରୀ ନିର୍ଦ୍ଦେଶ ଯୋଗୁ ଉଭୟଙ୍କୁ ଅନ୍ୟ ବିଦ୍ୟାଳୟକୁ ଯିବାକୁ ପଡିବ ବୋଲି ବୁଝାଇବା ପରେ ପିଲାମାନେ ବୁଝି ନ ଥିଲେ। ଏପରିକି ବିଦ୍ୟାଳୟ ଆଗରେ ଧାରଣାରେ ବସି ବଦଳି ବାତିଲ ଦାବି କରି ସ୍ଲୋଗାନ ଦେଇଥିଲେ। ପରେ ଖବର ପାଇ ଗୋଡିସାହି ଫାଣ୍ଡି ଅଧିକାରୀ ସୌମ୍ୟଶ୍ରୀ ଆଶୁତୋଷ ପାଣି ଘଟଣାସ୍ଥଳରେ ପହଞ୍ଚି ପିଲାମାନଙ୍କୁ ବୁଝାଶୁଝା କରିବା ପରେ ପିଲାମାନେ ଧାରଣାରୁ ଉଠିଥିଲେ। ସରକାରୀ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଓ ପିଲାମାନଙ୍କ ମଧ୍ୟରେ ଏଭଳି ଭଲପାଇବାକୁ ନେଇ ଏବେ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

### ବାଲିପାଟଣାରେ ଜାତୀୟ ଆର୍ଥିକ ସାକ୍ଷରତା ଶିବିର

ବାଲିପାଟଣା, ୨୯।୭( ଅଭିମନ୍ୟୁ ନାୟକ)

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ବାଲିପାଟଣା ବ୍ଲକରେ ମଙ୍ଗଳବାର ଜାତୀୟ ଆର୍ଥିକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲିପାଟଣା ଷ୍ଟେଟ ବ୍ୟାଙ୍କ ଶାଖା ତରଫରୁ ଗାରେଡିପାଞ୍ଚଣ ପଞ୍ଚାୟତ ସଭାଗୃହରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ଜିଲା ଷ୍ଟେଟ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଅଜୟ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜନଧନ ଖାତା ଖୋଲିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଜୀବନବୀମା ଯୋଜନା, ଅଟଳ ପେନସନ ଯୋଜନା, ଚାଲୁ ନ ଥିବା ଜନଧନ ଖାତା ସଚଳ କରିବାକୁ ସେ ଉପଭୋକ୍ତାମାନଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ଆର୍ଥିକ ସାକ୍ଷରତା ଉପଦେଷ୍ଟା ବିକାଶ କୁମାର ମହାନ୍ତି ଯୋଗଦେଇଥିଲେ। ସରପଞ୍ଚ ସକୁନ୍ତଳା ଭୋଇ, ସାମାଜିକ କର୍ମୀ ଟୁବୁଲା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଧଉଳି ଚାରୁକଳା ମହାବିଦ୍ୟାଳୟର ୩୧ତମ ପ୍ରତିଷ୍ଠା ଦିବସ

ପୁରୁଣା ଭୁବନେଶ୍ୱର, ୨୯।୭ (ସୁବାସ ଚନ୍ଦ୍ର ପ୍ରଧାନ)

- ଚିତ୍ରକଳା ସମାଜକୁ ଏକତାର ସୂତ୍ରରେ ବାନ୍ଧିରଖିଥାଏ
- ତ୍ରିନାଥ ମହାନ୍ତିଙ୍କୁ ଶିଳ୍ପୀ ଶରତ ରଥ ସ୍ମୃତି ସମ୍ମାନ

ଶାନ୍ତିସ୍ତୂପ ପାଦଦେଶରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳର ୩୧ତମ ପ୍ରତିଷ୍ଠା ଦିବସ ରବିବାର ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଏକାମ୍ର ବିଧାୟକ ବାବୁ ସିଂ ଛାତ୍ରୀଛାତ୍ରଙ୍କ ଏକ ଚିତ୍ରକଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଖଲିକୋଟ ଚାରୁକଳା ମହାବିଦ୍ୟାଳୟର ମୁଦ୍ରଣ ବିଭାଗର ଅଧ୍ୟାପକ ତ୍ରିନାଥ ମହାନ୍ତିଙ୍କୁ ଚିତ୍ରଶିଳ୍ପୀ ଶରତ କୁମାର ରଥ ସ୍ମୃତି ସମ୍ମାନରେ ବିଧାୟକ ସିଂ ସମ୍ମାନିତ କରିଥିଲେ। ଏଥିସହ ଯେଉଁ ମାଟିରେ ଦିନେ ରାଜା ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକ ହୋଇଥିଲେ ଆଗାମୀ ଦିନରେ ସେହିପରି ଧଉଳି ଚାରୁକଳା ମହାବିଦ୍ୟାଳୟ ସାରା ଦୁନିଆକୁ କଳାର ବାର୍ତ୍ତା ପ୍ରଦାନ କରିବ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ରୂପେ ଖଲିକୋଟ ସରକାରୀ ଚାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ପଞ୍ଚାନନ ସୁର୍ ଯୋଗଦେଇଥିଲେ। ଏଥିସହ ଓଡ଼ିଶାର କଳା ଓ ଐତିହ୍ୟ ଅତି ମହାନ ଏବଂ ଧଉଳି ଚାରୁକଳା ମହାବିଦ୍ୟାଳୟ ଏଦିଗରେ ଯତ୍ନର ସହ କାମ କରିଥାଏ ବୋଲି କହିବା ସହ ଗତ ୩୦ବର୍ଷ ମଧ୍ୟରେ ଅନୁଷ୍ଠାନର ସୃଜନଶୀଳ ଦିଗ ଓ ଅଗ୍ରଗତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଶିଳ୍ପୀ ଗୁରୁ ବିଜୟ କୁମାର ପରିଡ଼ା, ଧଉଳି ସରପଞ୍ଚ ଚନ୍ଦନ ମଲ୍ଲିକ ଓ ବୌଦ୍ଧ ପଞ୍ଚାୟତ ସମିତି ଅଧ୍ୟକ୍ଷ ପୀୟଦର୍ଷି ପ୍ରତ୍ୟୁଷ ରଥ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ କଳାକୃତିର ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ଡ. ହୃଷୀକେଶ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟକ୍ଷ ଡ.ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ମହାବିଦ୍ୟାଳୟର କୃତୀ ଛାତ୍ରୀଛାତ୍ର ସ୍ମୃତିରଞ୍ଜନ ବେହେରା ଓ ସୋନାଲି ବିଶ୍ୱାଳଙ୍କୁ ଶିଳ୍ପୀ ଶରତ କୁମାର ରଥ (ଛାତ୍ର)ସ୍ମୃତି ସମ୍ମାନ ଏବଂ ଦୀପକ କୁମାର ଜେନା, ବୃନ୍ଦାବନ ପଣ୍ଡା ଓ ବର୍ଷା ରାଣୀ ଓଝାଙ୍କୁ ଅଧୀର କୁମାର ଜେନା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟାପିକା ଯଥାକ୍ରମେ ପ୍ରିୟଦର୍ଶିନୀ ଓ ସୋଫିୟା ଯସ୍ମିନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ, ପ୍ରବୀର ଦଳାଇ, ରବୀନ୍ଦ୍ର ମହାରଣା, କୃପାସିନ୍ଧୁ ବାରିକ, ଲକ୍ଷ୍ମୀଧର ସ୍ୱାଇଁ ଓ ବହୁ କଳା ଅନୁରାଗୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# ଇସିଜିସି ଲିମିଟେଡ୍ ପକ୍ଷରୁ ଅକ୍ଷୟପାତ୍ର ଫାଉଣ୍ଡେଶନକୁ ଇଲେକ୍ଟ୍ରିକ୍ ଗାଡ଼ି ପ୍ରଦାନ

ଭୁବନେଶ୍ୱର, ୨୯।୭(ବନ୍ଦନା ସେଠୀ)

ଅକ୍ଷୟପାତ୍ର ଫାଉଣ୍ଡେଶନକୁ ଇସିଜିସି ଲିମିଟେଡ୍ ପକ୍ଷରୁ ୭ଟି ଇଲେକ୍ଟ୍ରିକ୍ ଗାଡ଼ି ପ୍ରଦାନ କରାଯାଇଛି। ଏଥିରୁ ୫ଟି ଭୁବନେଶ୍ୱର ଏବଂ ଆଉ ଦୁଇଟି ଥାନେ ଓ କଲ୍ୟାଣ ପାଇଁ ପ୍ରଦାନ କରାଯାଇଛି। ଏହି ଅତ୍ୟାଧୁନିକ ଇଲେକ୍ଟ୍ରିକ୍ ବାହନଗୁଡ଼ିକ ପ୍ରତିଦିନ ୧୦ରୁ ୧୩ଟି ସ୍କୁଲ୍‌ର ପ୍ରାୟ ୧ରୁ ୨ହଜାର ପିଲାଙ୍କୁ ପୁଷ୍ଟିକର ଭୋଜନ ଉପଲବ୍ଧ କରାଇବା ପାଇଁ ସକ୍ଷମ ହେବ। ଏନେଇ ଇସିଜିସିର ମହାପ୍ରବନ୍ଧକ କୁମାର ଅଂଶୁମାନ କହିଛନ୍ତି, ପ୍ରକୃତ ପ୍ରଗତି ଆମର ପରିବେଶକୁ ସଂରକ୍ଷଣ କରିବା ସହିତ ସମୁଦାୟର ଉନ୍ନତିରେ ନିହିତ ଅଛି। ମଧ୍ୟାହ୍ନଭୋଜନ ବିତରଣ ପାଇଁ ଇଲେକ୍ଟ୍ରିକ୍ ବାହନଗୁଡ଼ିକୁ ନିୟୋଜିତ କରିବା କାରଣରୁ ଫାଉଣ୍ଡେଶନ ସହ ଆମର ସହଯୋଗ, ସାମାଜିକ ଉତ୍ତରଦାୟିତ୍ୱ ଏବଂ ସ୍ଥାୟିତ୍ୱ ଉଭୟ ପ୍ରତି ଆମର ପ୍ରତିବଦ୍ଧତା ସହ ସମନ୍ୱିତ। ସେହିପରି ଫାଉଣ୍ଡେଶନର ମୁଖ୍ୟ ମାର୍କେଟିଂ ଅଧିକାରୀ ଧନଞ୍ଜୟ ଗଞ୍ଜୁ କହିଛନ୍ତି, ଇସିଜିସି ଲିମିଟେଡ୍‌ର ଏହି ବିଚାରଶୀଳ ଯୋଗଦାନ ଆମର ସେବା ବିତରଣ କ୍ଷମତାଗୁଡ଼ିକୁ ବୃଦ୍ଧି କରିବା ସହିତ ଦୈନନ୍ଦିନ କାର୍ଯ୍ୟରେ ସ୍ଥାୟିତ୍ୱକୁ ଅନ୍ତର୍ଭୁକ୍ତ କରିବାରେ ସହାୟକ ହେବ। ଏହି ବାହନଗୁଡ଼ିକ ପରିବେଶଗତ ପ୍ରଭାବକୁ ହ୍ରାସ କରିବା ସହ ଆବଶ୍ୟକ ଥିବା ପିଲାଙ୍କ ନିକଟରେ ପହଞ୍ଚିବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ।




ଇସିଜିସି ଲିମିଟେଡ୍ ପକ୍ଷରୁ ଅକ୍ଷୟପାତ୍ର ଫାଉଣ୍ଡେଶନକୁ ଇଲେକ୍ଟ୍ରିକ୍ ଗାଡ଼ି ପ୍ରଦାନ କରାଯାଉଛି।

# ବାଘ ସଂରକ୍ଷଣ, ସୁରକ୍ଷା ଉପରେ ଗୁରୁତ୍ୱ

## ନନ୍ଦନକାନନରେ ଅନ୍ତର୍ଜାତୀୟ ବ୍ୟାଘ୍ରଦିବସ

ବାରଙ୍ଗ,୨୯।୭(ଲିଙ୍ଗରାଜ ରାଉତ)

ପ୍ରାଣୀଉଦ୍ୟାନ ନନ୍ଦନକାନନରେ ମଙ୍ଗଳବାର ଅନ୍ତର୍ଜାତୀୟ ବ୍ୟାଘ୍ରଦିବସ ପାଳନ କରାଯାଇଛି। ବାଘମାନଙ୍କ ସଂରକ୍ଷଣ ଏବଂ ବଂଶବୃଦ୍ଧି ଓ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ଦିବସ ପାଳନ କରାଯାଉଛି। ନନ୍ଦନକାନନ ବାଘମାନଙ୍କ ପ୍ରଜନନରେ ଏକ ମାଇଲ ଖୁଣ୍ଟ ହାସଲ କରିଛି। ଧଳାବାଘ, ମହାବଳବାଘ ଏବଂ ମେଲାନିଷ୍ଟିକ ବା କଳାଲୋମଯୁକ୍ତ ବାଘପାଇଁ ନନ୍ଦନକାନନ ବିଶ୍ୱରେ ନିଜର ସତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହି ଚିଡ଼ିଆଖାନାରେ ୩୬୦ରୁ ଉର୍ଦ୍ଧ୍ୱ ବାଘ ଜନ୍ମ ନେଇ ସାରିଛନ୍ତି। ବର୍ତ୍ତମାନ ନନ୍ଦନକାନନରେ ବାଘସଂଖ୍ୟା ୨୯ ରହିଛି। ସେଥିମଧ୍ୟରୁ ୬ଟି ଧଳାବାଘ (୪ଅଣ୍ଡିରା,୨ମାଈ) ୪ କଳାବାଘ (୩ଅଣ୍ଡିରା,୧ମାଈ)୧୯ଟି ସାଧାରଣ (୧୧ଅଣ୍ଡିରା, ୮ମାଈ) ବାଘ ଅଛନ୍ତି। ବାଘମାନଙ୍କ କେୟାରଟେକରମାନଙ୍କୁ ପୁରସ୍କୃତ କରାଯାଇଛି। ସେହିପରି ଆଖପାଖ ବିଦ୍ୟାଳୟରୁ ଆସିଥିବା କୁନିକୁନି ପିଲାଙ୍କୁ ନେଇ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସ୍ଲୋଗାନ ସହ ଦସ୍ତଖତ ଅଭିଯାନ, ସ୍ୱେଚ୍ଛାସେବୀ ଓ ଶିକ୍ଷା ବିଭାଗର ପିଲାମାନଙ୍କୁ ନେଇ ଏକ ସଚେତନତା ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପର୍ଯ୍ୟଟନ ପରିଚାଳନା ଏସିଏଫ ମନୋସ୍ମିତା ମହାରଣା, ପ୍ରାଣୀ ପରିଚାଳନା ବିଭାଗ ଏସିଏଫ ଡ.ରୁଦ୍ରପ୍ରସାଦ ରଥ, ରାଜ୍ୟ ଉଦ୍ଭିଦଉଦ୍ୟାନ ଏସିଏଫ କ୍ଷୀରାବ୍ଧି ପ୍ରଧାନ, ପ୍ରାଣୀବିଭାଗ ରେଞ୍ଜର ନୂତନ ହେମ୍ବ୍ରମ, ସୁରକ୍ଷା ଓ ନିରାପତ୍ତା ବିଭାଗ ରେଞ୍ଜର ଭଗବାନ ବିଶୋଇ, ଶିକ୍ଷାଧିକାରୀ ମିଳନ କୁମାର ପଣ୍ଡା, ଭେଟେରିନାରି ଅଫିସର ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# ପାପୋଛରେ ଶ୍ରୀଜଗନ୍ନାଥ ଚିତ୍ରକୁ ନେଇ ବଢ଼ୁଛି ଅସନ୍ତୋଷ

**ଖୋର୍ଦ୍ଧା,୨୯।୭(ପ୍ରଭାତ ପାଣିଗ୍ରାହୀ)**



ପାପୋଛରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚିତ୍ର ରହିବା ଏବଂ ଏହାକୁ ଅନ୍‌ଲାଇନ ଶପିଙ୍ଗ ସାଇଟ୍‌ରେ ବିକ୍ରି କରାଯିବା ଘଟଣା ଜଗନ୍ନାଥ ସଂସ୍କୃତି ପ୍ରତି କୁଠାରାଘାତ। ଜଗତର ନାଥ ଜଗନ୍ନାଥଙ୍କୁ ଅପମାନ କରାଯାଇଛି। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରତିଟି ଓଡ଼ିଆଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ସବୁ ମହଲରେ ବିରୋଧ ଜରୁରୀ



“କୋଟିକୋଟି ଓଡ଼ିଆଙ୍କ ଆସ୍ଥା ଓ ବିଶ୍ୱାସର କେନ୍ଦ୍ର ବିଶ୍ୱନିୟନ୍ତା ମହାପ୍ରଭୁ। ତାଙ୍କର ଟିକିଏ ସାନ୍ନିଧ ପାଇଁ ଭକ୍ତ ମନ ସର୍ବଦା ବ୍ୟାକୁଳ ରହିଥାଏ। କାହିଁ କେତେ ଦୂରରୁ ଭକ୍ତ ଶ୍ରୀକ୍ଷେତ୍ରକୁ ଆସିଥାନ୍ତି କାଳିଆ ଠାକୁରଙ୍କ ଦର୍ଶନ ପାଇଁ। କାଳିଆ ସାଆନ୍ତଙ୍କ ମହିମା, ସଂସ୍କୃତି ଭକ୍ତଙ୍କୁ ଶ୍ରୀକ୍ଷେତ୍ରକୁ ଟାଣି ଆଣିଥାଏ। ଚକାଆଖି ଦର୍ଶନ ପାଇଁ ଭକ୍ତ ମନ ସର୍ବଦା ଅଶ୍ରୁରେ ଭରି ରହିଥାଏ। ତେବେ ମହାପ୍ରଭୁଙ୍କୁ ଅପମାନିତ କରିବା ଭଳି ଘଟଣା ସାମ୍ନାକୁ ଆସିଛି। ଏହାକୁ ସବୁ ମହଲରେ ବିରୋଧ କରାଯିବା ଜରୁରୀ।

- ପବିତ୍ର ମୋହନ ରାଜଗୁରୁ, ଜିଲା ସଭାପତି, ଅଧିବକ୍ତା ପରିଷଦ,ଖୋର୍ଦ୍ଧା

## ଷଡ଼ଯନ୍ତ୍ରକୁ ବିରୋଧ କରାଯିବ



“ଘର ଦୁଆରେ, ବାଥ୍‌ରୁମ, ରୋଷେଇ ଘର ଆଗରେ ପକାଯାଉଥିବା ପାପୋଛରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋ ରହିଛି। ଯେକେହି ବାଥରୁମ୍ ଅଥବା ରୋଷେଇ ଗୃହ, ଘରକୁ ପ୍ରବେଶ କରିବା ମାତ୍ରକେ ପାପୋଛରେ ପାଦ ରଖି ଭିତରକୁ ଯିବେ। ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅପମାନିତ କରିବା ପାଇଁ ରୀତିମତ ଷଡ଼ଯନ୍ତ୍ର ଚାଲିଛି। ଏହାକୁ ବରଦାସ୍ତ କରାଯିବ ନାହିଁ। ଏହାକୁ ଦୃଢ ଭାବେ ବିରୋଧ କରାଯିବ।

- ଆଶିଷ ବିଭୁରେନ୍ଦ୍ର, ସହ ପ୍ରାନ୍ତ ସଂଯୋଜକ, ହିନ୍ଦୁ ଜାଗରଣ ମଞ୍ଚ

## ହିନ୍ଦୁ ସମାଜକୁ ଅପମାନିତ କରାଯାଇଛି



“ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସନାତନ ସଂସ୍କୃତିର ଆରାଧ ଦେବତା। ଚାରି ଧାମ ମଧ୍ୟରୁ ଜଗନ୍ନାଥ ଧାମ ଅନ୍ୟତମ ଶ୍ରେଷ୍ଠ ଧାମ। ମହାପ୍ରଭୁଙ୍କ ଅଲୌକିକ ମହିମା ଭକ୍ତଙ୍କୁ ଭକ୍ତିର ଡୋରିରେ ବାନ୍ଧି ରଖିଛି। ରାତି ପାହିଲେ ଲକ୍ଷାଧିକ ଭକ୍ତଙ୍କ ସୁଅ ଶ୍ରୀକ୍ଷେତ୍ରକୁ ଛୁଟିଥାଏ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତ ବହୁ କଷ୍ଟ ସହି ଲମ୍ବାଧାଡିରେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ରହିଥାନ୍ତି। ଏଭଳି ଆଚରଣ ଦ୍ୱାରା କେବଳ ଶ୍ରୀଜଗନ୍ନାଥ ସଂସ୍କୃତି ନୁହେଁ ବରଂ ସମଗ୍ର ହିନ୍ଦୁ ସମାଜକୁ ଅପମାନିତ କରାଯାଇଛି।

- ଗୋପାଳ କୃଷ୍ଣ ଦାସ, ସାମାଜିକ କର୍ମୀ

## ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଅନ୍ତୁ ସରକାର



“ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱର ଦେବତା। ମହାପ୍ରଭୁଙ୍କ କେବଳ ଟିକିଏ ସାନ୍ନିଧ ପାଇଁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ ଶ୍ରୀକ୍ଷେତ୍ରରେ। ସୋସିଆଲ ମିଡିଆରେ ପାପୋଛରେ ମହାପ୍ରଭୁଙ୍କ ଚିତ୍ର ଦେଖିବାପରେ ଭକ୍ତଙ୍କୁ ଆଘାତ ଲାଗିବା ସ୍ୱାଭାବିକ। ଭକ୍ତଙ୍କ ଭାବାବେଗ ସହ ଜଡିତ ମହାପ୍ରଭୁ। ଉତ୍କଳର ଦେବତା ଶ୍ରୀଜଗନ୍ନାଥ। ପ୍ରତ୍ୟେକ ଓଡ଼ିଆ କାଳିଆ ଠାକୁରଙ୍କୁ ନେଇ ଗର୍ବ ଅନୁଭବ କରେ। ଏଭଳି ଚିତ୍ରଣ ଦ୍ୱାରା ସମଗ୍ର ଓଡ଼ିଆ ଜାତିକୁ ଅପମାନିତ କରାଯାଇଛି। ସରକାର ତୁରନ୍ତ ଏ ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରନ୍ତୁ ।

- ଆଦିତ୍ୟ ମହାରଣା, ଯୁବ ସାମାଜିକ କର୍ମୀ

## ସୀମା ଟପିଯାଇଛି



“ପୂର୍ବରୁ ମଧ ମହାପ୍ରଭୁଙ୍କୁ ନେଇ ଅନେକ ଅପମାନିତ କରିବା ଭଳି ଘଟଣା ଘଟିଛି। ତେବେ ଏହି ଘଟଣା ସୀମା ଟପି ଯାଇଛି। ଏହା ହିନ୍ଦୁଙ୍କ ଧାର୍ମିକ ଭାବନାକୁ ଆଘାତ ଦେଇଛି। ପାପୋଛରେ ମହାପ୍ରଭୁଙ୍କୁ ଦେଖିବା ପରେ ଏବେ ସମାଜ ନୀରବ ରହିଗଲେ, ଆଗକୁ ବିଧର୍ମୀମାନେ ଏହାଠାରୁ ମଧ ଅପମାନିତ ଘଟଣା ରଚିପାରନ୍ତି। ଏହା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଜରୁରୀ।

- ସଞ୍ଜୟ ପଟ୍ଟନାୟକ, ଆଇନଜୀବୀ

## ଜଘନ୍ୟ ଅପରାଧ



“- ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆଙ୍କ ରାଷ୍ଟ୍ର ଦେବତା। ସକଳ ପର୍ବପର୍ବାଣିଠାରୁ ମାଙ୍ଗଳିକ କାର୍ଯ୍ୟରେ ପ୍ରତିଟି ଓଡ଼ିଆ ଆଗେ ମହାପ୍ରଭୁଙ୍କୁ ଖୋଜିଥାଏ। ପାପୋଛରେ ମହାପ୍ରଭୁଙ୍କ ଚିତ୍ର ଏକ ଜଘନ୍ୟ ଅପରାଧ। କୋଟି କୋଟି ଓଡ଼ିଆଙ୍କ ଭାବାବେଗକୁ ଅପମାନିତ କରାଯାଇଛି। ଏହାକୁ ସବୁ ସ୍ତରରେ ଦୃଢ଼ ଭାବେ ବିରୋଧ କରିବା ସମୟ ଆସିଛି।

- ଶକ୍ତି ଶଙ୍କର ମିଶ୍ର, ସଂସ୍କୃତି ଗବେଷକ

# ଟାଙ୍ଗୀରେ କମ୍ୟୁନିଟି ହଲ ନିର୍ମାଣ ଦାବି

**ଟାଙ୍ଗୀ,୨୯।୭(ରଘୁନାଥ ସାହୁ)**

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ଟାଙ୍ଗୀ ଏକ ପ୍ରମୁଖ ସ୍ଥାନ ହୋଇଥିବା ବେଳେ ବ୍ଲକ ସଦରମହକୁମାରେ ଯେକୌଣସି ବୈଠକ କରିବା ପାଇଁ ବୈଠକ ଗୃହ ଅଭାବ ରହିଛି। ବିଭିନ୍ନ ସମୟରେ ପ୍ରଶାସନ, ଗ୍ରାମ ପଞ୍ଚାୟତ କିମ୍ବା ସାଂସ୍କୃତିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଙ୍ଗଠନ, ରାଜନୈତିକ ଦଳ ପକ୍ଷରୁ ବୈଠକର ଆବଶ୍ୟକତା ପଡ଼ିଥାଏ। କିନ୍ତୁ ସେଭଳି ସୁବିଧା କୌଣସି ସ୍ଥାନରେ ନାହିଁ। ଖୋର୍ଦ୍ଧା ବିଧାୟକ ଭାବେ ପ୍ରଶାନ୍ତ କୁମାର ଜଗଦେବ ନିର୍ବାଚିତ ହେବା ପରେ ଟାଙ୍ଗୀରେ ଏକ କମ୍ୟୁନିଟ ହଲ ନିର୍ମାଣ କରିବା ପାଇଁ ସୂଚନା ଦେଇଥିଲେ। ଏହା ମଧ୍ୟରେ ଏକ ବର୍ଷ ଅତିକ୍ରାନ୍ତ ହୋଇସାରିଲାଣି। କିନ୍ତୁ ଏହି ହଲ ନିର୍ମାଣ ପାଇଁ କୈଣସି ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବା ଜଣାପଡିଛି। ୩୦୦/୪୦୦ ଲୋକ ବସିବା ଭଳି ଏକ କମ୍ୟୁନିଟ ହଲ ନିର୍ମାଣ କରାଗଲେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ଜନସାଧାରଣଙ୍କ କାର୍ଯ୍ୟ ହୋଇପାରନ୍ତା। ତେଣୁ ବିଧାୟକ ଟାଙ୍ଗୀରେ ଏକ କମ୍ୟୁନିଟ ହଲ ନିର୍ମାଣ ପାଇଁ ସରକାରୀସ୍ତରରେ ପ୍ରକ୍ରିୟା ଆରମ୍ଭ କରିବା ପାଇଁସାଧାରଣରେ ଦାବିହେଉଛି।

# ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସରେ ଚାରା ବଣ୍ଟନ

**ବେଗୁନିଆ,୨୯।୭(ସନ୍ଧ୍ୟାରାଣୀ ମିଶ୍ର)**

ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା ଓ ମରୁଡି ଭଳି ପରିସ୍ଥିତିକୁ ଏଡାଇବା ପାଇଁ ବୃକ୍ଷ ରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଆବଶ୍ୟକ ରହିଛି। ଏହାକୁ ଦୃଷ୍ଟିରେ ରଖି ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ ଅବସରରେ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପେସ୍ତା, ନଡ଼ିଆ, ବଉଳ, ଓଉ, ଅର୍ଜୁନ, ହରିଡା, ବାହାଡା ସମେତ ବିଭିନ୍ନ କିସମର ବୃକ୍ଷ ରୋପଣ କରିବା ସହ ବଣ୍ଟନ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରଞ୍ଜିତା ମହାଭୋଇ, ପ୍ରଧାନ ଶିକ୍ଷୟିତ୍ରୀ ସୁରେଖା ହୋତା, ୱାର୍ଡ ମେମ୍ବର ଶିଖାରାଣୀ ସାହୁ, ସାମାଜିକ କର୍ମୀ ଲକ୍ଷ୍ମୀପ୍ରିୟା ପଣ୍ଡା ଓ ଖବରଦାତା ଯୋଗେଶ୍ୱର ପଣ୍ଡା ଅତିଥି ଭାବେ ଯୋଗଦେଇ ଚାରା ବଣ୍ଟନ କରିଥିଲେ। ଅପରପକ୍ଷରେ ବିଦ୍ୟାଳୟର ପରିସରରେ ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ବୃକ୍ଷର ରୋପଣ କରି ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମ ଶିକ୍ଷକ ରବୀନ୍ଦ୍ର ନାଥ ସାହୁ, ଶିକ୍ଷୟିତ୍ରୀ ମମତା ପାଟ୍ଟଶାଣୀ, ସ୍ମିତା ସୁନ୍ଦରାୟ, ସଂଯୁକ୍ତା ରଥ, ଅର୍ଚ୍ଚନା ମହାପାତ୍ର ଓ ଶୈଳବାଳା ସାହୁଙ୍କ ସମେତ ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ।



ସାରୁଅ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ମହିଳାମାନଙ୍କୁ ଚାରା ବଣ୍ଟନ କରାଯାଉଛି।

# କୁକୁଡ଼ା ମଡ଼କ ହେଲେ ନ ଲୁଚାଇ ଜଣାନ୍ତୁ



କୁକୁଡ଼ା ଫାର୍ମକୁ ବିଶୋଧନ କରାଯାଉଛି।

**ଖୋର୍ଦ୍ଧା,୨୯।୭(ପ୍ରଭାତ ପାଣିଗ୍ରାହୀ)**

### ବିଶୋଧିତ ହେଲା ୮ ଫାର୍ମ

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଜଙ୍କିଆ ମୁଣ୍ଡାଆମ୍ବର ଏକ କୁକୁଡ଼ା ଫାର୍ମ ନମୁନା ପଜିଟିଭି ଆସିବା ପରେ ଜିଲା ପ୍ରଶାସନ ପକ୍ଷରୁ ଏହି ଅଞ୍ଚଳକୁ ବାର୍ଡ ଫ୍ଲୁ ଘୋଷଣା କରାଯାଇଛି। ଉକ୍ତ ଅଞ୍ଚଳକୁ ନିଷେଦ୍ଧାଞ୍ଚଳ ଘୋଷଣା କରାଯାଇଥିବା ବେଳେ ଏହାର ଏକ କି.ମି. ପରିଧି ଅଞ୍ଚଳକୁ ସର୍ଭେଲାନ୍ସରେ ରଖାଯାଇଛି। ଏଥିରେ ୧୩ଟି ଟିମ୍ ନିୟୋଜିତ ଅଛନ୍ତି। ଆସନ୍ତା ୬ମାସ ପର୍ଯ୍ୟନ୍ତ କୁକୁଡ଼ା ଚିଆଁ ରଖିବା, ବିକ୍ରି ଉପରେ କଟକଣା ଜାରି କରାଯାଇଛି। ମଙ୍ଗଳବାର ରାପିଡ୍ ରେସ୍ପନ୍ସ ଟିମ୍(ଆର୍‌ଆର୍‌ଟି) ପକ୍ଷରୁ ୮ଟି କୁକୁଡ଼ା ଫାର୍ମ ଚାରିପାଖରେ ଚୂନ ପକାଯାଇ ବିଶୋଧନ କରାଯାଇଛି। ପର୍ଯ୍ୟାୟ କ୍ରମେ ସମସ୍ତ କୁକୁଡା ଫାର୍ମକୁ ବିଶୋଧନ କରାଯିବ ବୋଲି ସହକାରୀ ପ୍ରାଣୀଧନ ଚିକିତ୍ସକ ଡା. ପ୍ରଜ୍ଞାପାରମିତା ହରିଚନ୍ଦନ ସୂଚନା ଦେଇଛନ୍ତି। ଗୋଟିଏ ଟିମ୍ ଫାର୍ମ ବିଶୋଧନ ପ୍ରକ୍ରିୟାରେ ରହିଥିବାବେଳେ ଅନ୍ୟ ଦଳ ଗାଁ କୁ ଗାଁ ବୁଲି ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛନ୍ତି ବୋଲି ସେ କହିଛନ୍ତି।

ଭାରପ୍ରାପ୍ତ ପ୍ରାଣୀଧନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଭିଓ) ଡ. ରବି ପଟ୍ଟନାୟକ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ବାର୍ଡ ଫ୍ଲୁ ଘୋଷଣା ହୋଇଥିବା ଅଞ୍ଚଳର ୧୦ କି.ମି. ମଧ୍ୟରେ ପ୍ରାୟ ଏକ ହଜାର କୁକୁଡ଼ା ମଳ, ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ କଟକ ଲାବରେଟୋରିକୁ ପଠାଯାଇଛି। ଏକ ସୁପରଭାଇଜର ଟିମ୍ ଏହି ସମସ୍ତ ଅଞ୍ଚଳକୁ ନୀରିକ୍ଷଣ କରୁଥିବାବେଳେ କୌଣସି ଅପ୍ରତିକର ପରିସ୍ଥିତିକୁ ଏଡାଇବା ପାଇଁ ଭ୍ରାମ୍ୟମାଣ ପ୍ରାଣୀଧନ ଚିକିତ୍ସା ଯାନ ଉକ୍ତ ଅଞ୍ଚଳରେ ବୁଲୁଛି। ଏଥିସହିତ ଆର୍‌ଆର୍‌ଟି ମଧ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛି। କୌଣସି ସ୍ଥାନରେ କୁକୁଡ଼ା ମଡ଼କହେଲେ ଏହାକୁ ନ ଲୁଚାଇ ନିକଟସ୍ଥ ପ୍ରାଣୀଧନ ଚିକିତ୍ସକ ଅଥବା ଆର୍‌ଆର୍‌ଟିକୁ ଜଣାଇବାକୁ ଗ୍ରାମବାସୀଙ୍କୁ ସିଡିଭିଓ ପଟ୍ଟନାୟକ ଅନୁରୋଧ କରିଛନ୍ତି।

# ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା

**ବୋଲଗଡ଼,୨୯।୭(ଦେବବ୍ରତ ହୋତା)**

ବୋଲଗଡ ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରଠାରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ବିରଞ୍ଚି କୁମାର ସାହୁଙ୍କ ସଂଯୋଜନାରେ ସମ୍ପାଦିତ କାର୍ଯ୍ୟକ୍ରମ ଉଦ୍‌ଘଟନରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ବାସୁଦେବ ବେହେରା, ପରିଚାଳନା ସମିତି ସଭାପତି ଗାନ୍ଧୀ କୁମାର ସାହୁ, ସମ୍ପାଦକ ରାମଚନ୍ଦ୍ର ସାହୁ, ବରିଷ୍ଠ ଆଚାର୍ଯ୍ୟ ଦେବ ପ୍ରସାଦ ସାହୁ, ବିଜ୍ଞାନ ପ୍ରମୁଖା ସୁଶ୍ରୀ ରଶ୍ମିତା ରଣସିଂହ ଉପସ୍ଥିତ ରହିଥିଲେ। ଜ୍ଞାନବିଜ୍ଞାନ ମେଳାରେ ମୋଟ ୧୮୨ଜଣ ଶିଶୁ ଭଉଣୀଭାଇ ବିଭିନ୍ନ ବିଭାଗ ଯଥା ସଂସ୍କୃତି, ଜ୍ଞାନ ବିଜ୍ଞାନ ଓ ବୈଦିକ ଗଣିତ ଆଦି ବିଭାଗରେ ଅଂଶ ଗ୍ରହଣ କରିଥିବାବେଳେ କନିଷ୍ଠ ବର୍ଗର ୪୪ଟି, ଶିଶୁବର୍ଗରେ ୨୬ଟି ଓ ବାଲବର୍ଗରେ ୨୦ଟି ଓ କିଶୋର ବର୍ଗର ୪ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁ ଭଉଣୀଭାଇମାନେ ଆଗାମୀ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳାକୁ ଚୟନ ହୋଇଛନ୍ତି। ପୁରସ୍କାର ବିତରଣ ସମାରୋହ ଉତ୍ସବରେ ମୁଖ୍ୟଅତିଥି ବେହେରା କହିଥିଲେ ଯେ, ବିଦ୍ୟାର୍ଥୀଙ୍କ ମଧ୍ୟରେ ବୈଜ୍ଞାନିକ ପ୍ରବୃତ୍ତି ଜାଗ୍ରତ କରାଇବାରେ ନୂତନ ଜାତୀୟ ଶିକ୍ଷାନୀତି ବେଶ ସହାୟକ ହେବ। ଏହି ଅବସରରେ ପରିଚାଳନା ସମିତି ସଦସ୍ୟା ଗୀତାଞ୍ଜଳି ଦଳାଇଙ୍କ ସଂଯୋଜନାରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।

# ଦାମୋଦର ଷଡ଼ଙ୍ଗୀଙ୍କ ଏକାଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି




ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥି।

**ନିରାକାରପୁର,୨୯।୭(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ନିରାକାରପୁର ନିକଟସ୍ଥ ରାଇଗୁରୁପୁର ଗ୍ରାମର ସ୍ୱର୍ଗତ ଦାମୋଦର ଷଡ଼ଙ୍ଗୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବେଦ ବିଦ୍ୟାଳୟ ପ୍ରତିଷ୍ଠିତା କୃପାସିନ୍ଧୁ ପଣ୍ଡାଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋବା ସହ ଗୀତା ଉପନିଷଦ ପାଠ ସହ ମଙ୍ଗଳା ଚରଣ କରାଯାଇଥିଲା। ସ୍ମୃତି ଚାରଣ ସଭାରେ କବି କାଶୀନାଥ ପାଣିଗ୍ରାହୀ, ଶିକ୍ଷାବିତ୍ ସାରଥି ଜେନା, ତପନ କୁମାର ମହାପାତ୍ର, ବିଜୟ କୁମାର ସାହୁ, ବ୍ରଜବନ୍ଧୁ କର, ବିକ୍ରମ ମହାରଣା, ରାମଚନ୍ଦ୍ର ତ୍ରିପାଠୀ, ହରମୋହନ ନାୟକ ପ୍ରମୁଖ ଉପସ୍ଥିତ ରହି ଷଢଙ୍ଗୀଙ୍କ ଆବର୍ତ୍ତନରେ ଅଞ୍ଚଳ ଜଣେ ଭଲ ଲୋକଙ୍କୁ ହରାଇଲା ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ଥିବା ବ୍ୟକ୍ତିମାନେ ମତପ୍ରକାଶ କରିଥିଲେ।

# ଜିଲାପାଳଙ୍କ ସହ ଆଲୋଚନ କଲେ ବିଧାୟକ

**ବେଗୁନିଆ,୨୯।୭ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରଦୀପ କୁମାର ସାହୁ ନୂତନ ଜିଲାପାଳ ଭାବେ ଯୋଗଦେଇଥିବା ଅମ୍ରିତ ରତୁରାଜଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବେଗୁନିଆ ନିର୍ବାଚନମଣ୍ଡଳୀର ଉଭୟ ବ୍ଲକର ବିକାଶ କାର୍ଯ୍ୟ କିଭଳି ତ୍ୱରାନିତ ହେବା ସହିତ ଜନସାଧାରଙ୍କ ନିକଟରେ ତାର ସୁଫଳ ଠିକ ଭାବେ ପହଞ୍ଚି ପାରିବ ସେଥିପାଇଁ ଜିଲା ପ୍ରଶାସନର ସହଯୋଗ ନିହାତି ଜରୁରି ହୋଇଥିବାରୁ ବିଧାୟକ ସାହୁ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଏଥିରେ ବେଗୁନିଆ ଓ ବୋଲଗଡ଼ ବ୍ଲକ ଅଧକ୍ଷ, ଉପାଧକ୍ଷ, ଜିଲା ପରିଷଦ ସଭ୍ୟମାନେ ଉପସ୍ଥିତ ରହିଥିଲେ।



ବିଧାୟକ ପ୍ରଦୀପ କୁମାର ସାହୁ ନୂତନ ଜିଲାପାଳ ଅମ୍ରିତ ରତୁରାଜଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

# ଚିତ୍ରାଙ୍କନ, ହସ୍ତଶିଳ୍ପ, ରଚନା ପ୍ରତିଯୋଗିତା

**ଖୋର୍ଦ୍ଧା,୨୯।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ମେହମୁଦାବାଦସ୍ଥିତ ମସ୍‌ଜିଦ ନାସିରଠାରେ ଅହମଦିୟା ମୁସ୍‌ଲିମ୍ ମହିଳା ସଂଗଠନ ନାସରାତୁଲ ଅହମଦିୟା ମେହମୁଦାବାଦ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଗ୍ରୁପ ମୋହସିନାତର ପିଲାମାନଙ୍କୁ ରଚନା(ନମାଜ କି ଅହମିୟତ କିମ୍ବା ଅରକାନେ ଇସ୍‌ଲାମ) ବିଷୟରେ ୨୦୦ଶବ୍ଦରେ ରଚନା ଲେଖିବାକୁ ଦିଆଯାଇଥିଲା। ପିଲାମାନଙ୍କ ମଧ୍ୟରେ ଅର୍‌କାନେ ଇସ୍‌ଲାମ ବିଷୟରେ ରଚନା ତଥା ହସ୍ତଶିଳ୍ପ ପ୍ରତିଯୋଗିତା କରାଯାଇଥିଲା। ଏହି ପରିଭାବେ ଗ୍ରୁପ୍ ସ୍ୱାଲେହାତ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୫୦ଜଣ ପିଲା ଭାଗ ନେଇଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭ ପବିତ୍ର କୋରାନ ପାଠ ସହ ହୋଇଥିଲା। ମାରିୟା ଫୟାଜ ପବିତ୍ର କୋରାନ ପାଠ କରିଥିବାବେଳେ ସଭାନେତ୍ରୀ ତସ୍‌ରୁନ ନାଜେରିନ ନୀରବ ପ୍ରାର୍ଥନା ଦୁଆ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହିଳା ସଂଗଠନର ସଭାନେତ୍ରୀ ତସ୍‌ରୁନ ନାଜେରିନ ଯୋଗ ଦେଇଥିବାବେଳେ ସେକ୍ରେଟାରୀ ନାସରାତ ରୁକସାନା ଅଞ୍ଜୁମ ପରିଚାଳନା କରିଥିଲେ।



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପିଲାମାନେ।

# ଟାଙ୍ଗୀ ୟୁକୋ ବ୍ୟାଙ୍କ ଏଟିଏମ୍‌ରେ ତାଲା




**ଟାଙ୍ଗୀ,୨୯।୭(ରଘୁନାଥ ସାହୁ)**

ଟାଙ୍ଗୀ ୟୁକୋ ବ୍ୟାଙ୍କ ସଂଲଗ୍ନ ଏଟିଏମ୍‌ରେ ଦୀର୍ଘ ଦିନ ଧରି ତାଲା ପଡ଼ିଥିବା ଦେଖାଯାଇଛି। ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟଙ୍କା ଉଠାଣ ସହିତ ଏଟିଏମ୍ ପିନକୋଡ ପରିବର୍ତ୍ତନ, ନୂତନଏଟିଏମ୍‌କାର୍ଡକାର୍ଯ୍ୟକାରୀ କରିବା ପାଇଁ ଗ୍ରାହକମାନେ ଏହି ଏଟିଏମ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଦୀର୍ଘ ଦିନ ଧରି ଏଟିଏମ୍ ବନ୍ଦ ହୋଇ ରହିଛି। ଏଟିଏମ୍ ବନ୍ଦ ଥିବାରୁ ବ୍ୟାଙ୍କରେ ଗ୍ରାହକମାନଙ୍କ ଭିଡ଼ ପରିଲକ୍ଷିତ ହେଉଛି। ତେଣୁ ବ୍ୟାଙ୍କ କର୍ତ୍ତୃପକ୍ଷ ତୁରନ୍ତ ଏହି ଏଟିଏମ୍ କାର୍ଯ୍ୟକାରୀ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ପରିବେଶ ସୁରକ୍ଷାରେ ଛାତ୍ରୀଛାତ୍ରଙ୍କ ପ୍ରତିବଦ୍ଧତା ଜରୁରୀ

### ବିଶ୍ୱାସ ଶିକ୍ଷାନୁଷ୍ଠାନରେ ବନ ମହୋତ୍ସବ

**ଖୋର୍ଦ୍ଧା,୨୯।୭(ପ୍ରଭାତ ପାଣିଗ୍ରାହୀ)**

ସାମ୍ପ୍ରତିକ ସମୟର ଏକ ପ୍ରମୁଖ ଆହ୍ୱାନ ହେଉଛି ବିଶ୍ୱ ତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ। ଏହା ମାନବ ସ୍ୱାସ୍ଥ୍ୟ, ପ୍ରାକୃତିକ ପରିବେଶ ଉପରେ ବିପଦ ସୃଷ୍ଟି କରୁଛି। ଭବିଷ୍ୟତ ସମାଜ ଏବଂ ଯୁବପିଢିଙ୍କ ପାଇଁ ବୃକ୍ଷରୋପଣ ଜରୁରୀ। ପରିବେଶ ସୁରକ୍ଷା ବାର୍ତ୍ତା ସବୁ ବର୍ଗର ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିବଦ୍ଧତା ରହିବା ଜରୁରୀ ବୋଲି ପରିବେଶ ବିଶେଷଜ୍ଞ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି। ବିଶ୍ୱାସ ଶିକ୍ଷାନୁଷ୍ଠାନ ତରଫରୁ କେନ୍ଦ୍ର ସରକାରଙ୍କ ଆହ୍ୱାନ କ୍ରମେ ‘ଗୋଟିଏ ଗଛ ମୋ ମା’ଙ୍କ ନାମରେ’(ଏକ ପେଡ୍ ମା କେ ନାମ୍) ସାମୁହିକ ବୃକ୍ଷରୋପଣ ତଥା ବିଶ୍ୱାସ ବନମହୋତ୍ସବ-୨୦୨୫ ଖୋର୍ଦ୍ଧା ନିକଟସ୍ଥ ପିତାପଲ୍ଲୀ କଲେଜ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ ଡ. ପ୍ରଜ୍ଞାନ ରଞ୍ଜନ ଘଡ଼େଇଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଆୟୋଜିତ ଏହି ବନମହୋତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ପାଣିଗ୍ରାହୀ କହିଲେ ଯେ, ନିରନ୍ତର ଜଳବାୟୁ ପରିବର୍ତ୍ତନଜନିତ ବ୍ୟାଘାତ, ସ୍ୱାସ୍ଥ୍ୟ ସଙ୍କଟର ପରିଣାମରେ ମାନବାଜାତି କ୍ରମଶଃ ଏକ ଭୟାନକ ଭବିଷ୍ୟତ ଦିଗରେ ଅଗ୍ରସର ହେଉଛି। ଛାତ୍ରୀଛାତ୍ରମାନେ ଧରିତ୍ରୀ ଦିବସ, ପରିବେଶ ଦିବସ, ଜୈବବିବିଧତା ଦିବସ, ପ୍ରଦୂଷଣ ନିୟନ୍ତ୍ରଣ ଦିବସ, ପ୍ରକୃତି ସଂରକ୍ଷଣ ଦିବସ, ଆଦ୍ରଭୂମି ଦିବସ ପାଳନ ପ୍ରଭୃତି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ପରିବେଶ ସୁରକ୍ଷା ପ୍ରତି ପ୍ରତିବଦ୍ଧତା ଜରୁରୀ ବୋଲି ପାଣିଗ୍ରାହୀ କହିଛନ୍ତି।

ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରତୀମା ଘଡ଼େଇ କହିଲେ, ବିଶ୍ୱାସ ଶିକ୍ଷାନୁଷ୍ଠାନ ଦୀର୍ଘ ବର୍ଷ ଧରି ପରିବେଶ ସୁରକ୍ଷା ଓ ସଂରକ୍ଷଣ, ଦିଗରେ କାର୍ଯ୍ୟ କରି ଆସୁଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ସୁରକ୍ଷା ଦିଗରେ ଆଗ୍ରହ, ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନତା ସୃଷ୍ଟି କରିବାରେ ଏଭଳି କାର୍ଯ୍ୟକ୍ରମର ଗୁରୁତ୍ୱ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସମ୍ପାଦିକା ନନ୍ଦିନୀ ଘଡ଼େଇ, ନିର୍ଦ୍ଦେଶକ ଡ.ଲକ୍ଷ୍ମୀ ନାରାୟଣ ପଣ୍ଡା, ପାରା ମେଡିକାଲ କଲେଜର ଅଧକ୍ଷ ଡା.ଅଭୟ ବାହିନୀପତି, ଇନ୍‌ଫୋଭ୍ୟାଲି ଥାନାଧିକାରୀ କୃପାସିନ୍ଧୁ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ଏବଂ ଅନୁଷ୍ଠାନର କର୍ମଚାରୀ, ଛାତ୍ରୀଛାତ୍ର ମାନେ ଗୋଟିଏ ଲେଖାଏ ଚାରା ରୋପଣ କରିଥିଲେ।




ବିଶ୍ୱାସ ଶିକ୍ଷାନୁଷ୍ଠାନରେ ବନ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପରିବେଶ ବିଶେଷଜ୍ଞ ଏବଂ ଅନ୍ୟମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୭।୨୦୨୫

| | |
|---|---|
| ୪,୦୮,୭୭୧ ଟଙ୍କା | |
| ସୁନା | ୭୫୦ ମିଲିଗ୍ରାମ୍ |
| ରୁପା | ୪୪.୧୦୦ ଗ୍ରାମ୍ |

# ଖୁବ୍‌ଶୀଘ୍ର ନିର୍ମାଣ ହେବ ଓଭର ହେଡ୍ ଟାଙ୍କି

■ ୬ଶହ ପରିବାରକୁ ମିଳିବ ପିଇବା ପାଣି
■ ଉପାଧ୍ୟକ୍ଷ, ସରପଞ୍ଚଙ୍କ ଦାବି ଶୁଣିଲେ ସରକାର

ଗୋପ,୨୯।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଦିନକୁ ଦିନ ପିଇବା ପାଣି ସମସ୍ୟା ଗୋପ ବ୍ଲକରେ ଉତ୍କଟ ହେବାକୁ ବସିଥିବା ବେଳେ ଏହି ବ୍ଲକ ଅନ୍ତର୍ଗତ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତ ଦିହୁଡ଼ା ଗ୍ରାମରେ ଖୁବଶୀଘ୍ର ଓଭର ହେଡ୍ ଟାଙ୍କି ନିର୍ମାଣ କରାଯାଇ ସାଧାରଣ ଲୋକମାନଙ୍କୁ ପିଇବା ପାଣି ଯୋଗାଇ ଦିଆଯିବ ବୋଲି ମଙ୍ଗଳବାର ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ କହିଛନ୍ତି। ଅଣ୍ଡରା-ଇଚ୍ଛାପୁର ସରପଞ୍ଚ ମୀନା କୁମାରୀ ମହାନ୍ତି ସରକାରଙ୍କୁ ଚିଠିଲେଖି ପିଇବା ପାଣି ସମସ୍ୟା ଅବଗତ କରିବା ପରେ ସରକାର ଏପରି ଏକ ସମସ୍ୟାକୁ ଗୁରୁତର ସହ ନେଇଛନ୍ତି ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ରାଜ୍ୟ ସରକାର ଘରେ ଘରେ ପିଇବା ପାଣି ଯୋଗାଇଦେବା ନେଇ ସଙ୍କଳ୍ପ ନେବା ପରେ ୨୦୨୧-୨୦୨୨ ମସିହାରେ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ୫୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହେବା ସହିତ ଏହି ପିଇବା ପାଣି ନିର୍ମାଣ କାର୍ଯ୍ୟ ଏକ ସଂସ୍ଥା ହାତକୁ ଯାଇଥିଲା। ଟେଣ୍ଡର୍ ନେଇଥିବା ସଂସ୍ଥା ଦିହୁଡ଼ା ଗାଁ ନିକଟରେ ବସୁଧା ଯୋଜନା ମାଧ୍ୟମରେ ପିଇବା ପାଣି ଯୋଗାଇଥିଲା। କିନ୍ତୁ ଜମି ଅଧିଗ୍ରହଣ ନ ହୋଇ ପାରିବାରୁ ଓଭରହେଡ୍ ଟାଙ୍କି ନିର୍ମାଣ ହୋଇପାରି ନ ଥିଲା। ଚଳିତ ବର୍ଷ ଖରାଦିନରେ ଏହି ପଞ୍ଚାୟତରେ ପିଇବା ପାଣି ସମସ୍ୟା ଉତ୍କଟ ହେବାରୁ ସରପଞ୍ଚ ମୀନା କୁମାରୀ ମହାନ୍ତି ଓ ସମିତି ସଭ୍ୟ ତଥା ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ଏହି ପିଇବା ପାଣି ସମସ୍ୟା ଉପରେ ଅବଗତ କରିଥିଲେ। ଏନେଇ ରାଜ୍ୟ ସରକାର ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗକୁ ଏ ସମ୍ପର୍କରେ ଅବଗତ କରିବା ସହ ତୁରନ୍ତ ଓଭରହେଡ୍ ଟାଙ୍କି ନିର୍ମାଣ କରି ସାଧାରଣଲୋକଙ୍କୁ ପିଇବା ପାଣି ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପରେ ମଙ୍ଗଳବାର ପୂର୍ବାହ୍ନରେ ଗୋପ ବ୍ଲକ ଜଳ ପରିମଳ ବିଭାଗ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତଙ୍କ ସହିତ ଜନପ୍ରତିନିଧିମାନେ ପହଞ୍ଚି ସରଜମିନ ତଦନ୍ତ କରିଥିଲେ। ଖୁବ୍‌ଶୀଘ୍ର ଏହି ଓଭରହେଡ୍ ଟାଙ୍କି ନିର୍ମାଣ ଲାଗି ଟେଣ୍ଡର ପ୍ରକ୍ରିୟା ଶେଷ କରାଯିବ ସହିତ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଏହି ଓଭରହେଡ୍ ଟାଙ୍କି ନିର୍ମାଣ ଶେଷ ହେଲେ ଅଣ୍ଡରା - ଇଚ୍ଛାପୁର ପଞ୍ଚାୟତର ୫/୬ ଗୋଟି ୱାର୍ଡର ୬ଶହ ପରିବାରର ୨ହଜାର ସାଧାରଣଲୋକ ଉପକୃତ ହେବା ସହିତ ବନ୍ୟା, ବାତ୍ୟା ସମୟରେ ଆବଶ୍ୟକତା ଅନୁସାରେ ପିଇବା ପାଣି ପାଇପାରିବେ ବୋଲି ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ କହିଛନ୍ତି। ଏହି ଓଭର ହେଡ ଟାଙ୍କି ନିର୍ମାଣ କାର୍ଯ୍ୟ ଆରମ୍ଭ ଯୋଗୁ ମହିଳା ସରପଞ୍ଚ ଓ ଉପାଧ୍ୟକ୍ଷ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି।



ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତର ଦିହୁଡା ଗ୍ରାମ ନିକଟରେ ଗୋପ ବ୍ଲକ ଉପାଧ୍ୟକ୍ଷ, ଜଳ ପରିମଳ ବିଭାଗ ଯନ୍ତ୍ରୀଙ୍କ ସହିତ ଅନ୍ୟମାନେ ତଦନ୍ତ କରି ଓଭର ହେଡ ଟାଙ୍କି ନିର୍ମାଣ କାର୍ଯ୍ୟ କରାଯିବ ବୋଲି ଦେଖୁଛନ୍ତି।

## ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ଚରକ ଜୟନ୍ତୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ରମାନେ ।

ପୁରୀ,୨୯।୭(ଅଜିତ୍ କୁମାର ମହାନ୍ତି)

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ଚରକ ଜୟନ୍ତୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟରେ ୭ଦିନ ଧରି ଚରକ ସପ୍ତାହ ନାମରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଓ ଔଷଧ ବିତରଣ, ବିଭିନ୍ନ ଅନୁଷ୍ଠାନରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ବୃକ୍ଷରୋପଣ ସହ ଛାତ୍ରୀଛାତ୍ରଙ୍କ ନିମନ୍ତେ ସାଧାରଣ ଜ୍ଞାନ, ଶ୍ଳୋକାବୃତ୍ତି ପ୍ରତିଯୋଗିତା ଏବଂ ସଂହିତା ନିରୂପଣ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଚରକ ଜୟନ୍ତୀରେ ଚରକ ପୂଜନ ସହ ଏକ ବୈଜ୍ଞାନିକ ଆଲୋଚନାଚକ୍ରର ଆୟୋଜନ ମଧ୍ୟ ହୋଇଥିଲା, ଯାହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ବିପିନ ବିହାରୀ ଖୁଣ୍ଟିଆ ଉଦ୍‌ଘାଟନ କରି ଅତିଥିମାନଙ୍କୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡା. ଲିପ୍ସା ମହାପାତ୍ର ଓ ଡା. ଅନନ୍ୟା ସେନ ମଞ୍ଚ ପରିଚାଳନା କରିଥିଲେ। ପୂର୍ବତନ ଅଧ୍ୟକ୍ଷ ଡ. ଏନ୍. ସି. ଦାସ, ଡାଇବେଟିସ ବିଶେଷଜ୍ଞ ଡା. ହରିବଲ୍ଲଭ ମହାପାତ୍ର, ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଡା. କୌଶିକ ମିଶ୍ର, ଡା. ସଙ୍ଗୀତା ଦାସ, କର୍ଣ୍ଣାଟକର ଆୟୁର୍ବେଦିକ ଡା. ମୁରଲୀଧର ଶର୍ମା ପ୍ରମୁଖ ଉପସ୍ଥିତଥିଲେ। ଡା. ସୋନାଲିକା ଜେନା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ସାଇକେଲ ଚାଳକ ଗୁରୁତର

ନିମାପଡ଼ା,୨୯।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଛେନୁଅ ଗ୍ରାମର ଜଙ୍ଗଲୀ ବାରିକ ନାମକ ଜଣେ ବ୍ୟକ୍ତି ବାଇକ ଧକ୍କାରେ ଗୁରୁତର ହୋଇଛନ୍ତି। ଜଙ୍ଗଲୀ ସୋମବାର ମଧ୍ୟାହ୍ନରେ ସାଇକେଲରେ ନିମାପଡ଼ା ବଜାରରୁ ଘରକୁ ଫେରୁଥିବା ବେଳେ ପଛପଟୁ ଏକ ବାଇକ୍ ତାଙ୍କୁ ଧକ୍କା ଦେବାରୁ ସେ କେନାଲ ଭିତରେ ପଡ଼ିଯାଇ ଖଣ୍ଡିଆଖାବରା ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ବାଇକ୍(ନଂ. ଓଡି-୦୨-ଡି-୨୪୭୭) ଚାଳକ ଗାଡ଼ି ସହ ଘଟଣାସ୍ଥଳରୁ ଖସି ପଳାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଆହତ ଜଙ୍ଗଲୀଙ୍କ ସ୍ତ୍ରୀ ଝୁନୁଲତା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକଙ୍କ ବିରୋଧରେ କେସ୍ ନଂ.୨୩୭/୨୫ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ବାଲିପାଟଣା ଥାନା ଅନ୍ତର୍ଗତ ପଦ୍ମପୁର ଗ୍ରାମର ବାସୁଦେବ ମହାପାତ୍ର ବୋଲି ଜଣାପଡ଼ିଛି।

### ଛାତ୍ରୀଙ୍କୁ ଜାଳିଦେବା ଘଟଣା ସନ୍ଦେହଘେରରେ

ବଳଙ୍ଗା,୨୯।୭(କେଦାରେଶ୍ୱର ନନ୍ଦ)

ବଳଙ୍ଗାରେ ଛାତ୍ରୀଙ୍କୁ ଜାଳିଦେବା ଘଟଣାକୁ ୧୧ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ଏ ପର୍ଯ୍ୟନ୍ତ ରହସ୍ୟ ଉପରୁ ପରଦା ଉଠାଇପାରି ନାହିଁ। ଇତିମଧ୍ୟରେ ପୋଲିସ ଓ କ୍ରାଇମବ୍ରାଞ୍ଚ ୩ଥର ପୀଡ଼ିତାଙ୍କ ବୟାନ ରେକର୍ଡ କରିସାରିଲେଣି। ପୋଲିସ ଦୁର୍ବୃତ୍ତଙ୍କୁ ଧରିବାରେ ଏତେ ସମୟ କାହିଁକି ଲଗାଉଛି। ବାରମ୍ବାର ପୋଲିସ ପୀଡ଼ିତାଙ୍କୁ ଭେଟିବା ସନ୍ଦେହ ସୃଷ୍ଟି କରୁଛି। ବୁଧବାର ବଳଙ୍ଗା ଥାନାଧିକାରୀ ଦିଲ୍ଲୀ ଏମ୍ସରୁ ଫେରିବା ପରେ ସମ୍ଭବତଃ ପୋଲିସ ସମଗ୍ର ଘଟଣା ଉପରୁ ପରଦା ହଟାଇପାରେ ବୋଲି ଚର୍ଚ୍ଚା ହେଉଛି।

## ସାଇବର ଥାନାର ଦ୍ୱାରସ୍ଥ ହେଲା ଶ୍ରୀଜଗନ୍ନାଥ ସେନା



ଶ୍ରୀ ଜଗନ୍ନାଥ ସେନା ପକ୍ଷରୁ ବିକ୍ଷୋଭ କରାଯାଉଛି ।

ପୁରୀ,୨୯।୭(ଅଜିତ୍ କୁମାର ମହାନ୍ତି)

ଏକ ଅନ୍ତର୍ଜାତୀୟ ଅନଲାଇନ ଶପିଙ୍ଗ ଆପ୍‌ରେ ଅପମାନ କରାଯାଇଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଉକ୍ତ ଆପ୍‌ରେ ମହାପ୍ରଭୁଙ୍କ ଚିତ୍ର ଥିବା ପାପୋଛ ଅନ୍‌ଲାଇନରେ ବିକ୍ରି କରୁଥିବା ନେଇ ଜଣାପଡ଼ିଥିଲା। ମହାପ୍ରଭୁଙ୍କୁ ଅପମାନ କରାଯିବା ଘଟଣା ସାମ୍ନାକୁ ଆସିବା ପରେ ସେବାୟତ ଓ ଜଗନ୍ନାଥପ୍ରେମୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଥିସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି। ଏନେଇ ପୁରୀ ବଡ଼ଦାଣ୍ଡ ସେବା ସଂଘ ପକ୍ଷରୁ ସୋମବାର ଶ୍ରୀମନ୍ଦିର ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଥିବାବେଳେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ପୁରୀ ସାଇବର ଥାନାରେ ମଙ୍ଗଳବାର ଏତଲା ଦିଆଯାଇଛି। ଜଗନ୍ନାଥ ସେନା ପକ୍ଷରୁ ଅଲି ଏକ୍ସପ୍ରେସ୍ ଓ ଲିପନ୍ ଆର୍ଟ ନାମରେ ଦୁଇ ସଂସ୍ଥା ନାମରେ ଜଗନ୍ନାଥ ସେନା ପକ୍ଷରୁ ସାଇବର ଥାନାରେ ଏତଲା ଦିଆଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋ ଥାଇ ପାପୋଛା ଓ ବ୍ୟବହୃତ ସାମଗ୍ରୀ ଅନ୍‌ଲାଇନ ମାଧ୍ୟମରେ ବିକ୍ରି କରୁଥିବା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଶ୍ରୀଜଗନ୍ନାଥ ସେନା ଦାବି କରିଛି। ମହାପ୍ରଭୁଙ୍କୁ ଏଭଳି ଅପମାନ କରିଥିବା ଅଲି ବାବା କମ୍ପାନୀକୁ ଭାରତରେ ବ୍ୟାନ୍ କରିବା ସହିତ ହିନ୍ଦୁ ଧର୍ମକୁ ଅସମ୍ମାନ କରାଯାଇଥିବାରୁ ତୁରନ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଦାବି କରିଛନ୍ତି।

## ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ

ପୁରୀ,୨୯।୭(ଅଜିତ୍ କୁମାର ମହାନ୍ତି)

ପୁରୀ ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ ଘଟିଛି। ଯବକଙ୍କୁ ପିଟି ପିଟି ମାରିଦେଇଥିବା ନେଇ ପରିବାର ଲୋକ ଅଭିଯୋଗ କରିଛନ୍ତି। ପୁରୀ ସଦର ଥାନା ଅନ୍ତର୍ଗତ ମଙ୍ଗରାଜପୁର ଛକ ନିକଟରେ ଥିବା ରାଇଟ ଫ୍ୟୁଚର ନିଶା ନିବାରଣ କେନ୍ଦ୍ରରେ ଏଭଳି ଘଟଣା ଦେଖିବାକୁ ମିଳିଛି। ମୃତ ଯୁବକ ଚକ୍ରତୀର୍ଥ ରୋଡ୍ ନୂଆସାହିର ଡି. ରାମ ମୂର୍ତ୍ତୀ। ଖବରପାଇ ସଦର ଥାନା ପୋଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ସଦର ଥାନା ପୋଲିସ ପକ୍ଷରୁ ସୂଚନା ମିଳିଛି। ମୃତ ଯୁବକଙ୍କ ମା'ଙ୍କ ସୂଚନା ଅନୁଯାୟୀ, ଡି. ରାମ ଅତ୍ୟଧିକ ନିଶାସେବନ କରୁଥିଲେ। ଗତ ୨୩ ତାରିଖରେ ତାଙ୍କୁ ମଙ୍ଗରାଜପୁର ଛକ ନିକଟ ରାଇଟ୍ ଫ୍ୟୁଚର ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପୁଅର ମୃତ୍ୟୁ ଖବର ପରିବାର ଲୋକଙ୍କୁ ସୋମବାର କେନ୍ଦ୍ର ପକ୍ଷରୁ ସୂଚନା ମିଳିଥିଲା। ନିଶା ନିବାରଣ କେନ୍ଦ୍ରରେ ପୁଅର କିଭଳି ମୃତ୍ୟୁ ହେଲା ପୋଲିସ ଅନୁସନ୍ଧାନ କରି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ମୃତ ଯୁବକଙ୍କ ପରିବାର ଲୋକେ ଦାବି କରିଛନ୍ତି। ଅପରପକ୍ଷରେ ପରିବାର ଲୋକେ ମଙ୍ଗଳବାର ଏସ୍‌ପି ଅଫିସ ଯାଇ ରାଇଟ ଫ୍ୟୁଚର ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ନ୍ୟାୟ ଦାବିରେ ପରିବାର ଏବଂ ସମ୍ପର୍କୀୟମାନେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିବା ସହ ବିକ୍ଷୋଭ କରିଥିଲେ। ଏନେଇ ଅତିରିକ୍ତ ଏସ୍‌ପି କହିଛନ୍ତି, ନିଶାନିବାରଣ କେନ୍ଦ୍ରରେ ସୋମବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ସଦରଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ବ୍ୟବଚ୍ଛେଦ କରାଯାଇଛି। ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିବା ପରେ ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ତଦନ୍ତ କରାଯାଉଛି।

## ଅଣସଂକ୍ରାମକ ରୋଗ ଚିହ୍ନଟ ଶିବିର

ପୁରୀ,୨୯।୭(ଅଜିତ୍ କୁମାର ମହାନ୍ତି)

ସ୍ୱର୍ଗଦ୍ୱାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ଥାନୀୟ ହାତୀଶାଳ ଅଙ୍ଗନୱାଡ଼ି କେନ୍ଦ୍ରରେ ଅଣସଂକ୍ରାମକ ରୋଗ ଚିହ୍ନଟ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଚିକିତ୍ସା ଅଧିକାରୀ ଡା. ବସନ୍ତ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମ ଫାର୍ମାସୀ ଅଧିକାରୀ ସୁଶାନ୍ତ କୁମାର ଦାସ, ଲାବୋରେଟୋରି ଟେକ୍ନିସିଆନ୍ ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ, ନର୍ସିଂ ଅଧିକାରୀ ଶୁଭଲକ୍ଷ୍ମୀ ବାରିକ ଓ ମିଲି ଦଳାଇ, ମହିଳା ସ୍ୱାସ୍ଥ୍ୟକର୍ମୀ ମଞ୍ଜୁ ଦାସ, ଆଶାକର୍ମୀ ନର୍ମଦା ମହାକୁଡ଼ ଓ ଅନ୍ୟାନ୍ୟ ଷ୍ଟାଫ୍ ଉପସ୍ଥିତ ରହି ସେବା ପ୍ରଦାନ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ୫୨ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା। ଉଚ୍ଚ ରକ୍ତଚାପ, ମଧୁମେହ, ମୁଖଗହ୍ୱର କର୍କଟ ସମ୍ବନ୍ଧୀୟ ରୋଗର ଚିକିତ୍ସା ପ୍ରଦାନ କରାଯାଇଥିଲା। ତତ୍‌ସହିତ ଲୋକମାନଙ୍କୁ ସୁସ୍ଥ ଜୀବନ ନିମନ୍ତେ ରୋଗର ଗୁରୁତ୍ୱ ବିଷୟରେ ବାର୍ତ୍ତା ପ୍ରେରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜନସ୍ୱାସ୍ଥ୍ୟ ପରିଚାଳକ ପ୍ରଦୀପ କୁମାର ବରାଳ ସୁଚାରୁରୂପେ ପରିଚାଳନା କରିଥିଲେ। ଆକାଉଣ୍ଟାଣ୍ଟ ହିମାଂଶୁ ଶେଖର ଦାଶ କାର୍ଯ୍ୟକୁ ସଫଳ କରିବାରେ ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ।

## କଲେଜରେ ଅଣଛାତ୍ରଙ୍କ ପ୍ରବେଶ ପ୍ରତିବାଦରେ ବିକ୍ଷୋଭ



କଲେଜ ଗେଟ ସମ୍ମୁଖରେ ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ନିମାପଡ଼ା,୨୯।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ନିରାପତ୍ତା ପାଇଁ ଅଣଛାତ୍ରଙ୍କ ପ୍ରବେଶକୁ ବିରୋଧ ଓ କଲେଜର ୨ଟି ଗେଟ୍‌ରେ ସିକ୍ୟୁରିଟି ଗାର୍ଡଙ୍କୁ ତୁରନ୍ତ ନିଯୁକ୍ତି ଦିଆଯିବା ଦାବିରେ ମଙ୍ଗଳବାର ଶତାଧିକ ଛାତ୍ରୀଛାତ୍ର ଗେଟ୍‌ରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବରପାଇ କଲେଜ ଅଧ୍ୟକ୍ଷା ଅମିତା ମହାନାୟକ, ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ର ନାଥ ପାଢ଼ୀ, ଅଧ୍ୟାପକ ପ୍ରଦୀପ ଦାଶ ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ସହ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ସିକ୍ୟୁରିଟି ଗାର୍ଡ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯିବ ବୋଲି ଅଧ୍ୟକ୍ଷା ମହାନାୟକ ପ୍ରତିଶ୍ରୁତି ଦେବା ସହ ଆଜିଠାରୁ ଅସ୍ଥାୟୀ ଭାବେ ଦୁଇ ଜଣ ପିଅନ ଦୁଇଟି ଗେଟ୍‌ରେ ଗାର୍ଡ ଭାବେ କାର୍ଯ୍ୟ କରିବାକୁ ବ୍ୟବସ୍ଥା କରିଥିଲେ। ଅଧ୍ୟକ୍ଷାଙ୍କର ଏହି ପଦକ୍ଷେପ ପରେ ଛାତ୍ର ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଛାତ୍ରନେତା ସ୍ୱରୂପ କୁମାର ବେଉରା, ବିଶ୍ୱଭୂଷଣ ମହାରଣା, ପ୍ରେମରଞ୍ଜନ ସେଠି, ଦେବବ୍ରତ ପ୍ରଧାନ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ସାକ୍ଷୀଗୋପାଳ ପ୍ରସ୍ତାବିତ ରେଳ ଓଭର ବ୍ରିଜ୍ ନିର୍ମାଣ ପାଇଁ ସର୍ଭେ ଶେଷ

ସାକ୍ଷୀଗୋପାଳ,୨୯।୭(ଭରତ ରାଉତ)

ସାକ୍ଷୀଗୋପାଳ-ଅଳଗୁମ ରାସ୍ତାରେ ରେଳ ଓଭର ବ୍ରିଜ୍ ନିର୍ମାଣ ପାଇଁ ସର୍ଭେ କାମ ମାପଚୁପ ତିନି ତିନି ଥର କରାଯିବା ପରେ ବି ବିରୋଧ ଯୋଗୁ ୨ଟି ସ୍ଥାନରେ ଅଟକି ରହିଥିବା ସ୍ଥାନକୁ ସର୍ଭେ କରାଯାଇ ଶେଷ ହୋଇଛି। ରେଳ ଓଭର ବ୍ରିଜ୍‌ନିର୍ମାଣ ହେବାର ପ୍ରାଥମିକ କାର୍ଯ୍ୟ ମଙ୍ଗଳବାର ସରିଛି। ଉକ୍ତ ରାସ୍ତାର ୪୦୫ନଂ. ପ୍ଲଟ ଓ ୪୦୬ ନଂ. ପ୍ଲଟକୁ ନେଇ କେତେଜଣ ବ୍ୟବସାୟୀଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ଫଳରେ ମାପଚୁପ ବନ୍ଦ ରହିଥିଲା। ସର୍ଭେ ଅଫିସରଙ୍କ ରିପୋର୍ଟ ଅନୁସାରେ ଲ୍ୟାଣ୍ଡ ଆକ୍ୟୁଜିଶନ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା, ପୁରୀ ଡିଭିଜନ ଆର୍ ଆଣ୍ଡ ବି ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର, ଆର୍‌ଆଇ, ଅମିନ ପହଞ୍ଚି ମାପଚୁପ କାମ ଆରମ୍ଭ କରିଥିଲେ। ପ୍ରଥମେ ସରକାରୀ ରାସ୍ତା ଓ ନୟନଯୋରୀ ମାପ କରି ସାରିବା ପରେ ଅନ୍ୟ ଜମି ମାପ କରାଯାଇଥିଲା। ଓଭର ବ୍ରିଜ ନିର୍ମାଣ ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମି ଚିହ୍ନଟ କରି ସର୍ଭେ ଦଳ ପୂର୍ଣ୍ଣାଙ୍ଗ ରିପୋର୍ଟ ଦେଇଥିଲେ। ଏହି ମାପଚୁପ ସମୟରେ ମନ୍ଦିର ଅଧିକାରୀ ଓ ବ୍ୟକ୍ତିଗତ ଜମି ମାଲିକ ଉପସ୍ଥିତ ଥିଲେ। ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରୁ ୪୩ ଫୁଟ ଅଧିଗ୍ରହଣ ହେବାକୁ ବିଭାଗୀୟ ନିର୍ଦ୍ଦେଶ ରହିଛି। ସୁରୁଖୁରୁରେ ମାପଚୁପ କାର୍ଯ୍ୟ ସରିଗଲା ବୋଲି ଲ୍ୟାଣ୍ଡ ଆକ୍ୟୁଜିଶନ ଅଧିକାରୀ ପ୍ରଶାନ୍ତ କୁମାର ଜେନା କହିଛନ୍ତି। ଆଇନ ଶୃଙ୍ଖଳାକୁ ନଜର କରି ସତ୍ୟବାଦୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ବିରୋଧ ପରେ ସୂର୍ଯ୍ୟମନ୍ଦିର ସମ୍ମୁଖରୁ ଫେବ୍ରିକ୍ ସେଡ୍ ଭାଙ୍ଗିଲା ଏଏସ୍‌ଆଇ

କୋଣାର୍କ,୨୯।୭(ଜ୍ୟୋତିରାଜ ମହାନ୍ତି)

ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଗଢ଼ିଲେ, ପୁଣି ଟଙ୍କା ଖର୍ଚ୍ଚ କରି ଭାଙ୍ଗିଲେ। ପ୍ରତ୍ନତତ୍ତ୍ୱ ବିଭାଗର ଏଭଳି କାର୍ଯ୍ୟକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ଅପରିପକ୍ୱ ନିଷ୍ପତ୍ତି ଯୋଗୁ ସରକାରଙ୍କ ଟଙ୍କା ଏବେ ପାଣିରେ ପଡ଼ିଛି। ସୂର୍ଯ୍ୟମନ୍ଦିର ସମ୍ମୁଖରେ ଟିକେଟ କରି ମନ୍ଦିର ମଧ୍ୟକୁ ପ୍ରବେଶ ପାଇଁ ଅପେକ୍ଷାରତ ପର୍ଯ୍ୟଟକଙ୍କୁ ବର୍ଷା, ଖରା ଦାଉରୁ ସୁରକ୍ଷା ଦେବାପାଇଁ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ସୂର୍ଯ୍ୟମନ୍ଦିର ପ୍ରବେଶ ଦ୍ୱାର ସମ୍ମୁଖରେ ୪୦ ଲକ୍ଷ ଟଙ୍କା ବ୍ୟୟରେ ଏକ ଠିକାସଂସ୍ଥା ଦ୍ୱାରା ନିର୍ମାଣାଧୀନ ଟଙ୍ଗ୍‌ଷ୍ଟାଇଲ ଫେବ୍ରିକ୍ ସେଡ୍ ସୂର୍ଯ୍ୟମନ୍ଦିର ସମ୍ମୁଖ ଭାଗର ସୌନ୍ଦର୍ଯ୍ୟକୁ କ୍ଷୁର୍ଣ୍ଣ କରୁଥିବା ଅଭିଯୋଗ ପରେ ଏଏସ୍‌ଆଇ କର୍ତ୍ତୃପକ୍ଷ ସୋମବାର ରାତାରାତି ଏହି ଆଇରନ ଷ୍ଟ୍ରକ୍‌ଚରକୁ କାଢ଼ି ଦେଇଛନ୍ତି। ଏଏସ୍‌ଆଇର ଅନେକ ଇଞ୍ଜିନିୟର ଓ ପ୍ରତ୍ନତତ୍ତ୍ୱବିତ୍ ଥାଇ ମଧ୍ୟ କର୍ତ୍ତୃପକ୍ଷ ଏଭଳି ନିଷ୍ପତ୍ତି କେମିତି ନେଲେ, ଏହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି କାର୍ଯ୍ୟ ଉପରେ ରାଜ୍ୟ ସରକାର ଦୃଷ୍ଟି ଦେବା ଆବଶ୍ୟକ। କେତେଜଣ ଅସାଧୁ ଅଧିକାରୀ ଅର୍ଥ ହରିଲୁଟ ପାଇଁ ଏଏସ୍‌ଆଇର ବିଶେଷଜ୍ଞଙ୍କ ପରାମର୍ଶ ନେଇପାରିଥାନ୍ତେ। ଛାଇ ପାଇଁ ଦୁଇ ପାର୍ଶ୍ୱରେ ବୃକ୍ଷରୋପଣ କିମ୍ବା ଦୁଇ ପାର୍ଶ୍ୱରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ଛତା ସଦୃଶ ସେଡ୍ ନିର୍ମାଣ କରାଗଲେ, ସୂର୍ଯ୍ୟମନ୍ଦିର ସୌନ୍ଦର୍ଯ୍ୟ ଅକ୍ଷୁର୍ଣ୍ଣ ରଖାଯାଇପାରିଥାନ୍ତା ବୋଲି କୋଣାର୍କ ନଗର କଂଗ୍ରେସର ପୂର୍ବତନ ସଭାପତି ଭରତ ଚନ୍ଦ୍ର ପାଢ଼ୀ କହିଛନ୍ତି। ଉପରିସ୍ଥ ଅଧିକାରୀଙ୍କ ନିଷ୍ପତ୍ତିରେ ଏହି ସେଡ୍ ନିର୍ମାଣ କରାଯାଇଥିଲା, ପରେ ଏହି ନିର୍ମାଣକୁ ବିରୋଧ ହେବାରେ ଏହାର ଅପସାରଣ କରାଯାଇଥିବା ଏଏସ୍‌ଆଇ ସୁପରିଟେଣ୍ଡେଣ୍ଟ ଡି. ବି. ଗଡ଼ନାୟକ କହିବା ସହ ମନ୍ଦିର ସମ୍ମୁଖ ଟିକେଟ କାଉଣ୍ଟର ସନ୍ନିକଟରେ ୫ଶହ ପର୍ଯ୍ୟଟକ ଆଶ୍ରୟ ନେବା ଭଳି ଏକ ପ୍ଲାଜା ଖୁବ୍‌ଶୀଘ୍ର ନିର୍ମାଣ ହେବ। ଏହାଦ୍ୱାରା ପର୍ଯ୍ୟଟକମାନେ ଖରା କିମ୍ବା ବର୍ଷା ଦାଉରୁ ସୁରକ୍ଷିତ ରହିବେ ବୋଲି ସେ କହିଥିଲେ।



ଫେବ୍ରିକ ସେଡକୁ ଭାଙ୍ଗିଲା ଏଏସ୍‌ଆଇ।

# ଡେଲାଙ୍ଗ ବ୍ଲକ୍‌ରେ ପୂରଣ ହେଉନି ଖାଲି ପଦବୀ

■ ସମୀକ୍ଷା ହେଉନି ବିଭିନ୍ନ ବିଭାଗ କାମ
■ ସ୍ୱପ୍ନ ହୋଇଛି ଅଣୁ, ସୂକ୍ଷ୍ମ ଶିଳ୍ପ ବିକାଶ

ଡେଲାଙ୍ଗ,୨୯।୭(ରଶ୍ମିରଞ୍ଜନ ପ୍ରଧାନ)

ବିଭିନ୍ନ ବିକାଶ ଯୋଜନା ପାଇଁ ସରକାର କେବଳ ଅର୍ଥ ମଞ୍ଜୁର କଲେ ହେବନି, ଏହି ମଞ୍ଜୁର ଅର୍ଥର ବାସ୍ତବ ଉପଯୋଗ ପାଇଁ ଆବଶ୍ୟକ କର୍ମଚାରୀ ନିୟୋଜନ, ପ୍ରତି ବିଭାଗର ମାସିକ ଅଗ୍ରଗତି ସମୀକ୍ଷା ହେଲେ ସମୟ ଓ ସମ୍ବଳର ସଦୁପଯୋଗ ହେବା ସହ ଏହାର ସୁଫଳ ଉଦ୍ଦିଷ୍ଟ ବର୍ଗର ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରନ୍ତା। କିନ୍ତୁ ପୁରୀ ଜିଲା ଡେଲାଙ୍ଗ ବ୍ଲକରେ ଏହା ସମ୍ଭବ ହେଉନି। ପ୍ରଶାସନିକ କାର୍ଯ୍ୟରେ ବିଡିଓ ବିଭିନ୍ନ ଜିଲାସ୍ତରୀୟ ସଭା,ବୈଠକ, ଭିଡିଓ କନ୍‌ଫରେନ୍ସ, କ୍ଷେତ୍ରୀୟ ପରିଦର୍ଶନ, ବିଶିଷ୍ଟ ବ୍ୟକ୍ତି ପରିଦର୍ଶନ, ବ୍ୟକ୍ତିଗତ କାମରେ ବ୍ୟସ୍ତ ରହୁଥିବା ସମସ୍ୟାର ପ୍ରତିକାର ସ୍ୱରୂପ ତାଙ୍କୁ ସହଯୋଗ ଦେବା ପାଇଁ ସୃଷ୍ଟି ହୋଇଥିବା ଅତିରିକ୍ତ ବିଡିଓ ପଦବୀ ବହୁଦିନ ହେଲା ଖାଲିପଡ଼ିଛି। ମାସର ୨୫ ଦିନ ବିଡିଓ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବା ଓ ଅତିରିକ୍ତ ବିଡିଓ ପଦବୀରେ କାହାକୁ ନିଯୁକ୍ତି କରା ନ ଯିବା ଫଳରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ ନିରାଶ ହୋଇ ଫେରିବାକୁ ବାଧ ହେଉଛନ୍ତି। ଅତିରିକ୍ତ ବିଡିଓ ନ ଥିବାରୁ ବିଡିଓଙ୍କ ନିଷ୍ପତ୍ତି ପାଇଁ ପଠାଯାଉଥିବା ଫାଇଲ୍ ମାତ୍ରାଧିକ ବିଳମ୍ବ ହେଉଛି।

ପଞ୍ଚାୟତ ସମିତି ବ୍ଲକ କାର୍ଯ୍ୟାଳୟ ହେଉଛି ପଞ୍ଚାୟତ ସମୂହର ଏକକେନ୍ଦ୍ରିକ କାର୍ଯ୍ୟାଳୟ। କିନ୍ତୁ ଏହି କାର୍ଯ୍ୟାଳୟରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପଦବୀ ୮ମାସ ହେଲା ଖାଲିପଡ଼ିଛି। ବିକଳ୍ପ ନ ଦେଇ ଜିପିଇଓଙ୍କୁ ଏଠାରୁ ବଦଳି କରି ନିଆଯାଇଛି। କୋଠବାଡ଼ର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନିଜ କାମ ସହ ଜିପିଇଓଙ୍କ କାମ କରିବାକୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ପଞ୍ଚାୟତ ଓ ପଞ୍ଚାୟତ ସମିତି ଆଇନ, ନିୟମ, ନିର୍ଦ୍ଦେଶନାମା ସହ ଅତିରିକ୍ତ ଦାୟିତ୍ୱରେ ଥିବା ଅଧିକାରୀ ଅଭ୍ୟସ୍ତ ନ ଥିବାରୁ ବ୍ଲକର ପଞ୍ଚାୟତ ବିଭାଗ ସମ୍ପୂର୍ଣ୍ଣ ଅବହେଳିତ ଅବସ୍ଥାରେ ରହିଛି।

କୃଷି ଉତ୍ପାଦନ ସହ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ ପ୍ରାଥମିକ କୃଷି ସମବାୟ ସମିତି, କେନ୍ଦ୍ର ସମବାୟ ବ୍ୟାଙ୍କ, କୃଷି ବିଭାଗ, ଖାଦ୍ୟ ଓ ଯୋଗାଣ ବିଭାଗ ଏବଂ ଜିଲା ସମବାୟ ଉପନିବନ୍ଧକଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ ପୂର୍ବକ ଚାଷୀଭାଇଙ୍କ ସମସ୍ୟା ସମାଧାନ ପାଇଁ ବ୍ଲକ ସଂସ୍ଥା ଆରମ୍ଭରୁ ପ୍ରତି ବ୍ଲକରେ ଜଣେ ଲେଖାଏ ସମବାୟ ସମ୍ପ୍ରସାରଣ ଅଧିକାରୀ ନିୟୋଜିତ ହେଉଥିଲେ। କିଛିବର୍ଷ ହେଲା ଡେଲାଙ୍ଗ ବ୍ଲକରେ ଏହି ପଦବୀ ଖାଲିପଡ଼ିଛି। ନାମକୁମାତ୍ର ଜିଲାର ୫ଟି ବ୍ଲକ ପାଇଁ ଜଣେ ଉପସହକାରୀ ନିବନ୍ଧକଙ୍କୁ ଆଞ୍ଚଳିକ ଅଧିକାରୀ ଭାବେ ଏହି ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି। ଫଳରେ ପଞ୍ଚାୟତ ସମିତିରେ ସଭ୍ୟାସଭ୍ୟମାନେ ପ୍ରାଥମିକ ସମବାୟ ସମିତିର କାର୍ଯ୍ୟଧାରା ସମ୍ପର୍କରେ ଅବଗତ ହୋଇପାରୁନାହାନ୍ତି। ସାମାଜିକ ସୁରକ୍ଷା କ୍ଷେତ୍ରକୁ ସରକାର ବ୍ୟାପକ କରିଥିବା ସ୍ଥଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପଦବୀ ୨ମାସ ହେଲା ଖାଲିପଡ଼ିଛି। କଣାସ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଡେଲାଙ୍ଗ ବ୍ଲକର ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। ବ୍ଲକ କାର୍ଯ୍ୟାଳୟ ସହ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ପଦବୀ, ବନ ବିଭାଗର ବନାଞ୍ଚଳ ଅଧିକାରୀ (ରେଞ୍ଜର) ପଦବୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଉପଖଣ୍ଡ କାର୍ଯ୍ୟାଳୟର ସହକାରୀ ନିର୍ବାହୀଯନ୍ତ୍ରୀ ପଦବୀ ମଧ୍ୟ ଖାଲିରହିଛି। ଏହିସବୁ ପଦବୀ ପୂରଣ ପାଇଁ ବିଭାଗୀୟ ମୁଖ୍ୟ ଓ ପୁରୀ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିବା ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ ସୂଚନା ଦେଇଛନ୍ତି।



**ଜନ କଲ୍ୟାଣ କ୍ଲବର ସେବା କାର୍ଯ୍ୟ**

କଟକ,(ଶିଳ୍ପା ପ୍ରିୟଦର୍ଶିନୀ):ସାମାଜିକ ଅନୁଷ୍ଠାନ ଜନ କଲ୍ୟାଣ କ୍ଲବ ପକ୍ଷରୁ ସଭାପତି ଦେବେନ୍ଦ୍ର ପ୍ରସାଦ ସେଠୀ ନେତୃତ୍ୱରେ ନରାଜ ବ୍ରିଜ ନିକଟରେ କାଉଡିଆଙ୍କୁ ସେବା ଯୋଗାଇ ଦିଆଯାଇଛି। ସିଦ୍ଧେଶ୍ୱର ଓ ଧବଳେଶ୍ୱର ପୀଠକୁ ଯାଉଥିବା ହଜାର ହଜାର କାଉଡିଆଙ୍କ ପାଇଁ ମାଗଣା ପ୍ରସାଦ ସେବନ ବ୍ୟବସ୍ଥା ସମେତ ସେବା ଯୋଗାଇ ଦିଆଯାଇଛି। ଏଥିରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋସ ଏବଂ ଯୁବ ଉଦ୍ୟୋଗୀ ସେଖ୍ ମିରାଜୁଲ ହକ ଯୋଗଦେଇ କ୍ଲବର ସଭ୍ୟମାନଙ୍କୁ ଏଭଳି ଜନ କଲ୍ୟାଣ କାର୍ଯ୍ୟ ଜାରି ରଖିଥିବାରୁ ସାଧୁବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋମନାଥ ପରିଡ଼ା, ମଦନ ବେହେରା, ସୁରଜ୍ ବାରିକ, ଦୀପକ ମାଝି, ସମ୍ୟକ୍ ମହାପାତ୍ର, ସଂଗ୍ରାମ ବେହେରା ପ୍ରମୁଖ ସହଯୋଗ କରିଥିଲେ।

**ସଂକ୍ଷେପରେ**

## କଲ୍ୟାଣ ମଣ୍ଡପ ସମ୍ମୁଖ ଜାଗା ଅବରୋଧକୁ ବିରୋଧ

କଟକ ସଦର,୨୯।୭(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ କଳପଡା ପଞ୍ଚାୟତ କଲ୍ୟାଣ ମଣ୍ଡପ ସମ୍ମୁଖରେ ହାଟ ପିଣ୍ଡି ନିର୍ମାଣ ପାଇଁ କଟକ ସଦର ବ୍ଲକ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ମଣ୍ଡପ ଅଚଳ ହୋଇପଡ଼ିବା ଆଶଙ୍କା କରି ସମିତି ସଭ୍ୟା ପିଙ୍କି ଭୋଇ ବିରୋଧ କରିଛନ୍ତି। ଏହି କାର୍ଯ୍ୟରୁ ବିଡିଓ ବିରତ ରହିବା ଦାବି କରି ଏକ ସ୍ମାରକପତ୍ର କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କୁ ପ୍ରଦାନ କରିଛନ୍ତି। ୪୨ ମୌଜା ଅଞ୍ଚଳର ଏକମାତ୍ର କଲ୍ୟାଣ ମଣ୍ଡପ ଯେଉଁଠାରେ ବର୍ଷକ ବାରମାସ ବିଭିନ୍ନ କାର୍ଯ୍ୟ ପାଇଁ ବ୍ୟବହାର କରାଯାଏ। ଫଳରେ ପଞ୍ଚାୟତର ଆୟ ହେଉଛି। ମଣ୍ଡପ ଭଡ଼ାରେ ନେଉଥିବା ଲୋକମାନେ ଜାଗାକୁ ପାର୍କିଂ ଭାବେ ବ୍ୟବହାର କରାଯାଉଛି। ହାଟ ପିଣ୍ଡି କରାଗଲେ ଆଉ କେହି ଭଡ଼ାରେ ମଣ୍ଡପ ନେବେ ନାହିଁ। ରାଜସ୍ୱ ବିଭାଗ ସୂତ୍ରରୁ ପ୍ରକାଶ କଳପଡ଼ା ମୌଜା ଖାତା ନଂ. ୧୦୧୧, ପ୍ଲଟ ନଂ. ୩୦୦୫ଟି ଗୋଚର ଅଟେ। ନିକଟରେ ସରକାରୀ ଜମିରେ କୌଣସି ପ୍ରକାରର ନିର୍ମାଣ କରିବା ପୂର୍ବରୁ ତହସିଲଦାରଙ୍କ ଅନୁମତି ନେବାକୁ ପଡ଼ିବ। ଅଭିଯୋଗ ପାଇବା ପରେ ହାଟ ପିଣ୍ଡି ପାଇଁ ଅନ୍ୟ ସ୍ଥାନ ଦେଖିବା ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି।

# ଆବଶ୍ୟକତା ଅନୁସାରେ ନାହିଁ ୱାର୍ମର ବେଡ୍

କଟକ,୨୯।୭(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍ଏନ୍ସିୟୁ**
- ଗୋଟିଏ ବେଡ୍‌ରେ ଦୁଇ ଜଣ ଶିଶୁଙ୍କର କରାଯାଉଛି ଚିକିତ୍ସା
- ସଂକ୍ରମଣ ଭୟରେ ଅଭିଭାବକ

ଏସ୍‌ସିବି ମେଡିକାଲରେ ନବଜାତକଙ୍କ ଚିକିତ୍ସା କ୍ଷେତ୍ରରେ ସମସ୍ୟା ଦେଖାଦେଇଛି। ମେଡିକାଲରେ ସ୍ପେସିଆଲ ନ୍ୟୁ ବର୍ନ କେୟାର ୟୁନିଟ୍ (ଏସ୍ଏନ୍ସିୟୁ) ରହିଛି। ହେଲେ ଏଠାରେ ୱାର୍ମର ବେଡ୍ ସଂଖ୍ୟା କମ ଥିବାରୁ ଗୋଟିଏ ବେଡ୍‌ରେ ଦୁଇଟି ନବଜାତକଙ୍କ ଚିକିତ୍ସା କରାଯାଉଛି। ଏପରିକି ଗୋଟିଏ ବେଡ୍‌ରେ ଜଣେ ସଂକ୍ରମିତ ଶିଶୁ ନିକଟରେ ଜଣେ ସାଧାରଣ ସମସ୍ୟା ଥିବା ଶିଶୁ ଚିକିତ୍ସା କରାଯାଉଥିବାରୁ ଅଭିଭାବକଙ୍କ ମନରେ ଭୟ ଉପୁଜୁଛି। ଅନ୍ୟପଟେ ଏଭଳି ଗୋଟିଏ ବେଡ୍‌ରେ ଦୁଇଜଣ ଶିଶୁଙ୍କୁ ରଖି ଚିକିତ୍ସା କରିବାରୁ ସ୍ତନ୍ୟପାନ କରାଇବା ସମୟରେ ନାନା ନାନା ସମସ୍ୟା ଉପୁଜୁଛି।

ମେଡିକାଲରୁ ମିଳିଥିବା ସୂଚନା ମୁତାବକ, ଏସ୍‌ସିବିରେ ଶିଶୁ ରୋଗ ବିଭାଗ ଅଧୀନରେ ଏସ୍ଏନ୍ସିୟୁ ସ୍ତ୍ରୀ ଓ ପ୍ରସୂତି ବିଭାଗ ଉପର ମହଲାରେ କାମ କରୁଛି। ଏହି ଏସ୍ଏନ୍ସିୟୁରେ ପ୍ରାୟ ୨୪ଟି ୱାର୍ମର ବେଡ୍ ଶିଶୁଙ୍କ ପାଇଁ ଉପଲବ୍ଧ ରହିଛି। ଏସ୍‌ସିବିରେ ପ୍ରତ୍ୟେକ ଦିନ କରାଯାଉଥିବା ପ୍ରସବ ଅନୁଯାୟୀ ବେଡ୍ ସଂଖ୍ୟା ବହୁତ କମ୍ ରହିଛି। ଲେବର ରୁମ୍‌ରେ ଗୋଟିଏ ଦିନରେ ୨୦ରୁ ଅଧିକ ନର୍ମାଲ ଡେଲିଭରି କରାଯାଉଥିବାବେଳେ ପ୍ରାୟ ୧୦ଜଣଙ୍କ ଅପରେଶନ କରାଯାଇ ପ୍ରସବ କରାଯାଉଛି। ପ୍ରସବ ପରେ ଯଦିଓ କୌଣସି ନବଜାତଙ୍କଠାରେ ଜଣ୍ଡିସ, ନିମୋନିଆ କିମ୍ବା ଅନ୍ୟାନ୍ୟ ସଂକ୍ରମଣ ଦେଖାଦେଇଥାଏ, ତେବେ ନବଜାତକଙ୍କୁ ଏସ୍ଏନ୍ସିୟୁର ୱାର୍ମର ବେଡ୍‌ରେ ରଖାଯାଇ ଚିକିତ୍ସା କରାଯାଇଥାଏ। ତେବେ ଏସ୍‌ସିବି ଭଳି ସର୍ବବୃହତ ରେଫରାଲ ମେଡିକାଲରେ ଶିଶୁଙ୍କ ସଂଖ୍ୟା ଅନୁପାତରେ ବେଡ୍ ସଂଖ୍ୟା କମ ରହିବା ଯୋଗୁ ପ୍ରାୟତଃ ନବଜାତକ ଉପଯୁକ୍ତ ଚିକିତ୍ସା ନ ପାଇ ପ୍ରାଣ ହରାଇଥାନ୍ତି। ତେବେ ମେଡିକାଲରେ ଶିଶୁରୋଗୀଙ୍କ କ୍ଷେତ୍ରରେ ସୁବିଧା କେବେଠୁ କରାଯିବ ତାହା ଦେଖିବାକୁ ବାକି ରହିଛି। ଅନ୍ୟପଟେ ଏ ସମ୍ପର୍କରେ ମେଡିକାଲ ପ୍ରଶାସନିକ ଅଧିକାରୀ ସୁବାସ ରାଏଙ୍କୁ ପଚାରିବାରୁ ସେ କହିଛନ୍ତି ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯିବ ଏବଂ ଏ ଦିଗରେ ପଦକ୍ଷେପ ନିଆଯିବ।




କଟକ କଲେଜ ଛକଠାରେ ଜିଲା ଭାଜପା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ବିଏମ୍‌ସିର କର୍ପୋରେଟର ଜଣେ ନାବାଳିକା ବଳାତ୍କାର ଘଟଣାକୁ ନେଇ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

## ଚୌଦ୍ୱାର ପୁଣି ପାଇବ ଶିଳ୍ପନଗରୀର ମାନ୍ୟତା



ଶିଳ୍ପମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ ଚୌଦ୍ୱାର ଗସ୍ତ ଅବସରରେ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୨୯।୭ (ଆଶୁତୋଷ ଦାସ/ମାନସ ସାମଲ)

**ଚୌଦ୍ୱାର, ଜଗତପୁରକୁ ଶିଳ୍ପମନ୍ତ୍ରୀଙ୍କ ଗସ୍ତ**

ଚୌଦ୍ୱାର ଓ ଜଗତପୁର ଅଞ୍ଚଳର ବିଭିନ୍ନ ସ୍ଥାନକୁ ଶିଳ୍ପମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ ମଙ୍ଗଳବାର ଗସ୍ତ କରିଛନ୍ତି। ଶିଳ୍ପ ନଗରୀ ଚୌଦ୍ୱାର ଶିଳ୍ପ ଶୂନ୍ୟ ହୋଇ ପଡିଥିବା ବେଳେ ଶିଳ୍ପମନ୍ତ୍ରୀଙ୍କ ଏଭଳି ଗସ୍ତ ଚୌଦ୍ୱାରବାସୀ ସ୍ୱାଗତ କରିବା ସହ ଚୌଦ୍ୱାର ଶିଳ୍ପାଞ୍ଚଳ ଭାବେ ପୁଣି ମୁଣ୍ଡ ଟେକିବ ବୋଲି ସମସ୍ତେ ଆଶା କରିଛନ୍ତି। ପ୍ରଥମେ ଶିଳ୍ପମନ୍ତ୍ରୀଙ୍କ ସହିତ ଇଡକୋର ବହୁ ଉଚ୍ଚପଦସ୍ଥ ଅଧିକାରୀ ଚୌଦ୍ୱାର ଗୋପାଳପୁରଠାରେ ଥିବା ବିଭିନ୍ନ କମ୍ପାନୀ ପରିସର ବୁଲି ଦେଖିବା ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ବନ୍ଦ ପଡିଥିବା ଓଟିଏମ କାରଖାନା ବୁଲି ଦେଖିବା ସହିତ ସେଠାରେ ନିର୍ମାଣ ହେବାକୁ ଥିବା ୱେଲସ୍ପନ କାରଖାନାର ଅଗ୍ରଗତି ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେହିଭଳି ଚୌଦ୍ୱାରରେ ବନ୍ଦ ହୋଇପଡିଥିବା ଅନ୍ୟ କାରଖାନାଗୁଡ଼ିକ କିପରି କାର୍ଯ୍ୟକ୍ଷମ କରାଯିବ ତାହା ନେଇ ସେ ଅନୁଧ୍ୟାନ କରିବା ସହିତ ଚୌଦ୍ୱାର ପୁଣି କିପରି ଶିଳ୍ପ ନଗରୀ ମାନ୍ୟତା ଫେରି ପାଇବ ସରକାର ଯଥାଶୀଘ୍ର ପଦକ୍ଷେପ ନେବେ। ଆଧୁନିକ ବୈଷୟିକ ଜ୍ଞାନରେ ନୂଆ ନୂଆ କାରଖାନା ଏହି ଅଞ୍ଚଳରେ ତଥା ଓଡ଼ିଶାର ବିଭିନ୍ନ ସ୍ଥାନରେ କରାଯିବା ସହିତ ବହୁ ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳିପାରିବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଗସ୍ତ ସମୟରେ ଭାଜପାର ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଇଂ.ଜ୍ଞାନେନ୍ଦ୍ର ସ୍ୱାଇଁ, କଟକ ଜିଲା ଭାଜପା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ବାଡ଼ ବୁଜିବାକୁ ନେଇ ଗଣ୍ଡଗୋଳ, ୪ ଆହତ

କଟକ ସଦର,୨୯।୭(ସୁଶାନ୍ତ କୁମାର ଜେନା)

କିଶନନଗର ଥାନା ଅନ୍ତର୍ଗତ ବାରଦା ଗ୍ରାମରେ ବାଡ ବୁଜିବାକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଗୋଟିଏ ପରିବାରର ୪ଜଣ ଆହତ ହୋଇଛନ୍ତି। ଏହି ଗଣ୍ଡଗୋଳରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ଏହି ଗ୍ରାମର ବାବୁଲା ଓରଫ କୃଷ୍ଣଚନ୍ଦ୍ର ବେହେରା। ଜାମିନ ନାମଞ୍ଜୁର ହେବାରୁ ପୋଲିସ ତାଙ୍କୁ ଚୌଦାର ଜେଲକୁ ପଠାଇ ଦେଇଛି। ପୋଲିସ ସୂତ୍ରରୁ ପ୍ରକାଶ ସୋମବାର କୃଷ୍ଣଚନ୍ଦ୍ର ଜୋର୍‌ଜବରଦସ୍ତ ରଘୁନାଥ ବେହେରାଙ୍କ ବାରିକୁ ଲଗାଇ ବାଡ଼ ବୁଜୁଥିଲେ। ରଘୁନାଥଙ୍କ ପରିବାର ଏହାକୁ ବିରୋଧ କରିବାରୁ କୃଷ୍ଣଚନ୍ଦ୍ର ପାଖରେ ରଖିଥିବା ଶାବଳ, କଟୁରି, ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏଥିରେ ମାନିଆ ବେହେରା ଓ ନନ୍ଦନ ବେହେରା ଗୁରୁତର ଭାବେ ଆହତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ରଘୁନାଥ ଓ ଜଗନ୍ନାଥ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ.୧୮୬/୨୫)ରୁଜୁ ହୋଇଛି।

# ସ୍ତ୍ରୀଙ୍କୁ ମିଛରେ ନିଖୋଜ ଦର୍ଶାଇବାରୁ ୨୫ ହଜାର ଟଙ୍କା ଦଣ୍ଡ

କଟକ,୨୯।୭(କାର୍ତ୍ତିକ ସାହୁ)

**୩ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

ବାପ ଘରକୁ ଯାଇଥିବା ସ୍ତ୍ରୀଙ୍କୁ ମିଛରେ ନିଖୋଜ ଦର୍ଶାଇ ମାମଲା ଦାଏର କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ହାଇକୋର୍ଟ ସମ୍ପୃକ୍ତ ଯୁବକଙ୍କ ଉପରେ ୨୫ ହଜାର ଟଙ୍କାର ଜରିମାନା କରିଛନ୍ତି। ଅର୍ଥରାଶି ରାଜ୍ୟ ଆଇନସେବା ପ୍ରାଧିକରଣରେ ୩ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ମାମଲାର ଶୁଣାଣି କରି ଅଦାଲତଙ୍କ ମୂଲ୍ୟବାନ ସମୟ ଅପଚୟ କରିଥିବାରୁ ଏପରି ଆଦେଶ ଦେଇଥିବା ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଆବେଦନକାରୀ ଯୁବକ ପ୍ରକାଶ କୁମାର ନାହାକ ତାଙ୍କ ସ୍ତ୍ରୀ ଗତ ଏପ୍ରିଲ୍ ୨୧ରୁ ନିଖୋଜ ହୋଇଥିବା ଦର୍ଶାଇ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ଏ ସଂକ୍ରାନ୍ତରେ ପଦକ୍ଷେପ ନେଉ ନ ଥିବା ଦର୍ଶାଇ ଆବେଦନକାରୀ ପୋଲିସ୍‌କୁ ଦାୟୀ ମଧ୍ୟ କରିଥିଲେ। ଏହାପରେ ସେ ହାଇକୋର୍ଟରେ ଏକ ହେବିୟସ୍ କର୍ପସ୍ ମାମଲା ଦାଏର କରିଥିଲେ। ହାଇକୋର୍ଟରେ ମାମଲାର ଶୁଣାଣି ବେଳେ ପୋଲିସ ରିପୋର୍ଟ ଆଧାରେ ରାଜ୍ୟ ସରକାର ଦର୍ଶାଇଥିଲେ ଯେ ଆବେଦନକାରୀ ତାଙ୍କ ସ୍ତ୍ରୀ ନିଖୋଜ ଥିବା ନେଇ କରିଥିବା ଅଭିଯୋଗ ମିଛ। ପୋଲିସ ତଦନ୍ତ ବେଳେ ଜଣାପଡ଼ିଥିଲା ଯେ ଆବେଦନକାରୀଙ୍କ ସ୍ତ୍ରୀ ନିଖୋଜ ନାହାନ୍ତି ବରଂ ବିବାହର ଏକ ମାସ ପରେ ସେ ତାଙ୍କ ବାପ ଘରକୁ ଯାଇଥିଲେ। ଆବେଦନକାରୀ ଶ୍ୱଶୁର ଘରେ ନିଜ ସ୍ତ୍ରୀଙ୍କ ସହ ରହୁଥିବା ପୋଲିସ ତଦନ୍ତ ବେଳେ ସ୍ପଷ୍ଟ ହୋଇଥିଲା। ଯଦ୍ୱାରା ପୋଲିସ ପକ୍ଷରୁ ଏହି ଖବରରେ ଆଶ୍ଚର୍ଯ୍ୟ ପ୍ରକଟ କରିଥିବା ନେଇ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଏହା ଜଣାପଡ଼ିବା ପରେ ମଧ୍ୟ ଆବେଦନକାରୀ ଜାଣିଶୁଣି କୋର୍ଟଙ୍କୁ ଅବଗତ କରି ନ ଥିଲେ। ଫଳରେ ଖଣ୍ଡପୀଠ ଉପରୋକ୍ତ ଆଦେଶ ପ୍ରଦାନ କରିଛନ୍ତି।

## ଲିଭର ପ୍ରତିରୋପଣର ନୋଡାଲ ଅଫିସର ପଦବୀ ପୂରଣ

କଟକ,୨୯।୭(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବିରେ ବିବାଦୀୟ ସ୍ଥିତିରେ ଖାଲିପଡିଥିବା ଲିଭର (ଯକୃତ) ପ୍ରତିରୋପଣ ୟୁନିଟର ନୋଡାଲ ଅଫିସର ପଦ ଏବେ ପୂରଣ ହୋଇଛି। ୪ ଦିନ ପୂର୍ବେ ଆସୋସିଏଟ ପ୍ରଫେସର ଡା. ଲକ୍ଷ୍ମୀନାରାୟଣ ମହାନ୍ତିଙ୍କୁ ନୋଡାଲ ଅଫିସର ଦାୟିତ୍ୱ ଦିଆଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ତେବେ ଯକୃତ ପ୍ରତିରୋପଣ ହେବା ଏବେ ଏସ୍‌ସିବିରେ ଏକ ପ୍ରକାରର ସ୍ୱପ୍ନ ପାଲଟିଥିବା ବେଳେ ନୋଡାଲ ଅଫିସର ଭାବେ ଜଣଙ୍କୁ ଦାୟିତ୍ୱ ଦେବା ପରେ ଏବେ ପ୍ରତିରୋପଣ କ୍ଷେତ୍ରରେ ସାମାନ୍ୟ ଆଶା ସଞ୍ଚାର ହୋଇଛି। ସୂଚନାଥାଉକି, ଏସ୍‌ସିବି ମେଡିକାଲରେ ଦ୍ୱିତୀୟ ଯକୃତ ପ୍ରତିରୋପଣ ପରେ ଏହି ସେବା ଏକ ପ୍ରକାରର ଠପ ହୋଇଯାଇଛି। ପ୍ରଥମେ ନୋଡାଲ ଅଫିସର ଭାବେ ଦାୟିତ୍ୱରେ ଥିବା ଡା. ରାଜେଶ ଦୋରାଙ୍କୁ ତରବରିଆ ଭାବେ ବଦଳି କରାଯାଇଥିଲା। ପରେ ଡା. ମନୋଜ ପଟ୍ଟନାୟକଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା। ହେଲେ ମେଡିକାଲ ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ ଅଧୀକ୍ଷକ ଭାବେ ଦାୟିତ୍ୱ ନେବା ଦିନ ହିଁ ଇସ୍ତଫା ଦେଇଥିଲେ। ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏବେ ବହୁ ଦିନର ବ୍ୟବଧାନ ପରେ ଏହି ପଦକୁ ପୂରଣ କରାଯାଇଛି।

## ପାହାଲରେ ନୂଆ ଟାଟା ହାରିଅର୍ ଇଭିର ବଜାର ପ୍ରବେଶ




ଟାଟା ହାରିଅର୍ ଇଭିର ବଜାର ପ୍ରବେଶ ଅବସରରେ ଉପସ୍ଥିତ ଅତିଥି।

ଫୁଲନଖରା,୨୯।୭(ସତ୍ୟ ରଞ୍ଜନ ଦାସମହାପାତ୍ର)

ପାହାଲସ୍ଥିତ ଶ୍ରୀକ୍ଷେତ୍ର ଅଟୋମୋଟିଭ୍‌ସ ପ୍ରାଇଭେଟ ଲିମିଟେଡ ଶୋରୁମ ପରିସରରେ ଟାଟା ହାରିଅର ଇଭିର ଉନ୍ମୋଚନ ହୋଇଛି। ଏହାକୁ ଶ୍ରୀକ୍ଷେତ୍ର ଅଟୋମୋଟିଭସ ପ୍ରାଇଭେଟ ଲିମିଟେଡ୍ ଡିଲର ପ୍ରିନ୍ସିପାଲ ଅବିନାଶ ସାମଲ ଉନ୍ମୋଚନ କରିଥିଲେ। ଏହି ବିଳାସପୂର୍ଣ୍ଣ ଏସ୍‌ୟୁଭିର ଆକର୍ଷଣୀୟ ଡିଜାଇନ, ଅତ୍ୟାଧୁନିକ ଟେକ୍ନୋଲୋଜି ଏବଂ ଭାରତୀୟ ଗ୍ରାହକଙ୍କୁ ସନ୍ତୁଷ୍ଟ କଲା ଭଳି ଆଧୁନିକ ଷ୍ଟାଇଲ ଓ ସମସ୍ତ ସୁବିଧା ସହ ବଜାରରେ ପ୍ରବେଶ କରିଛି। ଏହି ମଡେଲ ଲଞ୍ଚ ସହିତ ଟାଟା ମୋଟର୍ସ ଓ ଶ୍ରୀକ୍ଷେତ୍ର ଅଟୋମୋଟିଭ୍‌ସ ପୂର୍ବ ଭାରତରେ ନିଜର ଉପସ୍ଥିତିକୁ ମଜଭୁତ କରିଛି। ନୂଆ ଟାଟା ହାରିଅର ଇଭି ସଂସ୍ଥା ଏବଂ ସ୍ଥାୟୀ ଯାନ ଚଳାଚଳର ଭବିଷ୍ୟତକୁ ପ୍ରତିନିଧି କରେ। ଏଥିରେ ଥିବା ଉନ୍ନତ ବୈଶିଷ୍ଟ୍ୟ, ଶକ୍ତିଶାଳୀ ପ୍ରଦର୍ଶନ ଓ ପରିବେଶ ପ୍ରଦୂଷଣ ମୁକ୍ତ କରି ବଜାରରେ ଏକ ନୂଆ ବିକଳ୍ପ ଭାବେ ସବୁବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରିବ ବୋଲି ଶ୍ରୀକ୍ଷେତ୍ର ଅଟୋମୋଟିଭ୍‌ସ ଡିଲର ପ୍ରିନ୍ସିପାଲ ଅବିନାଶ ସାମଲ ପ୍ରକାଶ କରିଛନ୍ତି। ଏହି ଗାଡ଼ିକୁ ଗ୍ରାହକମାନେ ଶୋ'ରୁମ ପରିଦର୍ଶନ କରି ବୁକିଂ କରିପାରିବେ ଏବଂ ଟେଷ୍ଟ ଡ୍ରାଇଭ ନେଇପାରିବେ। ଏହି କାର୍ଯ୍ୟକ୍ରମରେ ଅଟୋମୋଟିଭସ ପ୍ରାଇଭେଟ ଲିମିଟେଡର ସିଇଓ ରଞ୍ଜିତ ଦାଶ, ଟିଏସ୍ଏମ୍ ଅଭିଷେକ ଚକ୍ରବର୍ତ୍ତୀ, ରାହୁଲ ତ୍ରିପାଠୀଙ୍କ ସହିତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଲୋକ ଅଦାଲତ: ୫୯ ମାମଲା ଫଇସଲା

କଟକ,୨୯।୭(କାର୍ତ୍ତିକ ସାହୁ)

କଟକ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ କଟକ ଜିଲା ଓ ଦୌରାଜଜ୍ କୋର୍ଟ ପରିସରରେ ୨୦୨୫ ମସିହାର ଜିଲାସ୍ତରୀୟ ଲୋକ ଅଦାଲତ ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ କେବଳ ଚେକ୍ ବାଉନ୍ସଜନିତ ମାମଲାର ଫଇସଲା କରାଯାଇଥିଲା। ଏଥିରେ ମୋଟ ୪୧୯ଟି ମାମଲାରୁ ୫୯ଟି ମାମଲା ଫଇସଲା ହୋଇଥିଲା। ଏଥିସହ ଜରିମାନା ଅଥବା କ୍ଷତିପୂରଣ ବାବଦକୁ ୧,୭୪,୨୭, ୪୩୫ ଟଙ୍କା ଆଦାୟ ପାଇଁ ସ୍ଥିରିକୃତ କରାଯାଇଛି।

କଟକ ଜିଲା ଓ ଦୌରାଜଜ୍ ତଥା କଟକ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ରାଜକିଶୋର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଲୋକ ଅଦାଲତ ପରିଚାଳିତ ହୋଇଥିଲା। ଏଥିରେ କଟକ ଏସ୍‌ଡିଜେମ୍ ଅଭିନନ୍ଦନ ନନ୍ଦ, କଟକ ଜେଏମ୍ଏଫ୍‌ସି (ଆର୍) ସୁମନ୍ତ କୁମାର ପଟ୍ଟନାୟକ, ଜେମ୍ଏଫ୍‌ସି (ସିଟି) ପଲ୍ଲଭି ପ୍ରିୟଦର୍ଶିନି ଦାସ, ଜେଏମ୍ଏଫ୍‌ସି (୧) ଆଦ୍ୟାଶା ମିଶ୍ର, ଜେଏମ୍ଏଫ୍‌ସି (୩) ସୁନାରାମ ମାଝୀ ଏବଂ ଜେଏମ୍ଏଫ୍‌ସି (୪) ହିମାଂଶୁ ଶେଖର ଆଚାର୍ଯ୍ୟ ବିଚାରପତି ଭାବେ ନିଜ ନିଜ କୋର୍ଟରେ ଥିବା ଚେକ୍ ବାଉନ୍ସ ଜନିତ ମାମଲାଗୁଡ଼ିକର ଫଇସଲା କରାଇଥିଲେ। କଟକ ଜିଲା କୋର୍ଟ ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ଲୋପାମୁଦ୍ରା ମଲ୍ଲ ଏବଂ କଟକ ସିଭିଲ୍ କୋର୍ଟ ରେଜିଷ୍ଟ୍ରାର୍ ଦୀପଙ୍କର ପଟ୍ଟନାୟକ ଲୋକ ଅଦାଲତରେ ଉପସ୍ଥିତ ଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଜଗ୍ଗୀଶ୍ ଚନ୍ଦ୍ର ଜେନା ଲୋକ ଅଦାଲତକୁ ପରିଚାଳନା କରିଥିଲେ।

## ଖ୍ରୀଷ୍ଟ କଲେଜର କନିଷ୍ଠ କିରାଣିଙ୍କ ବିୟୋଗରେ ଶୋକସଭା

କଟକ,୨୯।୭(ଶିଳ୍ପା ପ୍ରିୟଦର୍ଶିନୀ)

ଖ୍ରୀଷ୍ଟ କଲେଜର କନିଷ୍ଠ କିରାଣି ମଧୁବ୍ରତ ଦାଶ ଲିଭର ସିରୋସିସ ରୋଗରେ



ପୀଡ଼ିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମାତ୍ର ୩୫ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଛି। ମଧୁବ୍ରତଙ୍କ ଅକାଳ ବିୟୋଗରେ କଲେଜ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପ୍ରଥମେ ନିରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା। ତାଙ୍କର ସରଳ ବ୍ୟବହାର, କାର୍ଯ୍ୟ ନିପୁଣତା, ଦାୟିତ୍ୱବୋଧକୁ ମନେ ପକାଇ ପରିଚାଳନା ସମିତି କର୍ମକର୍ତ୍ତା, ଅଧ୍ୟକ୍ଷା, ଉପାଧ୍ୟକ୍ଷା, ପ୍ରଶାସନିକ ବର୍‌ସାର୍, ଶିକ୍ଷକ ସଂଘର ସମ୍ପାଦକ, ସହସମ୍ପାଦକ, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ କଲେଜର ବିଦ୍ୟାର୍ଥୀମାନେ ସ୍ମୃତିଚାରଣ କରିଥିଲେ।

## ଆଇଏଏସ୍ ତେଜସ୍ୱିନୀ ପାଇବେ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ'

କଟକ,୨୯।୭(କାର୍ତ୍ତିକ ସାହୁ)



ଆଇଏଏସ୍ ତେଜସ୍ୱିନୀ ବେହେରା।

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉଚ୍ଚପଦା ପଞ୍ଚାୟତ ଝାଡ଼େଶ୍ୱର-କଡ଼େଇ ଗ୍ରାମର ଝିଅ ଆଇଏଏସ୍ ତେଜସ୍ୱିନୀ ବେହେରା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୫' ପାଇବା ଲାଗି ମନୋନୀତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ପୂଜ୍ୟପୂଜା ସମାରୋହରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ୨୦୨୩ ବ୍ୟାଚ୍ ଓଡ଼ିଶା କ୍ୟାଡର ତେଜସ୍ୱିନୀ ଆଇଏଏସ୍ ପରୀକ୍ଷାରେ ସର୍ବଭାରତୀୟସ୍ତରରେ ୫୧୬ ର୍ୟାଙ୍କ୍ ହାସଲ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ଆସନ୍ତା ୧୦ ତାରିଖରେ ସେ ସୁନ୍ଦରଗଡ଼ ଉପଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ଏଥିପୂର୍ବରୁ ତେଜସ୍ୱିନୀ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ମଧ୍ୟ ପ୍ରଥମ ହେବାର ଗୌରବ ଅର୍ଜନ କରିଥିଲେ। ବାପା ରାଜ୍ୟ ପଶୁ ସମ୍ପଦ ବିଭାଗରେ କାର୍ଯ୍ୟରତ ଚିକିତ୍ସକ ଡା. ଲୋକନାଥ ବେହେରା ଓ ମା' ଜୟନ୍ତୀ ବେହେରାଙ୍କ ସୁପୁତ୍ରୀ ତେଜସ୍ୱିନୀଙ୍କ ଏହି ଉଲ୍ଲେଖନୀୟ କୃତିତ୍ୱ ପାଇଁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଓ ନିର୍ଦ୍ଦେଶିକା ଚିନ୍ମୟୀ ରଥ ପାଇଁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ପାଇଁ ଟାଙ୍ଗୀ ଅଞ୍ଚଳବାସୀ ଗର୍ବିତ ବୋଲି କହିଛନ୍ତି।

# ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ପାଇଁ ପ୍ରକଳ୍ପ ପ୍ରସ୍ତୁତ କର

ଚୌଦ୍ୱାର,୨୯।୭(ଆଶୁତୋଷ ଦାସ)



ଚୌଦ୍ୱାର ପୌର ପରିଷଦ ବୈଠକରେ ଉପସ୍ଥିତ ବିଧାୟକଙ୍କ ପ୍ରତିନିଧିଙ୍କ ସହ ଅନ୍ୟମାନେ।

**ଚୌଦ୍ୱାର ପୌର ପରିଷଦ ବୈଠକ**

ଚୌଦ୍ୱାର ପୌର ପରିଷଦର ଜୁଲାଇ ମାସର ବୈଠକ ମଙ୍ଗଳବାର ପୌର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ ଯୋଗଦେଇ ବୈଠକରେ ଯାହା ଆଲୋଚନା ହେଉଛି, ତାହା ରିଜୋଲ୍ୟୁଶନରେ ବହାରିବା ଜରୁରୀ ଓ ଏଥିରେ ବ୍ୟତିକ୍ରମ ନ କରିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଆଗକୁ ସ୍ୱାଧୀନତା ଦିବସ ଓ ସ୍ୱାୟତଶାସନ ଦିବସ ଉପରେ ବିଶେଷ ଆଲୋଚନା କରାଯାଇ ଏକ କମଟି ଗଠନ କରାଯାଇ ଉକ୍ତ କାର୍ଯ୍ୟକ୍ରମଗୁଡିକୁ ଧୁମଧାମରେ ପାଳନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୧୯ଟି ୱାର୍ଡରେ ଥିବା ମୁକୁଳା ଡ୍ରେନ ଉପରେ ସ୍ଲାବ ପକାଇବା ପାଇଁ ତୁରନ୍ତ ଟେଣ୍ଡର ଆହ୍ୱାନ ପାଇଁ ପୌରାଧ୍ୟକ୍ଷା ପୌରଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ପାଇଁ ପାରିଷଦମାନେ ନିଜନିଜ ୱାର୍ଡରେ ପ୍ରକଳ୍ପ ପାଇଁ ପ୍ରସ୍ତାବ ପ୍ରସ୍ତୁତ କରି ତୁରନ୍ତ ପ୍ରଦାନ ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଦୀର୍ଘ ଦିନ ଧରି ଚୌଦ୍ୱାର ପୌରପାଳିକାରେ ନୂତନ ଭତ୍ତା ଲୋକେ ପାଉ ନ ଥିବା ୧୪ନଂ କାଉନସିଲର ରଞ୍ଜୁଲତା ଦାସ ଅଭିଯୋଗ କରିଥିଲେ। ଏ ନେଇ ଖୁବଶିଘ୍ର ପାରିଷଦମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପୌରନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ସଞ୍ଜୟ ସାମଲଙ୍କ ସମେତ ପୌର କର୍ମଚାରୀ ଉପସ୍ଥିତ ଥିଲେ। ପୌରଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଆବଣ୍ଟନ ସେବା ପାଇଁ ୟୁଏନ୍ ବାଧ୍ୟତାମୂଳକ

■ଅଗଷ୍ଟ ୩୧ ଡେଡ୍‌ଲାଇନ୍
■ ବିଡିଏ କାର୍ଯ୍ୟାଳୟରେ ସ୍ଥାପନ ହେବ ୟୁଏନ୍ ସୁବିଧା କେନ୍ଦ୍ର

ଭୁବନେଶ୍ୱର,୨୯।୭(ବନ୍ଦନା ସେଠୀ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ସମସ୍ତ ଆବଣ୍ଟନପ୍ରାପ୍ତକାରୀଙ୍କୁ ଅଗଷ୍ଟ ୩୧ ସୁଦ୍ଧା ଏକ ୟୁନିକ୍ ଆଇଡେଣ୍ଟ ନମ୍ବର (ୟୁଏନ୍) ଜେନେରେଟ କରିବାକୁ ନିବେଦନ କରାଯାଇଛି। ଏହି ୟୁଏନ୍ ବିଭିନ୍ନ ପୂର୍ବ ଓ ପରବର୍ତ୍ତୀ ଆବଣ୍ଟନ ସେବା ପାଇଁ ବାଧ୍ୟତାମୂଳକ ରହିବ। ସଂପୃକ୍ତ ସେବାଗୁଡିକ ମଧ୍ୟରେ ସମ୍ପତ୍ତି ଆବଣ୍ଟନ, ଲିଜ୍ ଡିଡ୍ କାର୍ଯ୍ୟକାରୀ କରିବା, ଋଣ ପାଇଁ ଆପତ୍ତିମୁକ୍ତ ପ୍ରମାଣପତ୍ର (ଏନ୍‌ଓସି) ପ୍ରାପ୍ତି, ସମ୍ପତ୍ତି ହସ୍ତାନ୍ତର ଏବଂ ଲିଜ୍ ହୋଲ୍ଡରୁ ଫ୍ରିହୋଲ୍ଡ ଜମିରେ ପରିବର୍ତ୍ତନ ଭଳି ସେବା ଅନ୍ତର୍ଭୁକ୍ତ ରହିବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି। ଆବେଦନକାରୀମାନେ ବିଡିଏର ସରକାରୀ ୱେବସାଇଟ www.bda.gov.in ରେ ନିଜର ୟୁଏନ୍ ତିଆରି କରିପାରିବେ। ଏହି ୟୁଏନ୍ ଭବିଷ୍ୟତରେ ବିଡିଏ ସହିତ ସମସ୍ତ କାରବାର ଏବଂ ଆବେଦନ ପାଇଁ ଏକ ସ୍ୱତନ୍ତ୍ର ରେଫରେନ୍ସ ନମ୍ବର ଭାବେ କାର୍ଯ୍ୟ କରିବ। ଆବେଦନକାରୀମାନଙ୍କୁ ପଞ୍ଜୀକରଣ ପ୍ରକ୍ରିୟା ଏବଂ ସମ୍ପୃକ୍ତ ପ୍ରଶ୍ନରେ ସାହାଯ୍ୟ କରିବା ନିମନ୍ତେ ବିଡିଏ ଏହାର କାର୍ଯ୍ୟାଳୟରେ ଏକ ୟୁଏନ୍ ସୁବିଧା କେନ୍ଦ୍ର ସ୍ଥାପନ କରିବ। ସେହିପରି ଲିଜ୍‌ହୋଲ୍ଡ ସମ୍ପତ୍ତିକୁ ଫ୍ରିହୋଲ୍ଡ ଜମିରେ ପରିବର୍ତ୍ତନ କରିବା ପାଇଁ ଚାଲୁଥିବା ପ୍ରକ୍ରିୟାରେ ବିଡିଏ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ କରିଛି। ଲିଜ୍‌ହୋଲ୍ଡରୁ ଫ୍ରିହୋଲ୍ଡ ପରିବର୍ତ୍ତନ ପାଇଁ ପ୍ରାପ୍ତ ୧,୨୫୦ଟି ଆବେଦନ ମଧ୍ୟରୁ ବିଡିଏ ଏପର୍ଯ୍ୟନ୍ତ ୭୪୩ଟି ଆବେଦନ ସଫଳତାର ସହିତ ପଞ୍ଜୀକୃତ କରିଛି। ଏଥିମଧ୍ୟରୁ ଉଲ୍ଲେଖନୀୟ ଭାବେ ଆବେଦନକାରୀଙ୍କ ୮୪୩ଟି ଆବେଦନ ବିଡିଏ ଅନ୍‌ଲାଇନ ପୋର୍ଟାଲ ମାଧ୍ୟମରେ ଦାଖଲ କରିଛନ୍ତି। ଫ୍ରି ହୋଲ୍ଡ ମାନ୍ୟତା ପାଇଁ ଯୋଗ୍ୟ ହେବା ସକାଶେ ଆବଣ୍ଟିତ ବ୍ୟକ୍ତିଙ୍କୁ ନିଜ ପ୍ଲଟରେ ଗୃହ ନିର୍ମାଣ କରି ଅତିକମ୍‌ରେ ୫ବର୍ଷ ଧରି ସେଠାରେ ବସବାସ କରିଥିବା ଆବଶ୍ୟକ। ଏଥିସହ ପରିବର୍ତ୍ତନ ପାଇଁ ଆବେଦନ କରିବା ପୂର୍ବରୁ ବିଡିଏ ସହ ଏକ ବୈଧ ଲିଜଡିଡ୍ ହୋଇଥିବା ଜରୁରୀ। ସେହିଭଳି ଏହି ପରିବର୍ତ୍ତନ କାର୍ଯ୍ୟକ୍ରମ ଅଧୀନରେ ୨୭ଟି ଗୃହ ଯୋଜନା ଅନ୍ତର୍ଭୁକ୍ତ ହୋଇଥିବା ନେଇ ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପ୍ରମୁଖ ଯୋଜନାଗୁଡ଼ିକ ମଧ୍ୟରେ ସୋଇନାପୁଟ ପର୍ଯ୍ୟାୟ-୧, ପର୍ଯ୍ୟାୟ-୨ ଏବଂ ପର୍ଯ୍ୟାୟ-୩, ଚନ୍ଦ୍ରଶେଖରପୁରର ପ୍ରାଚୀ ଏନ୍‌କ୍ଲେଭ, ଲୁମ୍ବିନୀ ବିହାର, ପାତ୍ରପଡ଼ାର ଉଦୟଗିରି ବିହାର ଏବଂ ଖାମପୁରର ଲିଙ୍ଗରାଜ ବିହାର ଅନ୍ତର୍ଭୁକ୍ତ ରହିଛି। ଅପରପକ୍ଷେ ଆବାସିକ ପ୍ଲଟ୍‌ର ଫ୍ରିହୋଲ୍ଡ ପରିବର୍ତ୍ତନ ଶୁଳ୍କ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୪ ବର୍ଷ ପାଇଁ ସ୍ଥିର କରାଯାଇଥିବା ଘରୋଇ ଜମିର ସର୍ବଶେଷ ବେଞ୍ଚମାର୍କ ମୂଲ୍ୟାଙ୍କନର ୩% ଧାର୍ଯ୍ୟ କରାଯାଇଛି। ଏହାଛଡ଼ା ଯେଉଁ ଆବେଦନକାରୀଙ୍କ ପ୍ଲଟ୍ ବନ୍ଧକ ରଖାଯାଇଛି, ସେମାନଙ୍କୁ ସମ୍ପୃକ୍ତ ଆର୍ଥିକ ସଂସ୍ଥାରୁ ଏକ ଆପତ୍ତିମୁକ୍ତ ପ୍ରମାଣପତ୍ର (ଏନ୍‌ଓସି), କୌଣସି ଦେୱାନୀ ବିବାଦ ନ ଥିବା ଏକ ଶପଥପତ୍ର ମଧ୍ୟ ଦାଖଲ କରିବା ଆବଶ୍ୟକ। ଯଦି କୌଣସି ଆଇନଗତ ମାମଲା ବିଚାରାଧୀନ ଥାଏ, ତେବେ କୋର୍ଟ ଚୂଡ଼ାନ୍ତ ରାୟ ପ୍ରଦାନ କରିବା ପରେ ହିଁ ଆବେଦନ ଉପରେ ବିଚାର କରାଯିବ। ଏହାବ୍ୟତୀତ ଯେଉଁମାନେ ସରକାରୀ, ସାର୍ବଜନୀନ ଉଦ୍ୟୋଗ ବା ବିଡିଏ ଜମି ଉପରେ ଜବରଦଖଲ କରିଛନ୍ତି, ସେମାନେ ଫ୍ରି ହୋଲ୍ଡ ପରିବର୍ତ୍ତନ ପାଇଁ ଯୋଗ୍ୟ ହେବା ନିମନ୍ତେ ପ୍ରଥମେ ଜବରଦଖଲ କରିଥିବା ସମ୍ପତ୍ତି ଖାଲି କରି ଏ ବାବଦରେ ଏକ ସତ୍ୟପାଠ ଦାଖଲ କରିବା ଆବଶ୍ୟକ। ଅନ୍ୟଥା ସେମାନେ ଫ୍ରି ହୋଲ୍ଡ ପରିବର୍ତ୍ତନ ପାଇଁ ଅଯୋଗ୍ୟ ହେବେ ବୋଲି ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି।

# ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ


ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍‌ଙ୍କ ସମେତ ଅନ୍ୟମାନେ।

## ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୨୯।୭(ସୁଚିସ୍ମିତା ସାହୁ)

ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ଏବଂ ଓଡ଼ିଶା ନିର୍ମାଣ ନିଗମ ମଧ୍ୟରେ ମଙ୍ଗଳବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଖାରବେଳ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍‌ଙ୍କ ଉପସ୍ଥିତିରେ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଯଶୋବନ୍ତ ଜେନା ଏବଂ ଓଡ଼ିଶା ନିର୍ମାଣ ନିଗମ ମୁଖ୍ୟ କାର୍ଯ୍ୟାଳୟର ନିର୍ମାଣ ବିଭାଗ ପରିଚାଳନା ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ଚୌଧୁରୀ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଅନ୍ଧାରୁଆସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ଭିତ୍ତିଭୂମି ବିକାଶ ନିମନ୍ତେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରତିଷ୍ଠାନ ପରିସରରେ ପାଠାଗାର କୋଠା, ଶିକ୍ଷୟିତ୍ରୀଶିକ୍ଷକଙ୍କ ନିମନ୍ତେ ବାସଗୃହ, ହଷ୍ଟେଲ ଏବଂ ଏକାଡେମିକ ବ୍ଲକର ଅତିରିକ୍ତ ମହଲା ନିର୍ମାଣ କରାଯିବ। ୨୬ କୋଟି ୫ ଲକ୍ଷ ଟଙ୍କା ବିନିମୟରେ ଏହି ସବୁ ନିର୍ମାଣ କାର୍ଯ୍ୟ ହେବ। ଏଥିନିମନ୍ତେ ଦୁଇବର୍ଷ ସମୟସୀମା ଧାର୍ଯ୍ୟ କରାଯାଇଛି। ଏହି ଅବସରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି ଓ ପୂଜା ମିଶ୍ର, ପଠାଣି ସାମନ୍ତ ପ୍ଲାନେଟାରିୟମ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା, ଓଡ଼ିଶା ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ବିଭୂତି ଭୂଷଣ ଦାଶ, ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ଅଧ୍ୟାପକ ଏବଂ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୪.୫୫ ଲକ୍ଷ ସାଇବର ଠକେଇ



## ସୁରଟରୁ ୩ ଠକ ଗିରଫ

ଭୁବନେଶ୍ୱର,୨୯।୭(ସତ୍ୟଜିତ୍ ରାଉତ)

୧୪.୫୫ ଲକ୍ଷ ଟଙ୍କା ସାଇବର ଠକେଇ ମାମଲାରେ କମିଶନରେଟ୍ ପୋଲିସର ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ୩ ଜଣ ସାଇବର ଠକଙ୍କୁ ଗୁଜରାଟର ସୁରଟରୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସୁରଟର ବିଜୟ କିଶୋରଭାଇ ଛାବ୍ରା(୨୮), ଗୋପାଳଭାଇ ମାଞ୍ଜିଭାଇ ମାକୱାନା (୨୬) ଓ ହୀରପାରା ରାହୁଲ ବିନୋଦଭାଇ (୩୦)। ମଙ୍ଗଳବାର କୋର୍ଟଚାଲାଣ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ଜଣକ ଭୁବନେଶ୍ୱର ଜାଗମରାରେ ମହିଳା ଗାର୍ମେଣ୍ଟ୍ସ ଶପ୍ କରିଛନ୍ତି। ସେ କିଛି ଡ୍ରେସ୍ କିଣିବାକୁ ଚାହୁଁଥିଲେ। ଏଥିପାଇଁ ଜଷ୍ଟଡାଏଲ୍ ସାଇଟ୍‌ରେ ଖୋଜାଖୋଜି କରିଥିଲେ। ସେଠାରୁ ସାଇବର ଠକମାନେ ତଥ୍ୟ ନେଇ ପୀଡ଼ିତାଙ୍କୁ ଯୋଗାଯୋଗ କରିଥିଲେ। ଗୁଜରାଟରେ ସେମାନଙ୍କର ଏକ ଜଣାଶୁଣା ଗାର୍ମେଣ୍ଟସ ଶପ୍ ରହିଥିବା କହିଥିଲେ। ଏଥିସହ ଡ୍ରେସ୍ ଡିଜାଇନ୍ ଓ ଫେକ୍ ଆଇକାର୍ଡ ଆଦି ପଠାଇ ବିଶ୍ୱାସ ଜନ୍ମାଇଥିଲେ। ଅତି କମ୍ ଦାମ୍‌ରେ ଆକର୍ଷଣୀୟ ଡ୍ରେସ୍ ଯୋଗାଇଦେବେ ବୋଲି ଠକମାନେ ପ୍ରତିଶ୍ରୁତି ଦେଇଥିଲେ। ଠକମାନଙ୍କ କଥାରେ ପଡ଼ି ଅଭିଯୋଗକାରିଣୀ ବିଭିନ୍ନ ଆକାଉଣ୍ଟରେ ୧୪ ଲକ୍ଷ ୫୫ ହଜାର ୪୫୦ ଟଙ୍କା ପଠାଇ ଦେଇଥିଲେ। ଏହାପରେ ଠକମାନେ ସମସ୍ତ ଯୋଗାଯୋଗ କାଟିଦେଇଥିଲେ। ଏନେଇ ଏତଲାକ୍ରମେ ଏପ୍ରିଲ ୨୮ରେ ସାଇବର ଥାନା ଏକ ମାମଲା (ନଂ. ୭୪/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ତଦନ୍ତ ବେଳେ ବିଜୟଙ୍କ ଆକାଉଣ୍ଟକୁ ୬ ଲକ୍ଷ ୯୭ ହଜାର ୭୫୦ ଟଙ୍କା ଯାଇଥିବା ଜଣାପଡ଼ିଥିଲା। ଉକ୍ତ ଆକାଉଣ୍ଟକୁ ଗୋପାଳଭାଇ ଖୋଲିଥିଲେ। ଗ୍ୟାଙ୍ଗ୍‌ରେ ଗୋପାଳଭାଇ ସୁପର ଏଜେଣ୍ଟ ଓ ରାହୁଲ ଏଜେଣ୍ଟ ଭାବେ କାମ କରୁଥିଲେ ବୋଲି ଖବରଦାତା ସମ୍ମିଳନୀରେ ସାଇବର ଏସିପି ଅକ୍ଷୟ କୁମାର ନାୟକ କହିଛନ୍ତି।

# 'ଯୌନ ନିର୍ଯାତନା ରୋକିବା ସମସ୍ତଙ୍କ କର୍ତ୍ତବ୍ୟ'

## ରାଜଭବନରେ ସଚେତନତା ଶିବିର


କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା ଆଇନ-୨୦୧୩ ସମ୍ପର୍କିତ ସଚେତନତା ଶିବିରରେ ଅତିଥି ଏବଂ ଅନ୍ୟମାନେ।

ଭୁବନେଶ୍ୱର,୨୯।୭(ସୁଚିସ୍ମିତା ସାହୁ)

କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା (ସୁରକ୍ଷା, ନିବାରଣ ଏବଂ ପ୍ରତିକାର) ଆଇନ-୨୦୧୩ ସମ୍ପର୍କିତ ସଚେତନତା ଶିବିର ମଙ୍ଗଳବାର ରାଜଭବନର ନ୍ୟୁ ଅଭିଷେକ ହଲରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ରୂପାରୋଶନ ସାହୁ ଯୋଗଦେଇ ଶିବିର ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କର୍ମକ୍ଷେତ୍ରରେ ସଚ୍ଚୋଟତା, ସମ୍ମାନ ଓ ବୃତ୍ତିଗତ ଚିନ୍ତାଧାରା ବଜାୟ ରଖିବା ଦରକାର। କର୍ମକ୍ଷେତ୍ରକୁ ଏକ ନିରାପଦ ଏବଂ ଯେକୌଣସି ପ୍ରକାର ନିର୍ଯାତନାରୁ ମୁକ୍ତ ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତେ ପ୍ରତିବଦ୍ଧତା ଦେଖାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ବ୍ୟକ୍ତିଙ୍କ ମର୍ଯ୍ୟାଦା ଏବଂ ଅଧିକାରକୁ ସୁରକ୍ଷା ଦେବା ପାଇଁ ପ୍ରଣୀତ ପୋଶ୍ ଆଇନ ପାରସ୍ପରିକ ସମ୍ମାନ ରକ୍ଷା କରିବ ବୋଲି ସେ କହିଥିଲେ। ଯୌନ ନିର୍ଯାତନା ସମାନତା ଏବଂ ମାନବିକ ମର୍ଯ୍ୟାଦା ନୀତିର ଅପମାନ। ସତର୍କତା ଓ ସଂକଳ୍ପର ସହ ଏପରି ଆଚରଣକୁ ରୋକିବା ସହିତ ସମାଧାନ କରିବା ସମସ୍ତଙ୍କର ମିଳିତ କର୍ତ୍ତବ୍ୟ ହେବା ଉଚିତ ବୋଲି ସେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ମାର୍ଗଦର୍ଶନ କରିଥିବାରୁ କମିଶନର-ତଥା-ଶାସନ ସଚିବ ସାହୁ ରାଜ୍ୟପାଳଙ୍କୁ କୃତଜ୍ଞତା ଜଣାଇଥିଲେ। ଉକ୍ତ ଶିବିରରେ ସାଧନ ବ୍ୟକ୍ତିଭାବେ ପୋଲିସ କମିଶନରେଟର ଆଇ.ଟି ଏବଂ ସୋସିଆଲ ମିଡିଆ ସେଲ ଏସିପି ସୁଚିସ୍ମିତା ଦାସ ଯୋଗଦେଇ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା ନିବାରଣ ଆଇନ ସମ୍ପର୍କରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜଭବନର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ।

# ଲିଙ୍ଗିପୁର, ପାଣ୍ଡରାରୁ ୫୦ରୁ ଊର୍ଦ୍ଧ୍ୱ ଘର, ଦୋକାନ ଉଚ୍ଛେଦ

ଭୁବନେଶ୍ୱର/ପୁରୁଣା ଭୁବନେଶ୍ୱର, ୨୯।୭(ବନ୍ଦନା ସେଠୀ/ସୁବାସ ଚନ୍ଦ୍ର ପ୍ରଧାନ)

ବିଡିଏ ପକ୍ଷରୁ ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ପେଟ୍ରୋଲ ପମ୍ପଠାରୁ ନୂଆଗାଁ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଆରମ୍ଭ କରାଯାଇଛି। ୨୦୨୩-୨୪ ବର୍ଷ ପାଇଁ ଟିଆର୍‌ଆଇପି ଅଧୀନରେ ନୂଆଗାଁ ରାସ୍ତାରୁ ଶିଶୁପାଳ ଇନ୍ଦିରା କଲୋନୀ ରାସ୍ତାର ନିର୍ମାଣ ଓ ରକ୍ଷଣାବେକ୍ଷଣ ପାଇଁ ଆଂଶିକ ଭାବେ ଏହି ଉଚ୍ଛେଦ କରାଯାଇଥିଲା। ଲିଙ୍ଗିପୁରଠାରେ ଉଚ୍ଛେଦ ସମୟରେ ୭ଟି ଆଜ୍‌ବେଷ୍ଟସ୍ ଘର, ୬ଟି ଦୋକାନ, ୨ଟି ଶିଡ଼ି, ୧୬ଟି ହୋର୍ଡିଂ, ପ୍ରାୟ ୬୦ ଫୁଟ ଷ୍ଟିଲ୍ ରେଲିଂ, ୨୦୦ ଫୁଟର ପାଚେରି, ୧୨ଟି ଟିଣ ଦୋକାନର ସଂପ୍ରସାରଣ ଅଂଶ, ଗ୍ରିଲ, ପ୍ରାୟ ୨୦୦ ଫୁଟର ବାଡ଼, ଗୋଟିଏ ହୋଟେଲ ଏବଂ ୧୦୦ ଫୁଟ ନର୍ସରି ଭଙ୍ଗାଯାଇଥିଲା। ସେହିପରି ଦ୍ୱିତୀୟ ଉଚ୍ଛେଦ ପାଣ୍ଡରା ମୌଜାରେ ହୋଇଥିଲା। ଏହି ମୌଜା ଅନ୍ତର୍ଗତ ସରକାରୀ ପ୍ଲଟ୍ ନଂ. ୩୮୭୭, ୩୮୭୮, ୩୮୭୯, ୩୮୮୦, ୩୮୮୫, ୩୮୮୬ ଏବଂ ୩୯୯୯ରେ ବାକି ଥିବା ଆଉ କିଛି ବେଆଇନ ନିର୍ମାଣକୁ ଉଚ୍ଛେଦ କରାଯାଇଥିଲା। ଏହି କ୍ରମରେ ୧୨ଟି କୋଠାଘର, ଗୋଟିଏ ଲୁହାଗେଟ୍, ଗୋଟିଏ ଟିଣଶେଡ୍ ଓ ୨ଟି ଆଜ୍‌ବେଷ୍ଟସ ଘର ଭଙ୍ଗାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଦୁଇ ପ୍ଲାଟୁନ ରିଜର୍ଭ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ଉଚ୍ଛେଦ ସମୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଧଉଳି ଏସିପି କୃଷ୍ଣଚନ୍ଦ୍ର ପଲ୍ଲାଇ, ଆର୍‌ଡି ବିଭାଗ ଏସ୍‌ଡିଓ ସୁବାସ ବେହେରା, ଆର୍‌ଡି ବିଭାଗ ଏଇ ରଶ୍ମିତା ନାୟକ ଓ ସାହେବ କୁମାର ସାହୁ ଉପସ୍ଥିତ ଥିଲେ। ସେହିପରି ବିଡିଏର ୧୦ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ନିୟୋଜିତ ହୋଇଥିଲା।

# ଦୃଷ୍ଟିହୀନ ସ୍କୁଲରେ ଡିଜିଟାଲ ଶିକ୍ଷା ପାଇଁ ଏମ୍‌ଓୟୁ

ଭୁବନେଶ୍ୱର,୨୯।୭(ସୁଚିସ୍ମିତା ସାହୁ)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଭିଜନ ଏମ୍ପାୱାର ଟ୍ରଷ୍ଟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଓଡ଼ିଶାର ଦୃଷ୍ଟିହୀନ ବିଦ୍ୟାଳୟଗୁଡ଼ିକରେ ବିଜ୍ଞାନ ଓ ଗଣିତ ଡିଜିଟାଲ ଶିକ୍ଷାର ପ୍ରୋତ୍ସାହନ ପାଇଁ ମଙ୍ଗଳବାର ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କାର୍ଯ୍ୟକ୍ରମରେ ବିଭାଗର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ଅତିରିକ୍ତ ସଚିବ ଭାସ୍କର ରାଇତୋ, ଉପସଚିବ ବସନ୍ତ କୁମାର ବେହେରା, ଉପସଚିବ ସନ୍ନ୍ୟାସୀ ବେହେରା, ଭିଜନ ଏମ୍ପାୱାର ଟ୍ରଷ୍ଟର ସହପ୍ରତିଷ୍ଠାତା ସୁପ୍ରିୟା ଦେ ଏବଂ ରାଜ୍ୟ ସଂଯୋଜିକା ସସ୍ମିତା ମହାନ୍ତି ଉପସ୍ଥିତ ଥିଲେ।


यूनियन बैंक ऑफ इंडिया Union Bank of India

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
ଢେଙ୍କାନାଳ ମୁଖ୍ୟ ଶାଖା
ମୀନା ବଜାର, ଜଗନ୍ନାଥ ରୋଡ୍, ସା/ପୋ./ଜିଲ୍ଲା: ଢେଙ୍କାନାଳ-୭୫୯୦୦୧, ଇମେଲ୍ : ubin0554057@unionbankofindia.bank

ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
| --- | --- | --- | --- |
| **ଋଣଗ୍ରହୀତାମାନେ: ୧) ଶ୍ରୀମତୀ ମନ୍ଦାକିନୀ ସାହୁ,** ସ୍ୱାମୀ: ଭାଗବତ ପରିଡା, **୨) ଭାଗବତ ପରିଡା,** ପିତା: ଗଙ୍ଗାଧର ପରିଡା, ଉଭୟଙ୍କ ଠିକଣା- ସା: ଆନନ୍ଦ ନଗର, କାଠଗଡା ମେଡିକାଲ ଲେନ୍, ଢେଙ୍କାନାଳ, ପିନ୍ - ୭୫୯୦୦୧ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ମମତା କୁମାରୀ ସାହୁ,** ସ୍ୱାମୀ: ରମେଶ ଚନ୍ଦ୍ର ବେହେରା, ସା: ଅନନ୍ତ ବିହାର, ତାଳଚେର, ଜିଲ୍ଲା: ଅନୁଗୁଳ, ପିନ୍- ୭୫୯୧୦୦ | ୦୧.୦୫.୨୦୨୫ ସୁଦ୍ଧା ଟ.୩୧,୪୫,୮୦୩.୬୬ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୧୨.୦୫.୨୦୨୫ / ୨୫.୦୭.୨୦୨୫ | **ଶ୍ରୀମତୀ ମନ୍ଦାକିନୀ ସାହୁ,** ସ୍ୱାମୀ: ଭାଗବତ ପରିଡାଙ୍କ ନାମରେ ଥିବା ବର୍ତ୍ତମାନର ଆଇନଗତ ବନ୍ଧକପ୍ରାପ୍ତ ଫ୍ରିହୋଲ୍ଡ ଘରବାରୀ ଜମି ଯାହାର ମୌଜା: ପ୍ଲଟ୍ ନଂ.: ୨୦୮/୫୩୩, ଖାତା ନଂ.: ୧୦୪/୯୫୮, ମୌଜା: କାଠଗଡା, ତହସିଲ: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, **ମୋଟ କ୍ଷେତ୍ର: ଏକର ୦.୧୦ ଡିସିମିଲି,** ଏହାର ଚାରିପାର୍ଶ୍ୱରେ ଉତ୍ତର: ପର୍ଶୁରାମ ମହାପାତ୍ର, ଦକ୍ଷିଣ: ଅଚ୍ୟୁତାନନ୍ଦ ପଣ୍ଡା, ପୂର୍ବ: ରାସ୍ତା, ପଶ୍ଚିମ: ପ୍ରଭାତ କୁମାର ମିଶ୍ର |

**ସ୍ଥାନ: ଢେଙ୍କାନାଳ, ତାରିଖ: ୨୯.୦୭.୨୦୨୫** — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**PANCHAYAT SAMITI OFFICE: GUDVELLA**
E-mail ID:ori-gudvella@nic.in
NATIONAL COMPETITIVE BIDDING THROUGH e-Procurement
Identification No.PS-GVL-03 of 2025-26

No.i-245:The BDO, Gudvella Block, Dist-Balangir on behalf of Governor of Odisha invites percentage rate bids in single cover system to be received in online mode only for the construction of works as detailed in the table below.

| Sl. No. | Name of the Work | Amount put to tender (in Rupees) | Class of Contractor | Cost of Tender Paper | E.M.D. (Bid Security) in Rs. | Period of Completion (Calendar Month) |
| --- | --- | --- | --- | --- | --- | --- |
| 1 | 2 | 3 | 4 | 5 | 6 | 7 |
| 1 | Construction of ACR of Tentulikhunti PS | 15,37,957 | "D" & "C" | 6,000 | 15,379 | Six Calendar Months |
| 2 | Construction of ACR Kurebhana NUPS | 15,37,957 | "D" & "C" | 6,000 | 15,379 | Six Calendar Months |
| 3 | Construction of ACR Kapsila UPS | 15,37,957 | "D" & "C" | 6,000 | 15,379 | Six Calendar Months |
| 4 | Construction of ACR Dangapathar Govt. NUPS | 15,37,957 | "D" & "C" | 6,000 | 15,379 | Six Calendar Months |
| 5 | Construction of ACR Gambhariguda NUPS | 15,37,957 | "D" & "C" | 6,000 | 15,379 | Six Calendar Months |
| 6 | Construction of ACR of Gudvella High School | 15,37,957 | "D" & "C" | 6,000 | 15,379 | Six Calendar Months |

Further details can be seen from the e-Procurement portal **http://tendersodisha.gov.in.**
OIPR-19350/11/0004/2526 — Sd./- Block Development Officer, Gudvella

**OFFICE OF THE CDM & PHO & DISTRICT MISSION DIRECTOR, BHADRAK**
**DISTRICT HEALTH MISSION**
(Department of Health & FW, Govt.of Orissa)
Advt.No.14/2025 — Date:28.07.2025
Ref:-RFP No.Nirmal/Housekeeping/Bhadrak/11/2025 dated 05.07.2025
**CORRIGENDUM**
No.E-268: It is for information of all concerned that the last date for submission of RFP regarding outsourcing of Housekeeping & Cleaning services for Bhadrak District under NIRMAL is hereby extended upto 08.08.2025 (05.00 PM). Bidders who have already applied need not apply further. All other terms & conditions will remain unchanged. The Technical Bid will be opened on 12.08.2025 at 11.00 AM at O/o. the CDM & PHO, Bhadrak.
OIPR-10123/11/0017/2526 — Sd./- CDM & PHO, Bhadrak

**Government of Odisha "e" Procurement Notice**
**INVITATION FOR BIDS (IFB)**
Bid Identification No.C.C.E.Dkl (R&B)05/2025-26
No.B-350 — Email Id: sedklpwd@gmail.com
Letter No.1633/Dt.28.07.2025
No.B-350:The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for road & building works as detailed below:
1. Name of the Work : Road & Building Works
2. No. of Works : 03 (Three) Nos.
3. Estimated Cost : **Rs.1.20 Crore to 6.82 Crore (as given in column No.03 of table)**
4. Cost of Tender Paper : Rs.10,000.00
5. Class of Contractor : 'B' Class, 'A' Class & 'Special' Class **(as given in column No.07 of table)**
6. Period of Completion of Work : 05 (Five) to 07(Seven) Calendar Months **(as given in column No.08 of table)**
7. Date and Time of availability of bid document in the website : From Dt.02.08.2025 to 5.00 P.M. of Dt.16.08.2025
8. Date of Opening of Bid : Dt.18.08.2025 at 11.00 A.M.

The bidders have to participate in ONLINE bidding only, further details can be seen from the e-Procurement Portal:www.tendersodisha.gov.in. Any addendum/Corrigendum/Cancellation of tender can also be seen in the said website.
OIPR-34132/11/0035/2526 — Sd./- Chief Construction Engineer, Dhenkanal (R&B) Circle, Dhenkanal

**GOVERNMENT OF ODISHA** — No.A-441:
**DEPARTMENT OF WATER RESOURCES**
O/o THE CHIEF ENGINEER AND BASIN MANAGER
MAHANADI BASIN, AT-BURLA, DIST-SAMBALPUR,PIN-768017
E-mail Id-cebmumbburla@gmail.com
'e' Procurement Notice No-CE & BM-MB-09/2025-2026 (Online)
BID IDENTIFICATION NO-CE & BM-MB-09/2025-2026 (Online)

| | | | |
| --- | --- | --- | --- |
| 1 | Name of the Work | : | Renovation of Canal System of Hirakud Dam Project (Adgaon Canal Section, Bargarh Irrigation Division, Bargarh) |
| 2 | No. of Works | : | One (01) Number |
| 3 | Class of Contractor | : | "A Class" and "Special Class" |
| 4 | Bid Identification No. | : | CE&BM-MB-09/2025-2026 (Online) |
| 5 | Estimated Cost | : | Rs.19.78 Crores |
| 6 | Period of Completion | : | 24 (Twenty-Four) Calendar Months |
| 7 | Date and Time of availability of bid documents in the portal | : | Dated 01.08.2025 at 11.30 AM to Dated 21.08.2025 upto 5.00 P.M. |
| 8 | Last date/time for receipt of Bids in the Portal | : | Dated 21.08.2025 upto 5.00 PM |
| 9 | Date of Opening of Technical Bid (Cover-I) | : | Dated 22.08.2025 at 11.30 AM O/o. Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer Inviting Bid | : | Chief Engineer & Basin Manager, Mahanadi Basin, Burla, Dist- Sambalpur, Odisha-768017, Email Id: cebmumbburla@gmail.com |

1. Any addendum/ Corrigendum/ Cancellation/ erratum of tender can also be seen in the said website.
2. Further details can be seen from Government Website http://tendersodisha.gov.in.
OIPR-32508/11/0016/2526 — Sd./- Chief Engineer & Basin Manager, Mahanadi Basin, Burla

GOVERNMENT OF ODISHA — No. O-487
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, KENDRAPARA**
eerw_kendraparat@yahoo.co.in
'E' PROCUREMENT NOTICE No. RWD-II/KPD-3/25-26 Dtd.23.07.2025
1. Name of Work : Road works in the District of Kendrapara for the year 2025-26
2. Total No. of Work : 01 No. Road
3. Estimated Cost : Rs.32.77 Lakhs (Approx.)
4. Period of Completion : As specified in the Annexure
5. Class of Contractors : B & C Class
6. Cost of Tender Paper : Cost of tender paper is to be remitted ONLINE as specified in Column-3 of the Annexure
7. Detail Projects : As specified in the Annexure

**Other Details as follows:**
a) Procurement Officer : Superintending Engineer, Rural Works Division-II, Kendrapara
b) Availability of tender Online & submission of bid : 02.08.25 at 11.00 A.M. to 11.08.25 upto 5.00 P.M.
c) Last date & time of seeking of tender clarification : 10.08.25 upto 5.00 P.M.
d) Opening of Tender : 12.08.25 at 11.00 A.M.
e) Date of Lottery : 18.08.2025 at 11.00 A.M.

Further details can be seen from the Govt. website: **www.tendersorissa.gov.in.**
OIPR-25098/11/0022/2526 — Sd./- Superintending Engineer, Rural Works Division-II, Kendrapara

**Government of Odisha**
**Department of Social Security & Empowerment of Persons with Disabilities**
RED BUILDING, LOKASEBA BHAVAN, BHUBANESWAR-751001
Phone No.0674-2391976, Fax: 0674-2390117, ssepdodisha@gmail.com
**REQUEST FOR PROPOSAL**
No.gg-19: Social Security & Empowerment of Persons with Disabilities (SSEPD) Department invites sealed Request for Proposal (RFP) from interested Central Govt./ State Govt. Agencies/ Organisations for "Request for Proposal (RFP) for Implementation of Cloud solutions for Centralised monitoring CCTV at the Social Security & Empowerment of Persons with Disabilities (SSEPD) Department". The RFP Document containing the details of criteria, submission requirement, objective, scope of work etc. can be downloaded from the website https://ssepd.odisha.gov.in/.
Further details, if any, may be obtained from Director, Social Security & Empowerment of Persons with Disabilities (SSEPD) Department, Bhubaneswar-751003 during working hours. **Last date for submission of RFP is 12th August 2025 upto 4 PM.** Sealed envelope marked to Director, Social Security & Empowerment of Persons with Diabilities (SSEPD) Department, Bhubaneswar-751025, containing RFP with all relevant documents may be submitted mentioning **"Implementation of Cloud Solutions for Centralized monitoring CCTV at the Social Security & Empowerment of Persons with Disabilities (SSEPD) Department"** on the top of the envelope.

**Calendar of Events**

| Sl. No. | Events | Date & Time |
| --- | --- | --- |
| 1 | RFP Publishing Date | 29/07/2025 |
| 2 | Document Download Start Date | 29/07/2025 |
| 3 | Document Download End Date | 12/08/2025 |
| 4 | Last date of Submission | 12/08/2025, 4.00 PM |
| 5 | RFP Opening Date (Technical) | 12/08/2025, 5.00 PM |
| 6 | Presentation Date | 16/08/2025 |
| 7 | RFP Opening Date (Financial) | 19/08/2025,11.30 PM |
| 8 | Tentative Date of Offer Letter | Will be intimated |

Encl: RFP Document
OIPR-46001/11/0059/2526 — Sd./- Director, SSEPD, Bhubaneswar-751025

See Career Appointment on every Wednesday & Saturday

## ସଂକ୍ଷେପରେ

### କିଆପଲାରେ ଝାଡ଼ାବାନ୍ତି: ୯ ଆକ୍ରାନ୍ତ

ବାଙ୍କୀ,୨୯।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)- ବାଙ୍କୀ ବ୍ଲକ ଅନ୍ତର୍ଗତ କିଆପଲା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଛି। ଏହି ଗ୍ରାମର ୯ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ସୋମବାର ବାଙ୍କୀ ମେଡିକାଲରେ ଜଣେ ଚିକିତ୍ସିତ ହୋଇ ଘରକୁ ଫେରିଥିବାବେଳେ ମଙ୍ଗଳବାର ୨ଜଣ ଭଲ ହୋଇ ଘରକୁ ଫେରିଛନ୍ତି। ମୃଗାଙ୍ଗିର ସଫଳା ମହାନ୍ତି, କିଆପଲାର ବ୍ରଜବନ୍ଧୁ ବେଉରା, ନରଗାଙ୍ଗର ଗୋଲୋକ ନାୟକ ବର୍ତ୍ତମାନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଝାଡ଼ାବାନ୍ତି ଲାଗିଥିବାରୁ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଝାଡ଼ାବାନ୍ତିର କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତାହାର କାରଣ ଖୋଜିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ବାଙ୍କୀ ଉପଖଣ୍ଡ ମୁଖ୍ୟ ଚିକିତ୍ସା ଅଧିକାରୀ ବନବାସୀ ବେହେରା କୁହନ୍ତି, ଦୂଷିତ ଜଳ ଯୋଗୁ ଝାଡ଼ାବାନ୍ତି ବ୍ୟାପିଥିବା ଆଶଙ୍କା କରାଯାଉଛି। ଏନେଇ ଗ୍ରାମରୁ ପାଣିର ନମୁନା ସଂଗ୍ରହ କରି ପରୀକ୍ଷଣ ପାଇଁ ପଠାଯାଇଛି।

### ମା' ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ

ବାଙ୍କୀ,୨୯।୭(ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ବ୍ଲକ ଅନ୍ତର୍ଗତ ଅଂଶୁପା ରାମସର୍ ସାଇଟ ନିକଟବର୍ତ୍ତୀ କଦଳିବାଡି ଜୈବବିବିଧତା ପରିଚାଳନା ସମିତିରେ ମଙ୍ଗଳବାର ଏକ ସଚେତନତା ସଭା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଚଳିତବର୍ଷ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମକୁ ସାକାର କରିବା ପାଇଁ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ପରିଚାଳନା ସମିତିର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ଖଟୁଆ ସଭାପତିତ୍ୱ କରିଥିଲେ। ଏହି ଅବସରରେ କଦଳି ବାଡି ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରକାଶ କୁମାର ବେହେରା, ଆଠଗଡ ବନଖଣ୍ଡର ସରଣା ସେକ୍ସନ ବନପାଳ ଭାଗ୍ୟଶ୍ରୀ ଦାସ, ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତିର ସଂଯୋଜକ ପ୍ରିୟବ୍ରତ ବେହେରା, ସମାଜସେବୀ ସରୋଜ ରାଉତ, ପବନି ଖଟୁଆ, ଶର୍ଦ୍ଧକଣ୍ଠ ରାଉତ, ସନ୍ତୋଷ ସାସମଲ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏଥିସହ ଚାରାରୋପଣ କରି ତାହାର ଯତ୍ନ କଲେ ଗଛ ଭଲ ପାଇବା ଆସିବ ଏବଂ ଗଛର ଉପକାରିତା ସହଜରେ ଉପଲବ୍ଧ କରିହେବ ବୋଲି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଅଂଶଗ୍ରହଣକାରୀମାନେ ଅଶୋକ, ଜାମ୍ବୁ, ଆମ୍ବ, ପିଜୁଳି, ବେଲ, ଅଁଳା ଚାରାରୋପଣ କରିଥିଲେ। ସମସ୍ତେ ନିଜ ବାଡିରେ ଚାରାରୋପଣ କରି ଯତ୍ନ ନେବାକୁ ଶପଥ କରିଥିଲେ। ଓଡ଼ିଶା ଜୈବବିବିଧତା ବୋର୍ଡ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପରିବେଶୀୟ ସଂଗଠନ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ଏବଂ କଦଳୀବାଡି ଜୈବବିବିଧତା ପରିଚାଳନା ସମିତି ସହଯୋଗ କରିଥିଲେ।

### ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବଦଳି ବିରୋଧରେ ଧାରଣା

ବାରଙ୍ଗ,୨୯।୭(ଲିଙ୍ଗରାଜ ରାଉତ): ସାନମୁଣ୍ଡଲୀ ବିଦ୍ୟାଳୟର ୨ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳି ନିର୍ଦ୍ଦେଶ ଜଣାପଡିବା ପରେ ମଙ୍ଗଳବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହାକୁ ବାତିଲ କରିବା ପାଇଁ ଛାତ୍ରୀଛାତ୍ରମାନେ ସ୍କୁଲ ଆଗରେ ଧାରଣାରେ ବସିଥିଲେ। ଖବରପାଇ ବାରଙ୍ଗ ପୋଲିସ ପହଞ୍ଚି ପିଲାମାନଙ୍କୁ ବୁଝାଶୁଝା କରିବା ପରେ ଶୋକାକୁଳ ପରିବେଶରେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସ୍କୁଲରୁ ବିଦାୟ ଦିଆଯାଇଛି। ସାନମୁଣ୍ଡଲୀ ସ୍କୁଲର ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ମିଶ୍ରଙ୍କର ନରାଜ ଓ ଶିକ୍ଷକ ପ୍ରଣବ ବେହେରାଙ୍କର ଗୋଡିସାହି ସ୍କୁଲକୁ ବଦଳି ନିର୍ଦ୍ଦେଶ ଜାରି ହୋଇଥିଲା। ଏହି ଖବର ପିଲାମାନେ ଜାଣିବା ପରେ ଉଭୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଭେଟି ବିଦ୍ୟାଳୟରେ ରହିବା ପାଇଁ ଜିଦ୍ ଧରିଥିଲେ। କିନ୍ତୁ ସରକାରୀ ନିର୍ଦ୍ଦେଶ ଯୋଗୁ ଉଭୟଙ୍କୁ ଅନ୍ୟ ବିଦ୍ୟାଳୟକୁ ଯିବାକୁ ପଡିବ ବୋଲି ବୁଝାଇବା ପରେ ପିଲାମାନେ ବୁଝି ନ ଥିଲେ। ଏପରିକି ବିଦ୍ୟାଳୟ ଆଗରେ ଧାରଣାରେ ବସି ବଦଳି ବାତିଲ ଦାବି କରି ସ୍ଲୋଗାନ ଦେଇଥିଲେ। ପରେ ଖବର ପାଇ ଗୋଡିସାହି ଫାଣ୍ଡି ଅଧିକାରୀ ସୌମ୍ୟଶ୍ରୀ ଆଶୁତୋଷ ପାଣି ପହଞ୍ଚି ପିଲାମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ଧାରଣାରୁ ଉଠିଥିଲେ।

# ଅବ୍ୟବସ୍ଥା ଘେରରେ ଗୋପାଳପୁର ସରକାରୀ ବିଦ୍ୟାଳୟ

- ବିପଦସଙ୍କୁଳ ଗୃହ ବାରଣ୍ଡାରେ ଚାଲିଛି ରୋଷେଇ
- ପାଚେରି, ମୁଖ୍ୟ ଫାଟକରେ ଗେଟ୍ ନାହିଁ
- ଶୌଚାଳୟରେ ନାହିଁ ଜଳ ଯୋଗାଣ ବ୍ୟବସ୍ଥା



ଗୋପାଳପୁର ସରକାରୀ ବିଦ୍ୟାଳୟ ।


ବିପଦସଙ୍କୁଳ ବାରଣ୍ଡାରେ ରୋଷେଇ ଚାଲିଛି ।

ବାଙ୍କୀ,୨୯।୭( ଶୁଭେନ୍ଦୁ ମହାପାତ୍ର): ସରକାର ଶିକ୍ଷାର ବିକାଶ କରିବା ପାଇଁ ଯୋଜନା ପରେ ଯୋଜନା କରୁଛନ୍ତି। ପିଲାମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ମଧ୍ୟାହ୍ନ ଭୋଜନରୁ ଆରମ୍ଭ କରି ପୋଷାକ, ଜୋତା, ଖାତା ଓ ପାଠ୍ୟ ଉପକରଣ ଯୋଗାଇ ଦିଆଯାଉଛି। ଏହାସତ୍ତ୍ୱେ ଛାତ୍ରୀଛାତ୍ରମାନେ ଅସ୍ୱାସ୍ଥ୍ୟକର ପରିବେଶରେ ପାଠ ପଢ଼ିବାକୁ ବାଧ ହେଉଛନ୍ତି।

ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ରତାଗଡ ଗୋବିନ୍ଦପୁର ପଞ୍ଚାୟତସ୍ଥିତ ଗୋପାଳପୁର ଗ୍ରାମରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ୧୯୩୬ରେ ଏଠାରେ ଏକ ପ୍ରାଥମିକ ସରକାରୀ ବିଦ୍ୟାଳୟ ନିର୍ମାଣ କରାଯାଇଥିଲା। ଏହି ବିଦ୍ୟାଳୟରେ ବର୍ତ୍ତମାନ ପ୍ରଥମରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ୩୦ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏଠାରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସରକାରୀ ସୁବିଧା ମିଳୁଥିଲେ ମଧ୍ୟ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ସେମାନେ ହନ୍ତସନ୍ତ ହେଉଛନ୍ତି। ବିଭିନ୍ନ ଅବ୍ୟବସ୍ଥାରେ ଏହି ବିଦ୍ୟାଳୟ ଚାଲିଥିବା ଅଭିଯୋଗ ହୋଇଛି।

ଛାତ୍ରୀଛାତ୍ରମାନଙ୍କ ପାଇଁ ଏଠାରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ରହିଛି। ମାତ୍ର ସେମାନଙ୍କ ପାଇଁ ପ୍ରସ୍ତୁତ କରାଯାଉଥିବା ଖାଦ୍ୟ କେତେବେଳେ ଖୋଲାଆକାଶ ତଳେ ତ କେତେବେଳେ ବିପଦସଙ୍କୁଳ ଗୃହ ବାରଣ୍ଡାରେ ପ୍ରସ୍ତୁତ କରାଯାଉଛି। ଏବେ ଯେଉଁ ସ୍ଥାନରେ ଖାଦ୍ୟ ପ୍ରସ୍ତୁତ କରାଯାଉଛି ତାହା ବିଷାକ୍ତ ସରୀସୃପଙ୍କ ବାସସ୍ଥଳ ପାଲଟିଛି। ନିଜ ଜୀବନକୁ ବିପଦରେ ପକାଇ ସେଠାରେ ରୋଷେଇଆମାନେ ଖାଦ୍ୟ ପ୍ରସ୍ତୁତ କରୁଥିବା ପ୍ରକାଶ କରିଛନ୍ତି। ଏହାଛଡ଼ା ଯେଉଁ ସ୍ଥାନରେ ବିଦ୍ୟାଳୟର ଶୌଚାଳୟ ନିର୍ମାଣ କରାଯାଇଛି, ତାହା ମଧ୍ୟ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହିଛି। ସେଠାରେ ବି ଜଳ ଯୋଗାଣର ବ୍ୟବସ୍ଥା ନାହିଁ। ଫଳରେ ରାସ୍ତା ପାର ହୋଇ ବାଲ୍ଟିରେ ପାଣି ନେଇ ଛାତ୍ରୀଛାତ୍ରମାନେ ଶୌଚ ଯିବାକୁ ବାଧ ହେଉଛନ୍ତି। ଅଧିକାଂଶ ସମୟରେ ସରୀସୃପମାନଙ୍କ ଭୟରେ ବାହାରେ ଯାଇ ପରିସ୍ରା କରିବାକୁ ସେମାନେ ବାଧ ହେଉଛନ୍ତି। ଦ୍ୱିପ୍ରହର ଖାଦ୍ୟ ଖାଇବା ପାଇଁ ମଧ ବିଦ୍ୟାଳୟ ସମ୍ମୁଖ ମୁଖ୍ୟ ରାସ୍ତା ପାର ହୋଇ ଛାତ୍ରୀଛାତ୍ରମାନେ ଯାଉଛନ୍ତି। ଫଳରେ ଦୁର୍ଘଟଣା ଘଟିଥିବା ଆଶଙ୍କା ରହିଛି। ମହାନଦୀ ବନ୍ଧ ନିକଟରେ ବିଦ୍ୟାଳୟଟି ଥିଲାବେଳେ ପାଚେରି ଓ ମୁଖ୍ୟ ଫାଟକରେ ଗେଟ୍ ନ ଥିବା ଯୋଗୁ ଅଧିକାଂଶ ସମୟରେ ସରୀସୃପ ଜାତୀୟ ବିଷାକ୍ତ ଜନ୍ତୁ ବିଦ୍ୟାଳୟ ପରିସର ଓ ଶ୍ରେଣୀ ଗୃହ ସମ୍ମୁଖକୁ ପଶି ଆସୁଛନ୍ତି। ଏନେଇ ବିଦ୍ୟାଳୟ ପକ୍ଷରୁ ସ୍ଥାନୀୟ ଲୋକ ପ୍ରତିନିଧି ଓ ଶିକ୍ଷା ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ବିଦ୍ୟାଳୟରେ ଗଠନ କରାଯାଇ ଥିବା ପରିଚାଳନା କମିଟି ପକ୍ଷରୁ ମଧ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପ୍ରତି ସେଭଳି କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଓ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏଭଳିସ୍ଥିତିରେ ଯଦି କୌଣସି ସମୟରେ ଅପ୍ରୀତିକର ଘଟଣା ଘଟେ, ସେଥିପାଇଁ ଶିକ୍ଷା ବିଭାଗ ଦାୟୀ ରହିବ ବୋଲି ଅଭିଭାବକ ଓ ଗ୍ରାମବାସୀ କହିଛନ୍ତି। ଯଥାଶୀଘ୍ର ବିଦ୍ୟାଳୟର ପାଚେରି ସମ୍ପୂର୍ଣ୍ଣ କରିବା ସହ ରୋଷେଇ ଘର, ଶୌଚାଳୟ ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ସେମାନେ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ଅଧିକାରୀ ଜ୍ୟୋତି ଷଡଙ୍ଗୀଙ୍କୁ ପଚାରିବାରେ ସେ ବିଦ୍ୟାଳୟକୁ ଯାଇ ସମସ୍ୟା ଅନୁଧ୍ୟାନ କରିଛନ୍ତି। ଏପ୍ରସଙ୍ଗରେ ବିଡିଓଙ୍କ ସହ ଆଲୋଚନା କରି ବିଦ୍ୟାଳୟରେ କିପରି ରୋଷ ଘର, ଓ ପାଚେରି ନିର୍ମାଣ କରାଯିବା ସହ ଶୌଚାଳୟକୁ କିପରି ପାଣି ଯୋଗାଣ ବ୍ୟବସ୍ଥା କରାଯିବ ସେନେଇ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ନନ୍ଦନକାନନରେ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ

ବାରଙ୍ଗ,୨୯।୭(ଲିଙ୍ଗରାଜ ରାଉତ): ପ୍ରାଣୀଉଦ୍ୟାନ ନନ୍ଦନକାନନରେ ମଙ୍ଗଳବାର ଅନ୍ତର୍ଜାତୀୟ ବ୍ୟାଘ୍ରଦିବସ ପାଳନ କରାଯାଇଛି। ବାଘମାନଙ୍କ ସଂରକ୍ଷଣ ଏବଂ ବଂଶବୃଦ୍ଧି ଓ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ଦିବସ ପାଳନ କରାଯାଉଛି। ନନ୍ଦନକାନନ ବାଘମାନଙ୍କ ପ୍ରଜନନରେ ଏକ ମାଇଲ ଖୁଣ୍ଟ ହାସଲ କରିଛି। ଧଳାବାଘ, ମହାବଳବାଘ ଏବଂ ମେଲାନିଷ୍ଟିକ ବା କଳାଲୋମଯୁକ୍ତ ବାଘପାଇଁ ନନ୍ଦନକାନନ ବିଶ୍ୱରେ ନିଜର ସତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହି ଚିଡ଼ିଆଖାନାରେ ୩୬୦ରୁ ଉର୍ଦ୍ଧ୍ୱ ବାଘ ଜନ୍ମ ନେଇ ସାରିଛନ୍ତି। ବର୍ତ୍ତମାନ ନନ୍ଦନକାନନରେ ବାଘସଂଖ୍ୟା ୨୯ ରହିଛି। ସେଥିମଧ୍ୟରୁ ୬ଟି ଧଳାବାଘ (୪ଅଣ୍ଡିରା,୨ମାଈ) ୪ କଳାବାଘ (୩ଅଣ୍ଡିରା,୧ମାଈ)୧୯ଟି ସାଧାରଣ (୧୧ଅଣ୍ଡିରା, ୮ମାଈ) ବାଘ ଅଛନ୍ତି। ଏହି ଅବସରରେ ବାଘମାନଙ୍କ କେୟାରଟେକରମାନଙ୍କୁ ପୁରସ୍କୃତ କରାଯାଇଛି। ସେହିପରି ଆଖପାଖ ବିଦ୍ୟାଳୟରୁ ଆସିଥିବା କୁନିକୁନି ପିଲାଙ୍କୁ ନେଇ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସ୍ଲୋଗାନ ସହ ଦସ୍ତଖତ ଅଭିଯାନ, ସ୍ୱେଚ୍ଛାସେବୀ ଓ ଶିକ୍ଷା ବିଭାଗର ପିଲାମାନଙ୍କୁ ନେଇ ଏକ ସଚେତନତା ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପର୍ଯ୍ୟଟନ ପରିଚାଳନା ଏସିଏଫ ମନୋସ୍ମିତା ମହାରଣା, ପ୍ରାଣୀ ପରିଚାଳନା ଏସିଏଫ ଡ.ରୁଦ୍ରପ୍ରସାଦ ରଥ, ରାଜ୍ୟ ଉଦ୍ଭିଦଉଦ୍ୟାନ ଏସିଏଫ କ୍ଷୀରାବ୍ଧି ପ୍ରଧାନ, ପ୍ରାଣୀବିଭାଗ ରେଞ୍ଜର ନୂତନ ହେମ୍ବ୍ରମ, ସୁରକ୍ଷା ଓ ନିରାପତ୍ତା ବିଭାଗ ରେଞ୍ଜର ଭଗବାନ ବିଶୋଇ, ଶିକ୍ଷାଧିକାରୀ ମିଳନ କୁମାର ପଣ୍ଡା, ଭେଟେରିନାରି ଅଫିସର ପ୍ରମୁଖ ଉପସ୍ଥିତ ଥିଲେ।



ନନ୍ଦନକାନନରେ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଉପଲକ୍ଷେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

# ସ୍ମାର୍ଟ ମିଟରକୁ ବିରୋଧ: ବିଦ୍ୟୁତ୍ ଉପଭୋକ୍ତାଙ୍କ ବିକ୍ଷୋଭ


ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି ।

ବଡ଼ମ୍ବା, ୨୯।୭(ମାୟାଧର ମଲ୍ଲିକ): ବିଦ୍ୟୁତ୍ ବିଭାଗ ପକ୍ଷରୁ ବସାଯାଉଥିବା ସ୍ମାର୍ଟ ମିଟରକୁ ବିରୋଧ କରି ବଡ଼ମ୍ବା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଆଗରେ ମଙ୍ଗଳବାର ଉପଭୋକ୍ତାମାନେ ବିକ୍ଷୋଭ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବିଭାଗ ପକ୍ଷରୁ ଜବରଦସ୍ତି ସ୍ମାର୍ଟ ମିଟର ବସାଯାଉଛି। ଉପଭୋକ୍ତାମାନେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ।

ଏନେଇ ଉପଭୋକ୍ତାମାନେ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସ୍ମାର୍ଟ ମିଟର ନ ବସାଇବା ପାଇଁ ଅନୁରୋଧ କରିଥିଲେ। ମାତ୍ର ବିଭାଗୀୟ ଅଧିକାରୀ କହିଥିଲେ, ଯେଉଁମାନଙ୍କ ମିଟର ଖରାପ ଅଛି କିମ୍ବା ଯେଉଁମାନେ ବେନିୟମ କାର୍ଯ୍ୟ କରିଛନ୍ତି ସେମାନଙ୍କୁ ଚିହ୍ନଟ କରାଯାଇ ପୁରୁଣା ମିଟର ପରିବର୍ତ୍ତନ କରି ସ୍ମାର୍ଟ ମିଟର ବସାଯାଉଛି। ଏନେଇ ନିର୍ଦ୍ଦେଶନାମା ରହିଛି। ମାତ୍ର ସେ ଉକ୍ତ ନିର୍ଦ୍ଦେଶାନାମାର କପି ଦେଖାଇ ନ ଥିଲେ। ଫଳରେ ବିବାଦ ସୃଷ୍ଟି ହୋଇଥିଲା। ଉପଭୋକ୍ତାମାନେ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ଏହାଦ୍ୱାରା ବିଦ୍ୟୁତ୍ ବିଭାଗର ମନମାନୀ ପଦାରେ ପଡ଼ିଛି ବୋଲି ଉପଭୋକ୍ତାମାନେ କହିଛନ୍ତି। ବିଭାଗ ପକ୍ଷରୁ ଏପରି ମନମୁଖି କାର୍ଯ୍ୟ କରାଗଲେ ଆଗାମୀ ଦିନରେ ବଡ଼ମ୍ବା ବିଦ୍ୟୁତ୍ ଉପଭୋକ୍ତାମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭରେ ବଡ଼ମ୍ବା ନାଗରିକ ମଞ୍ଚ ସଭାପତି ଦାମୋଦର ରଣା, ବଡ଼ମ୍ବା ବିକାଶ ପରିଷଦ ସଭାପତି ସନ୍ତୋଷ ପଟ୍ଟନାୟକ, ହାଟ ବଣିକ ସଂଘ ସଭାପତି ଶିବ ନାରାୟଣ ମିଶ୍ର, ଖବରଦାତା ସୁଜିତ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ଗିରିଜା ପ୍ରସାଦ ମିଶ୍ର, ଚିନାମ୍ୱା ମହାନ୍ତି, ସହଦେବ ମଲ୍ଲିକ ଓ ନିଗମାନନ୍ଦ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ନାବାଳିକା ନିଖୋଜ: ୨୭ ଦିନ ପରେ ବି ପୋଲିସ ହାତ ଖାଲି

ବାଙ୍କୀ,୨୯।୭( ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଥାନା ଅଞ୍ଚଳର ଜଣେ ନାବାଳିକା ୨୭ ଦିନ ହେବ ନିଖୋଜ ହୋଇଯାଇଛନ୍ତି। ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ ମଧ ଏପର୍ଯ୍ୟନ୍ତ ପୋଲିସର ହାତ ଖାଲି ରହିଛି। ଏଥିଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପୃକ୍ତା ନାବାଳିକା ଘଟଣା ଦିନ ଉକ୍ତ ଅଞ୍ଚଳର ଜଣେ ସମ୍ପର୍କୀୟା ଭାଉଜଙ୍କ ସହ କେଉଁଆଡ଼େ ଯାଉଥିବାବେଳେ ସ୍ଥାନୀୟ ଲୋକେ ଦେଖିଥିବା କହିଛନ୍ତି। ମାତ୍ର ସେବେଠାରୁ ସେ ଆଉ ଘରକୁ ଫେରିନାହାନ୍ତି। ଏନେଇ ପୋଲିସ ଖାଲି ତଦନ୍ତ ଜାରି ରଖିଥିବା କହୁଛି ବୋଲି ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ନିଖୋଜ ନାବାଳିକାଙ୍କ ସମ୍ପର୍କରେ ଆଇନଜୀବୀ ତଥା ସାମାଜିକ କର୍ମୀ ଭକ୍ତି ପଟ୍ଟନାୟକ ବାଙ୍କୀ ଥାନା ଆଇଆଇସିଙ୍କ ସହ ସାକ୍ଷାତ କରି ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ କହିଛନ୍ତି, ନିଖୋଜ ନାବାଳିକାଙ୍କୁ ଭୁବନେଶ୍ୱର, ଖୋର୍ଦ୍ଧା ଓ ନୟାଗଡ଼ ଆଦି ସ୍ଥାନରେ ଖୋଜାଚାଲିଛି। ଯଥାଶୀଘ୍ର ତାଙ୍କୁ ଫେରାଇ ଆଣିବାକୁ ଉଦ୍ୟମ ଜାରି ରହିଛି।


**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
Union Bank of India
ଢେଙ୍କାନାଳ ମୁଖ୍ୟ ଶାଖା
ମୀନା ବଜାର, ଜଗନ୍ନାଥ ରୋଡ୍, ସା/ପୋ./ଜିଲ୍ଲା: ଢେଙ୍କାନାଳ-୭୫୯୦୦୧, ଇମେଲ୍ : ubin0554057@unionbankofindia.bank

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

No.B-350:The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for road & building works as detailed below:

1. Name of the Work : Road & Building Works
2. No. of Works : 03 (Three) Nos.
3. Estimated Cost : **Rs.1.20 Crore to 6.82 Crore (as given in column No.03 of table)**
4. Cost of Tender Paper : Rs.10,000.00
5. Class of Contractor : 'B' Class, 'A' Class & 'Special' Class **(as given in column No.07 of table)**
6. Period of Completion of Work : 05 (Five) to 07(Seven) Calendar Months **(as given in column No.08 of table)**
7. Date and Time of availability of bid document in the website : From Dt.02.08.2025 to 5.00 P.M. of Dt.16.08.2025
8. Date of Opening of Bid : Dt.18.08.2025 at 11.00 A.M.

The bidders have to participate in ONLINE bidding only, further details can be seen from the e-Procurement Portal:www.tendersodisha.gov.in. Any addendum/Corrigendum/Cancellation of tender can also be seen in the said website.
Sd./- Chief Construction Engineer, Dhenkanal (R&B) Circle, Dhenkanal
OIPR-34132/11/0035/2526



**GOVERNMENT OF ODISHA** No.A-441:
**DEPARTMENT OF WATER RESOURCES**
O/o THE CHIEF ENGINEER AND BASIN MANAGER
MAHANADI BASIN, AT-BURLA, DIST-SAMBALPUR,PIN-768017
E-mail Id-cebmumbburla@gmail.com
'e' Procurement Notice No-CE & BM-MB-09/2025-2026 (Online)
BID IDENTIFICATION NO-CE & BM-MB-09/2025-2026 (Online)

| | | | |
|---|---|---|---|
| 1 | Name of the Work | : | Renovation of Canal System of Hirakud Dam Project (Adgaon Canal Section, Bargarh Irrigation Division, Bargarh) |
| 2 | No. of Works | : | One (01) Number |
| 3 | Class of Contractor | : | "A Class" and "Special Class" |
| 4 | Bid Identification No. | : | CE&BM-MB-09/2025-2026 (Online) |
| 5 | Estimated Cost | : | Rs.19.78 Crores |
| 6 | Period of Completion | : | 24 (Twenty-Four) Calendar Months |
| 7 | Date and Time of availability of bid documents in the portal | : | Dated 01.08.2025 at 11.30 AM to Dated 21.08.2025 upto 5.00 P.M. |
| 8 | Last date/time for receipt of Bids in the Portal | : | Dated 21.08.2025 upto 5.00 PM |
| 9 | Date of Opening of Technical Bid (Cover-I) | : | Dated 22.08.2025 at 11.30 AM O/o. Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer Inviting Bid | : | Chief Engineer & Basin Manager, Mahanadi Basin, Burla, Dist- Sambalpur, Odisha-768017, Email Id: cebmumbburla@gmail.com |

1. Any addendum/ Corrigendum/ Cancellation/ erratum of tender can also be seen in the said website.
2. Further details can be seen from Government Website http://tendersodisha.gov.in.
OIPR-32508/11/0016/2526 — Sd./- Chief Engineer & Basin Manager, Mahanadi Basin, Burla



**GOVERNMENT OF ODISHA** No. O-487
**OFFICE OF THE EXECUTIVE ENGINEER RURAL WORKS DIVISION-II, KENDRAPARA**
eerw_kendraparat@yahoo.co.in
**'E' PROCUREMENT NOTICE No. RWD-II/KPD-3/25-26 Dtd.23.07.2025**

1. Name of Work : Road works in the District of Kendrapara for the year 2025-26
2. Total No. of Work : 01 No. Road
3. Estimated Cost : Rs.32.77 Lakhs (Approx.)
4. Period of Completion : As specified in the Annexure
5. Class of Contractors : B & C Class
6. Cost of Tender Paper : Cost of tender paper is to be remitted ONLINE as specified in Column-3 of the Annexure
7. Detail Projects : As specified in the Annexure

**Other Details as follows:**
a) Procurement Officer : Superintending Engineer, Rural Works Division-II, Kendrapara
b) Availability of tender Online & submission of bid : 02.08.25 at 11.00 A.M. to 11.08.25 upto 5.00 P.M.
c) Last date & time of seeking of tender clarification : 10.08.25 upto 5.00 P.M.
d) Opening of Tender : 12.08.25 at 11.00 A.M.
e) Date of Lottery : 18.08.2025 at 11.00 A.M.

Further details can be seen from the Govt. website: **www.tendersorissa.gov.in.**
OIPR-25098/11/0022/2526 — Sd./- Superintending Engineer, Rural Works Division-II, Kendrapara



**Government of Odisha**
**Department of Social Security & Empowerment of Persons with Disabilities**
RED BUILDING, LOKASEBA BHAVAN, BHUBANESWAR-751001
Phone No.0674-2391976, Fax: 0674-2390117, ssepdodisha@gmail.com

**REQUEST FOR PROPOSAL**

No.gg-19: Social Security & Empowerment of Persons with Disabilities (SSEPD) Department invites sealed Request for Proposal (RFP) from interested Central Govt./ State Govt. Agencies/ Organisations for "Request for Proposal (RFP) for Implementation of Cloud solutions for Centralised monitoring CCTV at the Social Security & Empowerment of Persons with Disabilities (SSEPD) Department". The RFP Document containing the details of criteria, submission requirement, objective, scope of work etc. can be downloaded from the website https://ssepd.odisha.gov.in/.
Further details, if any, may be obtained from Director, Social Security & Empowerment of Persons with Disabilities (SSEPD) Department, Bhubaneswar-751003 during working hours. **Last date for submission of RFP is 12th August 2025 upto 4 PM.** Sealed envelope marked to Director, Social Security & Empowerment of Persons with Diabilities (SSEPD) Department, Bhubaneswar-751025, containing RFP with all relevant documents may be submitted mentioning **"Implementation of Cloud Solutions for Centralized monitoring CCTV at the Social Security & Empowerment of Persons with Disabilities (SSEPD) Department"** on the top of the envelope.

**Calendar of Events**

| Sl. No. | Events | Date & Time |
|---|---|---|
| 1 | RFP Publishing Date | 29/07/2025 |
| 2 | Document Download Start Date | 29/07/2025 |
| 3 | Document Download End Date | 12/08/2025 |
| 4 | Last date of Submission | 12/08/2025, 4.00 PM |
| 5 | RFP Opening Date (Technical) | 12/08/2025, 5.00 PM |
| 6 | Presentation Date | 16/08/2025 |
| 7 | RFP Opening Date (Financial) | 19/08/2025,11.30 PM |
| 8 | Tentative Date of Offer Letter | Will be intimated |

Encl: RFP Document
OIPR-46001/11/0059/2526 — Sd./- Director, SSEPD, Bhubaneswar-751025



See Career Appointment on every Wednesday & Saturday

## ପାଣିଖାଲରେ ପଡ଼ି ୨ ଶିଶୁ ମୃତ

ଘଟଗାଁ, (ରାଜେନ୍ଦ୍ର କୁମାର ପଟ୍ଟନାୟକ): କେନ୍ଦୁଝର ଜିଲା ଘଟଗାଁ ନାକଝରୀ ଗ୍ରାମରେ ମଙ୍ଗଳବାର ଏକ ପରିତ୍ୟକ୍ତ ପାଣିଖାଲରେ ପଡ଼ି ୨ ଶିଶୁଙ୍କ ମୃତ୍ୟୁ ଘଟିଛି। ଅଜୟ କୁମାର ବଳଙ୍କ ଝିଅ ଅମ୍ରିତା ବଳ(୬) ଓ ଚନ୍ଦ୍ରମୋହନ ନାଏକଙ୍କ ଝିଅ ଉର୍ମିଳା ନାଏକ(୭) ନାକଝରୀ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିଲେ। ସ୍କୁଲ ଛୁଟି ପରେ ସେମାନେ ଘରକୁ ଆସି ଖେଳିବାକୁ ଯାଇଥିଲେ। ପରେ ପରିବାର ଲୋକେ ସେମାନଙ୍କୁ ନ ପାଇବାରୁ ବାହାରେ ଖୋଜାଖୋଜି କରିଥିଲେ। ଘର ପାଖରେ ଥିବା ଏକ ବଡ଼ଖାଲ ବର୍ଷାଜଳରେ ଭର୍ତ୍ତି ହୋଇଥିଲା। ଦୁଇ ଶିଶୁ ପାଣିରେ ବୁଡ଼ି ଯାଇଥିବା ସନ୍ଦେହ କରି ଘର ଲୋକ ଖୋଜିଥିଲେ। ପାଣିଖାଲରୁ ଦୁହିଁଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଧର୍ମଶାଳା ମେଡିକାଲ ଅଫିସରଙ୍କୁ ଜବାବ ତଲବ

**ଯାଜପୁର,୨୯।୭**
**(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲାରେ ହଇଜା ବ୍ୟାପିବା ସମୟରେ ଧର୍ମଶାଳା ମେଡିକାଲ ଅଫିସର(ଏମ୍‌ଓ) ସୁଧୀର କୁମାର ସାହୁ ଆବଶ୍ୟକ ଭାବେ ତଦାରଖ କରି ନ ଥିଲେ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବଙ୍କ ସହ ସ୍ୱତନ୍ତ୍ର ସଚିବ ହଇଜା ସ୍ଥିତିର ସମୀକ୍ଷା କରିବାକୁ ୧୬।୬।୨୦୨୫ରେ ଯାଜପୁର ଜିଲା ଗସ୍ତ ସମୟରେ ସେମାନେ ଏହା ଅନୁଭବ କରିଥିଲେ। ଏଭଳି ଅବହେଳା ଜନସ୍ୱାସ୍ଥ୍ୟ ସେବାକୁ ବ୍ୟାହତ କରିଥିଲା। ତେଣୁ କର୍ତ୍ତବ୍ୟରେ ଏପରି ଅବହେଳା ପାଇଁ ଏମ୍‌ଓ ସାହୁଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ସେ ନେଇ ଏକ ଚିଠି ଜାରି କରାଯାଇଥିଲା। ଏକ ସପ୍ତାହ ମଧ୍ୟରେ ସ୍ପଷ୍ଟୀକରଣ ଦେବାକୁ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ତାଙ୍କ ପତ୍ରସଂଖ୍ୟା ୨୧୬୭୧/୨୪।୭।୨୦୨୫ରେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ସିଡିଏମ୍‌ଓଙ୍କୁ ପତ୍ର ଦିଆଯାଇଛି।

**ହଇଜା ସଂକ୍ରମଣ ସମୟରେ କର୍ତ୍ତବ୍ୟରେ ଅବହେଳା**

ସୂଚନାଯୋଗ୍ୟ, ଗତ ମେ' ଓ ଜୁନରେ ଯାଜପୁର ଜିଲାରେ ଡାଇରିଆ ସହ ହଇଜା ସଂକ୍ରମଣ ଅଣାୟତ ହୋଇଥିଲା। ଏହାକୁ ନିୟନ୍ତ୍ରଣ କରିବାକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ମେଡିକାଲ ଟିମ୍ ଯାଜପୁର ଜିଲା ଗସ୍ତରେ ଆସିଥିଲେ। ଏଥିରେ ଜିଲାର ପ୍ରାୟ ୨୦ ଜଣ ରୋଗୀଙ୍କ ମୃତ୍ୟୁ ହୋଇଥିଲା। ହଜାରରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମିତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ।

# Classified Everyday

**0674-2580101, 9692975378**



## MATRIMONIAL

## BRIDE WANTED

Beautiful Barik Girl 25, MBA BBSR base Service/ Established Business. 9853366347. D-1432

Looking for a Fair/ Slim homely Odia Khandayat/ Kshatriya bride age 22-28 from BHUBANESWAR for a fair looking handsome groom 31 years, 163 cm, 58 kg from an established/educated Kshatriya family working as permanent State Government Doctor (Medical Officer). Only Parents or bride should Contact directly with details in WhatsApp 7682077583. No middleman/ agent/ broker please. D-1477

Handsome Brahmin Boy 1994, 5'11", B.Tech, MBA, Serving Officer SBI "SUNASANSAR". 9937512659. D-76298

## GROOM WANTED

ବୟସ 28 କୌଣସି ଚାକିରୀ କରୁନଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଜାତିର ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-1435

41 Widow Karan Caste କାର୍ଯ୍ୟରତ ଏକାକୀ ରହୁଥିବା କନ୍ୟାଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7873680393. D-1434

Retd. unmrd. General ଜାତିର କନ୍ୟା ପାଇଁ ଯେକୌଣସି ଜାତିର Unmrd./Widow/ Divorce ବରପାତ୍ର ଆବଶ୍ୟକ। 6370471610. D-1433



## REAL ESTATE

## SALE

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492.** D-1376

A commercial hall at main road facing around 1000 SFT. At- Gajapati Nagar near Kaling Hospital Square, Bhubaneswar for sale. Contact- 7008283108 D-1444

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ **2/3BHK flat, duplex** ବିକ୍ରିହେବ। **Diptimayee Pati- 8763740343.** D-76296

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

**Land near Balasore Town for Sale. Residential plot 19 decimals near Harihat in Village Sindhia near Balighat and 278 decimals Residential/ Farm House / Commercial Plots in Village Sahupada near Balasore, Baripada National Highway. Please contact immediately- 7656861995.** D-75850



## FOR RENT

5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278



## Healthcare

**Full body massage experience, good looking therapist @999 (Bhubaneswar). 9078484455.** D-1325

Newly open health benefits SPA special Offer @ 799 Bapujinagar. 7327058897. D-76931

## LOST

ମୁଁ, ସିଦ୍ଧାର୍ଥ ମିଶ୍ର, ପିତା- ସୁକାନ୍ତ ଚନ୍ଦ୍ର ମିଶ୍ର, ଓଡ଼ିଶାର ନବରଙ୍ଗପୁର ଜିଲ୍ଲାର ଖାତିଗୁଡ଼ା ଅଞ୍ଚଳର ବାସିନ୍ଦା, ମୋର BPUT (ପଞ୍ଜୀକୃତ ନମ୍ବର- 1605209015) ଓଡ଼ିଶା ଦ୍ୱାରା ଜାରି କରାଯାଇଥିବା ସମସ୍ତ MCA ସେମିଷ୍ଟର ମାର୍କଶିଟ୍ (2016-2019), MCA ଡିଗ୍ରୀ ସାର୍ଟିଫିକେଟ, ପ୍ରୋଭିଜନାଲ ସାର୍ଟିଫିକେଟ ହଜିଯାଇଛି। ଯଦି ମିଳେ, ଦୟାକରି ଯୋଗାଯୋଗ କରନ୍ତୁ: 7873054212. D-1475

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT



ମୁଁ Sampo Alami, ବୟସ (୨୭), ଲିଙ୍ଗ- ମହିଳା, D/o- Sukalu Alami, At- Tushval, P.O.- Koshalnar, Dist.- Bijapur, State- Chhatisgarh, PIN- 494441 ଆଜି ଠାରୁ ନିଜକୁ Champa Koram ଭାବେ ଘୋଷଣା କରୁଅଛି। ଭବିଷ୍ୟତରେ ମୋତେ ଏହି ନାମରେ ଜଣାଯିବ ଏବଂ ମୋର ସମସ୍ତ ଦରକାରୀ କାଗଜପତ୍ର ଏହି ନାମରେ ପରିବର୍ତ୍ତନ କରାଗଲା। ଧ-୧୪୬୯



ମୁଁ Ballu, ବୟସ (୨୨), ଲିଙ୍ଗ- ପୁରୁଷ, S/o- Somaru Ram At- Albeda, GP- Kutul, Dist.- Narayanpur, State- Chhatisgarh, PIN- 494661 ଆଜି ଠାରୁ ନିଜକୁ Ranjit Naitam ଭାବେ ଘୋଷଣା କରୁଅଛି। ଭବିଷ୍ୟତରେ ମୋତେ ଏହି ନାମରେ ଜଣାଯିବ ଏବଂ ମୋର ସମସ୍ତ ଦରକାରୀ କାଗଜପତ୍ର ଏହି ନାମରେ ପରିବର୍ତ୍ତନ କରାଗଲା। ଧ-୧୪୭୦

By virtue of an affidavit sworn before Notary Public, Karanjia, dated 24.07.2025, affidavit No.- 1131, I, Kshiramani Naik, Permanent Address: At/P.O.- Bhanra, P.S.-Karanjia, Dist.- Mayurbhanj, PIN- 757037, Odisha declare that I have changed my name from Kshiramani Giri to Kshiramani Naik. Henceforth, I shall be known as Kshiramani Naik for all purposes.
Kshiramani Naik D-1463

By virtue of an affidavit sworn before Notary Public, Karanjia, dated 24.07.2025, affidavit No.- 1126, I, Manoranjan Naik, Permanent Address: At/P.O.- Bhanra, P.S.-Karanjia, Dist.- Mayurbhanj, PIN- 757037, Odisha declare that I have changed my name from Manoranjan Giri to Manoranjan Naik. Henceforth, I shall be known as Manoranjan Naik for all purposes.
Manoranjan Naik D-1464

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Notary Public, Karanjia, dated 24.07.2025, affidavit No.- 1132, I, Bijayalaxmi Naik, Permanent Address: At/P.O.- Bhanra, P.S.-Karanjia, Dist.- Mayurbhanj, PIN- 757037, Odisha declare that I have changed my name from Sukeshi Giri to Bijayalaxmi Naik. Henceforth, I shall be known as Bijayalaxmi Naik for all purposes.
Bijayalaxmi Naik D-1465

By virtue of an affidavit sworn before Notary Public, Karanjia, dated 24.07.2025, affidavit No.- 1130, I, Laxman Kumar Naik, Permanent Address: At/P.O.- Bhanra, P.S.-Karanjia, Dist.-Mayurbhanj, PIN- 757037, Odisha declare that I have changed my name from Laxman Kumar Giri to Laxman Kumar Naik. Henceforth, I shall be known as Laxman Kumar Naik for all purposes.
Laxman Kumar Naik D-1466

By virtue of an affidavit sworn before Executive Magistrate, Pipili, No.- 2772, dtd. 28.07.2025, I, Gopabandhu Jena, S/o- Brundaban Jena, At- Orakal, P.O./P.S.-Pipili, Dist.- Puri declare that my daughter's real name is Sai Sneha Jena, D/o- Gopabandhu Jena in her Birth Certificate bearing Regd. No.- 503/2013. But wrongly her name has been mentioned Rajalaxmi Jena in Aadhaar card XXXX XXXX 8674. Henceforth, my daughter shall be known as Sai Sneha Jena for all purposes.
Gopabandhu Jena D-1479

I, Uditprasad Upendra Padhy, S/o- Late Upendra Prasad Padhy of Vill/P.O.- Pandarkhalli, P.S.- Purushottampur, Dist.- Ganjam, Odisha, 761043 declare by this affidavit No.- A-8, Dt. 29.07.2025 . That now I shall be known as Udit Prasad Padhy for all future purposes. D-1478

Smt. Sita Narada, W/o- Narada Krishna, Village- Nuagada, Post.- Samantiapalli, P.S.- Jarada, Dist.- Ganjam, 761004 (Odisha) declare by this affidavit No.- A-1520, dt. 22.07.2025. That now onwards I shall be known as N. SETA REDDY for all future purpose. D-1471

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Executive Magistrate, Bhubaneswar, dated- 28.07.25, I, Lingaraj Mundaya, At- Bhagabatipur, P.O.- Kantabad, P.S.- Chandaka, Khordha, PIN- 752054 declare that I have changed the name of my son from Prabati Mundaya to Parbati Mundaya. Henceforth, he shall be known as Parbati Mundaya for all purposes.
Lingaraj Mundaya D- 1462

By virtue of an affidavit before the Court of the Executive Magistrate, G.Udayagiri, dated- 28.07.2025, I Gajindra Pradhan, S/o- Late Jamidas Pradhan, Village- Padunbadi, P.O.- Padunbadi, P.S.- Daringbadi, Dist.- Kandhamal, I do hereby declare that I change my son's name from Amarjeet Pradhan to Aditya Narayan Pradhan. Onwards he shall be known as his name Aditya Narayan Pradhan for all purpose in order to avoid future complicacy. D-1472

By virtue of an affidavit sworn before the Executive Magistrate, Kashipur, dated- 23.07.2025, I, Sanjit Jhodia, S/o- Lalit Jhodia, Address: At- Gaimundatunda, P.O.- Kodiapari, P.S.- Tikiri, Dist.- Rayagada, Odisha, PIN- 765015 my PAN Card name mistake Sanjay Jhodia. But my currect name is Sanjit Jhodia. Henceforth, I shall be known as Sanjit Jhodia for all purpose. D-1473

By virtue of an affidavit sworn before the Executive Magistrate, Belpada, No.- 155, date- 29.07.2025, I Dhubale Tandi, R/o- At./P.O.- Bagder, P.S.- Belpada, Dist.- Balangir, Odisha, PIN- 767026 declare that I have changed my daughter's name from Priyanka Tandi to Priya Tandi. Henceforth, she shall be known as Priya Tandi for all purposes.
Dhubale Tandi D-1474

By virtue of an affidavit sworn before Executive Magistrate S. Sethy, Nayagarh, dated 23.07.25, I, Prakash Chandra Pradhan, Address: Vill/ P.O.- Kural, P.S.- Odagaon, Dist.- Nayagarh, declare that I have changed the name of my daughter from Baistanbi Pradhan to Baishannabi Pradhan. Henceforth she shall be known as Baishannabi Pradhan for all purposes.
Prakash Chandra Pradhan D-1480

## LEGAL NOTICE

Letter No.- 1310, dtd. 14.07.2025

ମାନ୍ୟବର ଆଡିସନାଲ କମିଶନର,
ଶ୍ରୀ ପ୍ରଦୀପ କୁମାର ନାୟକ,
ଆଇ.ଏ.ଏସ୍ ଆଡିସନାଲ ରିଭିଜନ କୋର୍ଟ-୪ଙ୍କ ଅଦାଲତ, ଭୁବନେଶ୍ୱର
ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ,
ଓ.ଏସ୍.ଏସ୍.ନଂ.- ୯୧୧/୨୦୨୪

ଶାନ୍ତନୁ କୁମାର ଜେନା ....ବାଦୀ

ବନାମ

ପ୍ରଭୁଦତ୍ତ ରାଉତ ଓଗେର ....ପ୍ରତିବାଦୀମାନେ

ପ୍ରାପ୍ତେଷୁ:
ପ୍ରତିବାଦୀ ନଂ. (୧) ପ୍ରଭୁଦତ୍ତ ରାଉତ, ବୟସ ୬୧ ବର୍ଷ, ପିତା: ପ୍ରଣବ କୁମାର ରାଉତ, ସା: କ୍ୱାର୍ଟର ନଂ. ୨ ଆର୍ ଏ-୪୦, ରୋଡ୍ ନଂ.୫, ୟୁନିଟ୍-୯, ଥାନା: ଖାରବେଳ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା।

ନୋଟିସ

ସିପିସି ଅର୍ଡର- ୫, ରୁଲ୍- ୨୦ ମୁତାବକ ବାଦୀମାନଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା ୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ପ୍ରଭୁଦତ୍ତ ରାଉତ ଓଗେର ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମକଦ୍ଦମା ଦାୟର କରିଛନ୍ତି। ବାଦୀମାନଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀମାନଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସମାନ ବିନା ଜାରି ହୋଇ ଫେରିଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛିକି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସିନାଲ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୨୨।୦୯।୨୫ରିଖ ଦିବା ଘ. ୧୧.୩୦ ମିନିଟ୍ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ସାବକ ତଫସିଲ ବୃତ୍ତି

ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଚନ୍ଦକା, ଥାନା ନଂ. ୪୦, ମୌଜା: ପଥରଗାଡ଼ିଆ, ଖାତା ନଂ.- ୮୦, ପ୍ଲଟ୍ ନଂ.- ୮୬୩, ଏରିଆ ମୋଟ୍ ଏରିଆ ଏ୦.୪୭୦ ଡିସିମିଲ ସ୍ୱଧରୁ ଏ୦.୦୬୦ ଡିସିମିଲ।

ହାଲ୍ ତଫସିଲ ବୃତ୍ତି

ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଚନ୍ଦକା, ଥାନା ନଂ. ୪୦, ମୌଜା: ପଥରଗାଡ଼ିଆ, ଖାତା ନଂ.-୯୮୪, ପ୍ଲଟ୍ ନଂ.- ୩୯୮୩, ଏରିଆ ମୋଟ୍ ଏରିଆ ଏ୦.୦୬୦୦ ଡିସିମିଲ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ମୃତ ହୋଇଥିଲେ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦ୍ଵିର କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ତା:
ଭୁବନେଶ୍ୱର

ସ୍ୱା./- ଆଡିସନାଲ ରିଭିଜନ କୋର୍ଟ ନଂ.-୪
ଭୁବନେଶ୍ୱରଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୧୪୬୮

Letter No.- 157, dtd. 21.01.2025

ମାନ୍ୟବର ଆଡିସନାଲ କମିଶନର,
ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ଏସ୍. (ଏସ୍.ଏସ୍.) ଆଡିସନାଲ ଡିଭିଜନ କୋର୍ଟ ନଂ. ୪ଙ୍କ ଅଦାଲତ,
ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.- ୫୫୭/୨୦୨୩

ଶ୍ରୀ ଶଙ୍କର୍ଷଣ ସାହୁ ...ବାଦୀ/ଦରଖାସ୍ତକାରୀ

ବନାମ

ଶ୍ରୀମତୀ ମିନୁରାଧା ଆଚାର୍ଯ୍ୟ ଓ ଅନ୍ୟମାନେ ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ,
ଶ୍ରୀମତୀ ମିନୁରାଧା ଆଚାର୍ଯ୍ୟ, ସ୍ୱା- ବିଶ୍ୱନାଥ ଆଚାର୍ଯ୍ୟ, ସା- ପ୍ଲଟ୍ ନଂ.- ଏନ୍-୬/୫, ଜୟଦେବ ବିହାର, ପୋ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
-ପ୍ରତିବାଦୀ ନଂ. ୧

ନୋଟିସ

ସିପିସି ଅର୍ଡର ନଂ. ୫ ରୁଲ୍-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା-୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ. ୪, ଭୁବନେଶ୍ୱର ଅଦାଲତରେ ବାଦୀ ଶ୍ରୀ ଶଙ୍କର୍ଷଣ ସାହୁ, ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୧ଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ. ୧ଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଇଅଛି କି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ. ୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ତା୧୮।୦୮।୨୫ରିଖ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା- ଖୋର୍ଦ୍ଧା, ଥାନା-ଚନ୍ଦକା, ତହସିଲ- ଭୁବନେଶ୍ୱର, ମୌଜା- ପଥରଗାଡ଼ିଆ, ସାବକ ଖାତା ନଂ.- ୩୨୫/୭୦୬, ସାବକ ପ୍ଲଟ୍ ନଂ.- ୭୧୬/୨୩୬୦, ଏରିଆ ଏ୦.୧୦୦ ଡିସିମିଲ, ସ୍ୱଧରୁ କ୍ରୟ ବୃତ୍ତି ଏରିଆ ଏ୦.୦୫୦ ଡିସିମିଲ, ଚୌହଦୀ: ଉତ୍ତର- ସବ୍ ପ୍ଲଟ୍ ନଂ. ୮, ଦକ୍ଷିଣ- ପ୍ଲଟ୍ ନଂ.- ୭୧୬/୨୩୬୦ର ବଳକା ଏରିଆ (ଶାନ୍ତନୁ କୁମାର ପ୍ରଧାନ ଏବଂ ଅନ୍ୟମାନେ), ପୂର୍ବ- ରାସ୍ତା, ପଶ୍ଚିମ ସବ୍ ପ୍ଲଟ୍ ନଂ. ୧୫

ଏହାର ହାଲ୍ ମୌଜା- ପଥରଗାଡ଼ିଆ, ହାଲ୍ ଖାତା ନଂ.- ୧୭୬୩, ହାଲ୍ ପ୍ଲଟ୍ ନଂ.- ୩୬୭୮, ଏରିଆ ଏ୦.୦୧୦ ଡିସିମିଲ।

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ. ୧ କିମ୍ବା ମୃତ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ସ୍ୱା.- ଆଡିସନାଲ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ
ସ୍ୱା.- କୋର୍ଟ ଅଫିସର
ଧ-୧୪୬୦

## ଫଳଚାଷ




**ଅ**ମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ। ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ସବୁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ । ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜରରେ ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହକରି ଠିକ୍ ଭାବରେ ଗାତକରି ଲଗାନ୍ତୁ । ପୂର୍ବରୁ ଲଗାଯାଇଥିବା କୌଣସି ଫଳଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲିଜାଗା ପୂରଣ କରନ୍ତୁ ।

## ମଲ୍ଲୀ ଗଛ ଲଗାଉଥିଲେ...



**ମ**ଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା.ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣକରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ପଟାଳିକରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ। ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପିପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟାଡାଳରେ ମୂଳ ଅଂଶକୁ ଉପଚାରକରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ।

# ଧାନଜମିରୁ ଜଳ ନିଷ୍କାସନ



**ଅ**ଗଷ୍ଟ ମାସରେ ବହୁତ ବର୍ଷା ହୁଏ। ତେଣୁ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ଜଳସେଚିତ ଅଞ୍ଚଳରେ ଧାନ ଜମିରେ କରନାଳୀଗୁଡ଼ିକୁ ସଫା କରନ୍ତୁ । ଫସଲରେ କୀଟ ଓ ରୋଗର ମାତ୍ରା ସୀମା ଅତିକ୍ରମ କଲେ ଯଥାକ୍ରମେ ଉପଯୁକ୍ତ କୀଟନାଶକ ଓ କବକନାଶୀ ବ୍ୟବହାର କରନ୍ତୁ। ତା' ପରେ ଫସଲ ଅବସ୍ଥା ଅନୁଯାୟୀ ଉପଯୁକ୍ତ ଯତ୍ନ ନିଅନ୍ତୁ। ଡିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୦ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ । ଧାନ ରୁଆ ସରିଥିଲେ ପିଲସାର ହିସାବରେ ହେକ୍ଟର ପ୍ରତି ୪୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ବୁଣାଧାନରେ ବେଉଷଣ ପରେ ହେକ୍ଟର ପିଛା ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରି ବଛାବଛି ଓ ଖେଳୁଆ କାମ ସାରି ଦିଅନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବା ପରେ ସଅଳ କିସମ ଧାନ ଯଥା-ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । ଧାନ ଚାଷରେ କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ଏକର ପ୍ରତି ୬ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହ କପର ଅକ୍ସିକ୍ଲୋରାଇଡ୍ (୨.୫ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ। ଡିପଜମି ଧାନରେ ପତ୍ରାଚ୍ଛାଦ ପୋଡ଼ା ରୋଗ ପାଇଁ ପ୍ରୋପିକୋନାଜୋଲ୍ (୧ ମି.ଲି. ୧ ଲିଟର ପାଣିରେ) ଗଛର ମୂଳଭାଗକୁ ସିଞ୍ଚନ କରନ୍ତୁ । ବିଳମ୍ବ ରୁଆ କ୍ଷେତ୍ରରେ ଘାସ ଦମନ ପାଇଁ ଧାନ ରୁଆହେବାର ୩-୪ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ କିମ୍ବା ୧.୫ ଲିଟର ପ୍ରେଟିଲାକ୍ଲୋର କିମ୍ବା ବୁଟାକ୍ଲୋର୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଉପରୋକ୍ତ ଘାସମରା ବିଷଗୁଡ଼ିକୁ ୪୦ କି.ଗ୍ରା. ଶୁଖିଲା ବାଲିରେ ମିଶାଇ ଅଳ୍ପ ଚଖାପାଣି ରଖି ସାର ଭଳି ଜମିରେ ବୁଣିଦିଅନ୍ତୁ।

**ମକା**

ମକା ଫସଲ ୬-୭ ସପ୍ତାହ ହୋଇଯାଇଥିଲେ କୋଡ଼ାଖୁସା କରି ଘାସବାଛି ହେକ୍ଟର ପ୍ରତି ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଜମିରେ କୌଣସି ମତେ ଠିଆପାଣି ରଖନ୍ତୁ ନାହିଁ ।

**ମାଣ୍ଡିଆ**

ମାଣ୍ଡିଆ ରୁଆ ହେବାର ୨-୩ ସପ୍ତାହରେ କୋଡ଼ାଖୁସାକରି ଘାସ ବାଛିଦିଅନ୍ତୁ । ବର୍ଷାଧାର ଫସଲରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଓ ଜଳସେଚିତ ଫସଲରେ ୩୦ କି.ଗ୍ରା. ଯବକ୍ଷାରଜାନ ପିଲ ସାର ଭାବେ ପ୍ରୟୋଗ କରନ୍ତୁ। ବୁଣାଯାଇଥିବା ଫସଲ ୩୫-୪୦ ଦିନର ହୋଇଥିଲେ ବାକି ହେକ୍ଟର ପ୍ରତି ୧୨କି.ଗ୍ରା. ୫୦୦ ଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ମାଣ୍ଡିଆ ଫସଲ ଅଧିକ ଜଳ ସହ୍ୟ କରିପାରେ ନାହିଁ । ବର୍ଷାଦିନେ ଆବଶ୍ୟକ ହେଲେ ଜଳ ନିଷ୍କାସନ କରନ୍ତୁ ।

## ଅଗଷ୍ଟ ମାସର କୃଷି ସୂଚନା

**ମାଛଚାଷ**

ବର୍ଷାଦିନରେ ପ୍ରାୟ ସବୁ ପୋଖରୀରେ ଯାଆଁଳ ଛଡ଼ାଯାଏ । ଜାତିଆ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ । ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ । ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ। ଅତ୍ୟଧିକ ବର୍ଷା ଯୋଗୁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ। ଖାଦ୍ୟ ପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ। ସଘନ ମାଛଚାଷ ପାଇଁ ୧ହେକ୍ଟର ବିଶିଷ୍ଟ ପୋଖରୀରେ ପ୍ରାୟ ୧୦,୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୫୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଅଗଷ୍ଟ ମାସର ପ୍ରଥମ ସପ୍ତାହ ମଧ୍ୟରେ ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛ ଚାଷକରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ହେକ୍ଟର ପିଛା ୩୦୦୦ଟି ଭାକୁର, ୪୦୦୦ଟି ରୋହି ଏବଂ ୩୦୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛ ଚାଷକରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ହେକ୍ଟର ପିଛା ଭାକୁର ୩୦୦୦ଟି, ରୋହି ୪୦୦୦ଟି, ମିରିକାଳି ୨୦୦୦ଟି ଏବଂ ବିଲାତି ରୋହି ୧୦୦୦ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ। ୬ ପ୍ରକାର ମାଛ ଚାଷ ପାଇଁ ସାଧାରଣତଃ ଭାକୁର ୩୦%, ରୋହି ୨୦%, ମିରିକାଳି ୧୦%, ସିଲ୍‌ଭର କାର୍ପ ୨୦%, ଗ୍ରାସ୍‌କାର୍ପ ୧୫% ଓ ବିଲାତି ରୋହି ୫% ହିସାବରେ ଯାଆଁଳ ଛାଡ଼ିବାକୁ ହୋଇଥାଏ ।

**ଝୋଟ**

ନଳିତା ଚାଷ କରିଥିବା ଜମିକୁ ନିଗିଡ଼ା ରଖନ୍ତୁ । କାଣ୍ଡଶଢ଼ା ଓ ମୂଳପଚା ରୋଗ ପାଇଁ କାର୍ବେଣ୍ଡାଜିମ ସହ ମାଙ୍କୋଜେବ୍(୨ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ) କିମ୍ବା ଥାୟୋଫ୍ୟାନେଟ୍ ମିଥାଇଲ୍ (୧ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ) ଗଛ ମୂଳକୁ ସିଞ୍ଚନ କରନ୍ତୁ । ଏ ମାସର ଶେଷ ଆଡ଼କୁ ନଳିତା କାଟି ବିଡ଼ାକରି ଗଛମୂଳକୁ ଘୋଡ଼ାଇ ରଖନ୍ତୁ, ଯେପରି ମୂଳ ବାହାରକୁ ଦେଖାଯିବ ନାହିଁ ।

**ଅଳସୀ**

ଅଳସୀର ଉତ୍କଳ ନାଇଜର-୧୫୦ କିମ୍ବା ଦେଓମାଳି କିସମ ବ୍ୟବହାର କରନ୍ତୁ । ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୧ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ଗୋଳାଇ ବିଶୋଧନ କରନ୍ତୁ। ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୫ ଟନ୍ ଗୋବରଖତ ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଦୂରତାରେ ବିହନ ବୁଣନ୍ତୁ।

-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର

## ଡାଲିଜାତୀୟ ଫସଲରେ ଘାସ ଦମନ



**ମୁ**ଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସାକରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମି.ଲି. ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ। ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ ସହ କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କୁଇନାଲଫସ୍ ବା ୫୦୦ ମି.ଲି. ଇଣ୍ଡୋକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଏ ମାସ ମଧ୍ୟଭାଗରେ ଛୁଇଁ ପାକଳହେବା ମାତ୍ରେ ତୋଳି ଦିଅନ୍ତୁ ନଚେତ୍ ବର୍ଷା ଦ୍ୱାରା ନଷ୍ଟ ହୋଇଯିବ। ଧାନବିଲ ହିଡ଼ରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ ।

## ବର୍ଷାଦିନିଆ ପନିପରିବା ଚାଷ



**ଉ**ଚ୍ଚା ନିଗିଡ଼ା ଜମିରେ ସଅଳ କିସମ କୋବି ଲଗାନ୍ତୁ । ଲଙ୍କାମରିଚ ଓ ବାଇଗଣ ଫସଲରୁ ଘାସ ବାଛି ହୁଡ଼ା ଦିଅନ୍ତୁ । ଜହ୍ନି, କଖାରୁ, କଲରା, ଛଚିନ୍ଦ୍ରା, କାକୁଡ଼ି, ଭେଣ୍ଡି, ବରଗୁଡ଼ି ଇତ୍ୟାଦି ଫସଲକୁ କୋଡ଼ାଖୁସାକରି ସାର ଦିଅନ୍ତୁ । ପୋକ ଦମନ ପାଇଁ ଜୈବ କୀଟନାଶକ ଏବଂ ନିମ୍ବଜାତୀୟ କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ୧ ଲିଟର ପାଣିରେ) ଓ କାର୍ବେଣ୍ଡାଜିମ୍ (୧ ଗ୍ରାମ୍ ୧ ଲିଟର ପାଣିରେ) ଅଦଳବଦଳ କରି ୨/୩ ଥର ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ପାଇଁ ପ୍ଲାଣ୍ଟୋମାଇସିନ୍ (୧ ମି.ଲି. ଲିଟର ପ୍ରତି) ସହ କପର ଅକ୍ସିକ୍ଲୋରାଇଡ୍ (୨ ଗ୍ରାମ୍, ଲିଟର ପିଛା) ମିଶାଇ ମୂଳମାଟିକୁ ଭିଜାଇ ଦିଅନ୍ତୁ । ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ଫୁଲକୋବି ଲଗାନ୍ତୁ । ପୁଷା ଅର୍ଲି ସିନ୍ଥେଟିକ୍, ପୁଷା ମାଘି, ପୁଷା ଦୀପାଳି ଓ ଅନ୍ୟାନ୍ୟ ସଙ୍କର କିସମ ଆଦି ଅତି ସଅଳ କିସମ ଫୁଲକୋବି ଚାଷ କରନ୍ତୁ। ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ସଙ୍କର କିସମ ଟମାଟୋ ଚାଷ କରନ୍ତୁ।

## ଚିନାବାଦାମ ଚାଷରେ ସାର ପ୍ରୟୋଗ



**ଚି**ନାବାଦାମ ଚାଷ କରିଥିବା ଜମିରୁ ପାଣି କାଟି ଦିଅନ୍ତୁ । ଚିନାବାଦାମ ଜମିରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏନାହିଁ । ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ। ଭଲ ଫଳ ଧରେ ନାହିଁ। ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟିକାରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ । ମୂଳଶଢ଼ା ରୋଗ ଲାଗିଲେ ମେଟାଲାକ୍‌ସିଲ୍ ସହ ମାଙ୍କୋଜେବ୍‌କୁ ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ । ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ , ଯେପରିକି ମାଟି ଭଲ ଭାବରେ ଭିଜିପାରିବ।

## କପାଚାଷରେ କୋଡ଼ାଖୁସା



**କ**ପାଚାଷରେ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଏହାକୁ ଚାଷ କରିବାର ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ୪ଲିଟର ପାଣିରେ ୧ ମି.ଲି. ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ। ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ । ପତ୍ରଡିଆଁ ପୋକ ଅଧିକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍‌ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ।

## ବର୍ଷାଦିନେ ପ୍ରାଣୀଙ୍କ ଯତ୍ନ



**ବ**ର୍ଷା ସମୟରେ ଗୋରୁଙ୍କୁ ବାହାରକୁ ଚରିବାକୁ ଛାଡ଼ନ୍ତୁ ନାହିଁ। ଗୋରୁ ଚରୁଥିବା ସମୟରେ ହଠାତ୍ ବର୍ଷା ହେଲେ ସେମାନଙ୍କୁ ଗୁହାଳକୁ ଫେରାଇ ଆଣି ବାନ୍ଧି ଦିଅନ୍ତୁ। ସେମାନଙ୍କୁ ଅଧିକ ଦାନା ବା ଘାସ କାଟି ଆଣି ଖାଇବାକୁ ଦିଅନ୍ତୁ। ଓଦା ହେଲେ ଜ୍ୱର ଓ ନିମୋନିଆ ହେବା ସମ୍ଭାବନା ଥାଏ। ଅଧିକ ବର୍ଷା ସମୟରେ ଗୁହାଳ ଭିତରକୁ ପାଣି ନ ଛାଟିବାର ବନ୍ଦୋବସ୍ତ କରନ୍ତୁ। ସାହାଣ ଓ ବଜବଜିଆ ରୋଗର ଟିକା ୬ ମାସ ମଧ୍ୟରେ ନ ଦିଆ ହୋଇଥିଲେ ପ୍ରାଣୀ ଡାକ୍ତରଙ୍କ ପରାମର୍ଶରେ ଦିଅନ୍ତୁ। ହାଇବ୍ରିଡ୍ ନାପିଅର, ମକା, ବରଗୁଡ଼ି ଇତ୍ୟାଦି ଘାସ ଚାଷ ଆରମ୍ଭ କରନ୍ତୁ। ବର୍ଷା ସମୟରେ ଛେଳି ଓ ମେଣ୍ଢାଙ୍କୁ ଗୁହାଳରେ ରଖି ଦାନା ବା ଡାଳପତ୍ର କାଟି ଖାଇବାକୁ ଦିଅନ୍ତୁ। ଏଣ୍ଟାରୋଟକ୍ସେମିଆ ଓ ପିପିଆର୍ ରୋଗର ଟିକା ଦିଆ ନ ହୋଇଥିଲେ ପ୍ରାଣୀ ଡାକ୍ତରଙ୍କ ପରାମର୍ଶରେ ଦିଅନ୍ତୁ। ବର୍ଷାଦିନେ ଫିମ୍ପି ମାରିଥିବା ଦାନା ଖାଇବାକୁ ଦିଅନ୍ତୁ ନାହିଁ । କୁକୁଡ଼ା ଘରକୁ ପ୍ରବେଶ କରିବା ସମୟରେ ଜୋତାକୁ ଫିନାଇଲ୍ (୨ ପ୍ରତିଶତ) ପାଣିରେ ବୁଡ଼ାଇ ପ୍ରବେଶ କରନ୍ତୁ। କୁକୁଡ଼ାଘର ଭିତରକୁ ବର୍ଷାପାଣି ନ ଯିବାର ବନ୍ଦୋବସ୍ତ କରନ୍ତୁ।

## ଆଖୁରେ ଅଗବିନ୍ଧା ପୋକ ଲାଗିଲେ...



**ଆ**ଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ। ଏହା ବ୍ୟତୀତ ଆଲୋକ ଜନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ୧୫ କି.ଗ୍ରା. ହେକ୍ଟର ପ୍ରତି ଦାନାଦାର ବିଷ ପ୍ରୟୋଗ କରନ୍ତୁ। ନହେଲେ କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍.ସି. ୩୭୫ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ଦହିଆପୋକ ଲାଗିବାର ସମ୍ଭାବନା ଅଛି। ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ପ୍ରୋଫେନୋଫସ୍ କିମ୍ବା ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍‌ଜାମ୍ ମିଶାଇ ସିଞ୍ଚନ କରନ୍ତୁ। ଥାୟାମେଥୋକ୍‌ଜାମ୍ ବଦଳରେ ଆସିଟାମ୍ପ୍ରିଡ୍ ୧ ଗ୍ରାମ୍ ପ୍ରତି ୪ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରିବ। ନାଲିଶଢ଼ା ରୋଗରେ ଆକ୍ରାନ୍ତ ବୁଦାକୁ ଉପାଡ଼ି କିଆରି ବାହାରେ ନଷ୍ଟ କରନ୍ତୁ। ଆକ୍ରାନ୍ତ ସ୍ଥାନରେ କାର୍ବେଣ୍ଡାଜିମ୍ ସହ ମାଙ୍କୋଜେବ୍ ୨ ଗ୍ରାମ୍ ଲିଟର ପିଛା ୫୦୦ ରୁ ୬୦୦ ମି.ଲି. ମାଟି ଭିଜା କରନ୍ତୁ। ଆକ୍ରାନ୍ତ ବୁଦାକୁ ଉପାଡ଼ି ନଷ୍ଟ କରିଦିଅନ୍ତୁ ।

# ମହିଳା ଏସିଆନ୍ କପ୍: ଗ୍ରୁପ୍ 'ସି'ରେ ଭାରତ




ଏଏଫ୍‌ସି ମହିଳା ଏସିଆନ୍ କପ୍ ଫୁଟବଲ ଟୁର୍ନାମେଣ୍ଟର ଡ୍ର' ଉଠାଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପ୍ରତିନିଧିଗଣ।

**ନୂଆଦିଲ୍ଲୀ, ୨୯।୭ (ପି.ଟି.)**

ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ଏଏଫ୍‌ସି ମହିଳା ଏସିଆନ୍ କପ୍ ଫୁଟବଲ ଟୁର୍ନାମେଣ୍ଟ ଖେଳାଯିବ। ଏଥିପାଇଁ ଡ୍ର କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶକ୍ତିଶାଳୀ ଜାପାନ, ପୂର୍ବତନ ଚାମ୍ପିୟନ ଚାଇନିଜ ତାଇପେ ଓ ଭିଏଟ୍‌ନାମ ସହ ଭାରତ ଗ୍ରୁପ୍ 'ସି'ରେ ସ୍ଥାନ ପାଇଛି। ୧୨ଟି ଦଳକୁ ନେଇ ୨୦୨୬ ମାର୍ଚ୍ଚ ୧ରୁ ୨୧ ପର୍ଯ୍ୟନ୍ତ ହେବ। ଏଥିରେ ୩ଜଣ ଡ୍ର ସହକାରୀଙ୍କ ମଧ୍ୟରେ ଭାରତୀୟ ମିଡ୍‌ଫିଲ୍ଡର ସଙ୍ଗୀତା ବାସ୍‌ଫୋର୍ ଅନ୍ୟତମ ଥିଲେ। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୩ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ସ୍ଥାନ ପାଇଛନ୍ତି। ଭାରତୀୟ ମହିଳା ଦଳ ୨୦୨୬ ମାର୍ଚ୍ଚ ୪ରେ ପର୍ଥ ରେକ୍ଟାଙ୍ଗୁଲାର ଷ୍ଟାଡିୟମରେ ଭିଏଟନାମ ସହ ମୁକାବିଲା କରି ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ଭାରତ ଏହି ଭେନ୍ୟୁରେ ତା'ର ପରବର୍ତ୍ତୀ ମ୍ୟାଚ ମାର୍ଚ୍ଚ ୭ରେ ଜାପାନ ବିପକ୍ଷରେ ଖେଳିବାକୁ ଥିବା ବେଳେ ମାର୍ଚ୍ଚ ୧୦ରେ ୱେଷ୍ଟର୍ନ ଷ୍ଟାଡିୟମରେ ଚାଇନିଜ ତାଇପେକୁ ଭେଟିବ। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଦଳ ଏବଂ ୩ୟ ସ୍ଥାନ ଅଧିକାର କରିଥିବା ଦଳଗୁଡ଼ିକ ମଧ୍ୟରୁ ଶ୍ରେଷ୍ଠ ୨ଦଳ କ୍ୱାର୍ଟରଫାଇନାଲ ଖେଳିବେ। ୪ ସେମିଫାଇନାଲିଷ୍ଟ ଦଳ ବ୍ରାଜିଲରେ ୨୦୨୭ରେ ହେବାକୁଥିବା ଫିଫା ମହିଳା ବିଶ୍ୱକପ୍ ୨୦୨୭ ପାଇଁ ଯୋଗ୍ୟତା ଅର୍ଜନ କରିବେ। କ୍ୱାର୍ଟରଫାଇନାଲରେ ପରାଜିତ ଦଳଗୁଡ଼ିକ ମଧ୍ୟରେ ପ୍ଲେ-ଅଫ୍ ଖେଳାଯିବ। ଏଥିରୁ ଶ୍ରେଷ୍ଠ ଦୁଇ ଦଳ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ। ୨୦୧୧ ମହିଳା ବିଶ୍ୱକପ୍ ବିଜେତା ଜାପାନ ଫିଫା ତାଲିକାରେ ୭ମ ସ୍ଥାନ ଅଧିକାର କରିଥିବାବେଳେ ଏସୀୟ ଦଳଗୁଡ଼ିକ ମଧ୍ୟରେ ସର୍ବୋଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଦଳ ହୋଇଛି। ୩୭ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଭିଏଟନାମ ୨୦୨୩ ସଂସ୍କରଣରେ ପଦାର୍ପଣ କରିବା ପରେ ୨୦୨୭ ମହିଳା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ ଲକ୍ଷ୍ୟ ରଖିଛି। ୨୦୨୨ ମହିଳା ଏସିଆ କପ୍ ଭାରତରେ ଆୟୋଜିତ ହୋଇଥିଲା। ପରାଜିତ କ୍ୱାର୍ଟରଫାଇନାଲିଷ୍ଟଙ୍କ ମଧ୍ୟରେ ଅନୁଷ୍ଠିତ ପ୍ଲେଅଫ୍‌ରେ ଶୀର୍ଷ ସ୍ଥାନ ଅଧିକାର କରି ଏହି ଦଳ ୨୦୨୩ ମହିଳା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ବର୍ତ୍ତମାନ ର୍‍ୟାଙ୍କିଙ୍ଗ ତାଲିକାର ୪୨ତମ ସ୍ଥାନରେ ଥିବା ଚାଇନିଜ ତାଇପେ ୩ଥର ଏଫ୍‌ସି ମହିଳା ଏସିଆନ୍ କପ୍ ଜିତିଛନ୍ତି। ଶେଷଥର ଏହି ଦଳ ୧୯୮୦ରେ ଜିତିଥିଲା। ଚାଇନିଜ ତାଇପେ ମଧ୍ୟ ୨୦୨୭ ମହିଳା ବିଶ୍ୱକପ୍ ଖେଳିବା ଲାଗି ଲକ୍ଷ୍ୟ ରଖିଛି। ଭାରତ ବର୍ତ୍ତମାନ ବିଶ୍ୱ ର୍‍ୟାଙ୍କିଙ୍ଗରେ ୭୦ତମ ସ୍ଥାନରେ ରହିଛି, ଯାହାକି ଗ୍ରୁପ୍‌ରେ ସର୍ବନିମ୍ନ। ଗ୍ରୁପ୍ 'ଏ' ଆୟୋଜକ ଅଷ୍ଟ୍ରେଲିଆ ବ୍ୟତୀତ କୋରିଆ ରିପବ୍ଲିକ, ଇରାନ ଓ ଫିଲିପାଇନ୍ସ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ 'ବି'ରେ ଡିପିଆର କୋରିଆ, ଚାଇନା ବାଂଲାଦେଶ ଓ ଉଜ୍‌ବେକିସ୍ତାନ ରହିଛନ୍ତି।

## ପ୍ରଭାସିନୀଙ୍କ ମାଉଣ୍ଟ ଶିଙ୍କୁନ ସାଉଥ ଆରୋହଣ



ମାଉଣ୍ଟ ଶିଙ୍କୁନ ସାଉଥ୍ ଶିଖରରେ ପହଞ୍ଚିବା ପରେ ପ୍ରଭାସିନୀ।

**ଭୁବନେଶ୍ୱର,୨୯।୭ (ଅନାଦି କର)**

ଢେଙ୍କାନାଳର ପ୍ରଭାସିନୀ ବେହେରା ଗତ ୨୫ ତାରିଖରେ ସଫଳତାର ସହିତ ହିମାଚଳ ପ୍ରଦେଶସ୍ଥିତ ମାଉଣ୍ଟ ଶିଙ୍କୁନ ସାଉଥ (୬୦୩୦ ମିଟର) ଆରୋହଣ କରିଛନ୍ତି। ଅଭିଯାନ ଆରମ୍ଭ କରିଥିବା ୧୬ ଜଣିଆ ଦଳରେ ପ୍ରଭାସିନୀ ଏକମାତ୍ର ଓଡ଼ିଆ ଥିଲେ। ସେମାନଙ୍କ ମଧ୍ୟରୁ ୬ ଜଣ ସଫଳତାର ସହ ଶିଖରରେ ପହଞ୍ଚିଥିଲେ। ଆସୋସିଏଶନ ଅଫ୍ ଆଡ୍‌ଭେଞ୍ଚର ଓ ସୋସିଆଲ ଅର୍ଗାନାଇଜେଶନ (ଏଏଏସ୍‌ଏ) ସଦସ୍ୟା ଥିବା ପ୍ରଭାସିନୀ ପୂର୍ବରୁ ମାଉଣ୍ଟ ୟୁନମ (୬,୧୧୧ ମିଟର), ମାଉଣ୍ଟ ଫ୍ରେଣ୍ଡଶିପ୍ (୫୨୮୯ ମିଟର), ମାଉଣ୍ଟ କେଦାରକାନ୍ତ, ଚନ୍ଦ୍ରଶିଳା ପାସ (ଉତ୍ତରାଖଣ୍ଡ) ସହିତ ୨୩ ରାଜ୍ୟର ସର୍ବୋଚ୍ଚ ପର୍ବତ ଆରୋହଣ କରିଛନ୍ତି। ପ୍ରଭାସିନୀ ଓଡ଼ିଶା ଫେରିବା ପରେ ତାଙ୍କୁ ଏଏଏସ୍‌ଏ ସମ୍ପାଦକ ତଥା ଏଭରେଷ୍ଟ ଆରୋହଣକାରୀ ଗଣେଶ ଜେନା ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। ଏହି ଅବସରରେ ବିକ୍ରମ କିଶୋର ଦାସ, ଶକ୍ତି ରଞ୍ଜନ ମହାନ୍ତି, ହରେଶ କୁମାର ମିଶ୍ର, ଶିବ ଶଙ୍କର ପଣ୍ଡା ଓ ଅଶୋକ ମହାନ୍ତି ଉପସ୍ଥିତ ଥିଲେ।

## ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ୪ର୍ଥ ଆନ୍ତଃ ଜିଲା ବିଦ୍ୟାଳୟ ଜିମ୍ନାଷ୍ଟିକ

**ଭୁବନେଶ୍ୱର, ୨୯।୭ (ବିଜୟ ରଣା):** ଅଗଷ୍ଟ ମାସ ୨୮ ତାରିଖରେ ଜେ.ଏମ୍. ସ୍ପୋର୍ଟ୍ସ ଏକାଡ଼େମୀଠାରେ ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ୪ର୍ଥ ଆନ୍ତଃଜିଲା ଆମନ୍ତ୍ରଣୀୟ ବିଦ୍ୟାଳୟ ଜିମ୍ନାଷ୍ଟିକ ପ୍ରତିଯୋଗିତା ଆୟୋଜିତ ହେଉଛି। ଏଥିରେ ୪ଟି ବୟସ ବର୍ଗର ପିଲା ଅଂଶଗ୍ରହଣ କରିପାରିବେ। ଉଭୟ ବାଳକ ଓ ବାଳିକା ବିଭାଗ ଅଂଶଗ୍ରହଣ କରିପାରିବେ। ୬ବର୍ଷରୁ କମ୍ (୨୦୧୯- ୨୦୨୦), ୮ବର୍ଷରୁ କମ୍ (୨୦୧୭-୧୮), ୧୦ବର୍ଷରୁ କମ୍ (୨୦୧୫-୧୬), ଓ ଆଡଭାନସ ଲେଭଲ (୨୦୧୩ ପର୍ଯ୍ୟନ୍ତ) ଏହିପରି ୪ ଟି ବୟସ ବର୍ଗ ର ପିଲାମାନେ ଭାଗ ନେଇପାରିବେ। ୬ ବର୍ଷରୁ କମ୍ ଓ ୮ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ବର୍ଗ ରେ କେବଳ ଫ୍ଲୋର ଏକ୍ସରସାଇଜ୍ ୧୦ବର୍ଷରୁ କମ୍ ବାଳକ ବର୍ଗ ରେ ଫ୍ଲୋ ।ର ଏକ୍ସରସାଇଜ୍ ଓ ଭଲ୍‌ଟିଂ ଟେବୁଲ ଓ ବାଳିକା ବର୍ଗରେ ଫ୍ଲୋର ଏକ୍ସରସାଇଜ୍ ଓ ବାଲାନ୍ସିଂ ବିମ୍ ଏବଂ ଆଡ଼ଭାନ୍ସ ବାଳକ ବର୍ଗରେ ଫ୍ଲୋର ଏକ୍ସରସାଇଜ , ବଲ୍‌ଟିଂ ଟାବ୍, ପୋମେଲ ହର୍ଷ ଓ ପାରାଲଲେ ବାର୍ ଓ ବାଳିକା ବର୍ଗ ରେ ଫ୍ଲୋର ଏକ୍ସରସାଇଜ, ଭଲ୍ଟିଂ ଟେବୁଲ, ବାଲାନ୍ସିଂ ବିମ୍ ଓ ଅନ୍‌ଇଭେନ ବାର୍ ଆଦି ଏଭେଣ୍ଟଗୁଡ଼ିକରେ ପ୍ରତିଯୋଗିତା ହେବ। ଏଥିରେ ଓଡିଶାର ସମସ୍ତ ଜିଲା ବିଦ୍ୟାଳୟର ପିଲାମାନେ ଅଂଶଗ୍ରହଣ କରିବାକୁ ଜେ. ଏମ୍. ସ୍ପୋର୍ଟ୍ସ ଏକାଡ଼େମୀର ଅଧ୍ୟକ୍ଷା ମୀରାରାଣୀ ଦାସ ଅନୁରୋଧ କରିଛନ୍ତି।

## ମନ୍ଧାନାଙ୍କୁ ହଟାଇ ସ୍କିଭର ବ୍ରଣ୍ଟ ନମ୍ବର ୱାନ୍



ନାଟ୍ ସ୍କିଭର ବ୍ରଣ୍ଟ

**ଦୁବାଇ, ୨୯।୭(ପି.ଟି.)**

ଭାରତୀୟ ବ୍ୟାଟର ସ୍ମୃତି ମନ୍ଧାନାଙ୍କୁ ହଟାଇ ଇଂଲଣ୍ଡର ନାଟ୍ ସ୍କିଭର ବ୍ରଣ୍ଟ ସଦ୍ୟ ପ୍ରକାଶିତ ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବ୍ୟାଟର ର୍‍ୟାଙ୍କିଙ୍ଗ୍ ତାଲିକାରେ ୧ ନମ୍ବର ସ୍ଥାନ ଅଧିକାର କରିନେଇଛନ୍ତି। ଅନ୍ୟପକ୍ଷରେ ହରମନ୍‌ପ୍ରୀତ କୌର ଓ ଜେମିମା ରୋଡ୍ରିଗୁଏଜ୍‌ଙ୍କ ର୍‍ୟାଙ୍କିଙ୍ଗରେ ଉନ୍ନତି ଆସିଛି। ସ୍କିଭର ବ୍ରଣ୍ଟ ଏହା ପୂର୍ବରୁ ୨୦୨୩ରେ ନମ୍ବର ୱାନ୍ ର୍‍ୟାଙ୍କିଙ୍ଗ୍‌ରେ ଥିଲେ। ନିକଟରେ ଅନୁଷ୍ଠିତ ଭାରତ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରେ ବ୍ରଣ୍ଟ ୧୬୦ ରନ୍ ସଂଗ୍ରହ କରିଥିବାରୁ ନମ୍ବର ୱାନ୍ ସ୍ଥାନକୁ ଫେରିପାରିଛନ୍ତି। ଇଂଲଣ୍ଡ ଯଦିଓ ଏହି ସିରିଜ୍ ୧-୨ରେ ପରାଜିତ ହୋଇଛି। କିନ୍ତୁ ଏହି ୩୨ ବର୍ଷୀୟା ଆତ୍ମବିଶ୍ୱାସର ସହ ତାଙ୍କ ଦଳର ବ୍ୟାଟିଂ ନେତୃତ୍ୱ ନେଇଥିଲେ। ଇଂଲଣ୍ଡ ବିପକ୍ଷ ୩ଟି ମ୍ୟାଚ୍‌ରେ ୧୧୫ ରନ୍ ସଂଗ୍ରହକରି ମନ୍ଧାନା ଗୋଟିଏ ସ୍ଥାନ ତଳକୁ ଖସି ୨ୟ ସ୍ଥାନକୁ ଚାଲି ଆସିଛନ୍ତି। ବର୍ତ୍ତମାନ ମନ୍ଧାନାଙ୍କ ପଏଣ୍ଟ ସଂଖ୍ୟା ୭୨୮ ରହିଥିବା ବେଳେ ସ୍କିଭରଙ୍କର ୭୩୧ ରହିଛି। ଭାରତ ଅଧିନାୟକ ହରମନ୍‌ପ୍ରୀତ ୨୧ତମ ସ୍ଥାନରୁ ଡେଇଁ ୧୧ଶ ସ୍ଥାନ ଅଧିକାର କରିନେଇଥିବା ବେଳେ ମିଡଲ ଅର୍ଡର ବ୍ୟାଟର ରୋଡ୍ରିଗୁଏଜ୍ ୧୫ତମ ସ୍ଥାନରୁ ପଦୋନ୍ନତି ସହ ୧୩ତମ ସ୍ଥାନକୁ ଚାଲିଆସିଛନ୍ତି। ବୋଲରମାନଙ୍କ ମଧ୍ୟରେ ଭାରତ ସ୍ପିନର ଦୀପ୍ତି ଶର୍ମା ଇଂଲଣ୍ଡର ତଥା ନମ୍ବର ୱାନ୍ ସୋଫି ଏକ୍କ୍ଲେଷ୍ଟୋନ୍ ଏବଂ ଅଷ୍ଟ୍ରେଲୀୟ ଯୋଡ଼ି ଆଶ ଗାର୍ଡନର ଓ ମେଗାନ ସ୍କଟ୍‌ଙ୍କ ପଛକୁ ୪ର୍ଥ ସ୍ଥାନରେ ରହିଛନ୍ତି।

## ଜାତୀୟ ଭିନ୍ନକ୍ଷମ କ୍ରିକେଟ୍‌ରେ ଦୁଇ ଓଡ଼ିଆ

**ଭୁବନେଶ୍ୱର,୨୯।୭ (ଅନାଦି କର)**

ଚେନ୍ନାଇରେ ଚାଲିଥିବା ଜାତୀୟ ଭିନ୍ନକ୍ଷମ କ୍ରିକେଟ୍ ଟୁର୍ନାମେଣ୍ଟରେ ୩ଟି ଦଳ ଯଥା ଇଣ୍ଡିଆ ରେଡ୍, ଇଣ୍ଡିଆ ବ୍ଲୁ ଓ ଇଣ୍ଡିଆ ଗ୍ରୀନ ଅଂଶଗ୍ରହଣ କରୁଛନ୍ତି। ଟୁର୍ନାମେଣ୍ଟରେ ଦୁଇ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦେବେନ୍ଦ୍ର ମେହେର (ବ୍ଲୁ) ଓ ରାଜେଶ କୁମାର ପ୍ରଧାନ (ରେଡ୍)। ଏହି ସଫଳତା ପାଇଁ ସେମାନଙ୍କୁ ଓଡ଼ିଶା କ୍ରିକେଟ୍ ଆସୋସିଏଶନ ଫର ଫିଜିକାଲି ଚ୍ୟାଲେଞ୍ଜଡ୍ (ଓସିଏପିସି) ପକ୍ଷରୁ ସଭାପତି ତନୁଜା ମହାନ୍ତି, ସମ୍ପାଦିକା ବେଲା ଜୈାଶ୍ୱାଲ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର, ଉପ ସଭାପତି ମଣ୍ଟୁ ଦାସ, ମୁଖ୍ୟ ପ୍ରଶିକ୍ଷକ ମହମ୍ମଦ ଆଖାରଙ୍କ ସହ ସମସ୍ତ ସଦସ୍ୟ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ଭାରତୀୟ ଦଳରେ ଓଡ଼ିଶାର ୩



ଭାରତୀୟ ଉଷୁ ଦଳରେ ସ୍ଥାନ ପାଇଥିବା ଦୁଇ ଖେଳାଳି ଓ ଅଫିସିଆଲ୍‌ଙ୍କ ସହ ଅନ୍ୟମାନେ।

**ଭୁବନେଶ୍ୱର, ୨୯।୭ (ବିଜୟ ରଣା)**

**ଅନ୍ତର୍ଜାତୀୟ ଉଷୁ**

ଅଗଷ୍ଟ ୧ରୁ ୬ ପର୍ଯ୍ୟନ୍ତ ଜର୍ଜିଆର ବାଟୁମିଠାରେ ଆୟୋଜିତ ହେବାକୁଯାଉଛି ଅନ୍ତର୍ଜାତୀୟ ଉଷୁ ପ୍ରତିଯୋଗିତା। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ୪୨ ଜଣିଆ ଭାରତୀୟ ଦଳ ଆସନ୍ତା ୩୧ ତାରିଖରେ ଜର୍ଜିଆ ଅଭିମୁଖେ ଯାତ୍ରା କରିବ। ଗତ ମେ'ରେ ଡେରାଡୁନ୍‌ଠାରେ ଏହି ପ୍ରତିଯୋଗିତା ପାଇଁ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଭାରତୀୟ ଦଳରେ ଓଡ଼ିଶାର ଦୁଇଜଣ ଖେଳାଳି ଓ ଜଣେ ଅଫିସିଆଲ ସ୍ଥାନ ପାଇଛନ୍ତି। ଭୁବନେଶ୍ୱରର ପାୟଲ ପଟ୍ଟନାୟକ ଓ ନୂପୁର ପଟ୍ଟନାୟକ ତାଓଲୁରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବାବେଳେ ଅନ୍ତର୍ଜାତୀୟ ବିଚାରକ, ଓଡ଼ିଶା ଉଷୁ ସଂଘର ମୁଖ୍ୟ ବୈଷୟିକ ଅଧିକାରୀ ପ୍ରଦ୍ୟୁମ୍ନ ବେହେରା ଭାରତୀୟ ଦଳର କୋଚ୍ ଦାୟିତ୍ୱ ନିର୍ବାହ କରିବେ। ଏଥିଲାଗି ଓଡ଼ିଶା ଉଷୁ ସଂଘର ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁମୋହନ ମହାନ୍ତି, ସମ୍ପାଦକ ଯୁବରାଜ ହରିଚନ୍ଦନ ଶୁଭେଚ୍ଛା ଜଣାଇଛନ୍ତି।

## ସତ୍ୟବ୍ରତ ମେମୋରିଆଲ ଫୁଟ୍‌ବଲ ୨ରୁ



ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ବିଭିନ୍ନ କ୍ଲବ୍‌ର ପ୍ରତିନିଧିମାନେ।

**କଟକ,୨୯।୭(କାର୍ତ୍ତିକ ସାହୁ)**

ବାରବାଟୀ ୟୁନାଇଟେଡ୍ କ୍ଲବ୍ ଦ୍ୱାରା ସତ୍ୟବ୍ରତ ମେମୋରିଆଲ ଏ-ଡିଭିଜନ ପୁରୁଷ ଫୁଟ୍‌ବଲ ଟୁର୍ନାମେଣ୍ଟ ଅଗଷ୍ଟ ୨ ଓ ୩ ତାରିଖ ଦୁଇ ଦିନ ଧରି ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହେବ। ୨ ତାରିଖରେ ୪ଟି କ୍ୱାର୍ଟରଫାଇନାଲ ମ୍ୟାଚ୍ ଓ ୩ ତାରିଖରେ ୨ଟି ସେମିଫାଇନାଲ ପରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟରେ ୮ଟି ଫୁଟବଲ ଦଳ ଭାଗ ନେବାକୁ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଦଳଗୁଡ଼ିକ ହେଲେ ସନ୍‌ରାଇଜ କ୍ଲବ, ଜୟଦୁର୍ଗା କ୍ଲବ, ମଙ୍ଗଳା କ୍ଲବ, ବିଡ଼ାନାସୀ କ୍ଲବ, ଇଣ୍ଡିପେଣ୍ଡେଣ୍ଟ କ୍ଲବ, ଚାନ୍ଦ କ୍ଲବ, ଗ୍ୟାଲେକ୍ସି କ୍ଲବ ଓ ସନସାଇନ୍ କ୍ଲବ। ଚାମ୍ପିୟନ ଦଳକୁ ୧୫ ହଜାର ଟଙ୍କା ଓ ରନର୍‌ଅପ ଦଳକୁ ୧୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯିବ। ଟୁର୍ନାମେଣ୍ଟରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ଓଡ଼ିଶା ଫୁଟବଲ ସଂଘ ସଚିବ ଆଶୀର୍ବାଦ ବେହେରା, ଓଡ଼ିଶା କ୍ରିକେଟ ସଂଘ ସମ୍ପାଦକ ସଞ୍ଜୟ କୁମାର ବେହେରାଙ୍କ ସମେତ କଟକ ସହରର ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ଅତିଥି ରୂପେ ଯୋଗଦେବେ। ଏଥି ନିମନ୍ତେ ମଙ୍ଗଳବାର ଆୟୋଜିତ ପ୍ରସ୍ତୁତି ବୈଠକରେ ସବିଶେଷ ଆଲୋଚନା କରାଯାଇଛି। ବୈଠକରେ ୮ଟି କ୍ଲବର ପ୍ରତିନିଧି, ବାରବାଟୀ କ୍ଲବ ଚେୟାରମ୍ୟାନ ତଥା ଆଇନଜୀବୀ ପ୍ରକାଶ କୁମାର ନନ୍ଦ, ସଭାପତି ଶିବ ଶଙ୍କର ସାହୁ, ସଚିବ ପୀତବାସ ସାହୁ, କୋଷାଧ୍ୟକ୍ଷ ସୁନାକାର ଦଳାଇଙ୍କ ସମେତ ସଞ୍ଜୀବ ମହାନ୍ତି, ସେକ ଦାଉଦ, ଆଶିଷ କୁମାର ନନ୍ଦି, ଈଶ୍ୱର ବେହେରା, ସେକ ମୁସ୍ତାକିମ୍, ସେକ ଜାହିଦ୍, ହୃଦୟ ରଞ୍ଜନ ସ୍ୱାଇଁ, ମହମ୍ମଦ ମୁସ୍ତାକିମ, ସେକ ଜାହାଙ୍ଗିର ଅଲ୍ଲି, ଗହର ଆଲାମ, ସୁଶାନ୍ତ କୁମାର ବେହେରା, ଇସାମାରଲ ଖାଁ, ଅନୁପ ପ୍ରକାଶ ବିଶ୍ୱାଳ, ପ୍ରଦୀପ କୁମାର ପଣ୍ଡା ଓ ମିର୍ଜା ସଫିକ ବେଗ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଓଭାଲ କ୍ୟୁରେଟରଙ୍କ ସହ ଗମ୍ଭୀରଙ୍କ ବଚସା

**ଲଣ୍ଡନ,୨୯।୭**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଗୁରୁବାରଠାରୁ ଅନ୍ତିମ ତଥା ପଞ୍ଚମ ଟେଷ୍ଟ ଖେଳାଯିବାର ଦୁଇ ଦିନ ପୂର୍ବରୁ ମଙ୍ଗଳବାର ଦି ଓଭାଲର ମୁଖ୍ୟ କ୍ୟୁରେଟର ଲି ଫର୍ଟିସଙ୍କ ସହ ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ବଚସା ହୋଇଛି। ଟ୍ରେନିଂ ସେଶନ ବେଳେ ଦୁହେଁ ମୁହାଁମୁହିଁ ହୋଇଥିଲେ। ଭାରତର ବ୍ୟାଟିଂ କୋଚ୍ ସିତାଂଶୁ କୋଟାକଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

ଘଟଣାର ଭିଡିଓ ଭାଇରାଲ ହୋଇଛି। ଏଥିରେ କ୍ୟୁରେଟର କହୁଛନ୍ତି, ଉଇକେଟ୍ ମଧ୍ୟକୁ ଯାଅ ନାହିଁ। ଦୌଡ଼ି ବାହାରକୁ ଯାଅ। ମୁଁ ଏ ସମ୍ପର୍କରେ ମ୍ୟାଚ୍ ରେଫରୀଙ୍କୁ ରିପୋର୍ଟ କରିବି। ପ୍ରତି ଉତ୍ତରରେ ଗମ୍ଭୀର କହୁଛନ୍ତି ଯେ, ତୁମେ ଯାଅ ରିପୋର୍ଟ କରିବ। ଯାହା ତୁମର କରିବାକୁ ଇଚ୍ଛା କର। ପରେ କୋଟାକ ହସ୍ତକ୍ଷେପ କରି ଫର୍ଟିସଙ୍କୁ ଦୂରକୁ ନେଇ କହିଥିଲେ ଯେ, ଆମେ କିଛି ନଷ୍ଟ କରିବୁ ନାହିଁ। ପରେ ଗମ୍ଭୀର, ଗ୍ରାଉଣ୍ଡଷ୍ଟାଫଙ୍କ ଆଡ଼କୁ ଆଙ୍ଗୁଠି ଦେଖାଇ କହିଥିଲେ ଯେ, ଆମକୁ କ'ଣ କରିବା ଦରକାର ତୁମେ କହିପାରିବ ନାହିଁ। ତୁମେ କେବଳ ଜଣେ ଗ୍ରାଉଣ୍ଡଷ୍ଟାଫ, ତା'ଠାରୁ ଅଧିକ କିଛି ନୁହେଁ। ତୁମେ ତୁମ ଜାଗାରେ ରୁହ। ଆମକୁ କିଛି କହିବା ଲାଗି ତୁମ ପାଖରେ କୌଣସି ଅଧିକାର ନାହିଁ। ପରେ ଫର୍ଟିସ ଓ ଗମ୍ଭୀର ଅଲଗା ବାଟ୍‌ରେ ଚାଲିଯାଇଥିଲେ। ଭାରତୀୟ ଦଳର ଅନ୍ୟ ସପୋର୍ଟ ଷ୍ଟାଫ ବୋଲିଂ କୋଚ୍ ମର୍ନେ ମୋର୍କେଲ ଓ ରିୟାନ ଟେନ ଡଶ୍ଚେଟ ପାଖରେ ଛିଡ଼ା ହୋଇଥିବା ଦେଖିବାକୁ ମିଳୁଛି।

ତେବେ ଭାରତୀୟ ଖେଳାଳିଙ୍କୁ ପ୍ଲେଇଂ ଏରିଆରେ ପ୍ରବେଶ ଲାଗି ଅନୁମତି ଦିଆ ନ ଯିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବା କୋଟାକ ପ୍ରକାଶ କରିଛନ୍ତି।



ଗ୍ରାଉଣ୍ଡ୍ ଷ୍ଟାଫ୍‌ଙ୍କ ସହ ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ।

### ଭାରତୀୟ ଖେଳାଳିଙ୍କ ଅଭ୍ୟାସ ଆରମ୍ଭ

ଇଂଲଣ୍ଡ ବିପକ୍ଷ ଅନ୍ତିମ ଟେଷ୍ଟ ମ୍ୟାଚ୍ ଲାଗି ଭାରତୀୟ ଦଳର ଖେଳାଳିମାନେ ମଙ୍ଗଳବାର ଦି ଓଭାଲ ଗ୍ରାଉଣ୍ଡରେ ପ୍ରାକ୍ଟିସ ଆରମ୍ଭ କରିଛନ୍ତି। ଗତ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ସାଇ ସୁଦର୍ଶନ ପ୍ରଥମ ଖେଳାଳି ଭାବେ ନେଟ୍ସରେ ପହଞ୍ଚିଥିଲେ। ସିରିଜ୍‌ରେ ଏପର୍ଯ୍ୟନ୍ତ ଖେଳି ନ ଥିବା କୁଲଦୀପ ଯାଦବ ନେଟ୍ସରେ ଝାଳ ବୁହାଇଥିଲେ। ବୋଲିଂ କୋଚ୍ ମର୍ନେ ମୋର୍କେଲଙ୍କ ତତ୍ତ୍ୱାବଧାନରେ ପଦାର୍ପଣ ଅପେକ୍ଷାରେ ଥିବା ବାମହାତୀ ପେସର ଅର୍ଶଦୀପ ସିଂ ଓ ଶାର୍ଦ୍ଦୂଳ ଠାକୁର ମଧ୍ୟ ବୋଲିଂ କରିଥିଲେ।

### ସାମିଲ ହୋଇପାରନ୍ତି କୁଲଦୀପ ଯାଦବ

ଅନ୍ତିମ ଟେଷ୍ଟ ଲାଗି ଭାରତୀୟ ଦଳରେ ଅନେକ ପରିବର୍ତ୍ତନ କରାଯିବ ବୋଲି ଆଶା କରାଯାଉଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଯଶପ୍ରୀତ ବୁମରାଙ୍କ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିବ। ସେ ଅନ୍ୟ ଭାରତୀୟ ଖେଳାଳିଙ୍କ ସହ ମଙ୍ଗଳବାର ପ୍ରାକ୍ଟିସ କରିଥିଲେ। ତାଙ୍କ କାର୍ଯ୍ୟବୋଝକୁ ଦୃଷ୍ଟିରେ ରଖି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ସେ ମାଞ୍ଚେଷ୍ଟର ଟେଷ୍ଟରେ ୩୩ ଓଭର ସମେତ ପୂରା ସିରିଜ୍‌ରେ ୧୧୯.୪ ଓଭର ବୋଲିଂ କରିଛନ୍ତି। ତେବେ ବୁମରାଙ୍କ କ୍ଷେତ୍ରରେ ୱାଇଲ୍ଡକାର୍ଡ ଆପ୍ରୋଚ ଆପଣା ଯାଇପାରେ। ଉଇକେଟ ଟେକିଂ ବିକଳ୍ପ ଭାବେ କୁଲଦୀପ ଯାଦବଙ୍କୁ ସାମିଲ କରାଯାଇପାରେ। ଏପର୍ଯ୍ୟନ୍ତ ବେଞ୍ଚରେ ବସିଥିବା କୁଲଦୀପଙ୍କ ଅପେକ୍ଷାର ଅନ୍ତ ଘଟିବାର ବିଶେଷ ସମ୍ଭାବନା ରହିଛି। ଧ୍ରୁବ ଜୁରେଲଙ୍କ ଛଡ଼ା ବ୍ୟାଟିଂ ବିଭାଗରେ ଅନ୍ୟ କୌଣସି ପରିବର୍ତ୍ତନ ହେବାର ଆବଶ୍ୟକତା ନାହିଁ। ଇଞ୍ଜୁରୀ କାରଣରୁ ବାଦ୍ ପଡ଼ିଥିବା ରିଷଭ ପନ୍ତଙ୍କ ସ୍ଥାନରେ ଜୁରେଲ ଉଇକେଟକିପିଂ ଦାୟିତ୍ୱ ସମ୍ଭାଳିବେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ